# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜାନୁୟାରୀ ୫/୨୦୨୧ (୧୬ ପୃଷ୍ଠା) | Bhubaneswar, Tuesday, January 5/2021 | ★★★★★★

୪୭ଶ ଭାଗ ୪୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ହାଉସ୍ ବୋଟ୍ ଚଲାଇଲେ ହୁମା**

ନୂଆବର୍ଷ ଛୁଟି କାଟୁଥିବା ଅଭିନେତ୍ରୀ ହୁମା କ୍ୟୁରେଶୀ ଲାଲ ରଙ୍ଗର ଟପ୍ ପିନ୍ଧି ହାଉସ୍ ବୋଟ୍ ଚଲାଉଥିବା ଭିଡିଓକୁ ତାଙ୍କ ପ୍ରଶଂସକ ପସନ୍ଦ କରିଛନ୍ତି।

୧୪

୧୩

**ୱିଲିୟମସନଙ୍କ ଶତକ**

ଖ୍ରୀଷ୍ଟଚର୍ଚ୍ଚଠାରେ ଚାଲିଥିବା ପାକିସ୍ତାନ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ଶତକ ହାସଲ କରିଛନ୍ତି ନ୍ୟୁଜିଲାଣ୍ଡ ଅଧିନାୟକ କେନ୍ ୱିଲିୟମସନ।



# ‘୩୦ ସୁଦ୍ଧା ଆସିପାରେ ଟିକା’

## ଦୁଇଶହ ତଳକୁ ଖସିଲା ଦୈନିକ ସଂକ୍ରମଣ

**ଭୁବନେଶ୍ୱର, ୪।୧ (ବ୍ୟୁରୋ)**

ଚଳିତ ମାସରେ ଓଡ଼ିଶାକୁ କରୋନା ଟିକା ଆସିଯାଇପାରେ। ଏନେଇ ସୋମବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ ଦାସ ସୋମବାର ସୂଚନା ଦେଇଛନ୍ତି। ସେ କହିଛନ୍ତି, ଜାନୁୟାରୀ ୩୦ ସୁଦ୍ଧା ଟିକା ଆସିଯିବ ବୋଲି ବିଶ୍ୱାସ କରାଯାଉଛି। ପ୍ରଥମେ କରୋନା ଯୋଦ୍ଧାଙ୍କୁ ଟିକା ଦିଆଯିବ। ତା’ପରେ ବୟସ୍କଙ୍କୁ ଦେବା ପାଇଁ ଆଲୋଚନା ହୋଇଛି। ଏନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ଗାଇଡ୍‌ଲାଇନ ଆସିଲେ ବ୍ୟବସ୍ଥା କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ସେପଟେ ଭାରତରେ ଦୁଇଟି ଟିକାକୁ ଡିସିଜିଆଇ ଅନୁମୋଦନ ଦେବାପରେ ରାଜ୍ୟ ସରକାର ତତ୍ପରତା ଦେଖାଇଛନ୍ତି। ଡିଏମ୍ଇଟି ପ୍ରଫେସର ସିବିକେ ମହାନ୍ତି କହିଛନ୍ତି, କେନ୍ଦ୍ର ସରକାର ରାଜ୍ୟକୁ ଟିକା ଦେବା ପରେ ତତ୍କ୍ଷଣାତ୍ ଟିକାକରଣ କରାଯିବ। ପ୍ରାଥମିକ ସ୍ତରରେ ପ୍ରସ୍ତୁତ ହୋଇଥିବା ଡାଟାବେସ୍ ଅନୁସାରେ ପ୍ରଥମେ ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କୁ ଟିକା ଦେବା ପାଇଁ କେନ୍ଦ୍ର ପାଖରେ ଦାବି କରାଯାଇଛି। ବୟସ୍କ ଓ ସମ୍ମୁଖ ଯୋଦ୍ଧାଙ୍କ ଡାଟାବେସ ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରସ୍ତୁତ ହେବ। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର କହିଛନ୍ତି, ପ୍ରାଥମିକ ପର୍ଯ୍ୟାୟରେ ୩ ଲକ୍ଷ ୨୭ ହଜାର ସ୍ୱାସ୍ଥ୍ୟ କର୍ମୀଙ୍କ ତାଲିକା ପ୍ରସ୍ତୁତ ହୋଇଛି। ଆହୁରି ଅଧିକ ସ୍ୱାସ୍ଥ୍ୟ କର୍ମୀଙ୍କୁ ସାମିଲ କରାଯିବ।

ଅପରପକ୍ଷରେ ନୂଆବର୍ଷ ଆଣିଦେଇଛି ଖୁସି ଖବର। ରାଜ୍ୟରେ ଦୈନିକ ସଂକ୍ରମଣ ଦୁଇଶହ ତଳକୁ ଖସିଛି। ଗତ ୨୪ ଘଣ୍ଟାରେ ରାଜ୍ୟରେ ୧୮୩ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ୧୦୬ଜଣ କ୍ୱାରେଣ୍ଟାଇନ ସେଣ୍ଟରରୁ ଥିବାବେଳେ ୭୭ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ଫଳରେ ରାଜ୍ୟରେ ମୋଟ ସଂକ୍ରମିତ ସଂଖ୍ୟା ☞ପୃଷ୍ଠା–୪

# ଆଇନ ପ୍ରତ୍ୟାହାର ପାଇଁ ସୁପ୍ରିମକୋର୍ଟ ଯାଅ

**ନୂଆଦିଲ୍ଲୀ, ୪।୧ (ପି.ଟି.)**

ଚାଷୀ ନେତାଙ୍କୁ କହିଲେ ତୋମାର



୭ମ ପର୍ଯ୍ୟାୟ ଆଲୋଚନା ଶେଷ ପରେ କୃଷକ ନେତାମାନେ ବିଜ୍ଞାନ ଭବନରୁ ଫେରୁଛନ୍ତି।

- ବିନା ନିଷ୍କର୍ଷରେ ଆଲୋଚନା ଶେଷ
- ୮ରେ ପୁଣି କେନ୍ଦ୍ର-କୃଷକ ବୈଠକ

କେନ୍ଦ୍ର ସରକାର ଆଣିଥିବା ୩ କୃଷି ଆଇନ ପ୍ରତ୍ୟାହାର ହେବନି। ସେଗୁଡ଼ିକର ପ୍ରତ୍ୟାହାର ଚାହୁଁଥିଲେ ଚାଷୀ ସୁପ୍ରିମକୋର୍ଟ ଯାଆନ୍ତୁ। ସୋମବାର ଆଲୋଚନା ବେଳେ କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଏଭଳି କହିଥିବା କିଷାନ ମଜଦୁର ସଂଘର୍ଷ କମିଟି ନେତା ସରୱାନ ସିଂ ପାନ୍ଧେର ସୂଚନା ଦେଇଛନ୍ତି। ଆଇନ ପ୍ରତ୍ୟାହାର ଦାବିରେ କୃଷକନେତାମାନେ ଅଡ଼ି ବସିଥିବାବେଳେ ସରକାର ଏଥିରେ ରାଜି ନ ହେବାରୁ ସପ୍ତମ ପର୍ଯ୍ୟାୟ ଆଲୋଚନା ମଧ୍ୟ ବିନା ନିଷ୍କର୍ଷରେ ଶେଷ ହୋଇଛି। ଆଇନ ନ ହଟିବା ପର୍ଯ୍ୟନ୍ତ ଆନ୍ଦୋଳନ ପ୍ରତ୍ୟାହାର ହେବନି ବୋଲି କୃଷକ ପ୍ରତିନିଧିମାନେ ରୋକ୍‌ଠୋକ୍ ଶୁଣାଇଥିଲେ। ଫଳରେ ୮ ତାରିଖରେ ପରବର୍ତ୍ତୀ ପର୍ଯ୍ୟାୟ ଆଲୋଚନା ପାଇଁ ସ୍ଥିର ହୋଇଛି। ସମାଧାନରେ ପହଞ୍ଚିବା ପାଇଁ ଉଭୟ ପକ୍ଷର ଉଦ୍ୟମ ଆବଶ୍ୟକ ବୋଲି କୃଷିମନ୍ତ୍ରୀ କହିଛନ୍ତି।

ଦିଲ୍ଲୀ ବିଜ୍ଞାନ ଭବନଠାରେ ଅନୁଷ୍ଠିତ ସପ୍ତମ ପର୍ଯ୍ୟାୟ ବୈଠକରେ ସରକାରଙ୍କ ପକ୍ଷରୁ କେନ୍ଦ୍ରମନ୍ତ୍ରୀ ତୋମାର, ପୀୟୂଷ ଗୋୟଲ ଏବଂ ସୋମ ପ୍ରକାଶ ଯୋଗଦେଇଥିବାବେଳେ ଚାଷୀ ସଂଗଠନରୁ ୪୧ ଜଣ ପ୍ରତିନିଧି ଉପସ୍ଥିତ ଥିଲେ। ଦେଶର କୃଷି ସେକ୍ଟରର ଅଭିବୃଦ୍ଧିରେ ନୂଆ ଆଇନ କିଭଳି ସହାୟକ ହେବ ତାହାର ଏକ ତାଲିକା ସରକାରଙ୍କ ପକ୍ଷରୁ ଉପସ୍ଥାପନ କରାଯାଇଥିଲା। ଆଇନର ପ୍ରତି ଧାରା ଉପରେ ଆଲୋଚନା କରିବାକୁ ସରକାର ପ୍ରସ୍ତୁତ। ସେଥିରେ କୌଣସି ଆପତ୍ତିଜନକ ପ୍ରସଙ୍ଗ ଥିଲେ ଜଣାଇବାକୁ ମନ୍ତ୍ରୀମାନେ ଚାଷୀ ପ୍ରତିନିଧିଙ୍କୁ କହିଥିଲେ। ତେବେ ଆଇନ ପ୍ରତ୍ୟାହାର ଦାବିରେ ଚାଷୀ ନେତାମାନେ ଅଟଳ ରହିବାରୁ କୌଣସି ନିଷ୍କର୍ଷ ବାହାରିପାରିଲାନି ବୋଲି ତୋମାର କହିଛନ୍ତି। ଅନ୍ୟପକ୍ଷରେ ସୋମବାର ଆଲୋଚନା ବିଫଳ ହେବା ଲାଗି ଚାଷୀ ନେତାମାନେ ସରକାରଙ୍କୁ ଦୋଷ ଦେଇଛନ୍ତି। ସମାଧାନ ରାସ୍ତାରେ ସରକାରଙ୍କ ଅହଂକାର ପ୍ରତିବନ୍ଧକ ସୃଷ୍ଟି କଲା ବୋଲି ସେମାନେ କହିଛନ୍ତି।

ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି) ଉପରେ ଆଇନଗତ ଗ୍ୟାରେଣ୍ଟି ଦାବି ଉପରେ ଆଲୋଚନା ପାଇଁ ସରକାର ପ୍ରସ୍ତାବ ଦେଇଥିଲେ। କିନ୍ତୁ କୃଷକ ସଂଗଠନଗୁଡ଼ିକ ପ୍ରଥମରୁ ଆଇନ ପ୍ରତ୍ୟାହାର ଦାବି ଉପରେ ଆଲୋଚନା ଚାହିଁଥିଲେ। ଆଇନ ପ୍ରତ୍ୟାହାର ଦାବି ପୂରଣ ନ ହେଲେ ଜାନୁୟାରୀ ୨୬ ସାଧାରଣତନ୍ତ୍ର ଦିବସରେ ଦିଲ୍ଲୀକୁ ଟ୍ରାକ୍ଟର ରାଲି ହେବ ବୋଲି କୃଷକ ନେତାମାନେ ଚେତାବନୀ ଦେଇଥିଲେ। ଅନ୍ୟପକ୍ଷରେ ତୋମାର କହିଥିଲେ, ଅନ୍ୟ ରାଜ୍ୟଗୁଡ଼ିକର କୃଷକ ସଂଗଠନ ପ୍ରତିନିଧିମାନଙ୍କ ସହ ଆଇନ ଉପରେ ଆଲୋଚନା ହେବ। ଆଇନର ପ୍ରତି ଧାରା ଉପରେ ☞ପୃଷ୍ଠା–୪

## ଜ୍ୟାକ୍ ମା ନିଖୋଜ ସନ୍ଦେହ

**ନୂଆଦିଲ୍ଲୀ,୪।୧:** ଚାଇନା ବିଲିୟନେୟାର ତଥା ଆଲିବାବା ଗ୍ରୁପ୍ ମୁଖ୍ୟ ଜ୍ୟାକ୍ ମା ନିଖୋଜ ଥିବା ସନ୍ଦେହ କରାଯାଉଛି। ତାଙ୍କ ବାଣିଜ୍ୟିକ ସଂସ୍ଥା ଆଣ୍ଟ ଗ୍ରୁପ ଉପରେ ଚାଇନା ସରକାରଙ୍କ କାର୍ଯ୍ୟାନୁଷ୍ଠାନ ପରେ ଏଭଳି ହୋଇଥିବା ଚର୍ଚ୍ଚା ହେଉଛି। ଗତ ୨ ମାସ ହେବ ଜ୍ୟାକ ମା ଲୋକଙ୍କ ସାମ୍ନାକୁ ଆସି ନାହାନ୍ତି।



ଏପରିକି ତାଙ୍କ ନିଜ ଶୋ ଆଫ୍ରିକାସ୍ ବିଜନେସ ହିରୋଜର ଫାଇନାଲ ଏପିଶୋଡରେ ସେ ଜଜ ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିଲେ ମଧ ତାଙ୍କୁ ଦେଖିବାକୁ ମିଳି ନ ଥିବା ଜଣାପଡିଛି। ଜ୍ୟାକ୍ ମା ଆଲିବାବା ଏବଂ ଆଣ୍ଟ ଗ୍ରୁପର ପ୍ରତିଷ୍ଠାତା ରହି ଆସିଛନ୍ତି। ଆଣ୍ଟଗ୍ରୁପ ନଭେମ୍ବରରେ ଦୁନିଆର ସବୁଠୁ ବଡ଼ ଇନିସିଆଲ ପବ୍ଲିକ ଅଫରିଂ (ଆଇପିଓ) ଆଣିବାର ଥିଲା। ହେଲେ ଚାଇନା ସରକାରଙ୍କ ହସ୍ତକ୍ଷେପ ଫଳରେ ଏହା ଆସି ପାରିଲା ନାହିଁ। ଏପରିକି ଦେଶ ନ ଛାଡ଼ିବାକୁ ଚାଇନା ସରକାର ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତାପରଠାରୁ ଜ୍ୟାକ୍ ମାଙ୍କୁ ଆଉ ଦେଖିବାକୁ ମିଳୁନାହିଁ। କିଛି ମାସ ଆଗରୁ ଏକ କାର୍ଯ୍ୟକ୍ରମରେ ସେ ଚାଇନା ନିୟାମକ କର୍ତ୍ତୃପକ୍ଷଙ୍କୁ ସମାଲୋଚନା କରିଥିଲେ। ଏହା ପରଠାରୁ ତାଙ୍କ ସମସ୍ୟା ବଢିଥିବା କୁହାଯାଉଛି। ☞ପୃଷ୍ଠା–୪


**ଆଜିର ସମ୍ପାଦକୀୟ**

ବିହ୍ୱଳ


# ଶପଥ ନେଲେ ନୂଆ ମୁଖ୍ୟ ବିଚାରପତି

**ଭୁବନେଶ୍ୱର,୪।୧ (ବ୍ୟୁରୋ)**

ଓଡ଼ିଶା ହାଇକୋର୍ଟର ୩୨ତମ ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ ଏସ. ମୁରଲୀଧର ସୋମବାର ଶପଥ ନେଇଛନ୍ତି। ରାଜଭବନର ଅଭିଷେକ ହଲ୍‌ଠାରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି।

ପୂର୍ବାହ୍ନ ୮ଟା ୩୦ ମିନିଟ୍‌ରେ ନବନିଯୁକ୍ତ ମୁଖ୍ୟ ବିଚାରପତି ଏବଂ ଅନ୍ୟ ଅଧିକାରୀମାନେ ରାଜଭବନରେ ପହଞ୍ଚିଥିଲେ। ପୂର୍ବାହ୍ନ ୯ଟା ୩୦ ମିନିଟ୍‌ରେ ଶପଥପାଠ ଉତ୍ସବ ଆୟୋଜିତ ହୋଇଥିଲା। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ‘ନବନିଯୁକ୍ତ ମୁଖ୍ୟ ବିଚାରପତିଙ୍କୁ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ’ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ନିଯୁକ୍ତି ସମ୍ପର୍କିତ ଦସ୍ତଖତ ଓ ସିଲ୍ ଥିବା ନିଯୁକ୍ତିପତ୍ର ସମ୍ପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। ଏହାପରେ ରାଜ୍ୟପାଳ ମୁଖ୍ୟ ବିଚାରପତିଙ୍କୁ ଶପଥ ପାଠ କରାଇଥିଲେ। କୋଭିଡ୍ କଟକଣା ଯୋଗୁ କମ୍ ଅତିଥିରେ ଶପଥ ପାଠ ଉତ୍ସବ ଆୟୋଜନ କରାଯାଇଥିଲା। ଏପରି କି ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ମଧ୍ୟ ରାଜଭବନକୁ ପ୍ରବେଶ କରିବାକୁ ଅନୁମତି ମିଳି ନ ଥିଲା। ଏହି ଶପଥ ପାଠ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସ ଜରିଆରେ ☞ପୃଷ୍ଠା–୪



ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ସୋମବାର ରାଜଭବନର ଅଭିଷେକ ହଲ୍‌ଠାରେ ଜଷ୍ଟିସ ଏସ୍. ମୁରଲୀଧରଙ୍କୁ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଶପଥପାଠ କରାଉଛନ୍ତି।

## ଅଭିଯୁକ୍ତଙ୍କ ନାର୍କୋ ଆନାଲିସିସ୍ ପାଇଁ ଏସ୍‌ଆଇଟିର ଆବେଦନ

**ପରୀ ହତ୍ୟାକାଣ୍ଡ**

- ଜୁଭେନାଇଲ୍ କୋର୍ଟରେ ବିଚାର ପାଇଁ ଅଭିଯୁକ୍ତଙ୍କ ପରିବାରର ନିବେଦନ
- ଆଜି ହେବ ଶୁଣାଣି

**ନୟାଗଡ ଅଫିସ,୪।୧**

ବହୁଚର୍ଚ୍ଚିତ ପରୀ ହତ୍ୟା ଘଟଣାରେ ଜେଲରେ ଥିବା ଅଭିଯୁକ୍ତ କଲେଜ ଛାତ୍ରଙ୍କର ନାର୍କୋ ଆନାଲିସିସ୍ ପାଇଁ କ୍ରାଇମବ୍ରାଞ୍ଚ ଏସ୍‌ଆଇଟି ପକ୍ଷରୁ ନୟାଗଡ ପୋକ୍‌ସୋ କୋର୍ଟରେ ସୋମବାର ଆବେଦନ କରାଯାଇଛି। ଏହାର ଶୁଣାଣି ମଙ୍ଗଳବାରକୁ ଧାର୍ଯ୍ୟ ହୋଇଛି। ସୋମବାର କଲେଜ ଛାତ୍ରଙ୍କର ବିଚାର ବିଭାଗୀୟ ମିଆଦ ଶେଷ ହେବା ପରେ ଏସ୍‌ଆଇଟି କୋର୍ଟରେ ହାଜର କରାଇଥିଲା। ପରେ ପୁଣି କଲେଜ ଛାତ୍ରଙ୍କୁ ଜେଲ ଯିବାକୁ ପଡିଛି। ହେଲେ କୋର୍ଟର ବାହାରିବା ପରେ କଲେଜ ଛାତ୍ର ଜଣକ ପୁଣି ଦୋହରାଇଥିଲେ ଯେ, ସେ ନିର୍ଦ୍ଦୋଷ। ତାଙ୍କୁ ଫସାଯାଇଛି। ଅନ୍ୟପକ୍ଷେ ଜୁଭେନାଇଲ୍ କୋର୍ଟରେ ବିଚାର କରିବାକୁ କଲେଜ ଛାତ୍ରଙ୍କ ପରିବାର ପ୍ରାର୍ଥନା କରିଥିବା ଜଣାପଡିଛି।

ସୂଚନାଥାଉକି ଗତ ଡିସେମ୍ବର ୨୧ରେ ଏସ୍‌ଆଇଟି କଲେଜ ଛାତ୍ରଙ୍କୁ କୋର୍ଟ ଚାଲାଣ କରିଥିଲା। ଏସ୍‌ଆଇଟିର ଅନୁରୋଧ କ୍ରମେ ☞ପୃଷ୍ଠା–୪

# ‘ଅଭିଯୁକ୍ତ ମନ୍ତ୍ରୀଙ୍କୁ ଗିରଫ କର’

**ଭୁବନେଶ୍ୱର, (ବ୍ୟୁରୋ)/କଟକ ଅଫିସ୍/ନିଶ୍ଚିନ୍ତକୋଇଲି/ମାହାଙ୍ଗା/ ସାଲେପୁର,୪।୧ (ସ୍ୱ.ପ୍ର./ଡି.ଏନ୍.ଏ.)**

**ମାହାଙ୍ଗା ଡବଲ ମର୍ଡର**

- ଆଜିଠୁ ଭାଜପାର ରାଜ୍ୟବ୍ୟାପୀ ଆନ୍ଦୋଳନ
- ବିଭିନ୍ନ ସ୍ଥାନରେ ପ୍ରତାପ ଜେନାଙ୍କ କୁଶ ପୁତ୍ତଳିକା ଦାହ

କଟକ ଜିଲା ମାହାଙ୍ଗା ବ୍ଲକର ନୃତାଙ୍ଗରେ ଭାଜପା ନେତା କୁଳମଣି ବରାଳ ଓ ଦିବ୍ୟସିଂହ ବରାଳଙ୍କୁ ହତ୍ୟା ଘଟଣାର ୧୩ତମ ଅଭିଯୁକ୍ତ ଆଇନମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ପ୍ରତାପ ଜେନା ଓ ଅନ୍ୟ ୧୨ ଅଭିଯୁକ୍ତଙ୍କୁ ଗିରଫ କର। ଭାଜପା ପକ୍ଷରୁ ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ଏହି ଦାବି କରିଛନ୍ତି। ପୃଥ୍ୱୀରାଜ କହିଛନ୍ତି, ଗତ ୨ ତାରିଖରେ ଘଟିଥିବା ମାହାଙ୍ଗା ଡବଲ ମର୍ଡର ଘଟଣାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ୪୮ ଘଣ୍ଟା ମଧ୍ୟରେ ଗିରଫ କରା ନ ଗଲେ ଆଗାମୀ ଦିନରେ ହେବାକୁ ଥିବା ଆନ୍ଦୋଳନ ଭୟାବହ ରୂପ ନେବ। ଶାସକ ବିଜେଡିକୁ କାଠଗଡ଼ାରେ ଠିଆ କରାଇବା ପାଇଁ ଭାଜପା ଲଢେଇକୁ ଜାରି ରଖିବ। ଅଭିଯୁକ୍ତ ମନ୍ତ୍ରୀ ଜେନା ନିଜ ପଦରୁ ଇସ୍ତଫା ଦିଅନ୍ତୁ, ନଚେତ୍ ମୁଖ୍ୟମନ୍ତ୍ରୀ ତାଙ୍କୁ ମନ୍ତ୍ରିମଣ୍ଡଳରୁ ତୁରନ୍ତ ବହିଷ୍କାର କରନ୍ତୁ ବୋଲି ପୃଥ୍ୱୀରାଜ ଦାବି କରିଛନ୍ତି। ମନ୍ତ୍ରୀ ଜେନାଙ୍କ ଇସ୍ତଫା ଦାବିରେ ମଙ୍ଗଳବାର ଭାଜପା ଯୁବମୋର୍ଚ୍ଚା ରାଜ୍ୟର ସବୁ ଥାନା ଆଗରେ ବିକ୍ଷୋଭ କରିବ। ସେହିପରି ଆସନ୍ତା ୬ ତାରିଖରେ ସମସ୍ତ ଏସ୍‌ପି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯିବ। ପୋଲିସ ବିଭାଗର ନିଷ୍କ୍ରିୟତା ବିରୋଧରେ ଆସନ୍ତା ୮ ତାରିଖରେ ପୋଲିସ ମହାନିର୍ଦ୍ଦେଶକ(ଡିଜିପି)ଙ୍କ କାର୍ଯ୍ୟାଳୟକୁ ଘେରାଉ ସାଙ୍ଗକୁ ବିକ୍ଷୋଭ କରାଯିବ ବୋଲି ପୃଥ୍ୱୀରାଜ କହିଛନ୍ତି।




ମନ୍ତ୍ରୀ ପ୍ରତାପ ଜେନାଙ୍କ ଇସ୍ତଫା ଓ ଗିରଫ ଦାବିରେ ମାହାଙ୍ଗାରେ ଭାଜପାର ଶୋଭାଯାତ୍ରା।

ଅନ୍ୟପକ୍ଷରେ ନିଜେ ଅଭିଯୁକ୍ତ ଥିବା ମନ୍ତ୍ରୀ ଜେନା ଅଭିଯୋଗକୁ ଖଣ୍ଡନ କରିବା ସହ ହତ୍ୟା ଘଟଣାରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଗିରଫ କରାଯିବ ବୋଲି କହିଛନ୍ତି।

ନିହତ ଭାଜପା ନେତା କୁଳମଣିଙ୍କ ପୁଅ ରମାକାନ୍ତ ବରାଳଙ୍କ ଅଭିଯୋଗ କ୍ରମେ ମାହାଙ୍ଗା ଥାନାରେ ମନ୍ତ୍ରୀ ଜେନାଙ୍କ ସମେତ ୧୩ ଜଣଙ୍କ ନାମରେ ଆଇପିସି ଦଫା ୧୨୦–ବି, ୧୪୭, ୧୪୮, ୧୪୯, ୩୦୨, ୫୦୬ ଏବଂ ଆର୍ମ୍ସ ଆକ୍ଟ ୨୫ ଓ ୨୭ ଅନୁଯାୟୀ ୫/୨୧ ନମ୍ବରରେ ଏକ ମାମଲା ରୁଜୁ ହୋଇଛି। ଡିଆଇଜି ଆଶିଷ କୁମାର ସିଂ ଓ କଟକ ଗ୍ରାମାଞ୍ଚଳ ଏସ୍‌ପି ବି.ଯୁଗଳ କିଶୋର ସୋମବାର ପୂର୍ବାହ୍ନରେ ଥାନାରେ ପହଞ୍ଚି ତଦନ୍ତର ସମୀକ୍ଷା କରିଛନ୍ତି।

ପୃଥ୍ୱୀରାଜ କହିଛନ୍ତି, ବିରୋଧୀଙ୍କ କଣ୍ଠରୋଧ କରିବା ପାଇଁ ହତ୍ୟା ଭଳି ଘୃଣ୍ୟ କାର୍ଯ୍ୟ କରିବାକୁ ଶାସକ ବିଜେଡି ପଛାଉନାହିଁ। ରାଜ୍ୟର ଆଇନ ଶୃଙ୍ଖଳା ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିବା ନେଇ ଭାଜପା ବାରମ୍ବାର ଅଭିଯୋଗ କରିଆସୁଛି। ଏକ ଦାୟିତ୍ୱପୂର୍ଣ୍ଣ ବିରୋଧୀ ଦଳ ଭାବେ ଭାଜପା ରାଜ୍ୟ ସରକାରଙ୍କ ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ☞ପୃଷ୍ଠା–୪

# ନ୍ୟାୟ ଅପେକ୍ଷାରେ ୧୭,୨୨୫


**ହର୍ଷବର୍ଦ୍ଧନ ବେହେରା**
**ଯାଜପୁର ଅଫିସ,୪।୧**

କଳାବଜାର, ଦୁର୍ନୀତି ଓ ବିଭାଗୀୟ ଅଧିକାରୀଙ୍କ ଲାଞ୍ଚଖୋର ମନୋବୃତ୍ତି ଯୋଗୁ ଯୋଗାଣ ବିଭାଗ ପକ୍ଷରୁ ବିଭିନ୍ନ ଜିଲାରେ ଚାଲିଥିବା ସୁଷମ ବଣ୍ଟନ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଅଭିଯୋଗ ହୋଇଛି। ଜିଲା ଯୋଗାଣ ଅଧିକାରୀ ଓ ବିଭିନ୍ନ ବ୍ଲକରେ ଅବସ୍ଥାପିତ ଯୋଗାଣ ନିରୀକ୍ଷକଙ୍କ ସହିତ ଡିଲରମାନଙ୍କ ଅସାଧୁ ମେଣ୍ଟ ଏକ ମହାଦ୍ରୁମରେ ପରିଣତ ହୋଇଛି। ଏହିସବୁ ଦୁର୍ନୀତି ଓ ଅନିୟମିତତାକୁ ନେଇ ଜିଆରଏସ (ଗ୍ରିଭାନ୍ସ ରିଡ୍ରେସାଲ ସିଷ୍ଟମ) ପୋର୍ଟାଲ ଜରିଆରେ ସାଧାରଣ ଲୋକ ବିଭିନ୍ନ ଅଭିଯୋଗ କରି ଆସୁଛନ୍ତି। ଏହା ୨୦୧୬ରେ ଆରମ୍ଭ ହୋଇଛି। ଗତ ଶୁକ୍ରବାର ଅପରାହ୍ନ ୪ଟା ସୁଦ୍ଧା ୩୫,୧୨୧ ଅଭିଯୋଗ ଗ୍ରହଣ କରାଯାଇଛି। ସେଥିମଧ୍ୟରୁ ୧୬,୬୪୫ଟି ଅଭିଯୋଗର ସମାଧାନ ହୋଇଥିବାବେଳେ ୧,୨୫୧ଟି ରଦ୍ଦ ହୋଇଛି। ବାକି ୧୭,୨୨୫ ଅଭିଯୋଗ ଜିଲା ଯୋଗାଣ ଅଧିକାରୀ(ସିଏସ୍‌ଓ)ମାନଙ୍କ ନିକଟରେ ପଡ଼ିରହିଛି। ରାଜ୍ୟ ଯୋଗାଣ ନିଗମ ପକ୍ଷରୁ ସିଏସ୍‌ଓମାନଙ୍କୁ ବାରମ୍ବାର ☞ପୃଷ୍ଠା–୪

## ଯୋଗାଣ ବିଭାଗରେ ଅବହେଳା, ଦୁର୍ନୀତି

**ଅମୀମାଂସିତ ଅଭିଯୋଗ**

| | | | | | |
|---|---|---|---|---|---|
| ଅନୁଗୋଳ | ୧୫୩ | ଗଞ୍ଜାମ | ୩୪୦୧ | ମୟୂରଭଞ୍ଜ | ୧୦୪୬ |
| ବାଲେଶ୍ୱର | ୧୭୬୦ | ଜଗତ୍‌ସିଂହପୁର | ୪୧୭ | ନବରଙ୍ଗପୁର | ୧ |
| ବରଗଡ଼ | ୭୯ | ଯାଜପୁର | ୧୮୭୪ | ନୟାଗଡ଼ | ୧୦୩୭ |
| ଭଦ୍ରକ | ୪୦୪ | ଝାରସୁଗୁଡା | ୬୪ | ନୂଆପଡ଼ା | ୩୮ |
| ବଲାଙ୍ଗୀର | ୬୦୪ | କଳାହାଣ୍ଡି | ୫୦୬ | ପୁରୀ | ୧୨୮ |
| ବୌଦ୍ଧ | ୯୯ | କନ୍ଧମାଳ | ୫୩ | ରାୟଗଡ଼ା | ୮୨ |
| କଟକ | ୨୪୦୬ | କେନ୍ଦ୍ରାପଡ଼ା | ୯୩ | ସମ୍ବଲପୁର | ୪୩୮ |
| ଦେବଗଡ଼ | ୩ | କେନ୍ଦୁଝର | ୫୧୯ | ସୋନପୁର | ୬୭ |
| ଢେଙ୍କାନାଳ | ୨୧ | ଖୋର୍ଦ୍ଧା | ୧୭୧୨ | ସୁନ୍ଦରଗଡ | ୫୯ |
| ଗଜପତି | ୧୨୦ | ମାଲକାନଗିର | ୪୧ | କୋରାପୁଟ | ୦ |






## କେରଳରେ ବାର୍ଡ ଫ୍ଲୁ

କେରଳର ଆଲାପୁଝା ଏବଂ କୋଟାୟାମ ଜିଲାରେ ବାର୍ଡ ଫ୍ଲୁ ଭୂତାଣୁ ଚିହ୍ନଟ ହୋଇଛି। ଏଥିଯୋଗୁ ଦୁଇଟି ଜିଲାକୁ ହାଇ ଆଲର୍ଟରେ ରଖାଯିବା ସହ କଣ୍ଟ୍ରୋଲ ରୁମ ଖୋଲାଯାଇଛି। ଗତ ସପ୍ତାହରେ ସେଠାରେ ବତକ ମଡ଼କ ହୋଇଥିଲା। ନମୁନା ପରୀକ୍ଷା ପରେ ସେଥିରେ ଏଚ୍‌୫ଏନ୍‌୮ ଭୂତାଣୁ ଥିବା ଚିହ୍ନଟ କରାଯାଇଛି। ଏପର୍ଯ୍ୟନ୍ତ ୧୨,୦୦୦ରୁ ଅଧିକ ବତକଙ୍କ ମୃତ୍ୟୁ ଘଟିଛି। ସଂକ୍ରମଣ ରୋକିବାକୁ ବହୁ ସଂଖ୍ୟାରେ ବତକଙ୍କୁ ମରାଯିବ ବୋଲି ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

## ସଂକ୍ଷେପରେ


### ଶ୍ମଶାନ ଛାତ ଭୁଶୁଡ଼ିବା ଘଟଣା: ୩ ଅଧିକାରୀ ଗିରଫ

**ଗାଜିଆବାଦ, ୪।୧:** ଉତ୍ତରପ୍ରଦେଶର ଗାଜିଆବାଦଠାରେ ରବିବାର ଶ୍ମଶାନ ଛାତ ଭୁଶୁଡ଼ି ୨୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟଣାରେ ପୋଲିସ ୩ ଅଧିକାରୀଙ୍କୁ ଗିରଫ କରିଛି। ମୁରାଦନଗରର ନିର୍ବାହୀ ଅଧିକାରୀ ନିହାରିକା ସିଂ, କନିଷ୍ଠ ଯନ୍ତ୍ରୀ ଚନ୍ଦ୍ର ପାଲ ଓ ସୁପରଭାଇଜର ଆଶିଷଙ୍କୁ ଗିରଫ କରାଯାଇଥିବା ଏସ୍‌ପି ଇରାଜ ରାଜା କହିଛନ୍ତି। ଅନ୍ୟପକ୍ଷରେ ମୃତକଙ୍କ ସମ୍ପର୍କୀୟ ଅଧିକ କ୍ଷତିପୂରଣ ଓ ସରକାରୀ ଚାକିରି ଦାବିରେ ଦିଲ୍ଲୀ-ମିରଟ ରାଜପଥ ଅବରୋଧ କରିଛନ୍ତି।

### ଛୋଟା ରାଜନଙ୍କୁ ୨ ବର୍ଷ ଜେଲ

**ମୁମ୍ବାଇ, ୪।୧:** ମୁମ୍ବାଇର ଏକ ସ୍ୱତନ୍ତ୍ର ସିବିଆଇ କୋର୍ଟ ଗ୍ୟାଙ୍ଗଷ୍ଟର ଛୋଟା ରାଜନ ଓ ଅନ୍ୟ ୩ ଜଣଙ୍କୁ ୨ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ୨୦୧୫ ମସିହାରେ ଜଣେ ବିଲ୍ଡରଙ୍କୁ ୨୬ କୋଟି ଟଙ୍କା ମାଗିବା ସହ ତାଙ୍କୁ ହତ୍ୟା ଧମକ ଦେଇଥିଲେ। ଏହି ମାମଲାରେ ରାଜନଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। ଏହାକୁ ମିଶାଇ ମୋଟ ୪ଟି ମାମଲାରେ ତାଙ୍କୁ ଦଣ୍ଡାଦେଶ ହୋଇସାରିଛି। ଅକ୍ଟୋବର ୨୦୧୯ରେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା (ସିବିଆଇ) ଛୋଟା ରାଜନଙ୍କ ନାଁରେ ଥିବା ୫ ମାମଲାର ତଦନ୍ତ ଦାୟିତ୍ୱ ନେଇଛି। ଅଗଷ୍ଟ ୨୦୧୯ରେ ଜଣେ ବ୍ୟବସାୟୀଙ୍କୁ ହତ୍ୟା ଉଦ୍ୟମ ମାମଲାରେ ମୁମ୍ବାଇର ଏକ କୋର୍ଟ ଛୋଟା ରାଜନଙ୍କୁ ଦୋଷୀ ସାବ୍ୟସ୍ତ କରି ୮ ବର୍ଷ ଜେଲ ଦଣ୍ଡ ଶୁଣାଇଥିଲେ।

### ବେନାମୀ ସମ୍ପତ୍ତି ମାମଲା: ରବର୍ଟ ଭଦ୍ରାଙ୍କ ବୟାନ ରେକର୍ଡ କଲା ଆଇଟି



**ନୂଆଦିଲ୍ଲୀ, ୪।୧:** ବେନାମୀ ସମ୍ପତ୍ତି ମାମଲାର ତଦନ୍ତ କରୁଥିବା ଆୟକର ବିଭାଗର ଅଧିକାରୀମାନେ ସୋମବାର କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀଙ୍କ ଜ୍ୱାଇଁ ରବର୍ଟ ଭଦ୍ରାଙ୍କ ବାସଭବନକୁ ଯାଇ ତାଙ୍କ ବୟାନ ରେକର୍ଡ କରିଛନ୍ତି। ବେନାମୀ ସମ୍ପତ୍ତି ଠୁଳ ସମ୍ପର୍କରେ ତାଙ୍କୁ ଅଧିକାରୀମାନେ ବିଭିନ୍ନ ପ୍ରଶ୍ନ କରିଥିଲେ। ଭଦ୍ରାଙ୍କୁ ଆୟକର କାର୍ଯ୍ୟାଳୟକୁ ଆସି ତଦନ୍ତରେ ସାମିଲ ହେବା ଲାଗି କର୍ତ୍ତୃପକ୍ଷ କହିଥିଲେ। କିନ୍ତୁ କୋଭିଡ୍ କଟକଣା ଦର୍ଶାଇ ସେ ହାଜର ନ ହେବାରୁ ଅଫିସର ଟିମ୍ ତାଙ୍କର ଦିଲ୍ଲୀ ସୁଖଦେବ ବିହାରସ୍ଥିତ ବାସଭବନକୁ ଯାଇଥିଲେ। ବେନାମୀ ସମ୍ପତ୍ତି କାରବାର ଆଇନ ଅନୁଯାୟୀ ତାଙ୍କ ବୟାନ ରେକର୍ଡ କରାଯାଇଛି। ରବର୍ଟଙ୍କର ବ୍ରିଟେନରେ କେତେକ ଅଘୋଷିତ ସମ୍ପତ୍ତି ଥିବା ଅଭିଯୋଗର ତଦନ୍ତ ଚାଲିଛି। ସେ ଅସ୍ତ୍ର ବ୍ୟବସାୟୀ ସଞ୍ଜୟ ଭଣ୍ଡାରୀଙ୍କ ମାଧମରେ ବ୍ରିଟେନରେ ସମ୍ପତ୍ତି କିଣିଥିଲେ। ୨୦୦୯ରେ ଏକ ପେଟ୍ରୋଲିୟମ ଡିଲ୍‌ର ଉତ୍କୋଚ ଅର୍ଥକୁ ସେ ଏହି ସମ୍ପତ୍ତି କିଣାରେ ଲଗାଇଥିଲେ ବୋଲି ଅଭିଯୋଗ ହୋଇଥିଲା। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ମଧ ମନି ଲଣ୍ଡରିଂ ଆଇନ ଅନୁଯାୟୀ ତାଙ୍କ ବିରୋଧରେ ତଦନ୍ତ ଚଳାଇଛି। ସେ କୌଣସି ଭୁଲ୍ କରି ନ ଥିବା କହୁଥିଲା ବେଳେ ଏହା ରାଜନୈତିକ ଆକ୍ରୋଶ ବୋଲି କଂଗ୍ରେସ କହିଛି।

### ଭାରତରେ ପ୍ରଚଣ୍ଡ


ପୁଷ୍ପ କମଳ ଦହଲ ପ୍ରଚଣ୍ଡ

**କାଠମାଣ୍ଡୁ, ୪।୧:** ନେପାଳର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଶାସକ କମ୍ୟୁନିଷ୍ଟ ପାର୍ଟିର ବିଦ୍ରୋହୀ ପୁଷ୍ପ କମଳ ଦହଲ ପ୍ରଚଣ୍ଡ ତାଙ୍କ ସ୍ତ୍ରୀଙ୍କ ଚିକିତ୍ସା ପାଇଁ ସୋମବାର ଭାରତ ଆସିଛନ୍ତି। ସ୍ତ୍ରୀ ସୀତା ଦହଲ ଓ ଦୁଇ ଝିଅଙ୍କ ସହ ପ୍ରଚଣ୍ଡ ମୁମ୍ବାଇରେ ପହଞ୍ଚିଛନ୍ତି। ପାର୍କିନସନ୍ ଭଳି ଲକ୍ଷଣ ଥିବା ବିରଳ ମସ୍ତିଷ୍କ ରୋଗରେ ସୀତା ଦହଲ ପୀଡ଼ିତ ଅଛନ୍ତି। ନେପାଳରେ ରାଜନୈତିକ ଅସ୍ଥିରତା ଦେଖାଦେଇଥିବାବେଳେ ପ୍ରଚଣ୍ଡଙ୍କ ଭାରତଗସ୍ତକୁ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଉଛି।

## ଶ୍ରଦ୍ଧାଞ୍ଜଳି ପାଇଁ ଏମ୍‌ପି ପଦ ଗଲା



**ଟରଣ୍ଟୋ, ୪।୧:** ସମ୍ପର୍କୀୟଙ୍କ ମୃତ୍ୟୁ ପରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେବାକୁ ଯାଇ ଜଣେ ଏମ୍‌ପିଙ୍କୁ ଇସ୍ତଫା ଦେବାକୁ ପଡ଼ିଛି। କାନାଡ଼ାର ଜଣେ ଭାରତୀୟ ବଂଶୋଦ୍ଭବ କାନାଡ଼ା ମହିଳା ଏମ୍‌ପି କମଲ ଖେରା ଏଥିପାଇଁ ଟ୍ରୋଲ୍‌ର ଶିକାର ମଧ ହୋଇଛନ୍ତି। କମଲ ଡିସେମ୍ବର ୨୩ରେ ଆମେରିକାରେ ରହୁଥିବା ଜଣେ ସମ୍ପର୍କୀୟ ଦାଦାଙ୍କ ମୃତ୍ୟୁ ପରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେବାକୁ କାନାଡ଼ାରୁ ଯାଇଥିଲେ। ୩୧ ତାରିଖରେ ଆମେରିକାରୁ ଫେରିବା ପରେ ଏହି ଯାତ୍ରାକୁ ନେଇ ତାଙ୍କୁ ସୋସିଆଲ ମିଡିଆରେ ବ୍ୟାପକ ଟ୍ରୋଲର ଶିକାର ହେବାକୁ ପଡ଼ିଥିଲା। କରୋନା ଯୋଗୁ କମଲ ସେଠାକୁ ଯାତ୍ରା କରିବା ଆବଶ୍ୟକ ନ ଥିଲା ବୋଲି ସମାଲୋଚନା କରାଯାଇଥିଲା। ଏକ ଦୁଃଖଦ ପରିସ୍ଥିତିରେ ସେ ଆମେରିକା ଯାଇଥିବା ନେଇ କମଲ ଜବାବ ରଖିଥିଲେ ହେଁ ପରେ ଏମ୍‌ପି ପଦରୁ ଇସ୍ତଫା ଦେଇଛନ୍ତି।

## ଡିଏସ୍‌ପି ଝିଅଙ୍କୁ ଇନ୍ସପେକ୍ଟର ବାପାଙ୍କ ସାଲ୍ୟୁଟ୍



**ତିରୁପତି, ୪।୧:** ପୋଲିସର ଏକ ବୈଠକରେ ନିଜ ଡିଏସ୍‌ପି ଝିଅକୁ ଦେଖି ସଙ୍ଗେ ସଙ୍ଗେ ଛିଡ଼ା ହୋଇଯାଇଥିଲେ ଇନ୍ସପେକ୍ଟର ବାପା। ଉଚ୍ଚ ର୍‍ୟାଙ୍କ ଅଧିକାରୀ ହୋଇଥିବାରୁ ତାଙ୍କୁ ସମସ୍ତଙ୍କ ଉପସ୍ଥିତିରେ ମାଡାମ୍ ସମ୍ବୋଧିତ କରିବା ସହ ପ୍ରୋଟକଲ ଅନୁସାରେ ସାଲ୍ୟୁଟ ମାରିବା ଦୃଶ୍ୟ ହୃଦୟସ୍ପର୍ଶୀ ହୋଇଛି। ନିଜ ଝିଅ ହେବା ସତ୍ତ୍ୱେ ଆନ୍ଧ୍ରପ୍ରଦେଶର ତିରୁପତି ସର୍କଲ ପୋଲିସ ଶ୍ୟାମ ସୁନ୍ଦର ତାଙ୍କୁ ବୃତ୍ତିଗତ ଢଙ୍ଗରେ ଅଭିବାଦନ ଜଣାଇବା ଗର୍ବର କଥା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଡିଏସ୍‌ପି ଜେସି ପ୍ରଶାନ୍ତି ବାପାଙ୍କ ଅଭିବାଦନରେ ପ୍ରତିକ୍ରିୟା ରଖି 'ଏହା କ'ଣ କରୁଛ ବାପା' ବୋଲି ତେଲୁଗୁରେ କହିଥିଲେ। ସେଠାରେ ଉପସ୍ଥିତ ଅନ୍ୟ ପୋଲିସ କର୍ମଚାରୀମାନେ ଏଭଳି ବିରଳ ମୁହୂର୍ତ୍ତକୁ ଉପଭୋଗ କରିଥିଲେ। ପିଲାମାନେ ଜୀବନରେ ସଫଳତା ହାସଲ କରିବାଠାରୁ ବଡ଼ ଖୁସି ଆଉ କିଛି ନାହିଁ ବୋଲି ଶ୍ୟାମସୁନ୍ଦର କହିଛନ୍ତି। ଉଭୟ ବାପା ଏବଂ ଝିଅ ପୋଲିସ ୟୁନିଫର୍ମରେ ନିଜକୁ ଲୋକଙ୍କ ସେବାରେ ନିୟୋଜିତ କରିବା ବେଶ ଗର୍ବର କଥା ବୋଲି ତିରୁପତି ଏସ୍‌ପି ରମେଶ ରେଡ୍ଡୀ ପ୍ରକାଶ କରିଛନ୍ତି।

# ପାକିସ୍ତାନ ହରାଇବ ଅଣନାଟୋ ମିତ୍ର ପରିଚୟ

**ୱାଶିଂଟନ, ୪।୧(ପି.ଟି.)**

- ପ୍ରତିନିଧି ସଭାରେ ବିଲ୍ ଆଗତ
- ୧୧୭ତମ ଆମେରିକା କଂଗ୍ରେସ ଆରମ୍ଭ
- ନାନ୍‌ସି ପେଲୋସି ପୁଣି ବାଚସ୍ପତି ନିର୍ବାଚିତ
- ମାଲାଲା ୟୁସୁଫଜାଇ ସ୍କଲାରଶିପ୍ ଆଇନ ଗୃହୀତ


ୱାଶିଂଟନ୍‌ର କ୍ୟାପିଟୋଲଠାରେ ସୋମବାର ଗୃହର ସଂଖ୍ୟା ଗରିଷ୍ଠ ନେତା କେଭିନ୍ ମାକାର୍ଥି,ଆର୍-କଲିଫ୍ ନବ ନିର୍ବାଚିତ ସଦସ୍ୟମାନଙ୍କୁ ସ୍ୱାଗତ କରୁଛନ୍ତି।

ଆମେରିକାରେ କରୋନା ମହାମାରୀ ସଙ୍କଟ ଓ ରାଜନୈତିକ ଅନିଶ୍ଚିତତା ମଧ୍ୟରେ ରବିବାର ୧୧୭ତମ କଂଗ୍ରେସ ଆରମ୍ଭ ହୋଇଛି। ଏହାର ପ୍ରଥମ ଦିନରେ ପାକିସ୍ତାନକୁ ବୃହତ୍ ଅଣନାଟୋ ମିତ୍ର ପଦରୁ ହଟାଇବା ପାଇଁ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ରେ ବିଲ୍ ଆଗତ ହୋଇଛି। ରିପବ୍ଲିକାନ ସଦସ୍ୟ ଆଣ୍ଡି ବିଗ୍‌ସ ଉକ୍ତ ବିଲ୍ ଆଣିଛନ୍ତି। ଅଣନାଟୋ ମିତ୍ର ପଦବୀ ପାଇଁ ପାକିସ୍ତାନ ଆମେରିକାଠାରୁ ଅଧିକ ପ୍ରତିରକ୍ଷା ସରଞ୍ଜାମ ଓ ଅନ୍ୟାନ୍ୟ ସହାୟତା ପାଇଆସୁଛି ଏବଂ ସାମୂହିକ ପ୍ରତିରକ୍ଷା ଗବେଷଣା ଓ ବିକାଶ ପ୍ରକଳ୍ପରେ ଭାଗନେଇପାରୁଛି। ହକାନି ନେଟ୍‌ୱର୍କ ପାଇଁ ପାକିସ୍ତାନ ନିରାପଦ ଭୂସ୍ୱର୍ଗ ପାଲଟିଛି। ଏହା ବିରୋଧରେ ଇସ୍‌ଲାମାବାଦ ଉଲ୍ଲେଖନୀୟ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ରାଷ୍ଟ୍ରପତି ସ୍ୱୀକୃତି ନ ଦେବା ପର୍ଯ୍ୟନ୍ତ ଏହାକୁ ବୃହତ୍ ଅଣନାଟୋ ସହଯୋଗୀ ପଦ ମିଳିପାରିବ ନାହିଁ ବୋଲି ବିଲ୍‌ରେ କୁହାଯାଇଛି। ଏହି ପଦବୀ ଫେରିପାଇବାକୁ ହେଲେ ପାକ୍ ସରକାର ଆଫଗାନିସ୍ତାନ ସହ ମିଳିତ ଭାବେ ହକାନି ନେଟ୍‌ୱର୍କ ଆତଙ୍କବାଦୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବାର ରାଷ୍ଟ୍ରପତି ସାର୍ଟିଫିକେଟ ହାସଲ କରିବାକୁ ହେବ।

୨୦୦୪ରେ ବୁଶ୍ ପ୍ରଶାସନ ପାକିସ୍ତାନକୁ ବୃହତ୍ ଅଣନାଟୋ ମିତ୍ର ଭାବେ ସାମିଲ କରିଥିଲା। ବର୍ତ୍ତମାନ ସୁଦ୍ଧା ୧୭ ଦେଶକୁ ଏହି ପଦ ମିଳିଛି। ଶେଷ ରାଷ୍ଟ୍ର ଭାବେ ବ୍ରାଜିଲକୁ ୨୦୧୯ରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଉକ୍ତ ମାନ୍ୟତା ପ୍ରଦାନ କରିଛନ୍ତି। ଏହି ପଦବୀ ପାଇଥିବା ଦେଶଗୁଡ଼ିକ ସ୍ୱଳ୍ପ ଦେୟ ଦେଇ ସମବାୟିକ ଗବେଷଣା ଓ ବିକାଶ ପ୍ରକଳ୍ପରେ ଭାଗ ନେଇଥାନ୍ତି। ଏଥିସହିତ କେତେକ ଆତଙ୍କବାଦ ନିରୋଧୀ ଉପକ୍ରମରେ ସାମିଲ ହୋଇଥାନ୍ତି । ପ୍ରାଥମିକତା ଭିତ୍ତିରେ ଉକ୍ତ ଦେଶଗୁଡ଼ିକୁ ସାମରିକ ଉପକରଣ ଯୋଗାଇଦିଆଯାଇଥାଏ। ଏହିପରି ଅନେକ ସୁବିଧା ଉକ୍ତ ରାଷ୍ଟ୍ରଗୁଡ଼ିକ ଆମେରିକାଠାରୁ ପାଇଥାନ୍ତି। ତେବେ ରାଷ୍ଟ୍ରପତି ଟ୍ରମ୍ପ ୨୦୧୮ ଜାନୁୟାରୀରେ ପାକିସ୍ତାନକୁ ସମସ୍ତ ଆର୍ଥିକ ଓ ସୁରକ୍ଷା ସହାୟତା ବନ୍ଦ କରିଦେଇଥିଲେ। ଏବେ ଏହାକୁ ବୃହତ ଅଣନାଟୋ ମିତ୍ର ପଦରୁ ବାଦ୍ ଦେବାକୁ ଟ୍ରମ୍ପ ପ୍ରଶାସନ ବିଚାର କରୁଛି। ତତ୍କାଳୀନ ରାଷ୍ଟ୍ରପତି ବାରାକ ଓବାମାଙ୍କ ପ୍ରଶାସନ ଭାରତକୁ ବୃହତ୍ ପ୍ରତିରକ୍ଷା ସହଯୋଗୀ ମାନ୍ୟତା ପ୍ରଦାନ କରିଥିଲା।

ନୂଆ ଆମେରିକା କଂଗ୍ରେସ ଆରମ୍ଭ ହେବା ସହ ବରିଷ୍ଠ ଡେମୋକ୍ରାଟିକ୍ ସଦସ୍ୟା ନାନ୍‌ସି ପେଲୋସି ଚତୁର୍ଥ ଥର ପାଇଁ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ସର ସ୍ପିକର ନିର୍ବାଚିତ ହୋଇଛନ୍ତି। ରିପବ୍ଲିକାନ ସଦସ୍ୟ କେଭିନ୍ ମାକାର୍ଥିଙ୍କ ସହ ତାଙ୍କର ଜୋରଦାର ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏଥିରେ ନାନ୍‌ସିଙ୍କୁ ୨୧୬ ଓ କେଭିନ୍‌ଙ୍କୁ ୨୦୯ ଖଣ୍ଡ ଭୋଟ ମିଳିଥିଲା।

ଆମେରିକା କଂଗ୍ରେସ 'ମାଲାଲା ୟୁସୁଫଜାଇ ସ୍କଲାରଶିପ୍ ଆକ୍ଟ'କୁ ଅନୁମୋଦନ କରିଛି। ଫଳରେ ଉଚ୍ଚଶିକ୍ଷା ପାଇଁ ଅଧିକ ସଂଖ୍ୟାରେ ପାକିସ୍ତାନୀ ମହିଳାଙ୍କୁ ମେଧାବୃତ୍ତି ଉପଲବ୍ଧ ହେବ। ୨୦୨୦ ମାର୍ଚ୍ଚରେ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ରେ ଉକ୍ତ ବିଲ୍ ଗୃହୀତ ହୋଇଥିବାବେଳେ ଜାନୁୟାରୀ ୧ରେ ସିନେଟ ଅନୁମୋଦନ କରିଥିଲା। ରାଷ୍ଟ୍ରପତି ଟ୍ରମ୍ପଙ୍କ ମଞ୍ଜୁରୀ ପରେ ଏହା ଆଇନରେ ପରିଣତ ହେବ।

## କିଡ୍‌ନୀ ରୋଗୀଙ୍କୁ ପ୍ରଥମ କୋଭିଶିଲ୍ଡ ଡୋଜ୍


ବ୍ରିଏନ ପିଙ୍କର ଟିକା ନେଉଛନ୍ତି।

**ଲଣ୍ଡନ, ୪।୧**

ବ୍ରିଟେନରେ ଫାଇଜର ପରେ ଅକ୍ସଫୋର୍ଡ-ଆଷ୍ଟ୍ରାଜେନିକା ଟିକା କୋଭିଶିଲ୍ଡର ଜରୁରିକାଳୀନ ବ୍ୟବହାରକୁ ଅନୁମତି ମିଳିସାରିଛି। କିଡ୍‌ନୀ ରୋଗରେ ପୀଡ଼ିତ ୮୨ ବର୍ଷୀୟ ବ୍ରିଏନ ପିଙ୍କର ସୋମବାର ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ହସ୍ପିଟାଲରେ କୋଭିଶିଲ୍ଡର ପ୍ରଥମ ଡୋଜ ନେଇଛନ୍ତି। ପିଙ୍କରଙ୍କ ପରେ ଆଉ ୨ ଜଣଙ୍କୁ ଏହି ଟିକା ଦିଆଯାଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ କମ୍ ଲୋକଙ୍କୁ କୋଭିଶିଲ୍ଡ ଦିଆଯିବ। କୌଣସି ପାର୍ଶ୍ୱ ପ୍ରତିକ୍ରିୟା ଦେଖା ନ ଗଲେ ଟିକାକରଣ ବ୍ୟାପକ କରାଯିବ ବୋଲି ବ୍ରିଟେନ ସରକାରଙ୍କ ପକ୍ଷରୁ କୁହାଯାଇଛି। ଟିକା ନେବା ପରେ ଆଶ୍ୱସ୍ତ ଲାଗୁଥିବା ପିଙ୍କର କହିଛନ୍ତି। ସୂଚନାଯୋଗ୍ୟ ଭାରତରେ ଅକ୍ସଫୋର୍ଡ ଟିକାର ଜରୁରୀକାଳୀନ ବ୍ୟବହାର ପାଇଁ ଅନୁମତି ମିଳିସାରିଛି।

## ସାମରିକ ହସ୍ତକ୍ଷେପର ପରିଣତି ଭୟାବହ ହେବ

**ୱାଶିଂଟନ, ୪।୧**

### ଟ୍ରମ୍ପଙ୍କୁ ୧୦ ପୂର୍ବତନ ପେଣ୍ଟାଗନ୍ ମୁଖ୍ୟଙ୍କ ଚେତାବନୀ



ନିର୍ବାଚନରେ ଜାଲିଆତି ଦାବିକୁ ସାବ୍ୟସ୍ତ କରିବାକୁ ଯାଇ ସାମରିକ ପଦକ୍ଷେପର ପରିଣାମ ଭୟାବହ ହେବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ପେଣ୍ଟାଗନ୍‌ର ୧୦ ଜଣ ପୂର୍ବତନ ମୁଖ୍ୟ ସତର୍କ କରାଇଦେଇଛନ୍ତି। ସାମରିକ ହସ୍ତକ୍ଷେପ ଯୋଗୁ ଆମେରିକା ବିପଜ୍ଜନକ, ଅରାଜକ ଓ ଅସାମ୍ବିଧାନିକ ଅଞ୍ଚଳରେ ପରିଣତ ହେବ ବୋଲି ଏହି ପୂର୍ବତନ ପ୍ରତିରକ୍ଷା ସଚିବମାନେ କହିଛନ୍ତି। ରବିବାର ସ୍ଥାନୀୟ ଖବରକାଗଜରେ ପ୍ରକାଶିତ ଏକ ମତାମତ ଲେଖାରେ ଏହି ସଚିବମାନେ ସ୍ୱାକ୍ଷର କରିଛନ୍ତି। ଟ୍ରମ୍ପ ନିଜର ସାମ୍ବିଧାନିକ କର୍ତ୍ତବ୍ୟ ସ୍ୱରୂପ ଜାନୁୟାରୀ ୨୦ରେ ଶାନ୍ତିପୂର୍ଣ୍ଣ ଭାବେ କ୍ଷମତା ହସ୍ତାନ୍ତର କରିବେ କି ନାହିଁ ତାହା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ନଭେମ୍ବର ୩ରେ ରାଷ୍ଟ୍ରପତି ନିର୍ବାଚନ ଓ ବିଭିନ୍ନ ରାଜ୍ୟରେ ଭୋଟ ଗଣନା ତଥା ଏହାକୁ ଚ୍ୟାଲେଞ୍ଜ କରିବାର ବିଫଳତାରୁ ଫଳାଫଳ ସ୍ପଷ୍ଟ ବୋଲି ପୂର୍ବତନ ପ୍ରତିରକ୍ଷା ସଚିବମାନେ ଲେଖିଥିବାବେଳେ ସେଥିରେ ଟ୍ରମ୍ପଙ୍କ ନାଁ ଉଲ୍ଲେଖ କରିନାହାନ୍ତି। ଫଳାଫଳକୁ ନେଇ ପ୍ରଶ୍ନ ଉଠାଇବାର ସମୟ ଅତିକ୍ରାନ୍ତ ହୋଇଯାଇଛି। ଫଳାଫଳ ବଦଳାଇବା ପାଇଁ ସୈନ୍ୟବାହିନୀର ଉପଯୋଗ ନ କରିବାକୁ ପୂର୍ବତନ ପେଣ୍ଟାଗନ ମୁଖ୍ୟମାନେ କହିଛନ୍ତି। ଯେଉଁ ଅଧିକାରୀମାନେ ଏଭଳି ପଦକ୍ଷେପ ନେବାକୁ ପରାମର୍ଶ ଦେଉଛନ୍ତି, ପରିଣତି ପାଇଁ ସେମାନେ ଦାୟୀ ରହିବେ ବୋଲି ଉକ୍ତ ଲେଖାରେ କୁହାଯାଇଛି।

## ସ୍ୱାମୀଙ୍କୁ ମାରି ଫେସ୍‌ବୁକ୍‌ରେ ପୋଷ୍ଟ କଲେ ସ୍ତ୍ରୀ

**ନୂଆଦିଲ୍ଲୀ, ୪।୧**

ସ୍ୱାମୀଙ୍କୁ ହତ୍ୟା କରି ସ୍ତ୍ରୀ ଫେସ୍‌ବୁକରେ ଘଟଣା ପୋଷ୍ଟ କରିବା ଏବଂ ପରେ ନିଜେ ଆତ୍ମହତ୍ୟା ଉଦ୍ୟମ କରିବା ନୂଆଦିଲ୍ଲୀ ଛତରପୁର ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ୩୬ ବର୍ଷୀୟା ମହିଳା ଜଣକ ପ୍ରଥମେ ସ୍ୱାମୀଙ୍କୁ ଛୁରି ଭୁସି ହତ୍ୟା କରିବା ପରେ ଏ ବାବଦରେ ତାଙ୍କ ଫେସ୍‌ବୁକ୍ ଆକାଉଣ୍ଟରେ ପୋଷ୍ଟ କରିଥିଲେ। ପରେ ନିଜେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପଡ଼ୋଶୀ ମହିଳାଙ୍କ ଏଭଳି ପୋଷ୍ଟ ଦେଖି ତାଙ୍କ ଘର ନିକଟକୁ ଆସିଥିବାବେଳେ ତାହା ଭିତର ପଟୁ ବନ୍ଦ ରହିଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଅଚେତ ଅବସ୍ଥାରେ ପଡ଼ିଥିବା ମହିଳାଙ୍କୁ ଉଦ୍ଧାର କରି ଏମ୍ସ ହସ୍ପିଟାଲରେ ଭର୍ତ୍ତି କରିଛି। ଉଭୟେ ବୀମା କମ୍ପାନୀରେ କାମ କରୁଥିବା ଏବଂ ସେମାନଙ୍କ କୌଣସି ସନ୍ତାନ ସନ୍ତତି ନ ଥିବା ପୋଲିସ କହିଛି।


ଦିଲ୍ଲୀର ବିଜ୍ଞାନ ଭବନରେ ସରକାର ଓ କୃଷକଙ୍କ ମଧ୍ୟରେ ସପ୍ତମ ପର୍ଯ୍ୟାୟ ଆଲୋଚନା ପୂର୍ବରୁ ମୃତ ଚାଷୀଙ୍କ ପାଇଁ ଶୋକପ୍ରକାଶ କରାଯାଉଛି।

## ପ୍ରାଣୀ ଜବତ ନିୟମ ପ୍ରତ୍ୟାହାର କର

**ନୂଆଦିଲ୍ଲୀ, ୪।୧(ପି.ଟି.)**




### କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ପ୍ରାଣୀ ବ୍ୟବସାୟ କିମ୍ବା ପରିବହନରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଜୀବ ନିଷ୍ଠୁରତା ପ୍ରତିକାର ଆଇନରେ ମାମଲା ଚାଲିଲେ ସମ୍ପୃକ୍ତ ପ୍ରାଣୀଙ୍କୁ ଜବତ କରାଯାଇଥାଏ। ୨୦୧୭ରେ ସରକାର ଏଭଳି ନିୟମ ପ୍ରଚଳନ କରିଥିଲେ। ତେବେ ଏହା ଉକ୍ତ ଆଇନର ବିରୁଦ୍ଧାଚରଣ କରୁଥିବାରୁ ତୁରନ୍ତ ଉକ୍ତ ନିୟମାବଳୀ ପ୍ରତ୍ୟାହାର କରିବା କିମ୍ବା ସଂଶୋଧନ କରିବାକୁ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ସୋମବାର ନିର୍ଦ୍ଦେଶ ଦେଇଛନ୍ତି। ଯଦି ଏହାକୁ ପ୍ରତ୍ୟାହାର କିମ୍ବା ସଂଶୋଧନ କରା ନ ଯାଏ ତେବେ ଏହାକୁ ସ୍ଥଗିତ ରଖାଯିବ। ଆଇନ ଅନୁଯାୟୀ ଅଭିଯୁକ୍ତ ଯଦି ଦୋଷୀସାବ୍ୟସ୍ତ ହୁଅନ୍ତି ତେବେ ସମ୍ପୃକ୍ତ ପ୍ରାଣୀଙ୍କୁ ଜବତ କରାଯାଇପାରିବ ବୋଲି ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେ, ଜଷ୍ଟିସ୍ ଏ.ଏସ୍. ବୋପାନ୍ନା ଏବଂ ଭି. ରାମସୁବ୍ରମଣ୍ୟନଙ୍କ ଖଣ୍ଡପୀଠ କହିଛନ୍ତି। ଯେଉଁ ବ୍ୟକ୍ତିଙ୍କ ବିରୋଧରେ ଜୀବେ ନିଷ୍ଠୁରତା ନିରୋଧୀ ଆଇନରେ ମାମଲାର ବିଚାର ଚାଲୁଛି, ଜୀବଜନ୍ତୁ ସେମାନଙ୍କ ଜୀବିକାର ଉତ୍ସ। ତେଣୁ ସମ୍ପୃକ୍ତ ବ୍ୟକ୍ତି ଦୋଷୀସାବ୍ୟସ୍ତ ନ ହେବା ପର୍ଯ୍ୟନ୍ତ ଜୀବଜନ୍ତୁଙ୍କୁ ଜବତ କରାଯାଇପାରିବ ନାହିଁ ବୋଲି ଅଦାଲତ କହିଛନ୍ତି।

# ୩-୪ ଡଲାରରେ ଟିକା ଯୋଗାଇବ ସେରମ୍

**ନୂଆଦିଲ୍ଲୀ, ୪।୧(ପି.ଟି.)**



ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ଓ ଅଷ୍ଟ୍ରାଜେନିକା ଦ୍ୱାରା ବିକଶିତ ତଥା ଭାରତର ସେରମ୍ ଇନ୍‌ଷ୍ଟିଚ୍ୟୁଟ୍ ପ୍ରସ୍ତୁତ କରୋନା ଟିକା 'କୋଭିଶିଲ୍ଡ' ସରକାରଙ୍କୁ ସ୍ୱତନ୍ତ୍ର ମୂଲ୍ୟ ୩ରୁ ୪ ଡଲାର (୨୧୯ରୁ ୨୯୨ ଟଙ୍କା)ରେ ଯୋଗାଇ ଦିଆଯିବ ବୋଲି ସେରମ୍ ସିଇଓ ଆଦର ପୁନାୱାଲା ସୋମବାର କହିଛନ୍ତି। ଘରୋଇ ବଜାରରେ ଉକ୍ତ ଟିକା ବିକ୍ରି ପାଇଁ ଅନୁମତି ମିଳିଲେ ଦାମ୍ ଦୁଇଗୁଣ ହେବ। ଏହି କମ୍ପାନୀ ବର୍ତ୍ତମାନ ସୁଦ୍ଧା କୋଭିଶିଲ୍ଡର ୫ କୋଟି ଡୋଜ୍ ପ୍ରସ୍ତୁତ କରିସାରିଲାଣି। ତେବେ ପ୍ରଥମ ପର୍ଯ୍ୟାୟରେ ଭାରତ ସରକାର ଏବଂ ଜିଏଭିଆଇ (ଗ୍ଲୋବାଲ ଆଲିଆନ୍ସ ଫର୍ ଭାକ୍ସିନ୍ସ ଆଣ୍ଡ ଇମ୍ୟୁନାଇଜେଶନ) ଦେଶଗୁଡ଼ିକୁ ଯୋଗାଇ ଦିଆଯିବ। ପରେ ଘରୋଇ ବଜାରକୁ ଛଡ଼ାଯିବ ବୋଲି ପୁନାୱାଲା କହିଛନ୍ତି।

ଭାରତର ଔଷଧ ନିୟନ୍ତ୍ରକ ରବିବାର କୋଭିଶିଲ୍ଡ ଏବଂ ଭାରତ ବାୟୋଟେକ୍ ପ୍ରସ୍ତୁତ କୋଭାକ୍ସିନ୍‌କୁ ଜରୁରୀ ବ୍ୟବହାର ଲାଗି ମଞ୍ଜୁରୀ ପ୍ରଦାନ କରିଥିଲେ। ଟିକା ଯେପରି ସୁଲଭ ମୂଲ୍ୟରେ ମିଳିବ ଓ ସମସ୍ତଙ୍କ ପାଖରେ ପହଞ୍ଚିପାରିବ ତାହା ଉପରେ ଗୁରୁତ୍ୱ ଦିଆଯାଉଛି। ଭାରତ ସରକାର ବିପୁଳ ପରିମାଣରେ ଟିକା କିଣିବାକୁ ଥିବାରୁ ୩ରୁ ୪ ଡଲାରରେ ଯୋଗାଇଦିଆଯିବ। ଭାରତ ଓ ଜିଏଭିଆଇ ଦେଶଗୁଡ଼ିକର ଆବଶ୍ୟକତା ପୂରଣ ହେବା ପରେ ଘରୋଇ ବଜାରରେ ଟିକା ବିକ୍ରି ହେବ। ଘରୋଇ ବଜାର ମୂଲ୍ୟ ୬ରୁ ୮ ଡଲାର ରହିବ ବୋଲି ସେ କହିଛନ୍ତି।

## ୧୨ ବର୍ଷରୁ ଊର୍ଦ୍ଧ୍ୱ ପିଲାଙ୍କ ଉପରେ କୋଭାକ୍ସିନ୍ ପରୀକ୍ଷା ଲାଗି ଅନୁମତି

**ନୂଆଦିଲ୍ଲୀ, ୪।୧**




ଭାରତ ବାୟୋଟେକ୍ ପ୍ରସ୍ତୁତ କୋଭାକ୍ସିନ୍ ଟିକାକୁ ୧୨ ବର୍ଷରୁ ଊର୍ଦ୍ଧ୍ୱ ପିଲାଙ୍କଠାରେ ପରୀକ୍ଷା କରାଇବା ଲାଗି ଡ୍ରଗ୍ସ କଣ୍ଟ୍ରୋଲର ଜେନେରାଲ ଅଫ୍ ଇଣ୍ଡିଆ (ଡିସିଜିଆଇ) ସୋମବାର ଅନୁମୋଦନ କରିଛନ୍ତି। ସେହିପରି ଅକ୍ସଫୋର୍ଡ-ଅଷ୍ଟ୍ରାଜେନିକା ପ୍ରସ୍ତୁତ କୋଭିଶିଲ୍ଡକୁ ୧୮ ବର୍ଷରୁ ଅଧିକ ବୟସର ବ୍ୟକ୍ତିଙ୍କଠାରେ ପରୀକ୍ଷା କରାଇବାକୁ ଅନୁମତି ମିଳିଛି।

ଡିସିଜିଆଇ ରବିବାର ଉଭୟ ଟିକାକୁ ଜରୁରୀ ବ୍ୟବହାର ଲାଗି ଅନୁମତିପ୍ରଦାନ କରିଥିଲେ। ତେବେ କୋଭାକ୍ସିନ୍‌ର ତୃତୀୟ ପର୍ଯ୍ୟାୟ ପରୀକ୍ଷା କରି ନ ଥିବାରୁ ଏହାକୁ ଅନୁମତି ଦିଆଯିବା ଉପରେ କଂଗ୍ରେସ ପ୍ରଶ୍ନ ଉଠାଇଥିଲା। ପରେ ଭାରତ ବାୟୋଟେକ୍‌କୁ କୋଭାକ୍ସିନ ଉତ୍ପାଦନ ପାଇଁ ଡିସିଜିଆଇ ରବିବାର ସନ୍ଧ୍ୟାରେ ଲାଇସେନ୍ସଯୁକ୍ତ ଅନୁମତି ପ୍ରଦାନ କରିଥିଲେ ଏବଂ ତିନି ପର୍ଯ୍ୟାୟ ପରୀକ୍ଷାର ସବିଶେଷ ତଥ୍ୟ ଦାଖଲ କରିବାକୁ କହିଥିଲେ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୮,୫୭,୨୮,୬୬୫ | ୧୮,୫୪,୮୦୨ | ୬,୦୬,୨୫,୫୨୯ |
| ଭାରତ | ୧,୦୩,୫୫,୬୬୦ | ୧,୪୯,୮୬୦ | ୯୯,୭୧,୮୭୫ |
| ଓଡ଼ିଶା | ୩,୩୦,୪୯୨ | ୧୮୮୫(+୫୩) | ୩,୨୬,୫୦୭ |

ସୋମବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

## କମୁଛି ଶୀତ ଫେବୃୟାରୀରୁ ବଢ଼ିପାରେ ତାତି

### ୬ ଜିଲାରେ କୁହୁଡ଼ି ସମ୍ଭାବନା

**ଭୁବନେଶ୍ୱର,୪।୧(ବ୍ୟୁରୋ):** ରାଜ୍ୟରେ ଶୀତ ହ୍ରାସ ପାଇଛି। ଆଗାମୀ ଦିନରେ ଆହୁରି କମିବ। ମଙ୍ଗଳବାରଠାରୁ ଆସନ୍ତା ୯ ତାରିଖଯାଏ ପାରଦ ଉପରକୁ ଉଠିବ। ୧୦ ତାରିଖରୁ ୧ରୁ ୨ ଡିଗ୍ରୀ ତଳକୁ ଖସିବ। ତେବେ ଆଉ ହାଡ଼ଭଙ୍ଗା ଶୀତର ସମ୍ଭାବନା ନାହିଁ। ଚଳିତବର୍ଷ ଡିସେମ୍ବର କିମ୍ବା ଜାନୁୟାରୀ ପ୍ରଥମ ସପ୍ତାହ ସୁଦ୍ଧା ରାଜ୍ୟରେ ବର୍ଷା ହୋଇନାହିଁ। ଫଳରେ ରାଜ୍ୟରେ ଶୀତର ପ୍ରକୋପ ବଢ଼ିଲା ନାହିଁ। ଅଳ୍ପ କିଛି ଦିନ କେତେକ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୫ରୁ ୭ ଡିଗ୍ରୀ ସେଲ୍‌ସିୟସ୍ ମଧ୍ୟରେ ରହିବା ପରେ ପାରଦ ୧୦ ଡିଗ୍ରୀ ଉପରକୁ ଉଠିଯାଇଛି। ଏପରି କି କେତେକ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୫ରୁ ୧୮ ଡିଗ୍ରୀ ଉପରେ ରହିଛି। ସେହିପରି ଦିନର ତାପମାତ୍ରା ୩୨ ଡିଗ୍ରୀକୁ ଛୁଇଁଛି। ଆଉ କିଛି ଦିନ ହାଲୁକା ଶୀତ ରହିବ; ମାତ୍ର ପାରଦ ଆଉ ୧୦ ଡିଗ୍ରୀ ତଳକୁ ଖସିବ ନାହିଁ। ଫେବୃୟାରୀ ଦ୍ୱିତୀୟ ସପ୍ତାହରୁ ଦିନର ତାପମାତ୍ରା ଉପରମୁହାଁ ହେବ। ରାତିରେ ହାଲୁକା ଥଣ୍ଡା ରହିଲେ ମଧ୍ୟ ଦିନର ତାପମାତ୍ରା ୩୫ ଡିଗ୍ରୀ ଉପରକୁ ଟପିଯିବ। ରାଜ୍ୟରେ ଆସନ୍ତା ଦୁଇଦିନ ୬ ଜିଲାରେ କୁହୁଡ଼ି ହେବାର ସମ୍ଭାବାନ ରହିଛି। ସେହି ଜିଲାଗୁଡ଼ିକ ହେଲା କଟକ, ଜଗତ୍‌ସିଂହପୁର, ଭଦ୍ରକ, ଖୋର୍ଦ୍ଧା, ବୌଦ୍ଧ ଓ କନ୍ଧମାଳ। ଏହିସବୁ ଜିଲାରେ ଘନକୁହୁଡି ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଏଲୋ୍ୱାର୍ନିଂ ଜାରି କରାଯାଇଛି। ସୋମବାର କୋରାପୁଟରେ ସର୍ବନିମ୍ନ ତାପମାତ୍ରା ୯.୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଜଗତ୍‌ସିଂହପୁର, ଭଦ୍ରକ, ଖୋର୍ଦ୍ଧା, ବୌଦ୍ଧ, କନ୍ଧମାଳ ଜିଲାରେ ଘନକୁହୁଡ଼ି ହେବା ସମ୍ଭାବନା ରହିଛି।

# ଜରିମାନାରୁ ବଞ୍ଚାଉଛି, ଜୀବନ ନେଉଛି

ଓଁକାର ମିଶ୍ର

ଭୁବନେଶ୍ୱର,୪।୧(ବ୍ୟୁରୋ)

ବାଇକ୍ ଚାଳକଙ୍କ ସୁରକ୍ଷା କବଚ ହେଉଛି ହେଲ୍‌ମେଟ୍। ଦୁର୍ଘଟଣାଜନିତ ମୃତ୍ୟୁ ରୋକିବାକୁ ହେଲ୍‌ମେଟ୍ ପିନ୍ଧି ବାଇକ୍ ଚଳାଇବା ବାଧ୍ୟତାମୂଳକ କରାଯାଇଛି। କିଛିଦିନ ତଳେ ପରିବହନ ବିଭାଗ ପକ୍ଷରୁ ଡବଲ୍ ହେଲ୍‌ମେଟ୍ ନିୟମ କରାଯାଇଥିବାବେଳେ ନୂଆବର୍ଷରୁ ଏହା କାର୍ଯ୍ୟକାରୀ ହୋଇଛି। ଏହାପରଠୁ ହେଲ୍‌ମେଟ୍ ଶୋ'ରୁମ୍ ଓ ଦୋକାନରେ ଭିଡ଼ ବଢ଼ିଯାଇଛି। ଏପଟେ ରାଜଧାନୀ ସମେତ ରାଜ୍ୟର ରାସ୍ତା ପାର୍ଶ୍ୱରେ ନକଲି ଆଇଏସ୍‌ଆଇ ମାର୍କା ଓ ଶସ୍ତା ହେଲ୍‌ମେଟ୍ ପସରା ମେଲିଛି। ଆକର୍ଷଣୀୟ ତଥା ଶସ୍ତା ହେଉଥିବାରୁ ଲୋକେ ମଧ୍ୟ ତାହାକୁ କିଣି ବ୍ୟବହାର କରୁଛନ୍ତି। ସେହିଭଳି ଜରିମାନାରୁ ବଞ୍ଚିବା ପାଇଁ ଲୋକେ ଭଙ୍ଗା ତଥା ପୁରୁଣା ହେଲ୍‌ମେଟ୍ ପିନ୍ଧି ଗାଡ଼ି ଚଲାଉଛନ୍ତି। ଶସ୍ତା ଓ ଭଙ୍ଗା ହେଲ୍‌ମେଟ୍ ଯୋଗୁ ଜରିମାନାରୁ ସିନା ମୁକ୍ତି ମିଳୁଛି, ହେଲେ ଜୀବନ ନେଇଯାଉଛି। ଏକ ସର୍ଭେ ଅନୁସାରେ, ଉନ୍ନତମାନର ହେଲ୍‌ମେଟ୍ ପିନ୍ଧିଥିଲେ ବଡ଼ ଦୁର୍ଘଟଣା ଘଟିଲେ ମଧ୍ୟ ଚାଳକଙ୍କ ଜୀବନ ବଞ୍ଚିବାର ୪୨% ସମ୍ଭାବନା ରହିଥାଏ। ଦୁର୍ଘଟଣା ସମୟରେ ହେଲ୍‌ମେଟ୍ ଥିଲେ ମୁଣ୍ଡକୁ ୬୯% ଗୁରୁତର ଆଘାତରୁ ରକ୍ଷା କରିଥାଏ। ଶସ୍ତା ହେଲ୍‌ମେଟ୍ ନିଷେଧ କରାଯାଇଥିଲେ ମଧ୍ୟ ପରିବହନ ବିଭାଗ ନିୟମ କରିଦେଇ ଚୁପ୍ ବସିଛି। ଏପଟେ ପୋଲିସ କେବଳ ଜରିମାନା ଆଦାୟ କରି ଦାୟିତ୍ୱ ନିଭାଉଥିଲେ ମଧ୍ୟ ବିନା ଆଇଏସ୍‌ଆଇ ମାର୍କା ଓ ଭଙ୍ଗା ହେଲ୍‌ମେଟ୍ ବ୍ୟବହାର ଉପରେ ରୋକ ଲଗାଉନି। ସେହିଭଳି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅଧୀନରେ ଥିବା ଲିଗାଲ ମେଟ୍ରୋଲୋଜି ନିର୍ଦ୍ଦେଶାଳୟ ବିନା ଆଇଏସ୍‌ଆଇ ମାର୍କା ହେଲ୍‌ମେଟ୍ ବିକ୍ରିକୁ ବନ୍ଦ ପାଇଁ ଆବଶ୍ୟକ ପଦକ୍ଷେପ ନେଉନି। ଫଳରେ ଏସବୁ ହେଲ୍‌ମେଟ୍ ପାଇଁ ଅଜାଣତରେ କାହିଁ କେତେ ଜୀବନ ଚାଲିଯାଉଛି।

ସରକାରୀ ରିପୋର୍ଟରୁ ଜଣାପଡିଛି ଯେ, ରାଜ୍ୟରେ ଦୁର୍ଘଟଣାଜନିତ ମୃତକଙ୍କ ମଧ୍ୟରେ ଅଧିକାଂଶ ୧୫ରୁ ୩୫ବର୍ଷ ମଧ୍ୟରେ। ଏଥିସହିତ ଦୁର୍ଘଟଣାରେ ଚାରିଚକିଆ ଯାନ ଚାଳକଙ୍କଠାରୁ ବାଇକ୍ ଆରୋହୀଙ୍କ ମୃତ୍ୟୁ ୨୬% ଅଧିକ। ଅଧିକାଂଶ ବାଇକ୍ ଆରୋହୀଙ୍କ ମୃତ୍ୟୁ ହେଲ୍‌ମେଟ୍ ପିନ୍ଧି ନ ଥିବାରୁ ଓ ଶସ୍ତା ହେଲ୍‌ମେଟ୍ ଯୋଗୁ ହୋଇଥିବା ଜଣାପଡ଼ିଛି। ତେଣୁ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ବିନା ଆଇଏସ୍‌ଆଇ ମାର୍କା ହେଲ୍‌ମେଟ୍ ବ୍ୟାନ କରାଯାଇଛି। ହେଲ୍‌ମେଟ୍‌ରେ ଆଇଏସ୍‌ଆଇ ମାର୍କା ନ ଥିଲେ ଚାଳକଙ୍କୁ ୧୦୦୦ ଟଙ୍କା ଜରିମାନା ଗଣିବାର ନିୟମ ରହିଛି। ପୁଣି ହେଲ୍‌ମେଟ୍‌ର ଓଜନ ୧.୨ କେଜିରୁ ଅଧିକ ହେବ ନାହିଁ। ଆଇଏସ୍‌ଆଇ ବୈଧତା ନ ଥିବା ହେଲ୍‌ମେଟ୍ ତିଆରି କରୁଥିବା କମ୍ପାନୀ ଧରାପଡିଲେ ୨ବର୍ଷ ଜେଲ୍‌ଦଣ୍ଡ ସହ ୨ଲକ୍ଷ ଟଙ୍କା ଜରିମାନାର ବ୍ୟବସ୍ଥା ରହିଛି। ଏପରିକି ଏହାକୁ ବିକ୍ରି କରିବା ଉପରେ ମଧ୍ୟ କଟକଣା ରହିଛି। କିନ୍ତୁ ସବୁ ନିୟମ ଓ ପଦକ୍ଷେପ କେବଳ କାଗଜକଲମରେ ସୀମିତ। ସହର ସାରା ବେଧଡ଼କ ଶସ୍ତା ଓ ଡୁପ୍ଲିକେଟ୍ ହେଲ୍‌ମେଟ୍ ବିକ୍ରି ହେଉଛି। କେଉଁଠୁ ଏହି ହେଲ୍‌ମେଟ୍ ତିଆରି ହୋଇ ଆସୁଛି ତାହାର ଖବର ମଧ୍ୟ କାହାପାଖେ ନାହିଁ।

> "ଆଇଏସ୍‌ଆଇ ମାର୍କା ହେଲ୍‌ମେଟ୍ ପିନ୍ଧିଥିଲେ ବଡ଼ ଦୁର୍ଘଟଣା ଘଟିଲେ ଚାଳକଙ୍କ ଜୀବନ ବଞ୍ଚିବାର ୪୨% ସମ୍ଭାବନା ଥାଏ। ଦୁର୍ଘଟଣା ସମୟରେ ହେଲ୍‌ମେଟ୍ ଥିଲେ ମୁଣ୍ଡକୁ ୬୯% ଗୁରୁତର ଆଘାତରୁ ରକ୍ଷା କରିଥାଏ।"

### ଶସ୍ତା, ନକଲି, ଭଙ୍ଗା ହେଲ୍‌ମେଟ୍

- ଶୋଷଣ କରୁଛନ୍ତି ରାସ୍ତାକଡ଼ ହେଲ୍‌ମେଟ୍ ବେପାରୀ
- କମିଶନରେଟ୍ ପୋଲିସ ଯାଞ୍ଚ କରୁନି
- ଲିଗାଲ ମେଟ୍ରୋଲୋଜି ନିର୍ଦ୍ଦେଶାଳୟର ବି ପଦକ୍ଷେପ ନାହିଁ



ରାସ୍ତାକଡ଼ରେ ବିକ୍ରି ହେଉଥିବା ହେଲ୍‌ମେଟ୍।

### ନକଲି ଆଇଏସ୍‌ଆଇ ମାର୍କା ହେଲ୍‌ମେଟ୍, ଡବଲ୍ ରେଟ୍

ଯାଞ୍ଚ ଓ ପଦକ୍ଷେପ ନ ଥିବାରୁ ରାସ୍ତାପାର୍ଶ୍ୱ ଦୋକାନୀମାନେ ନକଲି ଆଇଏସ୍‌ଆଇ ମାର୍କା ହେଲ୍‌ମେଟ୍ ବିକ୍ରି କରି ଲୋକଙ୍କୁ ଶୋଷଣ କରୁଛନ୍ତି। କମ୍ପାନୀ, ଲୋଗୋ ଓ ଡିଜାଇନ୍ ସମାନ ସହ ଶୋ'ରୁମ୍‌ଠାରୁ ଶସ୍ତା ହେଉଥିବାରୁ ଲୋକେ ଜାଣି ନ ପାରି କିଣୁଛନ୍ତି। ଡବଲ୍ ହେଲ୍‌ମେଟ୍ ନିୟମ ଲାଗୁଠାରୁ ଏହି ନକଲି ହେଲ୍‌ମେଟ୍‌ର ମୂଲ୍ୟ ମଧ୍ୟ ପୂର୍ବାପେକ୍ଷା ଦୁଇଗୁଣା ଅଧିକ ନେଉଥିବା ଦେଖିବାକୁ ମିଳୁଛି। ପୂର୍ବରୁ ୩ଶହରୁ ୪ଶହ ଟଙ୍କାରେ ବିକ୍ରି ହେଲ୍‌ମେଟ୍‌କୁ ଏବେ ୬ଶହରୁ ଅଧିକ ନେଉଛନ୍ତି। ଏପରିକି ଅତି ଚାଲାକ୍ ବେପାରୀମାନେ ଅରିଜିନାଲ କହି ବିଭିନ୍ନ ବ୍ରାଣ୍ଡେଡ୍ କମ୍ପାନୀ ହେଲ୍‌ମେଟ୍‌କୁ ଶୋ'ରୁମ୍ ଦରଠୁ ୫୦ କିମ୍ବା ୧୦୦ ଟଙ୍କା କମ୍‌ରେ ବିକ୍ରି କରି ମାଲାମାଲ୍ ହେଉଛନ୍ତି।


ଅନ୍ୟପକ୍ଷେ ଟ୍ରାଫିକ୍ ପୋଲିସ ନିକଟରୁ ବଞ୍ଚିବା ପାଇଁ ରାଜଧାନୀରେ ୬୦%ରୁ ଅଧିକ ଲୋକ ପୁରୁଣା ଭଙ୍ଗା ହେଲ୍‌ମେଟ୍‌ରେ କାମ ଚଳାଉଥିବା ନଜରକୁ ଆସୁଛି। ଏହା ଉପରେ ପଦକ୍ଷେପ ନ ନେଲେ ଡବଲ୍ ହେଲ୍‌ମେଟ୍ ନିୟମ, ଯାଞ୍ଚ ଓ ଜରିମାନାର ଲକ୍ଷ୍ୟ ସାଧନ ହୋଇପାରିବ ନାହିଁ ଓ ବାଇକ୍ ଆରୋହୀଙ୍କ ଦୁର୍ଘଟଣାଜନିତ ମୃତ୍ୟୁ ଅଧିକ ରହିବ ବୋଲି ଆଶଙ୍କା ଦେଖାଦେଇଛି।

### 'ସଚେତନ କରୁଛୁ, ଆଗକୁ କାର୍ଯ୍ୟାନୁଷ୍ଠାନ'

ମୋଟର ଭେଇକିଲ୍ ଆକ୍ଟ-୧୯୮୮ ଅନୁଯାୟୀ, ବାଇକ୍ ଚାଳକ ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡ୍ସ(ବିଆଇଏସ୍)ର ମାନ୍ୟତାପ୍ରାପ୍ତ ହେଲ୍‌ମେଟ୍ ପିନ୍ଧିବା ଉଚିତ। ଏଥିସହିତ ହେଲ୍‌ମେଟ୍‌ରେ ଲାଗିଥିବା ଷ୍ଟ୍ରାପ୍‌କୁ ମଧ୍ୟ ଭଲଭାବେ ବାନ୍ଧିବାର ନିୟମ ରହିଛି। ଏବେ ଆମେ ଲୋକଙ୍କୁ ଏନେଇ ସଚେତନ କରୁଛୁ। ଟ୍ରାଫିକ ଏସିପି ଓ ମୁଁ ନିଜେ ମଧ୍ୟ ପ୍ରତିଦିନ ଲୋକଙ୍କୁ ଯାଞ୍ଚ କରି ଏବାବଦରେ ସଚେତନ କରାଉଛୁ। ଆଗକୁ ନିୟମ ଉଲ୍ଲଂଘନ କଲେ କିମ୍ବା ଭଙ୍ଗା ହେଲ୍‌ମେଟ୍ ପିନ୍ଧିଥିଲେ ଜରିମାନା ଆଦାୟ କରାଯିବ।

- ସୌମ୍ୟା ମିଶ୍ର, ଟ୍ରାଫିକ୍ ଡିସିପି






**ଆଜିର ମନ୍ତବ୍ୟ**
"ଭାରତରେ ବିଶ୍ୱର ସର୍ବବୃହତ୍ କୋଭିଡ୍-୧୯ ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି।
–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



# ରାଜ୍ୟଗୁଡ଼ିକୁ ଆଉ ୬ ହଜାର କୋଟିର କ୍ଷତିପୂରଣ

## ଓଡ଼ିଶାକୁ ମିଳିଲାଣି ୨୩୭୦.୩୭ କୋଟି

**ନୂଆଦିଲ୍ଲୀ,୪।୧**

ରାଜ୍ୟଗୁଡିକୁ ଜିଏସ୍‌ଟି କ୍ଷତିପୂରଣର ୧୦ମ କିସ୍ତି ଭାବେ କେନ୍ଦ୍ର ସରକାର ସୋମବାର ଆଉ ୬ ହଜାର କୋଟି ଟଙ୍କା ପ୍ରଦାନ କରିଛନ୍ତି। ଏହିବାବଦକୁ ଓଡିଶା ଏବେ ସୁଦ୍ଧା ୨୩୭୦.୩୭ କୋଟି ଟଙ୍କା ଲାଭ କରିଛି। ଅପରପକ୍ଷରେ ୨୮୫୮ କୋଟି ଟଙ୍କାର ଋଣ କରିବା ଲାଗି ଅର୍ଥ ମନ୍ତ୍ରଣାଳୟ ଏହି ରାଜ୍ୟକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ବର୍ତ୍ତମାନର ୬ ହଜାର କୋଟି ଟଙ୍କା ମଧ୍ୟରୁ ୨୩ ରାଜ୍ୟ ୫,୫୧୬.୬୦ କୋଟି ଟଙ୍କା ପାଇଛନ୍ତି। ସେହିଭଳି ଦିଲ୍ଲୀ, ଜମ୍ମୁ କଶ୍ମୀର ଏବଂ ପୁଡୁଚେରୀକୁ ୪୮୩.୪୦ କୋଟି ଟଙ୍କା ମିଳିଛି। ଅରୁଣାଞ୍ଚଳ ପ୍ରଦେଶ, ମଣିପୁର, ମିଜୋରାମ, ନାଗାଲାଣ୍ଡ, ସିକିମ ଭଳି ୫ ରାଜ୍ୟ ରାଜସ୍ୱ କ୍ଷତି ସହିନାହାନ୍ତି। ଫଳରେ ଉକ୍ତ ରାଜ୍ୟଗୁଡିକୁ କ୍ଷତିପୂରଣ ଦିଆଯାଇନାହିଁ। ନିର୍ଦ୍ଧାରିତ ଜିଏସ୍‌ଟି କ୍ଷତିପୂରଣର ୫୦% ରାଜ୍ୟଗୁଡିକୁ ଏବେ ସୁଦ୍ଧା ପ୍ରଦାନ କରାଯାଇଛି।

ସ୍ୱତନ୍ତ୍ର ଋଣ ୱିଣ୍ଡୋରୁ ସରକାର ୧.୧୦ ଲକ୍ଷ କୋଟି ଟଙ୍କା ଋଣ କରି ରାଜ୍ୟଗୁଡିକୁ ପ୍ରଦାନ କରୁଛନ୍ତି। ସେହିଭଳି ରାଜ୍ୟଗୁଡିକ ୧.୦୬ ଲକ୍ଷ କୋଟି ଟଙ୍କା ଋଣ ଉଠାଣ କରିପାରିବେ ବୋଲି କେନ୍ଦ୍ର ସରକାର ଅନୁମତି ପ୍ରଦାନ କରିଛନ୍ତି। ଜିଏସ୍‌ଟି କ୍ଷତିପୂରଣ ରାଶି ଭରଣା ଲାଗି ରାଜ୍ୟଗୁଡିକୁ କେନ୍ଦ୍ର ସରକାର ୨ଟି ବିକଳ୍ପ ଦେଇଥିଲେ। ରିଜର୍ଭ ବ୍ୟାଙ୍କ ୱିଣ୍ଡୋରୁ ୯୭ ହଜାର କୋଟି କିମ୍ବା ଖୋଲା ବଜାରରୁ ମୋଟ ୨.୩୫ ଲକ୍ଷ କୋଟି ଟଙ୍କାର ଋଣ ଉଠାଣ ନେଇ ରାଜ୍ୟଗୁଡିକୁ ବିକଳ୍ପ ଦିଆଯାଇଥିଲା। କ୍ଷତିପୂରଣ ରାଶିକୁ ନେଇ କେନ୍ଦ୍ର ରାଜ୍ୟ ମଧ୍ୟ ଟଣା ଓଟରା ଲାଗି ରହିଥିଲା। ପ୍ରଥମ ବିକଳ୍ପ ରାଶିକୁ କେନ୍ଦ୍ର ସରକାର ୧ ଲକ୍ଷ କୋଟି ଟଙ୍କାରୁ ଉର୍ଦ୍ଧ୍ୱକୁ ବଢାଇଛନ୍ତି। ଅପରପକ୍ଷରେ ପ୍ରଥମ ବିକଳ୍ପକୁ ସବୁ ରାଜ୍ୟ ପସନ୍ଦ କରିଛନ୍ତି। ଏହି ବିକଳ୍ପ ନେଇଥିବା ସବୁ ରାଜ୍ୟ ଅତିରିକ୍ତ ୧.୦୬ ଲକ୍ଷ କୋଟି ଟଙ୍କା ଉଠାଣ କରିବାକୁ କେନ୍ଦ୍ର ସରକାର ଅନୁମତି ପ୍ରଦାନ କରିଛନ୍ତି। ରାଜ୍ୟ ସେମାନଙ୍କ ମୋଟ ଘରୋଇ ଉତ୍ପାଦ(ଏସ୍‌ଜିଡିପି)ର ୦.୫୦% ଋଣ ଉଠାଇ ପାରିବେ ବୋଲି କେନ୍ଦ୍ର ସରକାର ସ୍ପଷ୍ଟ କରିଛନ୍ତି।



## ଢଗଢମାଳି

**(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)**

**ଭଣ୍ଡାରି ଦେଖିଲେ ନଖ କଅଁଳେ।**

ଯାହାଠାରୁ କିଛି ସାହାଯ୍ୟ ପାଇବାର ଆଶା ଥାଏ ତାଙ୍କୁ ଦେଖିବା ମାତ୍ରେ କେତେଜଣ ବ୍ୟକ୍ତି ନିଜର ଫାଇଦା କଥା ଭାବି ଉତ୍‌ଫୁଲ୍ଲିତ ହୋଇଉଠନ୍ତି। ସ୍ଥାନ କାଳ ପାତ୍ର ଭୁଲି ନିଜର ଈପ୍‌ସିତ କାର୍ଯ୍ୟ କରାଇଦେବା ଲାଗି ଆଗଭର ହୋଇଯାଇଥାନ୍ତି। କରିବା ଲୋକ ତ ହାବୁଡ଼େ ପଡ଼ିଗଲା, କାମଟା କରେଇନେବା ଚକରରେ ରହିଥାନ୍ତି। ସୁବିଧାବାଦୀ ଲୋକଙ୍କ ଏତାଦୃଶ ପ୍ରକୃତି ବା ଚରିତ୍ର ରହିଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଭାତ ମହରଗରେ ପତର ଶସ୍ତା।**

ଅର୍ଥ ସୁସ୍ପଷ୍ଟ। ଭାତ ମହରଗ ହୋଇଗଲେ ପରଷାଯାଉଥିବା ପତରର ମୂଲ୍ୟ ନଗଣ୍ୟ ହୋଇଯାଏ। ପରୋକ୍ଷରେ ମୂଳ ବସ୍ତୁର ଅଭାବ ହିଁ ଆନୁଷଙ୍ଗିକ ପଦାର୍ଥର ମୂଲ୍ୟ ହ୍ରାସ କରାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

**ପ୍ରଥମ ପୃଷ୍ଠାରୁ...**

## ଆଇନ ପ୍ରତ୍ୟାହାର...

ଆଲୋଚନା ପାଇଁ ଓ କୌଣସି ଆପତ୍ତି ଥିଲେ ତାହାର ଆବଶ୍ୟକ ସଂଶୋଧନ ଲାଗି ସରକାର ପ୍ରସ୍ତୁତ ବୋଲି କୃଷିମନ୍ତ୍ରୀ କହିଥିଲେ। ଆଲୋଚନା ମଝିରେ ମଧ୍ୟାହ୍ନ ଭୋଜନ ବିରତି ହୋଇଥିଲା। ତେବେ ମନ୍ତ୍ରୀମାନଙ୍କ ସହ ଏକାଠି ଭୋଜନ କରିବାକୁ ଚାଷୀନେତା ମନା କରିଦେଇଥିଲେ। ଆପଣମାନେ ନିଜ ଖାଦ୍ୟ ଖାଆନ୍ତୁ, ଆମେ ଆମ ଖାଦ୍ୟ ଖାଇବୁ ବୋଲି କୃଷକ ପ୍ରତିନିଧିମାନେ କହିଥିଲେ। ଅପରାହ୍ନ ୫ଟା ୧୫ରେ ପୁଣିଥରେ ଆଲୋଚନା ଆରମ୍ଭ ହୋଇଥିଲା। ସମାଧାନର ସୂତ୍ର ନ ବାହାରିବାରୁ ଶୁକ୍ରବାର ପୁଣିଥରେ ବୈଠକ ବସିବାକୁ ସ୍ଥିର ହୋଇଥିଲା। ପରବର୍ତ୍ତୀ କାର୍ଯ୍ୟପନ୍ଥା ପାଇଁ ଚାଷୀ ନେତାମାନେ ମଙ୍ଗଳବାର ପରସ୍ପର ମଧ୍ୟରେ ଆଲୋଚନା କରିବେ ବୋଲି କହିଛନ୍ତି। ବିବାଦୀୟ କୃଷି ଆଇନ ବିରୋଧରେ ପଞ୍ଜାବ, ହରିୟାଣା, ଉତ୍ତରପ୍ରଦେଶରୁ ହଜାର ହଜାର ଚାଷୀ ୪୦ ଦିନ ହେଲା ଦିଲ୍ଲୀ ସୀମାର ବିଭିନ୍ନ ସ୍ଥାନରେ ଆନ୍ଦୋଳନ ଜାରି ରଖିଛନ୍ତି। ପ୍ରବଳ ଶୀତ, ଏପରିକି ଦୁଇଦିନ ହେଲା ପ୍ରବଳ ବର୍ଷା ସତ୍ତ୍ୱେ ଚାଷୀମାନେ ଆନ୍ଦୋଳନ ସ୍ଥଳ ଛାଡ଼ିନାହାନ୍ତି।

## 'ଅଭିଯୁକ୍ତ ମନ୍ତ୍ରୀଙ୍କୁ...

ଲଢେଇକୁ ଜାରି ରଖିବା ସହ ପ୍ରତିହିଂସାପରାୟଣ ସାଜିଥିବା ଶାସକ ବିଜେଡିର ଦମନମୂଳକ କାର୍ଯ୍ୟକୁ ବିରୋଧ କରିବ ବୋଲି ପୃଥ୍ୱୀରାଜ କହିଛନ୍ତି। ମନ୍ତ୍ରୀ ଜେନାଙ୍କ ସମେତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଭାଜପା ପକ୍ଷରୁ ସୋମବାର ରାଜ୍ୟର ବିଭିନ୍ନ ସ୍ଥାନରେ ଶୋଭାଯାତ୍ରା କରାଯାଇଥିଲା। ଭାଜପା କର୍ମୀମାନେ ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ତାଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ମାହାଙ୍ଗାରେ ଭାଜପା କର୍ମୀମାନେ ସ୍ଥାନୀୟ ବରପୁତ୍ର ଭବନରୁ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟରେ ବିକ୍ଷୋଭ କରିଥିଲେ। ସେଠାରେ କର୍ମୀମାନେ ମନ୍ତ୍ରୀ ଜେନାଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଭାଜପା ନେତା ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ କଟକ ଜିଲା ମହିଳା ସଭାନେତ୍ରୀ ଯାଜ୍ଞସେନୀ ଜେନା, ନିର୍ମଳ ରାଉତ, ଜିତେନ୍ଦ୍ର ଶତପଥୀ ଓ କିଶୋର କୁମାର ରାଉତ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ନିଶ୍ଚିନ୍ତକୋଇଲି ବ୍ଲକରେ ମଣ୍ଡଳ ସଭାପତି କୈଳାସ ବେହେରା, ଅଶୋକ ସାହୁ ଓ ନାରୀନେତ୍ରୀ କଲ୍ୟାଣୀ ସେଠୀଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବଡଲବଜାରରୁ ବାହାରି ବସ୍‌ଷ୍ଟାଣ୍ଡ ନିକଟରେ ପହଞ୍ଚି ମନ୍ତ୍ରୀ ଜେନାଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ସେହିପରି ସାଲେପୁର ବ୍ଲକ ବରିଷ୍ଠ ଭାଜପା ନେତା କୁଞ୍ଜମୋହନ ସେଠୀଙ୍କ ଆହ୍ୱାନକ୍ରମେ ସମ୍ରାଟ କେଶରୀ ଲେଙ୍କା, ସରୋଜ କର, ପ୍ରିୟବ୍ରତ ମହାପାତ୍ର, ଭାନୁ କୁମାରଙ୍କ ନେତୃତ୍ୱରେ ଭାଜପା କର୍ମୀମାନେ ସାହେଶ୍ୱରୀ ମନ୍ଦିରରୁ ଶୋଭାଯାତ୍ରାରେ ଯାଇ ବିଜୁ ପଟ୍ଟନାୟକ ଛକ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେଠାରେ କର୍ମୀମାନେ ମନ୍ତ୍ରୀ ଜେନାଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଭାଜପା କଟକ ନଗର ଶାଖା ପକ୍ଷରୁ ବାଦାମବାଡ଼ି ଟ୍ରାଫିକ ଛକଠାରେ ମନ୍ତ୍ରୀ ଜେନାଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ନଗର ସଭାପତି ଲଲାଟେନ୍ଦୁ ବଡୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭରେ ରାଜ୍ୟ ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ସିକନ୍ଦର ଅଲ୍ଲୀ, ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ମୃତି ପଟ୍ଟନାୟକ, ରଶ୍ମିରେଖା ଦାସ, ଶ୍ରୀତମ ଦାସ, ବିଶ୍ୱରଞ୍ଜନ ମିଶ୍ର, ସବ୍ୟସାଚୀ ମହାପାତ୍ର, ସ୍ମୃତିରଞ୍ଜନ ମିଶ୍ର, ନନ୍ଦକିଶୋର ଜେନା, ଦେବାନନ୍ଦ ସିଂ ଓ କଳ୍ପନା ପଟ୍ଟନାୟକ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ଭୁବନେଶ୍ୱର ଜିଲା ସଭାପତି ବାବୁ ସିଂଙ୍କ ନେତୃତ୍ୱରେ ମାଷ୍ଟରକ୍ୟାଣ୍ଟିନ ଛକଠାରେ ବିକ୍ଷୋଭ କରାଯାଇଥିଲା। ଏଥିରେ ବହୁ ବରିଷ୍ଠ ନେତା ଓ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।

## ଜ୍ୟାକ୍ ମା...

ଚାଇନାର ଫାଇନାନ୍ସିଆଲ ସିଷ୍ଟମ ନୂଆ ଉଦ୍ଭାବନକୁ ପ୍ରୋତ୍ସାହିତ କରେ ନାହିଁ ବୋଲି ସେ ପୂର୍ବରୁ କହିଥିଲେ। ବ୍ୟବସ୍ଥାରେ ପରିବର୍ତ୍ତନ ଲୋଡା ଥିବା ବେଳେ ଟେକ୍ନୋଲୋଜି ଭିତ୍ତିକ ଛୋଟ ଫାର୍ମଗୁଡିକୁ ଏ କ୍ଷେତ୍ରରେ ସୁଯୋଗ ଦେବା ଉପରେ ସେ ମତ ରଖିଥିଲେ। ଆଣ୍ଟ ଗ୍ରୁପ ଏବଂ ଆଲିବାବାର କେତେକ କମ୍ପାନୀ ଉପରେ ସେଠାକାର କର୍ତ୍ତୃପକ୍ଷ ଚଢାଉ କରିଥିଲେ। ଋଣ ପ୍ରଦାନ ଧାରା ଏବଂ ଫାଇନାନ୍ସ ଅପରେଶନକୁ ପରିବର୍ତ୍ତନ କରିବା ଲାଗି ଆଲିବାକୁ କୁହାଯାଇଥିଲା। ସେହିଭଳି ଆଣ୍ଟ ଗ୍ରୁପର ନିବେଶ ଉପରେ ଚାଇନା ସରକାର ଖୋଳତାଡ ଆରମ୍ଭ କରିଛନ୍ତି।

## ଅଭିଯୁକ୍ତଙ୍କ ନାର୍କୋ...

ପୋକ୍‌ସୋ କୋର୍ଟ ଜଜ୍ ଉଦୟଭାନୁ ଜେନା ଡିସେମ୍ବର ୨୨, ୨୩ ଓ ୨୪ ତାରିଖ ୩ ଦିନ ରିମାଣ୍ଡରେ ନେବା ପାଇଁ ଅନୁମତି ଦେଇଥିଲେ। କଲେଜ ଛାତ୍ର ପ୍ରଥମେ ୨୧ ତାରିଖରେ ଜେଲ ଯାଇଥିଲେ। ପରେ ରିମାଣ୍ଡ ଶେଷ ପରେ ଜେଲରେ ଥିଲେ। ଏନେଇ ଅଭିଯୁକ୍ତ କଲେଜ ଛାତ୍ରଙ୍କ ଓକିଲ ଚନ୍ଦ୍ରବିଜୟୀ ମିଶ୍ର କୁହନ୍ତି, ନାର୍କୋ ଆନାଲିସିସ୍ ସମ୍ପର୍କରେ ଆମକୁ କିଛି ନକଲ ମିଳିନି। ଜୁଭେନାଇଲ୍ କୋର୍ଟରେ କଲେଜ ଛାତ୍ରଙ୍କ ବିଚାର କରିବାକୁ ପରିବାର ପକ୍ଷରୁ ପ୍ରାର୍ଥନା ହୋଇଛି। କଲେଜ ଛାତ୍ର ନାବାଳକ ଥିବାବେଳେ ତାଙ୍କୁ ସାବାଳକ ଦର୍ଶାଇ କୋର୍ଟ ଚାଲାଣ କରାଯାଇଛି ବୋଲି ମିଶ୍ର କହିଛନ୍ତି।

## ନ୍ୟାୟ ଅପେକ୍ଷାରେ...

ଅଭିଯୋଗ ଉପରେ ଉତ୍ତର ଦେବାକୁ କିମ୍ବା ସମାଧାନ କରିବାକୁ ନିର୍ଦ୍ଦେଶ ହେଉଥିଲେ ହେଁ କେତେକ ଜିଲାରେ ଉଚ୍ଚକର୍ତ୍ତୃପକ୍ଷଙ୍କ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇପାରୁନାହିଁ। ତେଣୁ ଗତ ୨୮ ତାରିଖରେ ରାଜ୍ୟ ଯୋଗାଣ ନିଗମର ଜେନେରାଲ ମ୍ୟାନେଜର (ପିଡିଏସ୍) ସୁଧାକର ସବରୋ ୧୩ଜଣ ସିଏସ୍‌ଓଙ୍କୁ ପଡିରହିଥିବା ଅଭିଯୋଗର ସମାଧାନ କରିବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ପ୍ରତିମାସରେ ବିପୁଳ ପରିମାଣର କିରୋସିନ ଚୋରାଚାଲାଣ ହେଉଥିଲେ ମଧ୍ୟ ଜିଲା ଯୋଗାଣ ବିଭାଗ ପକ୍ଷରୁ ଦୃଷ୍ଟି ଦିଆଯାଉ ନ ଥିବା ଅଭିଯୋଗ ହୋଇଛି। ପେଟ୍ରୋଲ, ଡିଜେଲ ଆଦିରେ ଅପମିଶ୍ରଣ ପାଇଁ ଏହି କିରୋସିନ ବ୍ୟବହୃତ ହେଉଥିଲେ ହେଁ ବିଭାଗ ଏହାର ଟେର ନ ପାଇବା ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଉଛି। ବହୁ ଖାଉଟିଙ୍କ ନାମରେ ଥିବା ଜାଲ୍ କାର୍ଡ ବଳରେ କିରୋସିନ କଳାବଜାର ହେଉଥିବା ଅଭିଯୋଗ ହୋଇଆସୁଛି। ଏଥିପାଇଁ ହିତାଧିକାରୀମାନେ ପ୍ରତି ମାସରେ ଠିକ୍ ଭାବେ କିରୋସିନ ପାଉ ନ ଥିବା ଅଭିଯୋଗ କରୁଛନ୍ତି। କେବଳ କିରୋସିନ ନୁହେଁ, ମୃତ ବ୍ୟକ୍ତିଙ୍କ ନାମରେ ରାଶନ ହଡପ, ବିଭାଗୀୟ ଆକାଉଣ୍ଟ ଅଫିସ ଓ ଆରସିସିରେ ବେଆଇନ ଭାବେ ଟଙ୍କା ଆଦାୟ ସାଙ୍ଗକୁ ଅଡିଟ ରିପୋର୍ଟରେ ଅନେକ ଅନିୟମିତତା ଦେଖାଦେଉଛି। ଗତ ଅକ୍ଟୋବର ୨୨ରେ ବାଲେଶ୍ୱର ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ମୀର ରାଜା ଅଲ୍ଲୀ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଭିଜିଲାନ୍ସ ଟିମ୍ ମୀରଙ୍କ କାର୍ଯ୍ୟାଳୟରେ ଚଢ଼ାଉ କରି ୨.୩୪ ଲକ୍ଷ ଟଙ୍କା ଜବତ କରିବା ସହ ତାଙ୍କୁ ଗିରଫ କରିଥିଲା। ସେହିଭଳି ଆହୁରି ଅନେକ ଅନିୟମିତତାର ଉଦାହରଣ ଯାଜପୁର ଦେଖିବାକୁ ମିଳିଛି। ଗତ ୩ ବର୍ଷ ମଧ୍ୟରେ ୧୦ରୁ ଉର୍ଦ୍ଧ୍ୱ ପିଡିଏସ୍ ଡିଲର ନିଲମ୍ବିତ ହୋଇଛନ୍ତି। ଜିଲାର ଧର୍ମଶାଳା ବ୍ଲକରେ ଗରିବ ଓ ମୃତ ଲୋକଙ୍କ ନାମରେ ରାଶନ ସାମଗ୍ରୀ ହଡ଼ପ ହୋଇଥିବା ନେଇ ଗତ ଏପ୍ରିଲରେ ପର୍ଦ୍ଦାଫାଶ ହୋଇଥିଲା। ଏହି ଅଭିଯୋଗ ହାଇକୋର୍ଟ ପର୍ଯ୍ୟନ୍ତ ପହଞ୍ଚିଥିଲା। ପରେ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଅଭିଯୋଗର ତଦନ୍ତ କରାଯାଇ ବିଡିଓ ଏବଂ ଯୋଗାଣ ନିରୀକ୍ଷକଙ୍କୁ ବଦଳିରେ କାର୍ଯ୍ୟାନୁଷ୍ଠାନ ସୀମିତ ରଖାଯାଇଥିଲା। ସେହିପରି ୨୦୧୯ ମାର୍ଚ୍ଚରେ ଜିଲା ଯୋଗାଣ ବିଭାଗର ଆକାଉଣ୍ଟ ସେକ୍ସନରେ ବେଆଇନ ଟଙ୍କା କାରବାର ନେଇ ଜଣେ ସାମାଜିକ କର୍ମୀଙ୍କ ଅଭିଯୋଗ କ୍ରମେ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ପରେ ସମ୍ପୃକ୍ତ ଅଧିକାରୀଙ୍କ ବଦଳିରେ କାର୍ଯ୍ୟାନୁଷ୍ଠାନ ସୀମିତ ରହିଗଲା। ୨୦୧୫ ନଭେମ୍ବରଠାରୁ ୨୦୧୭ ମାର୍ଚ୍ଚ ପର୍ଯ୍ୟନ୍ତ ଅଡିଟ ରିପୋର୍ଟରେ ବ୍ୟାପକ ଅନିୟମିତତା ଧରାପଡ଼ିଥିଲାବେଳେ ୬୨,୩୦୧ ଟଙ୍କା ଅସୁଲଯୋଗ୍ୟ ଓ ୩୯,୮୨,୫୬୪.୬୮ ଟଙ୍କାର କାରବାର ଉପରେ ପ୍ରଶ୍ନବାଚୀ ଲାଗିଥିଲା। ରାଇସ୍ ମିଲଗୁଡିକୁ ଅଯାଚିତ ଅନୁକମ୍ପା ଅଭିଯୋଗ ହେଉଥିବାବେଳେ ସାବିତ୍ରୀ ରାଇସ୍ ମିଲ୍ ବିରୋଧରେ ବିଭାଗର ଆଇନଗତ ଲଢେଇ ଜାରି ରହିଛି। ଏହାବାଦ୍ ଯୋଗ୍ୟ ଗରିବ ହିତାଧିକାରୀଙ୍କୁ ବାଦ୍ ଦେଇ ସ୍ୱଚ୍ଛଳ ବ୍ୟକ୍ତିମାନେ ସରକାରଙ୍କ ରାଶନ ସାମଗ୍ରୀ ପାଉଥିବା ଅଭିଯୋଗ ହେଉଛି। ଯେଉଁ ଗରିବ ଶ୍ରେଣୀର ଲୋକ ରାଶନ ପାଉନାହାନ୍ତି ସେମାନେ ଜିଆରଏସ୍ ପୋର୍ଟାଲରେ ଅଭିଯୋଗ କରୁଛନ୍ତି। କିନ୍ତୁ ଉକ୍ତ ଅଭିଯୋଗଗୁଡିକର ସମାଧାନ ନ ହୋଇ ପଡ଼ି ରହୁଥିବାରୁ ସେମାନଙ୍କୁ ନ୍ୟାୟ ମିଳୁପାରୁନାହିଁ। ଏ ସଂକ୍ରାନ୍ତରେ ଯାଜପୁର ସିଏସ୍‌ଓ ପ୍ରଭାକର ପାତ୍ରଙ୍କୁ ପଚାରିବାରେ ସେ କହିଛନ୍ତି, ଜିଆରଏସ୍ ଅଭିଯୋଗ ପଡ଼ିରହିଥିବା ସମ୍ପର୍କରେ ସେ ପତ୍ର ପାଇଛନ୍ତି। ୧୫ ଦିନ ମଧ୍ୟରେ ସେସବୁ ଅଭିଯୋଗର ସମାଧାନ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

## ଶପଥ ନେଲେ...

ଯୋଗ ଦେଇଥିଲେ। ଆଇନ ମନ୍ତ୍ରୀ ପ୍ରତାପ ଜେନା, ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକ, ହାଇକୋର୍ଟ ବିଚାରପତିଗଣ, ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲ, ବରିଷ୍ଠ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।

ମୁଖ୍ୟବିଚାରପତି ମୁରଲୀଧର ପଞ୍ଜାବ ଓ ହରିୟାଣା ହାଇକୋର୍ଟରେ ବିଚାରପତି ଭାବେ ଦାୟିତ୍ୱ ନିର୍ବାହ କରିଥିବା ବେଳେ କିଛିଦିନ ପୂର୍ବରୁ ତାଙ୍କୁ ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ମିଳିଥିଲା।

ଜଷ୍ଟିସ ମୁରଲୀଧର ୧୯୬୧ ଅଗଷ୍ଟ ୮ ତାରିଖରେ ଜନ୍ମ ଗ୍ରହଣ କରିଥିଲେ। ୧୯୮୪ରେ ଚେନ୍ନାଇ ସିଭିଲ କୋର୍ଟରେ ସେ ଆଡ୍‌ଭୋକେଟ ଭାବେ ନିଜର କର୍ମମୟ ଜୀବନ ଆରମ୍ଭ କରିଥିଲେ। ପଞ୍ଜାବ ଓ ହରିୟାଣା ହାଇକୋର୍ଟର ବିଚାରପତି ଭାବେ ଦାୟିତ୍ୱ ନିର୍ବାହ କରିବା ପରେ ସେ ୨୦୦୬ରେ ଦିଲ୍ଲୀ ହାଇକୋର୍ଟରେ ବିଚାରପତି ଭାବେ ଦାୟିତ୍ୱ ତୁଲାଇଥିଲେ। ସେ ୨୦୦୪ରୁ ୨୦୦୬ ପର୍ଯ୍ୟନ୍ତ ସୁପ୍ରିମକୋର୍ଟ ଲିଗାଲ ସର୍ଭିସେସର ସଦସ୍ୟ ଥିଲେ। ତାଙ୍କର ସାମ୍ବିଧାନିକ, ନିର୍ବାଚନ, କ୍ରାଇମ ଓ ମାନବାଧିକାର ମାମଲା ବିଚାର କରିବାର ଦକ୍ଷ ଅଭିଜ୍ଞତା ରହିଛି।

## '୩୦ ସୁଦ୍ଧା...

୩,୩୦,୪୯୨ରେ ପହଞ୍ଚିଛି। ସେହିପରି ମୃତ୍ୟୁ ସଂଖ୍ୟା ମଧ୍ୟ କମିଯାଇଛି। ଗତ ୨୪ଘଣ୍ଟାରେ ୨ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ବାଲେଶ୍ୱର ଓ ସୁନ୍ଦରଗଡ଼ରୁ ଜଣେ ଲେଖାଏ ରହିଛନ୍ତି। ଏବେ ରାଜ୍ୟରେ ମୋଟ କରୋନାଜନିତ ମୃତ୍ୟୁ ସଂଖ୍ୟା ୧,୮୮୫କୁ ଛୁଇଁଛି।

# କେସ୍ ଡାଏରି ଦାଖଲ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

## ବିଧାୟକ ପ୍ରଦୀପଙ୍କ ଜାମିନ ଆବେଦନ ମାମଲା

**କଟକ ଅଫିସ,୪।୧(ଡି.ଏନ.ଏ.):** ପୂର୍ବତନ ମନ୍ତ୍ରୀ ତଥା ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ଜାମିନ ଆବେଦନର ଶୁଣାଣି ସୋମବାର ହାଇକୋର୍ଟରେ ହୋଇଥିଲା। ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଦେବବ୍ରତ ଦାସ ଏହି ମାମଲାର ଶୁଣାଣି କରି କେସ୍ ଡାଏରି ଦାଖଲ କରିବାକୁ କ୍ରାଇମବ୍ରାଞ୍ଚକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ଟାଟା କମ୍ପାନୀରେ ଚାକିରି ଲୋଭ ଦେଖାଇ ନିଲମ୍ବିତ ଆଇଏଫ୍ଏସ୍ ଅଭୟକାନ୍ତ ପାଠକଙ୍କ ପୁଅ ଆକାଶ ଲୋକଙ୍କଠାରୁ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଥିଲା। ଏଥିରେ ବିଧାୟକ ପାଣିଗ୍ରାହୀଙ୍କ ସମ୍ପୃକ୍ତି ଥିବା ଅଭିଯୋଗରେ କ୍ରାଇମବ୍ରାଞ୍ଚ ତାଙ୍କୁ ଗତ ଡିସେମ୍ବର ୪ ତାରିଖରେ ଗିରଫ କରି ଝାରପଡା ଜେଲକୁ ପଠାଇଥିଲା। ପରେ ପାଣିଗ୍ରାହୀ ଭୁବନେଶ୍ୱର ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ନିକଟରେ ଜାମିନ ପାଇଁ ଆବେଦନ କରିଥିଲେ। ହେଲେ କୋର୍ଟ ଜାମିନ ଆବେଦନ ଖାରଜ କରିଦେବା ପରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।


# classifieds Everyday
0674-2580101, 2549302

real estate

**SALE**

**2000sqft. corner plot &1500sqft. middle plot near Mount Litera Zee School, Kateni, Bhubaneswar @ Rs 750/- per sqft. for sale. Immediate contact: 9937162220.** D-19465

Bhubaneswar ସୁନ୍ଦରପଦାରେ ଆଜି ଘର କରିବା ପ୍ଲଟ୍ sqft.-950/- investment plot near Xavier University-299/-, Deras (Kateni) 650/- Lipsa- 9938016295. D-70139

**Earthquake proof 2BHK flat in Apartment Avantika near Gokul Residency on Rasulgarh GGP Pandra road for immediate sale with special discount. Contact: 9437396718, 8763935874 during office hour.** D-69953

ଭୁବନେଶ୍ୱର ପଟିଆ Rly.station 1.5k.m. 1200ବର୍ଗଫୁଟକୁ 6,60,000/- ଦେଇ ତୁରନ୍ତ ଘର କରନ୍ତୁ। 8249005131, 9583328312. D-70144

Only 2Nos. of premium duplex 7BHK left near KIIT Jagannath Mandir 1.15 crore negotiable. 9937095445. D-69600

**ଭୁବନେଶ୍ୱର ଗୋଠପାଟଣା IIIT, Birla Global University ପାଖରେ ଘରବାରି yellowzone, 30' road, ଇଲେକ୍ଟ୍ରିସିଟି ଥାଇ plot ମିଳୁଛି। 1st possession/ registration. 9937819395.** D-70125

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,40,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 9776974912, 9348232008. D-70133

କଟକ ନନ୍ଦନକାନନ ମଧ୍ୟରେ ସ୍ଥିତିବାନ ପ୍ଲଟ୍ ବର୍ଗଫୁଟ ୪୯୯/-ରେ ମିଳୁଛି। **9776862716, 7008068622.** D-69358

**Bhubaneswar. Khordha NH side Pitapalli Chhaka ନିକଟରେ plot ମିଳୁଛି। 9090963952.** D-70141

ଭୁବନେଶ୍ୱର ସୁନ୍ଦରପଦା **Xavier University back side**ରେ ଘରବାରି ପ୍ଲଟ୍ ମିଳୁଅଛି। **7848882166.** D-70142

ଭୁବନେଶ୍ୱରରେ ସାମନ୍ତରାପୁର ନୂଆଗାଁ, ଗଙ୍ଗପଡ଼ା, ମଦନପୁରରେ ଘରବାରି ପ୍ଲଟ୍ ବିକ୍ରିହେବ। **9437287595, 7978747764.** D-19454

healthcare

Swarna SPA newly open positively health benefits with expert therapist. 9556978408. D-70080

Rejuvenate and Ayurvedic full body massage by smart therapist. 9348123330. D-70081

Revitalize your self with our ayurvedic massage and refreshment, Call: 7381239385. D-70075

**ଡା. ଅଞ୍ଜନ ଷଡ଼ଙ୍ଗୀ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ, ଓମ୍ ସେବା ପଲ୍ଲିକ୍ଲିନିକ୍, ସାତ ମହଲା ହସ୍‌ପିଟାଲ ରୋଡ୍, ବାରିପଦା। Mob: 9861133366, 8917663804.** D-19432

Experience full body massage with expert therapists. Call: 7377048581. D-70076

Refreshing your mind & body with best therapy at Lotus SPA. 8018234866. D-70405

Newly open SPA offer @788/-, positively health benefits, Jaydevbihar. 8114970372. D-19466

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** କର୍ମକ୍ଷେତ୍ରରେ କର୍ମଚାରୀଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିବ। ସାମାଜିକସ୍ତରରେ କାମ ହାସଲ ସକାଶେ ବିବାଦୀୟ ପରିସ୍ଥିତିର ଦୃଢ ମୁକାବିଲା କରିବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ, ପରିବହନରେ ସାମାନ୍ୟ ଶିଥିଳତା ଦେଖାଦେବ। ପାରିବାରିକ କ୍ଷେତ୍ର ଓ ଆର୍ଥିକ ସ୍ଥିତି ପ୍ରାୟତଃ ପୂର୍ବପରି ରହିବ।

**ବୃଷ** କର୍ମକ୍ଷେତ୍ରରେ ସହକର୍ମୀଙ୍କ ଅକାଟ୍ୟ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ ହେବେ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ନ ପହଞ୍ଚିବାରୁ ବ୍ୟସ୍ତତା ବୃଦ୍ଧିପାଇବ। ଆଜିର ଯାତ୍ରାରେ ଲକ୍ଷ୍ୟସ୍ଥଳକୁ ଯିବାରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ।

**ମିଥୁନ** ଆଜି ବିବାଦୀୟ କଥାରେ ମଧ୍ୟସ୍ଥତା କଲେ ଅପମାନିତ ହେବାକୁ ପଡିବ। ବହୁ ବିଳମ୍ବରେ କାମଗୁଡିକ ଠିକ୍ ଭାବରେ ସମ୍ପନ୍ନ ହେବାରୁ ବ୍ୟସ୍ତତା ବୃଦ୍ଧିପାଇବ। ଆଲୋଚନା ପରିସରରେ ପୁରୁଣା କଥାକୁ ବେଶି ଦୋହରାଇବା ଠିକ୍ ହେବନି। ଅପରାହ୍ନରେ ଆଶା କରିଥିବା ଜିନିଷଟି ପାଇ ଖୁସି ହେବେ।

**କର୍କଟ** ସ୍ୱାସ୍ଥ୍ୟ ଭଲ ରହିବା ସଙ୍ଗକୁ ଆଶା କରିଥିବା ଦିଗରୁ ଅର୍ଥଲାଭକରି ଖୁସି ହେବେ। ସରକାରୀସ୍ତରରୁ ପ୍ରତୀକ୍ଷା କରିଥିବା କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। ଶିଳ୍ପ, ବାଣିଜ୍ୟରେ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡିବ। ବନ୍ଧୁମାନଙ୍କ ସହାୟତାରେ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ।

**ସିଂହ** କର୍ମକ୍ଷେତ୍ରରେ ଧୀର ପାଣି ପଥର କାଟେ ନୀତିରେ କାମ ହାସଲ କରିବେ। କାର୍ଯ୍ୟଦକ୍ଷତା କାରଣରୁ ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ। କେତେକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବାକୁ ଶ୍ରେୟସ୍କର ମନେ କରିପାରନ୍ତି। ବନ୍ଧୁ ଗହଣରେ ଅପ୍ରିୟ ସତ କଥା କହି ବିରୋଧୀ ହେବେ।

**କନ୍ୟା** ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବାରୁ କେତେକାଂଶରେ ଆଶ୍ୱସ୍ତି ଲାଭ କରିବେ। ଦୀର୍ଘ ଦିନର ପାରିବାରିକ ସମସ୍ୟା, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିବେ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଆର୍ଥିକ ଅନଟନ ହେତୁ କେତେକ ଆବଶ୍ୟକତା ଅପୂରଣ ରହିଯାଇ ପାରେ।

**ତୁଳା** ଅପ୍ରିୟ ସତ୍ୟ ପ୍ରକାଶ କରି କର୍ମକ୍ଷେତ୍ରରେ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ଅଫିସରେ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ନୂତନ ଯୋଜନାରମ୍ଭରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ମତଭେଦଜନିତ ପାରିବାରିକ ଅଶାନ୍ତି କାରଣରୁ ଅନ୍ୟମନସ୍କ ରହିପାରନ୍ତି।

**ବିଛା** କର୍ମକ୍ଷେତ୍ରରେ ଦାୟିତ୍ୱହୀନ କାର୍ଯ୍ୟକଳାପ ସମସ୍ୟାକୁ ବଢାଇ ଦେବ। ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। ଜମିଜମା ସମ୍ବନ୍ଧୀୟ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ମାଙ୍ଗଳିକ କାର୍ଯ୍ୟ ସକାଶେ କୌଣସି ଦୂରାଗତ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି।

**ଧନୁ** କୌଣସି ଜଣାଶୁଣା ବନ୍ଧୁଙ୍କ ଦ୍ୱାରା ବହୁତଦିନରୁ ଅଟକି ରହିଥିବା କାମଟି କରାଇ ନେବେ। ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ସାମୟିକ ବ୍ୟାହତ ହୋଇପାରେ। ଅର୍ଥାଭାବ ଯୋଗୁ ବିଚଳିତ ହେବେ। ପୂର୍ବାଷାଢା ନକ୍ଷତ୍ର ଧୈର୍ଯ୍ୟ ଧରି କର୍ମ କରିପାରିଲେ ସଫଳତା ହାସଲ କରିପାରିବେ।

**ମକର** ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ। ବନ୍ଧୁଙ୍କ ସହ ଅଧିକାଂଶ ସମୟ ଆଳାପ ଆଲୋଚନାରେ କଟାଇବାର ସୁଯୋଗ ପାଇବେ। ଆତ୍ମୀୟଙ୍କ ସହ ଆକସ୍ମିକ କଳହଜନିତ ଅନ୍ୟମନସ୍କ ରହିପାରନ୍ତି। ନିରୁତ୍ସାହିତ ହୋଇ କର୍ମକ୍ଷେତ୍ର ପ୍ରତି ଉଦାସୀନ ରହିବାରୁ ସମାଲୋଚିତ ହୋଇପାରନ୍ତି।

**କୁମ୍ଭ** ପରିବାରର ଆବଶ୍ୟକତା ପୂରଣ କରିବା ସକାଶେ ଧାର ଉଧାର କରିବାକୁ ପଡ଼ିପାରେ। ପାଖ ପଡ଼ୋଶୀଙ୍କ ସହଯୋଗ ଲାଭକରି ଦୀର୍ଘଦିନରୁ ଚିନ୍ତା କରିଥିବା କାମଟିକୁ ପୂରଣ କରିପାରିବେ। ସ୍ତ୍ରୀଙ୍କ ସାମୟିକ ସ୍ୱାସ୍ଥ୍ୟହାନି ଯୋଗୁଁ ମନ ଅଶାନ୍ତ ରହିବାର ଆଶଙ୍କା ରହିଛି।

**ମୀନ** କର୍ମକ୍ଷେତ୍ରରେ ହଠାତ୍ ବିରୋଧୀ ପକ୍ଷ ସକ୍ରିୟ ହୋଇ ଉଠିବେ। ଖଳ ଲୋକଙ୍କ ନ ଶୁଣା କଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବ ଏବଂ ଆର୍ଥିକ ସ୍ଥିତି ମଧ୍ୟ ବଦଳିଯିବ। ପଡ଼ୋଶୀମାନେ ପାରିବାରିକ ସମ୍ପର୍କ ବୃଦ୍ଧି ପାଇଁ ଚେଷ୍ଟିତ ହେବେ।

ଆଜି ପୌଷ କୃଷ୍ଣ ସପ୍ତମୀ ମଙ୍ଗଳବାର, ଜାନୁୟାରୀ ୫ ତାରିଖ, ଦଶମ ଶିଖଗୁରୁ ଗୋବିନ୍ଦ ସିଂହଙ୍କ ଜୟନ୍ତୀ(୦୫।୦୧।୧୬୬୬), ରାଶିନକ୍ଷତ୍ର-ଉତ୍ତରା ଫାଲଗୁନୀ/କନ୍ୟା, ବୃଷ ରାଶିର ଘାତଚନ୍ଦ୍ର, ମକର ରାଶିର ଘାତବାର, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬.୨୬ମି. ଗତେ ଘ.୦୭.୦୯ମି. ମଧ୍ୟେ, ଘ.୦୭.୫୩ମି. ଗତେ ଘ.୧୧.୩୦ମି. ମଧ୍ୟେ ଅମୃତ ବେଳା। ସନ୍ଧ୍ୟା ଘ.୦୫.୧୭ମି. ଗତେ ଘ.୦୭.୫୫ମି. ମଧ୍ୟେ ମାହେନ୍ଦ୍ର ବେଳା। ଅପରାହ୍ନ ଘ.୦୨.୩୪ମି. ଗତେ ଘ.୦୫.୫୬ମି. ମଧ୍ୟେ ମାହେନ୍ଦ୍ର ବେଳା।

**'ବୁଷ୍ଟର ଡୋଜ୍ ବିଳମ୍ବ ହେଲେ ଟିକା କାମ କରି ନପାରେ'**

**ଫ୍ରାଙ୍କଫର୍ଟ:** ଆମେରିକାର ଫାଇଜର ଏବଂ ଜର୍ମାନୀର ବାୟୋଏନ୍‌ଟେକ୍ ପ୍ରସ୍ତୁତ କୋଭିଡ୍ ଟିକାର ପ୍ରଥମ ଡୋଜ୍ ଏବଂ ପରବର୍ତ୍ତୀ ବୁଷ୍ଟର ଡୋଜ୍ ମଧ୍ୟରେ ଯେତିକି ବ୍ୟବଧାନ ରହିବା କଥା ତାହାଠାରୁ ବିଳମ୍ବ ହେଲେ ଏହା କାର୍ଯ୍ୟ କରିବ କି ନାହିଁ ତା'ର କୌଣସି ପ୍ରମାଣ ନାହିଁ। ଟିକା ପରୀକ୍ଷା ସମୟରେ ପ୍ରଥମ ଡୋଜ୍‌ର ୨୧ ଦିନ ପରେ ଦ୍ୱିତୀୟ ଡୋଜ୍ ଦିଆଯାଇଥିଲା। ଭିନ୍ନ ଭିନ୍ନ ସମୟ ଅନ୍ତରରେ ଟିକାର ନିରାପତ୍ତା ଓ ଫଳପ୍ରଦତାର ମୂଲ୍ୟାୟନ ହୋଇନାହିଁ ବୋଲି ଉଭୟ କମ୍ପାନୀ ପକ୍ଷରୁ ମିଳିତ ବିବୃତିରେ କୁହାଯାଇଛି।

| ପର୍ଯ୍ୟଟନସ୍ଥଳୀ |

## ପର୍ଯ୍ୟଟନ ବିଭାଗର ଦୃଷ୍ଟି ଆଢୁଆଳରେ
# ଗୋବରଗୋଲା ଜଳପ୍ରପାତ



ପର୍ଯ୍ୟଟନ ଋତୁ ଆସିଲେ କଳାହାଣ୍ଡି ଜିଲାର ପର୍ଯ୍ୟଟନସ୍ଥଳୀ ମଧ୍ୟରୁ ମନେପଡେ ଗୋବରଗୋଲା ଜଳ ପ୍ରପାତ। ଜିଲାର ସଦରମହକୁମା ଭବାନୀପାଟଣାଠାରୁ ଏହାର ଦୂର ପ୍ରାୟ ୪୫ କି.ମି.। ଜୁନାଗଡ ବ୍ଲକ ଅନ୍ତର୍ଗତ ବୁଡିଦର ପଞ୍ଚାୟତରେ ଏହି ମନୋରମ ପର୍ଯ୍ୟଟନସ୍ଥଳୀ ରହିଛି। ଏବେ ବି ଲୋକ ଲୋଚନକୁ ଆସି ପାରିନାହିଁ। ଚାରିଆଡେ ଜଙ୍ଗଲ ପାହାଡ ମଧ୍ୟରେ ଲୁଚି ରହିଛି ଏହି ଜଳପ୍ରପାତ। ଜଳପ୍ରପାତରେ ପ୍ରାୟ ୪୦ ଫୁଟ ଉପରୁ ତଳକୁ ପାଣିପଡୁଥିବା ବେଳେ ସବୁବେଳେ ୩୦ ଫୁଟରୁ ଅଧିକ ପାଣି ମହଜୁଦ ରହିଥାଏ। ତେବେ ଏଠାକୁ ଯିବାକୁ କୌଣସି ସୁବିଧା ନାହିଁ। ପର୍ଯ୍ୟଟନ ବିଭାଗର ନଜର ଏ ଯାଏଁ ପଡିନ ଥିବାବେଳେ ଜଙ୍ଗଲ ବିଭାଗ ଜଳପ୍ରପାତ ପାଖ ଗାଁ ଖୁଟୁଲୁଗୁଡା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରିଛି। ସେଠାରୁ ଆଉ ୧ କି.ମି. ଜଙ୍ଗଲ ରାସ୍ତାରେ ଚାଲି ଗଲେ ଏହି ମନୋରମ ସ୍ଥାନ ପଡିବ। ଯଦି ଚାରିଚକିଆରେ ଗଲେ ଅମଠାଗୁଡା ପର୍ଯ୍ୟନ୍ତ ଯାଇ ହେବ, ସେଠାରୁ ଆଉ ୨ କି.ମି. ଚାଲିବାକୁ ପଡିବ। ଗୋବରଗୋଲା ଯାଏଁ ରାସ୍ତା ଏବଂ ଜଳପ୍ରପାତର ଚାରିପଟେ ବ୍ୟାରିକେଡ ସହିତ ବିଶ୍ରାମାଗାର ଓ ପାନୀୟଜଳ ବ୍ୟବସ୍ଥା କରାଗଲେ ଯାତ୍ରୀଙ୍କୁ ସୁବିଧା ମିଳନ୍ତା ଓ ଜିଲାର ପର୍ଯ୍ୟଟନ ମାନଚିତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ନେଇପାରନ୍ତା।

**କେମିତି ଯିବେ**

ଭବାନୀପାଟଣାରୁ ବସ୍ ଯୋଗେ ଜୁନାଗଡକୁ ଯିବାକୁ ପଡିବ। ଜୁନାଗଡରୁ ଟ୍ୟାକ୍ସି କରି ପ୍ରାୟ ୧୮ କି.ମି. ଦୂର ବୁଡିଦର ପଞ୍ଚାୟତ ଅମଠାଗୁଡା ପର୍ଯ୍ୟନ୍ତ ଯିବାକୁ ହେବ। ସେଠାରୁ ୧ କି.ମି. ଯିବା ପରେ ସେହି ମନୋରମ ଦୃଶ୍ୟ ଦେଖିବା ସୁଯୋଗ ମିଳେ। ସ୍ଥାନଟିକୁ ଦେଖିବା ପରେ ଜୁନାଗଡକୁ ଆସି ହୋଟେଲରେ ରାତ୍ରିଯାପନ କରିପାରିବେ।

**– ରିପୋର୍ଟ: ଉତ୍ତମ କୁମାର ଦାଶ, ଜୁନାଗଡ଼**

# ସୁନ୍ଦର ସହର ଗଢ଼ି ତୋଳିବାକୁ ଆହ୍ୱାନ

## ରାମଲିଙ୍ଗେଶ୍ୱର ପୋଖରୀ ଉଦ୍‌ଘାଟିତ
### ଭିଡିଓ କନ୍‌ଫରେନ୍ସରେ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

ବ୍ରହ୍ମପୁର ଅଫିସ୍,୪।୧

ବ୍ରହ୍ମପୁର ମହାନଗରକୁ ଦେଶରେ ସୁନ୍ଦର ସହର ଭାବେ ଗଢ଼ି ତୋଳିବା ପାଇଁ ପରିକଳ୍ପନା କରାଯାଇଛି। ତେଣୁ ସମସ୍ତେ ମିଳିମିଶି ଏହାର ସଫଳ ରୂପାୟନ କରିବା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରେଶମ ନଗରବାସୀଙ୍କୁ ଆହ୍ୱାନ ଦେଇଛନ୍ତି। ସହରରେ ବାଣିଜ୍ୟ ଓ ଶିକ୍ଷାର ବ୍ୟାପକ ପ୍ରସାର ପାଇଁ ନିରନ୍ତର ଉଦ୍ୟମ ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ସୋମବାର ରାମଲିଙ୍ଗେଶ୍ୱର ପୋଖରୀ ସୌନ୍ଦର୍ଯ୍ୟକରଣ ଯୋଜନା ଓ ନବ ନିର୍ମିତ ପ୍ରମୋଦ ଉଦ୍ୟାନ(ପାର୍କ)କୁ ଭିଡିଓ କନ୍‌ଫରେନ୍ସରେ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ରାମଲିଙ୍ଗେଶ୍ୱର ପୋଖରୀ ସହରର ସ୍ୱାଭିମାନ। ଏହା ନିକଟରେ ରହିଥିବା ରାମଲିଙ୍ଗେଶ୍ୱର ମନ୍ଦିରରେ ମହାଦେବ ପୂଜା ପାଉଛନ୍ତି। ଏହା ଏକ ଧାର୍ମିକସ୍ଥଳୀ। ରାମଲିଙ୍ଗେଶ୍ୱର ପୋଖରୀର ସୌନ୍ଦର୍ଯ୍ୟକରଣ ଓଡ଼ିଶା ବିକାଶରେ ସହାୟକ ହୋଇପାରିବ। ଏହି ପୋଖରୀକୁ ସହରବାସୀ ନିଜର ବୋଲି ଭାବି ଯତ୍ନ ନେବାକୁ ସେ ପରାମର୍ଶ ଦେଇଥିଲେ। ଏହାର ପରିବେଶ ସୁରକ୍ଷା ଦିଗରେ ସମସ୍ତେ ସଚେତନ ହେବାକୁ ସୂଚାଇଥିଲେ। କୋଭିଡ୍ ମହାମାରୀ ସମୟରେ ଗଞ୍ଜାମ ଜିଲାର ଆର୍ଥିକ ସ୍ଥିତି ଦୋହଲି ଯାଇଥିଲା। ଜିଲାବାସୀଙ୍କ ସହଯୋଗ କାରଣରୁ ଗଞ୍ଜାମ ଜିଲା କରୋନା ମୁକାବିଲା କ୍ଷେତ୍ରରେ ବିଶ୍ୱରେ ଏକ ସ୍ୱତନ୍ତ୍ର ଉଦାହରଣ ସୃଷ୍ଟି କରିଛି। ମେଗା ପାନୀୟ ଜଳପ୍ରକଳ୍ପ ଜାନିବିଲି ନିର୍ମାଣ ଦ୍ୱାରା ସହରର ସମସ୍ୟାରେ ସୁଧାର ଆସିଛି। ଆଗାମୀ ଦିନରେ ମଧ୍ୟ ଆଉ କେତେକ ଯୋଜନା କାର୍ଯ୍ୟକାରୀ କରାଯିବାର ପ୍ରସ୍ତାବ ଅଛି।

ସୂଚନାଯୋଗ୍ୟ, ୧୨.୫୨ କୋଟି ଟଙ୍କା ବ୍ୟୟରେ ସୌନ୍ଦର୍ଯ୍ୟକରଣ କରାଯାଇଥିବା ରାମଲିଙ୍ଗେଶ୍ୱର ପୋଖରୀରେ ୧୫୦୦ ବର୍ଗ ମିଟରର ଉଦ୍ୟାନ, ଏହାର ଚତୁଃପାର୍ଶ୍ୱରେ ୬୨୦ମିଟର ପାଦଚଲା ରାସ୍ତା ଓ ୨୮୦ ମିଟର ଉଚ୍ଚତର ଚଲାପଥ ରହିଛି। ଏଥିସହ ୬ ଗୋଟି ୱାଚ୍ ଟାୱାର ସହ ୩୫ ଫୁଟ ଉଚ୍ଚତା ବିଶିଷ୍ଟ ମହାଦେବଙ୍କ ପ୍ରତିମୂର୍ତ୍ତି ରହିଛି। ପୋଖରୀ ମଧ୍ୟରେ ଆଲୋକୀକରଣର ବ୍ୟବସ୍ଥା ସାଙ୍ଗକୁ ବୋଟିଂର ବ୍ୟବସ୍ଥା କରାଯାଇଥିବା ଗଞ୍ଜାମ ଜିଲାପାଳ ତଥା ବିଏମ୍‌ସି ପ୍ରଶାସକ ବିଜୟ ଅମୃତା କୁଲାଙ୍ଗେ କହିଥିଲେ। ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ କୁମାର ପଣ୍ଡା, ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଜଙ୍ଗଲ, ପରିବେଶ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ବିଡିଏ ପୂର୍ବତନ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା, ପୂର୍ବତନ ମେୟର କେ.ମାଧବୀ, ଦକ୍ଷିଣାଞ୍ଚଳ ଆର୍‌ଡିସି ଟି. ଆଓ, ବ୍ରହ୍ମପୁର ଉପଜିଲାପାଳ ଭି. କୀର୍ତ୍ତିଭାସନ୍, ବିଏମ୍‌ସି କମିଶନର ସିଦ୍ଧେଶ୍ୱର ବଳିରାମ ବନ୍ଧାର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଭିଡିଓ କନ୍‌ଫରେନ୍ସରେ ବିଏମ୍‌ସିର ପୂର୍ବତନ କମିଶନର ତଥା ବର୍ତ୍ତମାନର ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ସାମିଲ ହୋଇଥିଲେ।






ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସରେ ସୋମବାର ବ୍ରହ୍ମପୁର ରାମଲିଙ୍ଗେଶ୍ୱର ପୋଖରୀ ଉଦ୍‌ଘାଟନ କରୁଛନ୍ତି(ବାମ)। କାର୍ଯ୍ୟକ୍ରମରେ ଉପସ୍ଥିତ ଲୋକପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ।

# ଆଇଏଫ୍‌ଏଫ୍‌ଆଇରେ ପ୍ରଦର୍ଶିତ ହେବ ୩ ଓଡ଼ିଆ ଫିଲ୍ମ

## ମନମୋହନ,ବିଜୟ, ଅଜିତଙ୍କୁ ଶ୍ରଦ୍ଧାଞ୍ଜଳି ଦେବ ମହୋତ୍ସବ








ଚଳଚ୍ଚିତ୍ର ଚିଲିକା ତୀରେ, ଭିଜାମାଟିର ସ୍ୱର୍ଗର ପୋଷ୍ଟର ଏବଂ ତାରା ଚଳଚ୍ଚିତ୍ରର ଦୃଶ୍ୟ।

ଭୁବନେଶ୍ୱର,୪।୧(ବ୍ୟୁରୋ)

ଦେଶର ସର୍ବବୃହତ୍ ଚଳଚ୍ଚିତ୍ର ମହୋତ୍ସବ 'ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ ଅଫ୍ ଇଣ୍ଡିଆ-୨୦୨୦' ଆଇଏଫ୍‌ଏଫ୍‌ଆଇ ଗୋଆରେ ଏଥର ପ୍ରଦର୍ଶିତ ହେବ ୩ ଓଡ଼ିଆ ଚଳଚ୍ଚିତ୍ର। ଏହାସହ ଗତବର୍ଷ ପରଲୋକ ଗମନ କରିଥିବା ଓଡ଼ିଆ ଚଳଚ୍ଚିତ୍ର ଜଗତର ଦୁଇ ବରିଷ୍ଠ ଅଭିନେତା ବିଜୟ ମହାନ୍ତି ଓ ଅଜିତ ଦାସ ଏବଂ ଖ୍ୟାତନାମା ଫିଲ୍ମ ନିର୍ମାତା ମନମୋହନ ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିବ ଆଇଏଫ୍‌ଏଫ୍‌ଆଇ ଗୋଆର ଏହି ୫୧ତମ ସଂସ୍କରଣ। ୨୦୨୦ରେ ଫିଲ୍ମ ନିର୍ମାତା ତଥା ନିର୍ଦ୍ଦେଶକ ମନମୋହନଙ୍କ ପରଲୋକ ଘଟିଥିବାବେଳେ ତାଙ୍କୁ ସମ୍ମାନ ଜଣାଇ ଆଇଏଫ୍‌ଏଫ୍‌ଆଇରେ ମହାପାତ୍ରଙ୍କ ନିର୍ଦ୍ଦେଶିତ ଶେଷ ଚଳଚ୍ଚିତ୍ର 'ଭିଜା ମାଟିର ସ୍ୱର୍ଗ' ପ୍ରଦର୍ଶିତ କରାଯିବ। ୮ଥର ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଜିତିଥିବା ମନମୋହନ ଭାରତ ସରକାରଙ୍କ ପକ୍ଷରୁ ସମ୍ମାନଜନକ ପଦ୍ମଶ୍ରୀ ପୁରସ୍କାରରେ ପୁରସ୍କୃତ ହୋଇଥିଲେ। 'ଭିଜା ମାଟିର ସ୍ୱର୍ଗ' ପାଇଁ ସେ ଶ୍ରେଷ୍ଠ ନିର୍ଦ୍ଦେଶକ ପୁରସ୍କାର ମଧ୍ୟ ପାଇଥିଲେ। ସେହିଭଳି ସ୍ୱର୍ଗତ ବିଜୟ ମହାନ୍ତିଙ୍କ ଚିରସବୁଜ ଫିଲ୍ମ 'ଚିଲିକା ତୀରେ' ଏବଂ ଅଜିତ ଦାସଙ୍କ ଚଳଚ୍ଚିତ୍ର 'ତାରା' ପ୍ରଦର୍ଶିତ ହେବ। ଚଳଚ୍ଚିତ୍ର ଓ ମଞ୍ଚ ନାଟକ କ୍ଷେତ୍ରରେ ପ୍ରସିଦ୍ଧି ଅର୍ଜନ କରିଥିବା ସ୍ୱର୍ଗତ ଅଜିତ ଦାସ ଉଭୟ ଅଭିନୟ ଓ ନିର୍ଦ୍ଦେଶନା କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ତାଙ୍କ ଅଭିନୀତ ଓଡ଼ିଆ ଚଳଚ୍ଚିତ୍ର 'ତାରା'ର ନିର୍ଦ୍ଦେଶନା ଅଭିନେତ୍ରୀ ତଥା ନିର୍ଦ୍ଦେଶିକା ବିଜୟା ଜେନା ଦେଇଥିବାବେଳେ ଏହି ଚଳଚ୍ଚିତ୍ର ଅଜିତଙ୍କ ଅଭିନୀତ ଶ୍ରେଷ୍ଠ ଚଳଚ୍ଚିତ୍ର ମଧ୍ୟରୁ ଅନ୍ୟତମ ଥିଲା। ସେହିଭଳି 'ଚିଲିକା ତୀରେ' ବିଜୟ ମହାନ୍ତିଙ୍କ ଅଭିନୀତ ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର ଥିଲା।

# ଦଳ ଛାଡ଼ିବା ପରେ ନିଲମ୍ବନ ହେଲେ ଭଗବାନ

ଭୁବନେଶ୍ୱର,୪।୧(ବ୍ୟୁରୋ)

ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଦଳ ବିରୋଧୀ କାର୍ଯ୍ୟ ଏବଂ ଦଳୀୟ ଅନୁଶାସନ ଭଙ୍ଗ ଦର୍ଶାଇ ପୁରୀ ଜିଲା ବ୍ରହ୍ମଗିରି ମଣ୍ଡଳ ସଭାପତି ଭଗବାନ ନାୟକଙ୍କୁ ପ୍ରାଥମିକ ସଦସ୍ୟ ପଦରୁ ନିଲମ୍ବନ କରାଯାଇଛି। ଏନେଇ ଦଳର ରାଜ୍ୟ ମୁଖପାତ୍ର ଠାକୁର ରଣଜିତ୍ ଦାସ ସୂଚନା ଦେଇଛନ୍ତି । ଅନ୍ୟପଟେ ମିଳିଥିବା ସୂଚନା ମୁତାବକ ଭଗବାନ ଗତ ୩୧ ତାରିଖରେ ପୁରୀ ଜିଲା ସଭାପତି ଏବଂ ବ୍ରହ୍ମଗିରି ବିଧାୟକଙ୍କ ନିକଟକୁ ତାଙ୍କ ଇସ୍ତଫାପତ୍ର ପଠାଇ ଦେଇଥିଲେ। ସେ ତାଙ୍କ ବ୍ୟକ୍ତିଗତ କାରଣରୁ ଦଳ ଛାଡିବା ସହିତ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଉଥିବା ଜଣାଇଥିଲେ।

# ଚଳିତ ବର୍ଷ ବରୁଣେଶ୍ୱର ମେଳା ବନ୍ଦ

**ବିଞ୍ଝାରପୁର,୪।୧(ଡି.ଏନ.ଏ.):** କୋଭିଡ କଟକଣା ପାଇଁ ଚଳିତ ବର୍ଷ ଯାଜପୁର ଜିଲାର ବିଞ୍ଝାରପୁର ବ୍ଲକରେ ପ୍ରତିବର୍ଷ ଅନୁଷ୍ଠିତ ହେଉଥିବା ପ୍ରସିଦ୍ଧ ବରୁଣେଶ୍ୱର ମେଳା ହେବନାହିଁ। ସୋମବାର ଅନୁଷ୍ଠିତ ବୈଠକରେ ପ୍ରଶାସନ ପକ୍ଷରୁ ଏ ନେଇ ଘୋଷଣା କରାଯାଇଛି। ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ନନ୍ଦକିଶୋର ସାମଲ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବିଜେଡି ମୁଖ୍ୟସଚେତକ ପ୍ରମିଳା ମଲ୍ଲିକ, ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ବିଡିଓ ମୀନତି ଜଗଦେବ, ତହସିଲଦାର ଅସ୍ମିତା ଦାଶ, ସରପଞ୍ଚ ଦେବାନନ୍ଦ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ଅତିରିକ୍ତ ଜିଲାପାଳ ମହାନ୍ତି କହିଲେ, କୋଭିଡ କଟକଣାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ବରୁଣେଶ୍ୱର ମେଳା ଉପରେ କଟକଣା ଲଗାଯାଇଛି।

# ଓଏଚ୍‌ଆର୍‌ସିଙ୍କ ନିକଟରେ ପିଟିଶନ

## ରାଉରକେଲା ଥାନାରେ ନାବାଳକ ନିର୍ଯାତନା ଘଟଣା

ଭୁବନେଶ୍ୱର,୪।୧(ବ୍ୟୁରୋ)

ରାଉରକେଲା ଉଦିତ୍‌ନଗର ଥାନାରେ ଗତ ଡିସେମ୍ବର ୨୬ରେ ଜଣେ ନାବାଳକଙ୍କୁ ପୋଲିସ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଥିଲା। ଏକ ମୋବାଇଲ ଚୋରି ଅଭିଯୋଗରେ ବାପା ମା' ଛେଉଣ୍ଡ ନବମ ଶ୍ରେଣୀ ଛାତ୍ରଙ୍କୁ ପୋଲିସ ୨୦ ଘଣ୍ଟାରୁ ଅଧିକ ସମୟ ଥାନାରେ ଅଟକ ରଖି ନିସ୍ଥୁକ ମାଡ଼ ମାରିବା ସହ ଇଲେକ୍‌ଟ୍ରିକ୍ ଚେଙ୍କ ଦିଆଯାଇଥିବା ନେଇ ନାବାଳକ ଜଣକ ଗଣମାଧ୍ୟମରେ ପ୍ରକାଶ କରିଥିଲେ। ଏ ଘଟଣା ରାଜ୍ୟ ମାନବ ଅଧିକାର କମିଶନ (ଓଏଚ୍‌ଆର୍‌ସି)ଙ୍କ ନିକଟରେ ପହଞ୍ଚିଛି। ମାନବ ଅଧିକାର କର୍ମୀ ପ୍ରଦୀପ୍ତ ନାୟକ ଓଏଚ୍‌ଆର୍‌ସିରେ ଅଭିଯୋଗ କରିବା ସହ ସମ୍ପୃକ୍ତ ପୋଲିସ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସେ ତାଙ୍କ ପିଟିଶନରେ ଉଲ୍ଲେଖ କରିଛନ୍ତି, ପୋଲିସର ଏହି ନିର୍ଯାତନା ଧର୍ତ୍ତବ୍ୟ ଅପରାଧ। ପୋଲିସ ଜୁଭେନାଇଲ ହୋମ୍‌କୁ ପଠାଇବା ପରେ ଜୁଭେନାଇଲ ବୋର୍ଡ ଏହାର ଶୁଣାଣି କରିବା କଥା। ପୀଡ଼ିତ ନାବାଳକଙ୍କ ଅଭିଯୋଗ ମୁତାବକ, ପ୍ରଚଣ୍ଡ ଶୀତ ରାତିରେ ପୋଲିସ ତାଙ୍କୁ ନିର୍ଘାତ ମାଡ଼ ମାରି ଇଲେକ୍‌ଟ୍ରିକ୍ ଚେଙ୍କ ଦେବା ସହ ଭୋକ ସତ୍ତ୍ୱେ ଖାଇବାକୁ ଦେଇ ନ ଥିଲା। ନାବାଳକ ଜଣକ ଅନ୍‌ଲାଇନ୍ ପାଠପଢା ନିମନ୍ତେ ଜେଜେମା'ଙ୍କଠାରୁ ଟଙ୍କା ନେଇ ମୋବାଇଲ୍ କିଣିଥିବାର ରସିଦ୍ ଦେଖାଇବା ପରେ ୨୭ ତାରିଖରେ ଥାନାରୁ ମୁକୁଳିଥିଲେ। ଘଟଣା ସଂକ୍ରାନ୍ତରେ ଗଣମାଧ୍ୟମ ପ୍ରତିନିଧି ଓ ସାମାଜିକ କର୍ମୀଙ୍କୁ ଜଣାଇଥିଲେ। ପୋଲିସର ଏପରି କାଣ୍ଡ ଯୋଗୁ ପିଲାର ମାନସିକ, ଶାରୀରିକ ସୁରକ୍ଷା, ନିରାପତ୍ତା ଓ ଆତ୍ମସମ୍ମାନ ଅଧିକାର ଉଲ୍ଲଂଘନ ହୋଇଛି। ରାଉରକେଲା ଏସ୍‌ପି ଘଟଣାର ତଦନ୍ତ କରି ରିପୋର୍ଟ ଦାଖଲ ସହ ଦୋଷୀ ପୋଲିସ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଓ ପୀଡ଼ିତ ନାବାଳକଙ୍କୁ କ୍ଷତିପୂରଣ ଦେବାକୁ ମାନବାଧିକାର କର୍ମୀ ନାୟକ ଅପିଲ କରିଛନ୍ତି।




# ଉଚ୍ଚଶିକ୍ଷାନୁଷ୍ଠାନ ଖୋଲିବାକୁ କର୍ତ୍ତୃପକ୍ଷଙ୍କୁ ଚିଠି

ଭୁବନେଶ୍ୱର,୪।୧(ବ୍ୟୁରୋ)

ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ଆସନ୍ତା ୧୧ ତାରିଖରୁ ଖୋଲିବ। ୟୁଜି ଓ ପିଜିର ଶେଷବର୍ଷ ଛାତ୍ରୀଛାତ୍ରଙ୍କ ପାଇଁ ଉଚ୍ଚଶିକ୍ଷାନୁଷ୍ଠାନ ଖୋଲିବ। ୟୁଜିସିର ନିର୍ଦ୍ଦେଶାବଳୀକୁ ଆଧାର କରି ଖୋଲିବାକୁ ସୋମବାର ଉଚ୍ଚଶିକ୍ଷା ବିଭାଗ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ କୁଳପତି, ସରକାରୀ ଓ ବେସରକାରୀ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଚିଠି ଲେଖିଛନ୍ତି। ଏଥିସହିତ ଉଚ୍ଚଶିକ୍ଷାନୁଷ୍ଠାନ ଖୋଲିବା ପାଇଁ ଜାରି କୋଭିଡ୍ ନିର୍ଦ୍ଦେଶାବଳୀକୁ ପାଳନ କରିବାକୁ କୁହାଯାଇଛି।

ଏଠାରେ ଉଲ୍ଲେଖଯୋଗ୍ୟ, ଆସନ୍ତା ୧୧ ତାରିଖରୁ ୨୦୨୦-୨୧ ଶିକ୍ଷାବର୍ଷର ୟୁଜି ଓ ପିଜିର ଶେଷ ବର୍ଷ ଛାତ୍ରୀଛାତ୍ରଙ୍କ ପାଇଁ କଲେଜ ଓ ବିଶ୍ୱବିଦ୍ୟାଳୟ ଖୋଲିବ ବୋଲି ରବିବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଘୋଷଣା କରାଯାଇଥିଲା। ଏଥିସହିତ ୟୁଜି ଓ ପିଜି ଶେଷବର୍ଷ ପରୀକ୍ଷା ପାଇଁ ମଧ୍ୟ ତାରିଖ ଘୋଷଣା ହୋଇଛି।

# ଯୁବତୀଙ୍କ ମୃତଦେହ ଜବତ

## ସେଲ୍‌ଫି ନେବାବେଳେ ଇବ୍‌ନଦୀରେ ଖସିପଡ଼ିବା ଘଟଣା
### ବିବାହ ପାଇଁ ସରିଥିଲା ନିର୍ବନ୍ଧ

ସୁନ୍ଦରଗଡ଼/ବାଲିଶଙ୍କରା, ୪।୧ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ ଅନ୍ତର୍ଗତ ଇବ୍‌ନଦୀର ଘୋଘର କନାକୁଣ୍ଡ ଘାଟକୁ ରବିବାର ପିକ୍‌ନିକ୍ କରିବାକୁ ଆସି ନଦୀରେ ଖସିପଡ଼ିଥିବା ଯୁବତୀ ଅନୁପମା ପ୍ରଜାପତି(୨୪)ଙ୍କ ମୃତଦେହ ସୋମବାର ମିଳିଛି। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ସୁନ୍ଦରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଯାଇଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଅନୁପମାଙ୍କ ବିବାହ ଆସନ୍ତା ଫେବୃୟାରୀ ୧୬ରେ ହେବାକୁ ସ୍ଥିର ହୋଇଥିଲା। ଏଥିପାଇଁ ଗତ ନଭେମ୍ବରରେ ଅନୁପମାଙ୍କ ନିର୍ବନ୍ଧ ମଧ୍ୟ ସରିଥିଲା।

ସୂଚନାଯୋଗ୍ୟ, ରବିବାର ରାଜଗାଙ୍ଗପୁର କୁମ୍ଭାରପଡାର ଅବସରପ୍ରାପ୍ତ ବ୍ୟାଙ୍କ ଅଫିସର ଆତ୍ମାରାମ ପ୍ରଜାପତି, ସ୍ତ୍ରୀ କିରଣଦେବୀ, ଝିଅ ଅନୁପମା, ନବବିବାହିତା ପୁତ୍ରବଧୂ ଆରତୀଙ୍କ ସମେତ ଅନୁପମାଙ୍କ ସହକର୍ମୀ ଓ ସାଙ୍ଗଙ୍କୁ ମିଶାଇ ପ୍ରାୟ ୧୫ଜଣ ଘୋଘର କନାକୁଣ୍ଡ ଘାଟକୁ ପିକ୍‌ନିକ୍ କରିବାକୁ ଆସିଥିଲେ। ମଧ୍ୟାହ୍ନ ପ୍ରାୟ ୧୨ଟା ୩୦ ବେଳେ ଅନୁପମା ସହକର୍ମୀ ଓ ସାଙ୍ଗଙ୍କ ସହ ନଦୀମଧ୍ୟରେ ଥିବା ପଥର ଉପରେ ଠିଆ ହୋଇ ସେଲ୍‌ଫି ନେଉଥିବାବେଳେ ହଠାତ୍ ଭାରସାମ୍ୟ ହରାଇ ନଦୀ ପାଣିରେ ଖସି ପଡିଥିଲେ।









ଆମେ ନିଜକୁ ଭାଗ୍ୟବାନ ମନେକରିବା ଉଚିତ। କାରଣ, ଭଗବାନ ଆମକୁ ସବଳ ବାହୁ ଯୁଗଳ ଦେଇଛନ୍ତି ଏବଂ ତାହାରି ବଳରେ ଆମେ ଯାହା କିଛି ସୁନ୍ଦର, ମଙ୍ଗଳମୟ ଓ ସତ୍ୟ- ସେସବୁକୁ ଧ୍ୱଂସ ବା ବିପଦ ମୁଖରୁ ରକ୍ଷା କରିବାକୁ ସମର୍ଥ ହେବା। -ଶ୍ରୀମା

# ବିହ୍ୱଳ

କରୋନା ଟିକା କୋଭିଶିଲ୍ଡ ଓ କୋଭାକ୍ସିନ୍‌କୁ ଜରୁରୀ ବ୍ୟବହାର ନିମନ୍ତେ ଭାରତର ଔଷଧ ମହାନିୟନ୍ତ୍ରକ (ଡିସିଜିଆଇ) ୩ ଡିସେମ୍ବରରେ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ଓ ଆଷ୍ଟ୍ରାଜେନିକା ଦ୍ୱାରା ବିକଶିତ ତଥା ଭାରତର ସିରମ ଇନ୍‌ଷ୍ଟିଚ୍ୟୁଟ୍ ଦ୍ୱାରା କୋଭିଶିଲ୍ଡ ପ୍ରସ୍ତୁତ କରାଯାଉଥିବା ବେଳେ ଭାରତ ବାୟୋଟେକ୍ କୋଭାକ୍ସିନ ଉଦ୍ଭାବନ ଓ ପ୍ରସ୍ତୁତ କରୁଛି। ଟିକାକୁ ମଞ୍ଜୁରୀ ମିଳିବା ଖବର ପ୍ରସାରିତ ହେବା ପରେ ଅନେକ ଭାରତୀୟ ଆଶ୍ୱସ୍ତ ହୋଇଛନ୍ତି। ହେଲେ ଉତ୍ତର ପ୍ରଦେଶର ସମାଜବାଦୀ ପାର୍ଟି ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବ କୋଭିଡ୍ ଟିକାକୁ ନେଇ ଦେଇଥିବା ମନ୍ତବ୍ୟ ଏବେ ଆଲୋଚନାର ବିଷୟ ପାଲଟିଛି। ନିକଟରେ ସେ କୋଭିଡ୍ ଟିକା ନେବେ ନାହିଁ ବୋଲି କହିଛନ୍ତି। କାରଣ ଦର୍ଶାଇବାକୁ ଯାଇ ଏସବୁକୁ 'ଭାଜପା ଟିକା' ବୋଲି ସେ ଅଭିହିତ କରିଛନ୍ତି। ଭାଜପା ନାମ ଉଠାଇଥିବାରୁ ତାଙ୍କୁ ସେହି ଦଳ ପକ୍ଷରୁ ସମାଲୋଚନା କରାଯାଉଛି।

ଏପଟେ ଡିସିଜିଆଇଙ୍କ ମନ୍ତବ୍ୟ ଶୁଣିଲେ ଆଶ୍ଚର୍ଯ୍ୟ ମନେହୁଏ। ଗୁଜବକୁ ରୋକିବା ଉଦ୍ଦେଶ୍ୟ ରଖି ଗଣମାଧ୍ୟମରେ ଦାବି କରାଯାଉଛି ଯେ ଏହି ଦୁଇ ଟିକା ୧୧୦ ପ୍ରତିଶତ ଫଳପ୍ରଦ ହେବ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ୧୦୦ ପ୍ରତିଶତ ହେଉଛି ସର୍ବାଧିକ ସଫଳତା। ଏବେବଡ଼ ସଂସ୍ଥା ଦାୟିତ୍ୱହୀନତାରେ ୧୧୦ ପ୍ରତିଶତ କହିବା ଅର୍ଥ ହେଉଛି, ବୋଧହୁଏ ସତେଯେମିତି କରୋନା ଭାଇରସ୍ ଟିକା ନେବା ପରେ ସେହି ବ୍ୟକ୍ତିବିଶେଷଙ୍କୁ ଅନେକ ଭିନ ରୋଗରୁ ସୁରକ୍ଷା ମିଳିବ। ପୃଥିବୀରେ ସ୍ୱୀକୃତି ଲାଭ କରିଥିବା ଫାଇଜର କମ୍ପାନୀର ଟିକାକୁ ନିଜେ ସେହି କମ୍ପାନୀ ୯୫ ପ୍ରତିଶତ ଫଳପ୍ରଦ ବୋଲି କହିଛି। କିନ୍ତୁ ଭାରତ ସରକାରଙ୍କ ଔଷଧ ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷ ଯେଉଁଭଳି ପିଲାଳିଆ କଥା କହୁଛନ୍ତି ସେଥିରୁ ମନରେ ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ। ଇତିହାସକୁ ଦେଖିଲେ ଜଣାପଡ଼େ ଯେ ବିଭିନ୍ନ ଟିକାକୁ ବିକଶିତ ଓ ଲୋକଙ୍କ ଉପରେ ପରୀକ୍ଷଣ କରିବା ପାଇଁ ଅନେକ ଥର ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଲାଗିଛି। ଅବଶ୍ୟ ସ୍ୱୀକାର କରିବାକୁ ହେବ ଯେ, ପୂର୍ବର ଜ୍ଞାନକୌଶଳ ତୁଳନାରେ ଏବେକାର ବୈଜ୍ଞାନିକମାନଙ୍କ ପାଖରେ ଅଧିକ ଜ୍ଞାନ ଓ ସୁବିଧା ରହିଛି। କିନ୍ତୁ ଭାରତର ଔଷଧୀୟ ନିର୍ମାଣ କ୍ଷେତ୍ର ନିଜସ୍ୱ ଜ୍ଞାନକୌଶଳ ବିକାଶ କରି ନୂତନ ଟିକାର ଉଦ୍ଭାବନରେ ଆମ ଦେଶର କୌଣସି ରେକର୍ଡ ନାହିଁ। ବିହ୍ୱଳିତ ହୋଇ ଅନେକ ଭାରତୀୟ ଭାବୁଛନ୍ତି ଯେ, ଆମେ ଦେଶରେ ସବୁ ଟିକା ଉଦ୍ଭାବନ ହୁଏ। ବାସ୍ତବ କଥା ହେଲା ଯେ, ଜ୍ଞାନକୌଶଳ ଆସେ ବିଦେଶରୁ ଏବଂ ପୃଥିବୀର ପ୍ରାୟ ୭୦ ପ୍ରତିଶତ ଟିକା ପ୍ରସ୍ତୁତ ହୁଏ ଭାରତର ବିଭିନ୍ନ କାରଖାନାରେ। ସେହି ୭୦ ପ୍ରତିଶତକୁ ଉଦାହରଣ ଭାବେ ଦେଖାଇ ଆମ ଦେଶର ବୈଜ୍ଞାନିକ ମୁଣ୍ଡରୁ ବାହାରିଛି। ଏହିଭଳି ଅନ୍ୟ ଏକ ଉଦାହରଣ ହେଉଛି ସ୍ୱର୍ଗତ ଷ୍ଟିଭ୍ ଜବ୍‌ସଙ୍କ ଦ୍ୱାରା ଉଦ୍ଭାବିତ ଆଇଫୋନ୍ ଚାଇନାରେ ତିଆରି ହେଉଛି। ତାହାର ଅର୍ଥ ନୁହେଁ ଯେ, ଚାଇନାର ବୈଷୟିକବିତ୍‌ମାନେ ଏହି ଫୋନ୍‌କୁ ଉଦ୍ଭାବନ କରିଛନ୍ତି।

ଏଭଳି ପ୍ରଚ୍ଛଦପଟରେ ଦେଖିବାକୁ ଗଲେ ସମାଜବାଦୀ ପାର୍ଟି ନେତା ଅଖିଳେଶ ଯାଦବଙ୍କ ମନ୍ତବ୍ୟ ଅସ୍ୱାଭାବିକ ହୋଇ ନ ପାରେ। ଉଲ୍ଲେଖଯୋଗ୍ୟ ଯେ, କୋଭିଶିଲ୍ଡ ଭାରତରେ ସିରମ ଇନ୍‌ଷ୍ଟିଚ୍ୟୁଟ୍ ଦ୍ୱାରା ପ୍ରସ୍ତୁତ କରାଯାଉଛି। ଅର୍ଥାତ୍ ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ଏହି କାମ ପାଇଁ ଆଷ୍ଟ୍ରାଜେନିକାର ଲାଇସେନ୍ସପ୍ରାପ୍ତ ପ୍ରସ୍ତୁତକାରୀ। ତା'ର ଜ୍ଞାନକୌଶଳ ଭାରତର ନୁହେଁ। ସେହି ଟିକା ବିକ୍ରିରୁ ମିଳୁଥିବା ଲାଭର ବଡ଼ ପରିମାଣ ପାଇବ ଆଷ୍ଟ୍ରାଜେନିକା। ଭାରତର ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ଭଳି ପୃଥିବୀର ଅନ୍ୟ କମ୍ପାନୀଗୁଡ଼ିକ ମଧ୍ୟ ଆଷ୍ଟ୍ରାଜେନିକାର ଟିକା ପ୍ରସ୍ତୁତ କରୁଛନ୍ତି। ଅନ୍ୟପଟେ କୋଭାକ୍ସିନ୍ ସମ୍ପୂର୍ଣ୍ଣ ଭାବେ ଭାରତୀୟ ବୈଜ୍ଞାନିକଙ୍କ ଦ୍ୱାରା ବିକଶିତ। ତାହାର ଏ ପର୍ଯ୍ୟନ୍ତ ଉଚିତ ପରିମାଣର ପରୀକ୍ଷଣ କରାଯାଇ ନାହିଁ। ଇଞ୍ଜେକ୍ସନ ଦ୍ୱାରା ବ୍ୟକ୍ତି ଭାବେ ହରିୟାଣା ସ୍ୱାସ୍ଥ୍ୟମନ୍ତ୍ରୀ ଅନିଲ ଭିଜ୍ ଏହି କୋଭାକ୍ସିନ୍ ନେବା ପରେ ତାଙ୍କଠାରେ କରୋନା ପଜିଟିଭ୍ ଦେଖାଦେବା ନିକଟ ଅତୀତରେ ଗଣମାଧ୍ୟମରେ ପ୍ରଚାରିତ ହୋଇଥିଲା। ଏଠାରେ କୁହାଯାଇପାରେ ଯେ ଫାଇଜର, ମଡର୍ନା, ଗାମ୍‌ଲେୟ ଓ ଆଷ୍ଟ୍ରାଜେନିକା କେତେ ଫଳପ୍ରଦ ହୋଇଛନ୍ତି, ସେ ନେଇ ପ୍ରସିଦ୍ଧ ଗବେଷଣା ଜର୍ଣ୍ଣାଲରେ ତଥ୍ୟ ପ୍ରକାଶ ପାଇଛି। ଅଥଚ ଭାରତର ପ୍ରସ୍ତୁତ କୋଭାକ୍ସିନ୍ କେତେ ଫଳପ୍ରଦ ହୋଇଛି ସେ ସଂକ୍ରାନ୍ତ ବିବରଣୀ ଅନ୍ତର୍ଜାତୀୟସ୍ତରର ଜର୍ଣ୍ଣାଲରେ ପ୍ରକାଶିତ ହୋଇ ସେଭଳି ରେଟିଂ ପାଇ ନ ଥିବାରୁ ସନ୍ଦେହ ପ୍ରକାଶ ହେବା ସ୍ୱାଭାବିକ।

ଏବକାର ଭାରତରେ ଏକ ନୂଆ 'ଭିଡ଼' ମନୋଭାବ ସୃଷ୍ଟି ହୋଇଛି। ସେଭଳି ଭିଡ଼କୁ ଯୁକ୍ତିଯୁକ୍ତ କଥା ଶୁଣାଇଲେ ତା'ର ପ୍ରଭାବ ପଡ଼ିବା ତ ଦୂରର କଥା, ଅଯଥାରେ ପ୍ରବଳ ବିରୋଧ ହେଉଛି। ଯେମିତିକି ବିମୁଦ୍ରୀକରଣ ପରେ ଅନେକ ଲକ୍ଷ ଅର୍ଥନୀତିଜ୍ଞ ଜନ୍ମ ନେଲେ, ସେହିପରି ଅନେକ କୋଟି ମେଡିକାଲ ବିଶେଷଜ୍ଞ ଏବେ ସୃଷ୍ଟି ହୋଇଯାଇଛନ୍ତି। ସମସ୍ତେ ସବୁ କଥା ଉପରେ ସ୍ୱସ୍ତ ମତ ଦେବା ସହିତ ଅନ୍ୟର ମତ ଶୁଣିବା ପାଇଁ ଅପ୍ରସ୍ତୁତ। ହୁଏତ ସେଥିପାଇଁ ଅଖିଳେଶଙ୍କ ବ୍ୟକ୍ତିଗତ ମତକୁ ନେଇ ଝଡ଼ ବୋହିଲା। ଅଖିଳେଶ ନିଜେ ଟିକା ନେବେ ନାହିଁ ବୋଲି କହିଥିଲା ବେଳେ ଅନ୍ୟ କାହାରିକୁ ଟିକା ନେବା ପାଇଁ ମନା କରିନାହାନ୍ତି। ଆମ ସମସ୍ତଙ୍କ ଭଳି ତାଙ୍କର ମଧ୍ୟ ବାକ୍ ସ୍ୱାଧୀନତା ରହିଛି।

# ବୃତ୍ତିଗତ ଶିକ୍ଷାରେ ସ୍ଥାନ ସଂରକ୍ଷଣ



ଅଧ୍ୟାପକ ଶରତ କୁମାର ଦାସ

ସରକାରୀ ବିଦ୍ୟାଳୟଗୁଡ଼ିକରେ ଯେଉଁ ବିଦ୍ୟାର୍ଥୀମାନେ ଅଧ୍ୟୟନ କରୁଥିବେ ସେମାନଙ୍କ ପାଇଁ ବୃତ୍ତିଗତ ଶିକ୍ଷା ଯଥା ଇଞ୍ଜିନିୟରିଂ ଓ ଡାକ୍ତରୀ ଭଳି ଉଚ୍ଚଶିକ୍ଷାରେ ସ୍ଥାନ ସଂରକ୍ଷଣ କରାଯିବ ବୋଲି ୨୦୨୦ର ଶେଷ କ୍ୟାବିନେଟରେ ରାଜ୍ୟ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ସରକାରୀ ସ୍କୁଲଗୁଡ଼ିକରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କୁ ପ୍ରୋତ୍ସାହିତ କରିବା ଏବଂ ଅଧାରୁ ପାଠ ଛାଡୁଥିବା ପିଲାଙ୍କ ଲାଗି ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟିକରିବା ପାଇଁ ଏହା ଏକ ନୂଆ ପଦକ୍ଷେପ ହୋଇପାରେ। ସାଧାରଣତଃ ସରକାରୀ ସ୍କୁଲ ପ୍ରତି ଥିବା ଅଭିଭାବକ ତଥା ଛାତ୍ରଛାତ୍ରୀଙ୍କ ବିମୁଖତାକୁ ଦୂରକରିବା ଏହାର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ମଧ୍ୟ ହୋଇପାରେ। ଆଗାମୀ ଶିକ୍ଷାବର୍ଷଠାରୁ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେବ ବୋଲି ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏହାର ସଫଳ ରୂପାୟନ ପାଇଁ ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚକ୍ଷମତାସମ୍ପନ୍ନ କମିଟି ଗଠନ କରାଯିବ। ଏହି କମିଟିରେ ଖ୍ୟାତିସମ୍ପନ୍ନ ଶିକ୍ଷାବିତ୍‌ମାନଙ୍କ ସହିତ ବିଶିଷ୍ଟ ବ୍ୟକ୍ତିମାନେ ସଦସ୍ୟ ରହିବେ ଓ ଏହି କମିଟି ତିନି ମାସ ମଧ୍ୟରେ ସରକାରଙ୍କୁ ତାଙ୍କର ସୁପାରିସ ରିପୋର୍ଟ ଦେବେ। ଏହି ରିପୋର୍ଟ ଆଧାରରେ ସାମ୍ବିଧାନିକ ବିଧିବ୍ୟବସ୍ଥାର ଅନୁପାଳନ ପୂର୍ବକ ସଂରକ୍ଷଣର ମାନଦଣ୍ଡନିର୍ଦ୍ଧାରଣ କରାଯିବ; ଯାହାଫଳରେ ମେଧାବୀ ଛାତ୍ରଛାତ୍ରୀ ବୃତ୍ତିଗତ ଉଚ୍ଚଶିକ୍ଷା ପାଇପାରିବେ।

ବିଳମ୍ବରେ ହେଲେ ମଧ୍ୟ ସରକାରଙ୍କର ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ। ଅନେକ ଶିକ୍ଷାବିତ୍, ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ ତଥା ସାଧାରଣ ଜନତା ଏହାକୁ ସ୍ୱାଗତ କରିଥିବା ବେଳେ ଅନେକେ ମଧ୍ୟ ଏହି ବ୍ୟବସ୍ଥାକୁ ତୀବ୍ର ବିରୋଧ କରୁଛନ୍ତି। ଏହାକୁ ନେଇ ଗଣମାଧ୍ୟମଗୁଡ଼ିକରେ ଚର୍ଚ୍ଚା ଓ ତର୍କ ବିତର୍କ ଆରମ୍ଭ ହୋଇଯାଇଛି। ମାତ୍ର ବିନାଦ୍ୱିଧାରେ କୁହାଯାଇପାରେ ଯେ, ଏହି ନିଷ୍ପତ୍ତି ପଶ୍ଚାତରେ ପ୍ରତ୍ୟକ୍ଷ ଅବା ପରୋକ୍ଷରେ ହେଉ କେଉଁଠି ନା କେଉଁଠି ସରକାର ସ୍ୱୀକାର କରିଛନ୍ତି ଯେ ରାଜ୍ୟରେ ଥିବା ସରକାରୀ ବିଦ୍ୟାଳୟଗୁଡ଼ିକର ଶିକ୍ଷା ବ୍ୟବସ୍ଥା ଏକପ୍ରକାର ଭୁଶୁଡ଼ି ପଡ଼ିବା ସହିତ ଜନସାଧାରଣଙ୍କ ଆସ୍ଥା ହରାଇଛି। ଏ ପ୍ରକାର ଅବ୍ୟବସ୍ଥା ତଥା ଶୈକ୍ଷିକ ବିପର୍ଯ୍ୟୟରୁ ଶିକ୍ଷାବ୍ୟବସ୍ଥାକୁ ପୁନରୁଦ୍ଧାର କରିବାକୁ ହେଲେ ସଂରକ୍ଷଣ ଏକ ଗୁରୁତ୍ୱପୂର୍ଣ୍ଣ ଓ ଫଳପ୍ରଦ ପଦକ୍ଷେପ; ଯାହାଫଳରେ ଭବିଷ୍ୟତରେ ସରକାରୀ ସ୍କୁଲରେ ପଢ଼ିବା ପାଇଁ କେହି ମୁହଁ ମୋଡ଼ିବେ ନାହିଁ।

ଏହି ସଂରକ୍ଷଣ ବ୍ୟବସ୍ଥାକୁ ମୁଖ୍ୟତଃ ସକାରାତ୍ମକ ଓ ନକାରାତ୍ମକ ଦୃଷ୍ଟିକୋଣରୁ ବିଚାର କରାଯାଇପାରେ। ପୁନଶ୍ଚ ସକାରାତ୍ମକ ଦିଗଟିକୁ ମଧ୍ୟ ଦୁଇଟି ଦୃଷ୍ଟିରୁ ଆଲୋଚନା କରାଯାଇପାରେ। ପ୍ରଥମ ସ୍ୱାଗତଯୋଗ୍ୟ ଦିଗଟି ହେଉଛି ଯେ ସରକାରୀ ସ୍କୁଲର ବିକାଶ ପ୍ରତି ସରକାରଙ୍କର ଥିବା ନିଷ୍ଠା ଓ ଦାୟିତ୍ୱବୋଧ। ଜନସାଧାରଣ ତଥା ଛାତ୍ରଛାତ୍ରୀମାନଙ୍କର ବିଦ୍ୱତ୍ତା ଭାବକୁ ଦୂର କରି ସରକାରୀ ବିଦ୍ୟାଳୟଗୁଡ଼ିକରେ ଏକ ଫଳପ୍ରଦ ଶୈକ୍ଷିକ ପରିବେଶ ସୃଷ୍ଟି କରିପାରିବା ସହିତ ଏହି ବିଦ୍ୟାଳୟଗୁଡ଼ିକ ପ୍ରତି ବିଦ୍ୟାର୍ଥୀମାନଙ୍କ ଆଗ୍ରହ ତଥା ବିଶ୍ୱସନୀୟତା ବୃଦ୍ଧି କରିବା ସରକାରଙ୍କର ଏକ ଗୁରୁତ୍ୱପୂର୍ଣ୍ଣ କର୍ତ୍ତବ୍ୟ। ଏହି ସର୍ବଭାରତୀୟ ସ୍ତରରେ ଦେଖାଯାଏ ଏକ ଆକଳନ ଅନୁଯାୟୀ ୧୯୯୭ରେ ସରକାରୀ ସ୍କୁଲରେ ପଢ଼ୁଥିବା ପିଲାଙ୍କ ସଂଖ୍ୟା ୯୦% ଥିଲାବେଳେ ଠିକ୍ ଏକ ଦଶନ୍ଧି ପରେ ଅର୍ଥାତ୍ ୨୦୦୭ରେ ଏହି ପିଲାଙ୍କ ସଂଖ୍ୟା ୮୧.୩% ଓ ୨୦୧୧ରେ ୭୪.୪%ରେ ପହଞ୍ଚିଥିଲା। ଅର୍ଥାତ୍ ଘରୋଇ ସ୍କୁଲରେ ପଢୁଥିବା ପିଲାଙ୍କ ସଂଖ୍ୟା ଅତି ନଗଣ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ। ଆମ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପ୍ରସ୍ତୁତ ୨୦୧୭-୧୮ର ଏକ ସର୍ବେକ୍ଷଣ ଅନୁଯାୟୀ ରାଜ୍ୟରେ ୮୩% ପିଲା ସରକାରୀ ବିଦ୍ୟାଳୟରେ ପାଠପଢ଼ନ୍ତି। ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବାସ କରୁଥିବା ୭୦%ରୁ ଅଧିକ ପରିବାର ନିମ୍ନ ଆର୍ଥିକ ବର୍ଗର ହୋଇଥିବାରୁ ସେମାନଙ୍କ ପିଲା ଶିକ୍ଷା ଲାଭ ପାଇଁ ସରକାରୀ ବିଦ୍ୟାଳୟ ଉପରେ ନିର୍ଭରଶୀଳ। ତେଣୁ ସ୍କୁଲ ବ୍ୟବସ୍ଥାକୁ ସୁଦୃଢ଼ କରିପାରିଲେ ଏତେ ସଂଖ୍ୟକ ପିଲାଙ୍କ ସ୍ୱାର୍ଥକୁ ରକ୍ଷା କରାଯାଇ ପାରିବ। ଦ୍ୱିତୀୟଟି ହେଉଛି ଏହି ବ୍ୟବସ୍ଥା ଦ୍ୱାରା ସାଧାରଣ ଗରିବ ତଥା ନିମ୍ନବର୍ଗର ସଂଖ୍ୟାଧିକ ମେଧାବୀ ବିଦ୍ୟାର୍ଥୀ ଉପଯୁକ୍ତ ସାମାଜିକ ନ୍ୟାୟ ପାଇପାରିବେ। ସେମାନଙ୍କ ମନରେ ଗଭୀର ଆତ୍ମବିଶ୍ୱାସ ସୃଷ୍ଟି ହୋଇପାରିବ ଯେ ସେମାନେ ନିମ୍ନ ଆୟ ଗୋଷ୍ଠୀ ସ୍କୁଲରେ ପଢ଼ୁଥିବା ସ୍ୱଚ୍ଛଳ ବର୍ଗର ପିଲାମାନଙ୍କଠାରୁ କୌଣସି ଗୁଣରେ କମ୍ ନୁହନ୍ତି। ସେମାନଙ୍କ ମଧ୍ୟରେ ଥିବା ମାନସିକ ବୈଷମ୍ୟ ଦୂର ହୋଇପାରିବ। ଏହାସହିତ ସରକାରୀ ଓ ଘରୋଇ ଶିକ୍ଷା ବ୍ୟବସ୍ଥା ମଧ୍ୟରେ ଥିବା ପାର୍ଥକ୍ୟ ମଧ୍ୟ ଦୂର ହୋଇପାରିବ। ଏହାଦ୍ୱାରା ସରକାର ମଧ୍ୟ ସ୍ପଷ୍ଟ କରିଦେବାକୁ ଚାହାନ୍ତି ଯେ ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ସ୍ୱଚ୍ଛଳ ବର୍ଗର ସ୍ୱଳ୍ପ ସଂଖ୍ୟକ ବିଦ୍ୟାର୍ଥୀଙ୍କ ତୁଳନାରେ ବହୁ ସଂଖ୍ୟାରେ ଗରିବ ଓ ନିମ୍ନ ବର୍ଗର ମେଧାବୀ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ସୁରକ୍ଷିତ ହୋଇପାରିଲେ ଗଣତାନ୍ତ୍ରିକ ମୂଲ୍ୟବୋଧର ସୁରକ୍ଷା ହୋଇପାରିବା ସମ୍ଭବ।

କେତେକ ଶିକ୍ଷାବିତ୍‌ଙ୍କ ମତରେ ଏହି ସଂରକ୍ଷଣ ନିଷ୍ପତ୍ତି ଦ୍ୱାରା ସରକାରୀ ବିଦ୍ୟାଳୟଗୁଡ଼ିକ ନିଜର ହୃତ ଗୌରବ ଫେରିପାଇବେ। ଶିକ୍ଷା କ୍ଷେତ୍ରରେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ଛାତ୍ରଛାତ୍ରୀମାନେ ବ୍ୟୟବହୁଳ ଘରୋଇ ବିଦ୍ୟାଳୟ ପ୍ରତି ଆକୃଷ୍ଟ ହେଉଛନ୍ତି। ଏକ ତୁଳନାତ୍ମକ ଆକଳନରୁ ଜଣାଯାଏ ଯେ, ୨୦୧୪-୧୫ ଶିକ୍ଷାବର୍ଷରେ ସରକାରୀ ବିଦ୍ୟାଳୟଗୁଡ଼ିକରେ ୬୫ ଲକ୍ଷ ୪୩ ହଜାର ଛାତ୍ରଛାତ୍ରୀ ନାମ ଲେଖାଇ ଥିବାବେଳେ ଗତ ୨୦୧୯-୨୦ ଶିକ୍ଷାବର୍ଷରେ ଏହି ସଂଖ୍ୟା ହ୍ରାସ ପାଇ ୫୫ ଲକ୍ଷ ୪୭ ହଜାରରେ ପହଞ୍ଚିଛି। ଜାତୀୟସ୍ତରରେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଘରୋଇ ବିଦ୍ୟାଳୟ ତୁଳନାରେ ସରକାରୀ ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ବିଦ୍ୟାର୍ଥୀଙ୍କ ସଫଳତା ହାର ଅତ୍ୟନ୍ତ ନୈରାଶ୍ୟଜନକ। ଘରୋଇ ବିଦ୍ୟାଳୟଗୁଡ଼ିକରେ ଗୁଣାତ୍ମକ ଶିକ୍ଷାଦାନ ହେଉଥିବାର ଯେଉଁ ଧାରଣା ଅଭିଭାବକମାନଙ୍କ ମନରେ ରହିଛି ତାହା ମଧ୍ୟ ଘରୋଇ ସ୍କୁଲରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି କରିବାରେ ସାହାଯ୍ୟ କରୁଛି ଓ ଅଧିକାଂଶ ଅଭିଭାବକ ସେମାନଙ୍କ ପିଲାମାନଙ୍କୁ ଘରୋଇ ସ୍କୁଲରେ ନାମ ଲେଖାଇବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି; ଯାହାଫଳରେ ସରକାରୀ ବିଦ୍ୟାଳୟଗୁଡ଼ିକର ଦୁରବସ୍ଥା ବୃଦ୍ଧି ପାଇବାରେ ଲାଗିଛି। ତେଣୁ ସରକାରୀ ବିଦ୍ୟାଳୟଗୁଡ଼ିକରେ ଏଭଳି କ୍ରମହ୍ରାସମାନ ଛାତ୍ରଛାତ୍ରୀମାନଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କର ଏ ବାସ୍ତବଧର୍ମୀ ନିଷ୍ପତ୍ତି ତାତ୍ପର୍ଯ୍ୟ ବହନ କରେ; ଯାହାଦ୍ୱାରା ଅଭିଭାବକମାନଙ୍କର ମାନସିକତାରେ ପରିବର୍ତ୍ତନ ଆସିବା ସହିତ ସରକାରୀ ବିଦ୍ୟାଳୟଗୁଡ଼ିକ ପ୍ରତି ସ୍ୱଚ୍ଛଳ ବର୍ଗର ପିଲାମାନଙ୍କ ଆଗ୍ରହ ବୃଦ୍ଧି ପାଇବ।

ଏହି ବ୍ୟବସ୍ଥାର ସକାରାତ୍ମକ ଦିଗକୁ ଆଲୋଚନା କଲାବେଳେ ଏହାର ନକାରାତ୍ମକ ଦିଗଟି ମଧ୍ୟ ମନକୁ ଆସେ। କେତେକ ଶିକ୍ଷାବିତ୍ ଓ ବୁଦ୍ଧିଜୀବୀଙ୍କ ମତରେ ସରକାରଙ୍କର ଏହି ସଂରକ୍ଷଣ ନିଷ୍ପତ୍ତି ଶିକ୍ଷା ବ୍ୟବସ୍ଥାର କୌଣସି ଗୁଣାତ୍ମକ ପରିବର୍ତ୍ତନ ଆଣିପାରିବ ନାହିଁ ବା ଶିକ୍ଷାର ଅଧଃପତନକୁ ବୃଦ୍ଧି କରିପାରିବ ନାହିଁ। କେତେକଙ୍କ ମତରେ ସଂରକ୍ଷଣ ବ୍ୟବସ୍ଥା ଏକ ଉତ୍ତମ ଶୈକ୍ଷିକ ପରିବେଶ ଗଠନ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରିବ। ଛାତ୍ରଛାତ୍ରୀ କେବଳ ସଂରକ୍ଷଣ ଆଶାରେ ସରକାରୀ ବିଦ୍ୟାଳୟରେ ନାମଲେଖାଇବେ ମାତ୍ର ସେମାନଙ୍କ ମାନସିକତାରେ କୌଣସି ପରିବର୍ତ୍ତନ ଆସିବ ନାହିଁ।

ଅନ୍ୟ କିଛି ଯୁକ୍ତି ମଧ୍ୟ ଦୃଷ୍ଟିକୁ ଆସୁଛି ଯେ, ସରକାରୀ ସ୍କୁଲଗୁଡ଼ିକର ଅଧଃପତନ ବ୍ୟବସ୍ଥାକୁ ସଜାଡ଼ିବା ପାଇଁ କେବଳ ସଂରକ୍ଷଣ ଭଳି ଏକ ଦୁର୍ବଳ ପଦକ୍ଷେପ ଆଦୌ ଗ୍ରହଣୀୟ ନୁହେଁ। ସରକାରୀ ବିଦ୍ୟାଳୟଗୁଡ଼ିକରେ ଗୁଣବତ୍ତାକୁ ବୃଦ୍ଧି କରିବା ପାଇଁ ସରକାରୀ ସ୍ତରରେ କାହିଁକି ଉଦ୍ୟମ ହେଉନାହିଁ? ସରକାରୀ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମିର ବିକାଶ ନିମନ୍ତେ କାହିଁକି ପଦକ୍ଷେପ ନିଆଯାଉ ନାହିଁ? ପୂର୍ବରୁ କେନ୍ଦ୍ର ସରକାରଙ୍କ ଘୋଷଣା ଆଧାରରେ ଓଡ଼ିଶାରେ ଓବିସି ଓ ଅର୍ଥନୈତିକ ପଛୁଆ ବର୍ଗ ପାଇଁ ଶିକ୍ଷା ଏବଂ ଚାକିରି କ୍ଷେତ୍ରରେ ଥିବା ସଂରକ୍ଷଣ ବ୍ୟବସ୍ଥା କାହିଁକି ଲାଗୁ କରାଯାଉ ନାହିଁ? ସାମ୍ବିଧାନିକ ବିଧିବ୍ୟବସ୍ଥାନୁଯାୟୀ ମହାରାଷ୍ଟ୍ର, କର୍ଣ୍ଣାଟକ, ତାମିଲନାଡୁ ଆଦି ରାଜ୍ୟରେ ଲାଗୁ ହୋଇଥିବା ସଂରକ୍ଷଣ ଓଡ଼ିଶାରେ କାହିଁକି ନୁହେଁ? ଯଦି ସରକାର ସରକାରୀ ସ୍କୁଲ ପ୍ରତି ଏତେ ନିଷ୍ଠାବାନ୍ ତେବେ କିଛି ସ୍କୁଲକୁ ବନ୍ଦ କରିବା ନିଷ୍ପତ୍ତି ସମଗ୍ର ବ୍ୟବସ୍ଥାର ପରିପନ୍ଥୀ ନୁହେଁ କି?

ଯଥାର୍ଥରେ କହିଲେ ଏ ସମସ୍ତ ପ୍ରଶ୍ନର ଉତ୍ତର ସରକାରଙ୍କ ସକାରାତ୍ମକ ମାନସିକତା ତଥା ଇଚ୍ଛାଶକ୍ତି ଉପରେ ନିର୍ଭର କରେ। ସରକାର ଯଦି ସରକାରୀ ବିଦ୍ୟାଳୟଗୁଡ଼ିକର ବାସ୍ତବ ବିକାଶ ଚାହାଁନ୍ତି, ତେବେ ଆଚରଣ ଓ ଚିନ୍ତାଧାରାରେ ବାସ୍ତବଧର୍ମୀ ହେବା ଆବଶ୍ୟକ। ସରକାରୀ ବିଦ୍ୟାଳୟର ଉତ୍ତମ ସଂସ୍ଥାର ଉପରେ ସର୍ବଶେଷ ଧ୍ୟାନଦେବା ଉଚିତ। ଶିକ୍ଷା ସହିତ ଜଡ଼ିତ ନାନାଦି ସମସ୍ୟା ତୁରନ୍ତ ସମାଧାନ କରାଯିବା ଆବଶ୍ୟକ। ଗଛଟିକୁ ବଞ୍ଚେଇବାକୁ ହେଲେ ମୂଳରେ ପାଣିଦିଆଯାଏ, ଗଛ ଡାଳରେ ପାଣିଢାଳିଲେ ତାହା ବଞ୍ଚେନାହିଁ। ସେହିଭଳି ନାମଫଳକରେ ଆଦର୍ଶ ଲେଖି ଦେଲେ ବିଦ୍ୟାଳୟଟି ଆଦର୍ଶ ହୁଏନାହିଁ। ଏ ଦିଗରେ ସରକାର ଯତ୍ନବାନ ହେବା ଉଚିତ। ସରକାରୀ ଓ ଘରୋଇ ବିଦ୍ୟାଳୟ ମଧ୍ୟରେ ଥିବା ପାର୍ଥକ୍ୟ ଲୋପ ପାଇବା ପରିବର୍ତ୍ତେ ସରକାରୀ ସ୍କୁଲ କିପରି ଘରୋଇ ସ୍କୁଲ ସମକକ୍ଷ ହୋଇ ଗୁଣାତ୍ମକ ତଥା ଉତ୍ତମମାନର ଶିକ୍ଷା ପ୍ରଦାନ କରିପାରିବ ସେ ଦିଗରେ ତତ୍ପର ହେବା ବାଞ୍ଛନୀୟ। ପିଲାମାନେ କାହିଁକି ଘରୋଇ ସ୍କୁଲ ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି ସେ ସବୁର ଯଥାର୍ଥ କାରଣ ଖୋଜି ବାହାର କରିବାର ସମୟ ଆସିଛି। ଏ ସମସ୍ତ ବିଷୟ ପ୍ରତି ଉପଯୁକ୍ତ ଧ୍ୟାନଦେଲେ ସରକାରଙ୍କର ସଂରକ୍ଷଣ ନୀତିର ସଫଳ ରୂପାୟନ ହୋଇପାରିବ, ଏଥିରେ କୌଣସି ସନ୍ଦେହର ଅବକାଶ ନାହିଁ।

ରାଜନୀତି ବିଜ୍ଞାନ ବିଭାଗ,
ବଡ଼ବିଲ ମହାବିଦ୍ୟାଳୟ, କେନ୍ଦୁଝର
ମୋ:୮୨୪୯୧୩୭୦୯୧

# ଗୋଟିଏ ସଂକଳ୍ପ



ଦ୍ୟୁତି ଚନ୍ଦ୍ର ସାହୁ

ନୂଆ ବର୍ଷ ଲାଗି ପିଲାଙ୍କ ସବୁ ସଜବାଜ ଚାଲିଥିଲା। ନୂଆ ବର୍ଷର ପ୍ରଥମ କିରଣ କେଉଁଠି ଦେଖିବେ। ତା' ପୂର୍ବ ରାତିରେ ଜିରୋ ନାଇଟ କେମିତି ପାଳନ ହେବ । କ'ଣ ସବୁ ନୂତନପଣକୁ ଆପଣେଇ ମଧ୍ୟରାତ୍ରିରେ ନୂଆ ବର୍ଷକୁ ସ୍ୱାଗତ କରାଯିବ। ଅନେକ ଆଲୋଚନା ପରେ ପ୍ରାୟ ଏକପ୍ରକାର ନିଷ୍ପତ୍ତିରେ ପହଞ୍ଚଗଲେ । କରୋନାକୁ ବିଦାୟ ଦେଇ ନୂଆ ସମ୍ଭାବନାର ସମୟକୁ ସ୍ୱାଗତ କରିବା ଲାଗି ସରେଯେମିତି ବ୍ୟସ୍ତ ହୋଇଯାଉଥିଲେ ଯୁବ ବର୍ଗ। ଯଦିଓ କରୋନା ପୁଣି ଫେରିବା ଫେରିବା ହେଉଛି । ଏଇ ସମୟରେ ଜଣେ ଚିତ୍କାର କରି ଘୋଷଣା କଲା - ସବୁ ଗଲାରେ! ଆଉ ଜିରୋ ନାଇଟ ପାଳନ ହେବନି । ପାର୍ଟି ହେବନାହିଁ ସରକାର ଘୋଷଣା କଲେ। ନିଜର ମୋବାଇଲର ମେସେଜକୁ ପଢ଼ି ଶୁଣାଇଲା ଅବିକଳ ସେ। ଏଥର ଖୋଲିଁ ଯାଇଥିବା ଜଗାଟେ ପରି ସବୁ ଯେଖା ସ୍ଥାନରେ ଚଟାଣରେ ଲୋଟି ପଡିଲେ। କିଏ ତକିଆକୁ ବିଧା ବିଧା ଦେଇ ରାଗ ଥାଉଥିଲା। କେହି କେହି ଭଦ୍ର ଗାଳି ମଧ୍ୟ ଆରମ୍ଭ କଲେ। ଖବର ଏକ ଦାରୁଣ ଦୁଃଖ ଆଣି ଦେଇଥିଲା ଯେମିତି। କିଛି ସମୟ ପରେ ଭଙ୍ଗା ମନକୁ ଗଢିବା ପାଇଁ ପୁନଃ ପ୍ରସ୍ତୁତି ଲାଗି ଜଣେ କେଜି କାର୍ଯ୍ୟକ୍ରମକୁ ବଦଳେଇବାକୁ ପ୍ରସ୍ତାବ ଦେଲା। ସେଇଠୁ ଖୋଲି ଯାଇଥିବା ଲତାଟି ପାଣି ପାଇବା ପରେ ସାମାନ୍ୟ ଜିଇବାର ସମ୍ଭାବନାକୁ ପ୍ରଦର୍ଶିତ କରୁଥିବା ମୁଦ୍ରାରେ ସମସ୍ତେ ତୁରନ୍ତ ଆଲୋଚନାରେ ମଗ୍ନ ହେଲେ। ଶେଷରେ ନିଷ୍ପତ୍ତି ହେଲା କୌଣସି ଏକ ଛାତରେ ଥିବା ଏକାକୀ ରୁମ ଭିତରେ ଯେମିତି ହେଉ ସେଲିବ୍ରେସନ ହେବ ହିଁ ହେବ। ବାହାରକୁ କୋଳାହଳ ଯେମିତି ଶୁଭିବ ନାହିଁ। କିନ୍ତୁ ପାର୍ଟି ହେବ। ଆଉ ଅଭିନନ୍ଦନ ଜଣାଇବାର ଆସର ହେବ। ଏତିକିବେଳେ ଘର ଭିତରୁ ଆସି ସେତେବେଳୁ ଶୁଣୁଥିବା ଜଣେ ବୟସ୍କ ମଣିଷ ପଚାରିଲେ - ଆଚ୍ଛା! ନୂଆ ବର୍ଷ ପାଳନ କ'ଣ ପାଇଁ କରୁଛ ପିଲେ? ବେଧଡ଼କ ଭାବେ ଉତ୍ତର ଆସିଲା - ଓଲିଆସଲି ଓଲକମ ପାଇଁ ଜେଜେ! ନୂଆ ସମୟକୁ ସ୍ୱାଗତ କରି ସେଲିବ୍ରେସନ ହେବ! ବାସ୍ ଆଉ କ'ଣ ? ସତ କହିବାକୁ ଗଲେ ଏମିତିରେ ହିଁ ଆମ ନୂଆ ବର୍ଷ ସବୁ ପାଳନ ହେଉଛି। ପ୍ରତିବର୍ଷ ଆନନ୍ଦ ଉଲ୍ଲାସରେ ଜିରୋ ନାଇଟ ପାଳନ ହେଉଛି। ଭୋଜିଭାତ, ଉପହାର ପ୍ରଦାନ ଓ ଅଭିନନ୍ଦନ ବାର୍ତ୍ତା ଭିତରେ ସମସ୍ତେ ନୂଆ ସମୟକୁ ସ୍ୱାଗତ କରୁଛନ୍ତି। ଧାର୍ମିକ ପୀଠକୁ ଯାଇ ପ୍ରାର୍ଥନା ବି କରୁଛନ୍ତୁ ନୂଆ ବର୍ଷ ଶୁଭମୟ ଓ ଶାନ୍ତିମୟ ହେଉ। ସେଇଥିରେ ବି ଧୀରେ ଧୀରେ କମିଗଲାଣି। ଅଳ୍ପ ପ୍ରତିଶତ ଲୋକେ ଈଶ୍ୱରଙ୍କ ଶରଣାପନ୍ନ ହୋଇ ଦୁର୍ଭୋଗ କାମନା କରୁଛନ୍ତି। କିନ୍ତୁ ବିଗତ ଏକ ଦଶନ୍ଧି ଭିତରେ ମଣିଷ ଏଇ ସମୟରେ ଅଧିକା ଉତ୍ସବ ମନସ୍କ ହୋଇପଡ଼ିଛି। ନାନା ପ୍ରକାର ଯାବତୀୟ ଅସ୍ୱାଭାବିକ ଆଚରଣ କରିଆରେ ନୂଆ ବର୍ଷକୁ ସ୍ୱାଗତ କରୁଛୁ। ଯଦିଓ ରାଶି ରାଶି ସମସ୍ୟା ଭିତରେ ଆମେ ରହୁଛେ। ସମୟ ଆସୁଛି। ତାହୁଁ ତାହୁଁ ଏମିତି ହାତ ଠାରି ଚାଲି ଯାଉଛି। ତା'ରି ଭିତରେ ଅନେକ ବିପର୍ଯ୍ୟୟର ସାମ୍ନା କରୁଛି ଜୀବଜଗତ।

ଭୂତାଣୁ ହେଉ କି ପ୍ରାକୃତିକ ବିପର୍ଯ୍ୟୟ ପ୍ରତିଥର ବାରୁଣ ପ୍ରହାରରେ ଜର୍ଜରିତ ହେଉଛି ମାନବ ଜାତି। ପରିସ୍ଥାନ ଓ ପରିବେଶ କ୍ରମଶଃ ବେସ୍ୱାଦୁ ହୋଇଉଠୁଛି। ସାମାଜିକ ଶୃଙ୍ଖଳା ହରାଇ ବସିଛୁ। ଆମ ଭିତରେ ପ୍ରତିବଦ୍ଧତା ନାହିଁ। ସାମାଜିକ ଦାୟିତ୍ୱବୋଧ ତ ଆଦୌ ନାହିଁ କହିଲେ ଚଳେ। ପରର ଦୁଃଖରେ ସୁଖୀ ହେବାର ଗୋଟେ ମାନସିକତାଅଲକ୍ଷ୍ୟରେ ଆମ ଭିତରେ ବୃଦ୍ଧି ପାଉଛି। ମାନବିକତା ହଜିଗଲାଣି। ଏକାଧିକ ଯନ୍ତ୍ର ଉପରେ ଆଶ୍ରିତ ହୋଇ ମଣିଷ ଭିତରେ ମଣିଷପଣିଆକୁ ମାରିଦେଲୁଣି। ସବୁଠି ସହଜ ସରଳ ଓ ଅଳ୍ପରେ ଅନେକ ପ୍ରାପ୍ତିର କ୍ଷୁଧା ବଢ଼ିଗଲାଣି। ତେଣିକି ପଛେ ଯାହା ଧ୍ୱଂସ ହୋଇଯାଉ କିଛି ସମସ୍ୟା ନାହିଁ। କରୋନାର ବିପର୍ଯ୍ୟୟରେ ସମଗ୍ର ପୃଥିବୀ ଅନେକ କିଛି ଶିଖିବାକୁ ବାଧ୍ୟ ହୋଇଛି। ସମ୍ଭବତଃ ଏହା ପରିବର୍ତ୍ତନର କାରକ ହୋଇ ବି ଉଭା ହୋଇଛି। ନିଜକୁ ବଦଳେଇବା ସହ ସମାଜକୁ ବଦଳେଇବାର ବାର୍ତ୍ତା ଆଣିଦେଇଛି। ଆମେ ଅବଶ୍ୟ ହଠାତ ଦସ୍ୟୁ ରତ୍ନାକରରୁ ସାଧୁ ହୋଇପାରିବାନି। ଏତେ ସହଜ ନୁହେଁ। ଯେଉଁ ମାତ୍ରାରେ ଆଗକୁ ବଢ଼ିଯାଇଛୁ ସେଇ ହାରରେ ପଛକୁ ବି ଫେରିବା ସହଜ ନୁହେଁ। କିନ୍ତୁ ଅସମ୍ଭବ ନୁହେଁ।

ନୂଆ ବର୍ଷ ଆରମ୍ଭ ହୋଇଛି। ଆମେ ସ୍ୱାଗତ କରୁଛୁ ନୂଆ ସମୟକୁ। ଦୁଇ ହଜାର କୋଡିଏର ଅସୁମାରୀ ଦୁଃଖ ଓ ବିପର୍ଯ୍ୟୟକୁ ଭୁଲିବାକୁ ପ୍ରୟାସ କରୁଛୁ। ସୁଖର କଥା। ପଛର ଦୁର୍ଦ୍ଦିନ ସମୟକୁ ଭୁଲିବାକୁ ହେବ। ଆଗକୁ ବଢ଼ିବାକୁ ହେବ। ଆଗକୁ ବଢ଼ିବା ଲାଗି ଏବେ ଆମ ଆଗରେ ଅନେକ ଚ୍ୟାଲେଞ୍ଜ। ବୁଦ୍ଧି, ପ୍ରବୃତ୍ତି, ଜୀବନ ଜୀବିକା, ବିପର୍ଯ୍ୟୟ, କଳୁଷିତ ପରିବେଶ ଭଳି ବହୁ ସମସ୍ୟା ସହ ଯୁଝିବାକୁ ହେବ। ଏଇକ୍ରମରେ ଆମେ ନିଜ ନିଜ ସ୍ତରରେ ଛୋଟିଆ ପ୍ରୟାସ ଆରମ୍ଭ କରାଯାଉ। ବର୍ଷକୁ ଅନ୍ତତଃ ନିଜ ଭିତରେ ଗୋଟିଏ ବିକାରକୁ ମାରି ଦିଆଯାଉ। ପ୍ରତିବର୍ଷ ନିର୍ଦ୍ଦିଷ୍ଟ ଏକ ମହତ୍ କାର୍ଯ୍ୟରେ ନିଜକୁ ସାମିଲ କରାଯାଉ। ସାମାଜିକ ଅଙ୍ଗୀକାରବଦ୍ଧତା ନିଜ ଭିତରେ ଜାଗ୍ରତ ହେଉ। ଗୋଟିଏ ଦିଗ ପ୍ରତି ଦୃଷ୍ଟି ଦେଇ ସାମାଜିକ ହିତରେ ବର୍ଷର କିଛି ସମୟ ବ୍ୟୟ କରାଯାଉ। ପ୍ରତିଟି ମଣିଷ ଭିତରେ ଚେତନାର ଗୋଟିଏ ଦିଗ ଉନ୍ମୋଚିତ ହେଉ। ନୂଆ ବର୍ଷକୁ ସ୍ୱାଗତ କରିବା ସହ ନିଜ ପାଇଁ ଗୋଟିଏ ମାତ୍ର ସଂକଳ୍ପ ନିଆଯାଉ ଏବଂ ତାକୁ ବର୍ଷତମାମ କାର୍ଯ୍ୟରେ ବିନିଯୋଗ କରାଯାଉ। ହୁଏତ କିଛି କାଳ କିଛି ହୋଇ ସିଦ୍ଧ କରିବାକୁ ସୃଷ୍ଟି ହେବ। ନିଜର କ୍ଷୁଦ୍ରିତ ମୂଷାର ପ୍ରୟାସରେ ସାମାଜିକ ପରିବର୍ତ୍ତନର ନୂଆ ସେତୁ ବାନ୍ଧି ହୋଇପାରିବ। ଜେଜେଙ୍କ ଏଇ ମନସ୍ତାତ୍ତ୍ୱିକ ବିଚାର ସମସ୍ତଙ୍କ ମନକୁ ପାଇଲା। ପିଲାମାନେ କାଳେ ସଂକଳ୍ପ ନେଲେ ଏଇ ବର୍ଷ ମିତବ୍ୟୟୀ ହେବେନି ଏବଂ ନିଜ ସାନ୍ନିଧ୍ୟକୁ ସର୍ବା ରଖିବେ। ଏଣିକି ଆପଣଙ୍କ ପାଳି। ଭେଟୁଥିବା ସମୟ ଆପଣଙ୍କ ହାତ ଭରି ସ୍ୱପ୍ନିଳ ସଫଳତା ଆଣିଦେଉ। ତା' ସହିତ ନିଜେ ନିଜେ ଗୋଟିଏ ସଂକଳ୍ପ ନିଅନ୍ତୁ। ନିଜର ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରନ୍ତୁ। ହୁଏତ ଏହା ଆପଣଙ୍କ ପରିବାରକୁ ନୂଆ ଦିଶା ଦେଇପାରିବ!

ଇନ୍ଦିରା ନଗର, ୪ର୍ଥ ଗଳି, ରାୟଗଡ଼
ମୋ-୯୫୫୬୨୮୭୭୭୫

## ଏଇ ଭାରତରେ

ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ଭାରତରେ ଜଳସେଚନର ଆବଶ୍ୟକ ଲକ୍ଷ୍ୟ ହାସଲ ହୋଇପାରିନାହିଁ। ବହୁ ଅଞ୍ଚଳରେ ଫସଲରେ ପାଣି ମଡ଼ାଇବା ଲାଗି ଚାଷୀମାନେ ବିଦ୍ୟୁତଚାଳିତ ପାଣିପମ୍ପ ଉପରେ ନିର୍ଭର କରୁଛନ୍ତି। ଏଥିରେ ବି ବିଦ୍ୟୁତ ସମସ୍ୟା ଦେଖାଯାଉଛି। ଏହି ସମସ୍ୟାକୁ ଦୂରକରି ଚାଷୀମାନେ କମ୍ ଲାଭ ଦେବା ଲାଗି ଝାଡ଼ଖଣ୍ଡରେ ଜୋହାର ପ୍ରୋଜେକ୍ଟ ଦ୍ୱାରା ସୋଲାର ପମ୍ପ ଫିଟ ହୋଇଥିବା ସାଇକେଲ ଚାଷୀମାନଙ୍କର ପ୍ରିୟ ହୋଇପାରିଛି। ୫୦ କିଲୋଗ୍ରାମ ସୋଲାର ପ୍ୟାନେଲ ସହ ୦.୫ ଏଚ୍‌ପିର ପାଣିପମ୍ପ ଫିଟ୍ କରାଯାଇଛି। ପ୍ୟାନେଲରୁ ଉତ୍ପାଦିତ ସୌରଶକ୍ତିରେ ଏହି ପମ୍ପ ଚାଲୁଛି। ଘଣ୍ଟାକୁ ଡିଜେଲ ପମ୍ପରେ ୧୦୦ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଏଥିରେ ଖର୍ଚ୍ଚ କରିବାକୁ ପଡୁଛି ମାତ୍ର ୪୦ ଟଙ୍କା। ଏହାଦ୍ୱାରା ରାଜ୍ୟରେ ୬୦,୦୦୦ କୃଷକ ଉପକୃତ ହୋଇପାରୁଛନ୍ତି। କୃଷକମାନେ କୃଷିରୁ ଯେତିକି ରୋଜଗାର କରୁଥିଲେ ଏବେ ତା'ଠାରୁ ଅଧିକ ପାଉଛନ୍ତି। ଜମିରେ ଗୋଟିଏ ଫସଲ ବଦଳରେ ତିନି ତିନିଟା ଫସଲ କରିବାକୁ ସକ୍ଷମ ହୋଇଛନ୍ତି। ଏଭଳି ଜଳସେଚନ ସୁବିଧା ପାଇ ବହୁ ଗାଁରେ କୃଷକମାନେ କମ୍ୟୁନିଟି ଫାର୍ମି ମଧ୍ୟ କରୁଛନ୍ତି। ଜୋହାର ପ୍ରୋଜେକ୍ଟ ସୌରଶକ୍ତି ଚାଳିତ ପାଣି ପମ୍ପ ଫିଟ କରାଯାଇଥିବା ୧୩୦୦ ସାଇକେଲ ଯୋଗାଇ ଦେବାର ଲକ୍ଷ୍ୟ ରଖି ଏବେ ପ୍ରାୟ ୫୦ଟି କାର୍ଯ୍ୟକାରୀ କରି ସାରିଛି। ଏହି ସାଇକେଲକୁ ସହଜରେ ବିଭିନ୍ନ ସ୍ଥାନକୁ ନିଆଯାଇ ପାରୁଛି।

## ୨୫ ବର୍ଷ ତଳେ ଧରିତ୍ରୀ

୫ ଜାନୁୟାରୀ ୧୯୯୬

- ଭାରତ-ନେପାଳ ସୀମା ନିକଟସ୍ଥ ପାଣିଟାଙ୍କିଠାରେ ୧୪୪ ଧାରା ଉଲ୍ଲଂଘନ କରିଥିବା ଅଭିଯୋଗରେ ୯୨ ଭୁଟାନ ଶରଣାର୍ଥୀ ଗିରଫ।
- ଲକ୍ଷ୍ମୀପୁର ଓ ଭୀମରାଓ ଆମ୍ବେଦକର ବିଶ୍ୱବିଦ୍ୟାଳୟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ମର୍ଯ୍ୟଦା ଲାଭ କରିଛି।

## ଚିରନ୍ତନୀ

ପରାଣପ୍ରିୟା, ହୃଦୟରାଣୀ
ଆସ ଗୋ ମୋର ଚଳ-ଚାହାଣି,
ଦୁଃଖ ସୁଖର ଛନ୍ଦବାଣୀ ସଙ୍ଗୀତ
ଗନ୍ଧ ମୋର, ପରଶ ମୋର ଇଙ୍ଗିତ।
-(ବର୍ଷା ନାୟିକା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 1 | | | | 4 | | 3 | | | | | E | |
| 8 | E | C | 1 | | | 7 | 5 | B | | | | | A | |
| | | 4 | 8 | | | A | | 6 | 9 | 3 | | | | 7 |
| D | 0 | | 3 | | | | | | 4 | 8 | | | | |
| | 9 | | | | | | 0 | | | | B | | C | |
| | C | | 9 | | | | | | 3 | 7 | | | | 4 |
| | | A | | 1 | | | | | | | | 3 | | |
| 0 | | 2 | 4 | | | D | A | | | 6 | | | | |
| | | 7 | | | | B | E | 2 | D | | | | | |
| | | | 7 | | | | | 0 | | | E | | 1 | |
| | | | B | 8 | 9 | | | | | | | | 7 | 0 |
| C | | | | | E | 3 | | | 8 | D | | | 5 | 6 |
| 9 | | | | | | 6 | | | | | E | 2 | | C |
| 5 | | | A | 4 | | | | 9 | 6 | | | | | |
| A | 4 | D | 5 | 3 | | | | E | B | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | 4 | A | C | 6 | 9 | D | 0 | 2 | 5 | 7 | 1 | E | B | 3 |
| D | 2 | 3 | E | B | 4 | C | 1 | A | 0 | 8 | 9 | 7 | 5 | 6 |
| 1 | 5 | C | 0 | A | 8 | 9 | 3 | 7 | 6 | E | B | 4 | D | 2 |
| 7 | B | 9 | 5 | 3 | 2 | 8 | E | 6 | D | A | 4 | C | 0 | 1 |
| 0 | 6 | E | D | 7 | 1 | B | 4 | 5 | 2 | 3 | C | 8 | 9 | A |
| 3 | 8 | 5 | 4 | C | 7 | 1 | B | E | 9 | D | 2 | 6 | A | 0 |
| C | 7 | B | 9 | 5 | A | 6 | 2 | 0 | 1 | 4 | 3 | D | E | 8 |
| E | 0 | D | 1 | 8 | 6 | 4 | A | 9 | 7 | C | 5 | 3 | 2 | B |
| A | 1 | 6 | 2 | 0 | 3 | 5 | D | C | E | B | 8 | 9 | 7 | 4 |
| 2 | 9 | 4 | B | D | E | 3 | 7 | 8 | A | 6 | 0 | 5 | 1 | C |
| 5 | 3 | 7 | A | E | C | 0 | 6 | B | 8 | 1 | D | 2 | 4 | 9 |
| 6 | C | 0 | 3 | 2 | B | A | 9 | D | 4 | 5 | E | 1 | 8 | 7 |
| B | A | 1 | 7 | 9 | D | E | 8 | 4 | C | 2 | 6 | 0 | 3 | 5 |
| 9 | D | 2 | 8 | 4 | 5 | 7 | C | 1 | 3 | 0 | A | B | 6 | E |
| 4 | E | 8 | 6 | 1 | 0 | 2 | 5 | 3 | B | 9 | 7 | A | C | D |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ପଞ୍ଜାବ ପ୍ରେରଣାର ଉତ୍ସ

ମହାଶୟ,

ପଞ୍ଜାବୀମାନେ ଏକ ପରିଶ୍ରମୀ ଓ ଲଢୁଆ ଜାତି । ପଞ୍ଜାବର ଲୋକସଂଖ୍ୟା ଭାରତର ଲୋକସଂଖ୍ୟାର ମାତ୍ର ଦୁଇଭାଗ । କିନ୍ତୁ ଭାରତର ସୈନ୍ୟବାହିନୀର ପଞ୍ଜାବୀଙ୍କ ସଂଖ୍ୟା ଶତକଡ଼ା୧୨ ପ୍ରତିଶତ । ସେହିପରି ପଞ୍ଜାବର କ୍ଷେତ୍ରଫଳ ଭାରତର କ୍ଷେତ୍ରଫଳର ମାତ୍ର ଦେଢ଼ ପ୍ରତିଶତ । ଅଥଚ ଭାରତରେ ଯେତେ ଚାଉଳ ଓ ଗହମ ସଂଗୃହୀତ ହୁଏ ସେଥିରୁ ପଞ୍ଜାବରୁ ଯଥାକ୍ରମେ ୩୫ ଓ ୬୦ପ୍ରତିଶତ ଆସିଥାଏ । ଭାରତର ଶସ୍ୟ ଭଣ୍ଡାରକୁ ପରିପୂର୍ଣ୍ଣ ଓ ପରିପୁଷ୍ଟ କରିବାରେ ପଞ୍ଜାବର ଏହି ବିପୁଳ ଅବଦାନ ଉଚ୍ଚ ପ୍ରଶଂସନୀୟ । ଭାରତବାସୀଙ୍କର ଉଭୟଖାଦ୍ୟ ନିରାପତ୍ତା ଏବଂ ବାହ୍ୟ ଓ ଆଭ୍ୟନ୍ତରୀଣ ନିରାପତ୍ତାକୁ ସୁନିଶ୍ଚିତ କରିଥିବାରୁ ପଞ୍ଜାବ ଏକ ଶ୍ରେଷ୍ଠ ରାଜ୍ୟର ମାନ୍ୟତା ପାଉଛି । ଏଣୁ ଭାରତବାସୀ ପଞ୍ଜାବଠାରୁ ଅନେକ କିଛି ଶିଖିବାର ରହିଛି ।

-ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତସିଂହପୁର


ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ହରିଣଛାଲ ଜବତ, ୨ ଗିରଫ

ରାଜନଗର, ୪।୧(ଡି.ଏନ.ଏ.)


ଜବତ ହରିଣ ଛାଲ ।

ଭିତରକନିକା ଜାତୀୟଉଦ୍ୟାନରେ ବସବାସ କରୁଥିବା ବନ୍ୟଜନ୍ତୁଙ୍କ ଜୀବନ ଏବେ ବିପନ୍ନ ମୁହାଁ ହେବାରେ ଲାଗିଛି। ନୂଆବର୍ଷରେ ମଉଜ ମଜଲିସ ପାଇଁ ଜାତୀୟ ଉଦ୍ୟାନ ସୀମା ସରହଦରେ ବସବାସ କରୁଥିବା ଶିକାରୀମାନେ ହରିଣକୁ ଶିକାର କରିଥିଲେ। ତାହାର ଛାଲକୁ ବିକ୍ରି କରିବାକୁ ସୋମବାର ଅପରାହ୍ନରେ ଯାଉଥିବା ବେଳେ ଦୁଇଜଣଙ୍କୁ ବନ ବିଭାଗର କର୍ମଚାରୀ ଗିରଫ କରିବା ସହ ଛାଲକୁ ଜବତ କରିଛନ୍ତି। ଶିକାରୀ ଦ୍ୱୟ ହେଲେ ରାଜନଗର ବ୍ଲକ କନକନଗର ଗାଁର ଶିକାରୀ ବିଶ୍ୱଜିତ ମଣ୍ଡଳ, ଶୈଳେନ୍ଦ୍ରନଗର ଗାଁର ମିଥୁନ ପରିଡା। ସେମାନେ ବାଇକ୍ (ନଂ. ଓଡି୨୯ଡି ୦୬୮୯)ରେ ହରିଣ ଛାଲ ନେଇ କେନ୍ଦ୍ରାପଡାକୁ ବିକ୍ରି କରିବାକୁ ଯାଉଥିଲେ। ହରିଣ ଛାଲକୁ ୧୫ ହଜାର ଟଙ୍କାରେ ବିକ୍ରି କରିବାର ସେମାନଙ୍କ ଯୋଜନା ଥିଲା। ଖବରପାଇ ଫରେଷ୍ଟର କପିଳେନ୍ଦ୍ର ପ୍ରଧାନ, ଫରେଷ୍ଟ ଗାର୍ଡ ସୁନିଲ ରଞ୍ଜନ ରାଉତରାୟଙ୍କ ନେତୃତ୍ୱରେ ବନ ବିଭାଗ କର୍ମଚାରୀ ଜାତୀୟଉଦ୍ୟାନ ସୀମାରେ ଥିବା ଡାଙ୍ଗମାଳ ପଞ୍ଚାୟତର ଢୋଢୋଇଆ କାଠୁଆ ଛକ ନିକଟରେ ବାଇକ୍‌କୁ ଅଟକାଇ ବନ୍ଧା ଯାଇଥିବା ଜାଲରୁ ହରିଣ ଛାଲ ଜବତ କରିଥିଲେ। ଜବତ ହରିଣ ଛାଲ ୪ ଫୁଟ ଲମ୍ୱ ୧ ଫୁଟ ୪ ଇଞ୍ଚ ଚଉଡା ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗିରଫ ଦୁଇ ଶିକାରୀଙ୍କ କହିବା ଅନୁଯାୟୀ ୧୦ ଦିନ ତଳେ ସେମାନେ ଭିତରକନିକା ଜାତୀୟ ଉଦ୍ୟାନର ନର୍ଥ ମହିଁଷାମୁଣ୍ଡା ଫରେଷ୍ଟ ବ୍ଲକ ଅଞ୍ଚଳରୁ ହରିଣ ଶିକାର କରିଥିଲେ। ସେମାନେ ହରିଣ ଶିକାର କରିବା ପରେ ତାର ମାଂସକୁ ବଜାରରେ ବିକ୍ରି କରିଥିଲେ।

# ପ୍ରଶାସନ ନ ଶୁଣିବାରୁ ଆତ୍ମାହୁତି ଉଦ୍ୟମ

- ସାଇବର ଠକେଇର ଶିକାର କାଠ ବ୍ୟବସାୟୀ
- ଲୋଭରେ ଫସି ହରାଇଲେ ୧୬.୩୨ଲକ୍ଷ
- ଠକେଇ ଘଟଣାର ତଦନ୍ତ କରାଯିବ: ଏସ୍‌ପି

ଖୋର୍ଦ୍ଧା ଅଫିସ, ୪।୧


ଆତ୍ମାହୁତି ସମୟରେ ବ୍ରଜବନ୍ଧୁ ସାହୁଙ୍କୁ ପୋଲିସ କାବୁ କରୁଛି।

ରାଜ୍ୟରେ ଦିନକୁ ଦିନ ଅନ୍‌ଲାଇନ ଠକେଇ ଘଟଣା ବଢ଼ିବାରେ ଲାଗିଛି। ଦୈନିକ ଅନେକ ବ୍ୟକ୍ତି ଅନ୍‌ଲାଇନ ଠକେଇର ଶିକାର ହେଉଛନ୍ତି। ଖୋର୍ଦ୍ଧା ଜିଲାରେ ଏଭଳି ଏକ ଠକେଇ ଘଟଣା ସାମ୍ନାକୁ ଆସିଛି। ସାଇବର ଠକଙ୍କ ଲୋଭରେ ଫସି ଜଣେ ବ୍ୟବସାୟୀ ୧୬ ଲକ୍ଷ ୩୨ ହଜାର ଟଙ୍କା ହରାଇବା ପରେ ପୋଲିସ ଓ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ମାତ୍ର ସବୁଠି ନିରାଶ ହେବା ପରେ ଶେଷରେ ସେ ସୋମବାର ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଆତ୍ମାହୁତି ଉଦ୍ୟମ କରିଛନ୍ତି। ତେବେ ପୋଲିସ ତାଙ୍କୁ କାବୁ କରି ଟାଉନ ଥାନାକୁ ନେଇଥିଲା। ସେଠାରେ ତାଙ୍କୁ ପଚରାଉଚରା କରିବା ସହ କାଗଜପତ୍ର ଯାଞ୍ଚ କରିଥିଲା। ପରେ ଏସ୍‌ପି ଉକ୍ତ ଠକେଇ ଘଟଣାର ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ସୂଚନା ଅନୁଯାୟୀ, ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅଧୀନ ବାଙ୍କେଇ ଗ୍ରାମର ବ୍ୟବସାୟୀ ବ୍ରଜବନ୍ଧୁ ସାହୁଙ୍କର ଏକ ସରକାରୀ କାଠଗୋଲା ରହିଛି। ୨୦୧୯ରେ ଅନ୍‌ଲାଇନରେ ପୋଲାଣ୍ଡର ଏକ ଘରୋଇ ସଂସ୍ଥା ଶାଗୁଆନ କାଠ କିଣାବିକା କରୁଥିବା ସେ ଜାଣିବାକୁ ପାଇଥିଲେ। କାଠ କିଣିବା ଲାଗି ସେ ସମ୍ପୃକ୍ତ ସଂସ୍ଥା ସହ ଯୋଗାଯୋଗ କରିଥିଲେ। ଆବଶ୍ୟକ କାଗଜପତ୍ର ସହ ୨୩ଲକ୍ଷ ଟଙ୍କା ଡିପୋଜିଟ କରିବା ପରେ ପାରାଦ୍ୱୀପ ପୋର୍ଟରେ ୭ଟି କଣ୍ଟେନରରେ କାଠ ପଠାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଥିଲା। ବ୍ରଜବନ୍ଧୁ ଅଗଷ୍ଟ ୧ରେ ପ୍ରଥମ ପର୍ଯ୍ୟାୟରେ ୧୬ଲକ୍ଷ ୩୨ହଜାର ଟଙ୍କା ଜମା କରିଥିଲେ। କାଠ ପାରାଦୀପ ପୋର୍ଟରୁ ଘରେ ପହଞ୍ଚିବା ପରେ ଅବଶିଷ୍ଟ ୫ଲକ୍ଷ ଟଙ୍କା ଡିପୋଜିଟ କରିବାକୁ ଉକ୍ତ କମ୍ପାନୀର ଏଜେଣ୍ଟ କହିଥିଲେ। ଏଜେଣ୍ଟଙ୍କ କଥାନୁସାରେ ବ୍ରଜବନ୍ଧୁ ଅଗଷ୍ଟ ୩୧ରେ କମ୍ପାନୀର କାଗଜପତ୍ର ଧରି ପାରାଦୀପ ପୋର୍ଟକୁ ଯାଇଥିଲେ। ସେଠାରେ ପହଞ୍ଚିବା ପରେ ସେ ଠକାମିର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ସେ ଏ ନେଇ ତୁରନ୍ତ ବୋଲଗଡ଼ ପୋଲିସକୁ ଯୋଗାଯୋଗ କରିଥିଲେ। ତେବେ ଏହା ସାଇବର ଅପରାଧ ହୋଇଥିବାରୁ ତାଙ୍କୁ କଟକ ସାଇବର ସେଲ୍‌ରେ ଅଭିଯୋଗ କରିବାକୁ ପୋଲିସ କହିଥିଲା। ପରେ ସେ ସାଇବର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଟଙ୍କା ଫେରି ପାଇବା ଆଶାରେ ବାରମ୍ବାର ସାଇବର ଥାନାକୁ ଦୌଡ଼ିଥିଲେ। ମାତ୍ର ଘଟଣାର ତଦନ୍ତ ଚାଲିଛି କହି ପୋଲିସ ତାଙ୍କୁ ଫେରାଇ ଦେଉଥିଲା। ଏ ନେଇ ସେ ଜିଲା ପ୍ରଶାସନଠାରୁ ଆରମ୍ଭକରି ରାଜ୍ୟ ସରକାରଙ୍କ ପର୍ଯ୍ୟନ୍ତ ଅଭିଯୋଗ ଜଣାଇ ନିରାଶ ହେବା ପରେ ଆତ୍ମାହୁତି ଦେବାକୁ ନିଷ୍ପତ୍ତି ନେଇଥିଲେ। ୧୫ ଦିନ ତଳେ ଘଟଣା ସମ୍ପର୍କରେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ନ୍ୟାୟ ନ ପାଇଲେ ଆତ୍ମାହୁତି ଦେବେ ବୋଲି ମଧ୍ୟ ଚେତାବନୀ ଦେଇଥିଲେ। ଏହାସତ୍ତ୍ୱେ ପ୍ରଶାସନ ଚୁପ୍ ବସିଥିଲା। ପୂର୍ବ ଘୋଷଣା ମୁତାବକ ସୋମବାର ପୂର୍ବାହ୍ନ ସାଢେ ୧୧ଟାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବ୍ରଜବନ୍ଧୁ ପହଞ୍ଚି ଦେହରେ କିରୋସିନ ଢାଳି ହୋଇ ଆତ୍ମାହୁତି ଉଦ୍ୟମ କରିଥିଲେ। ଏହି ସମୟରେ ଟାଉନ ଥାନା ଅଧିକାରୀ ଉମାଶଙ୍କର ସିଂଙ୍କ ନେତୃତ୍ୱରେ ଏକ ଟିମ୍ ତାଙ୍କୁ କାବୁ କରିଥିଲେ। ଏ ନେଇ ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ କହିଛନ୍ତି, ଆତ୍ମାହୁତି ଉଦ୍ୟମ ବେଳେ ବ୍ରଜବନ୍ଧୁଙ୍କୁ ଟାଉନ ଥାନା ପୋଲିସ କାବୁ କରିଛି। ସେ ଏପରି ଆଉ ଭୁଲ କରିବେ ନାହିଁ ବୋଲି ଖୋର୍ଦ୍ଧା ଉପଜିଲାପାଳଙ୍କ କୋର୍ଟରେ ଲିଖିତନାମା ଦେଇଛନ୍ତି। ନିଜ ଭୁଲ ଲାଗି ଅନୁତାପ କରିଛନ୍ତି। ବ୍ରଜବନ୍ଧୁ ନାଇଜେରିଆର ଏକ ସାଇବର ଠକେଇର ଶିକାର ହୋଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏ ସମ୍ପର୍କରେ ମଧ୍ୟ ସେ କ୍ରାଇମବ୍ରାଞ୍ଚରେ ଅଭିଯୋଗ କରିଛନ୍ତି। ଏହା ଏକ ବଡ ର୍‍ୟାକେଟ। ଏହି ଠକେଇ ଘଟଣା ସମ୍ପର୍କରେ କ୍ରାଇମବ୍ରାଞ୍ଚ ଏଡିଜେଙ୍କ ସହ ମୁଁ ଆଲୋଚନା କରିଛି। ମଙ୍ଗଳବାର ବୋଲଗଡ଼ ଥାନାଧିକାରୀ ତାଙ୍କୁ ସାଥିରେ ଧରି କଟକ କ୍ରାଇମବ୍ରାଞ୍ଚ ଅଫିସକୁ ଯିବେ। ସେଠାରେ ତାଙ୍କ ଅଭିଯୋଗର ତଦନ୍ତ କରାଯିବ।

## ୮ ସୁଦ୍ଧା ଟିକାଦାନ କେନ୍ଦ୍ର ଚିହ୍ନଟ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୪।୧(ବ୍ୟୁରୋ)

କୋଭିଡ୍ ଟିକାକରଣ ପାଇଁ ଆସନ୍ତା ୮ ତାରିଖ ସୁଦ୍ଧା ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ଉଦ୍ଦିଷ୍ଟ କୋଭିଡ୍ ଟିକାଦାନ କେନ୍ଦ୍ରଗୁଡ଼ିକୁ ଚୂଡ଼ାନ୍ତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ସୋମବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସମସ୍ତ ଜିଲାପାଳ ଓ ମହାନଗର ନିଗମ କମିଶନରଙ୍କୁ ଚିଠି ଲେଖିଛନ୍ତି। ଟିକାଦାନ କେନ୍ଦ୍ରଗୁଡ଼ିକରେ ପ୍ରତୀକ୍ଷାଳୟ, ଟିକାଦାନ ଗୃହ ଓ ପର୍ଯ୍ୟବେକ୍ଷଣ ଗୃହ ରହିବା ଆବଶ୍ୟକ। ବ୍ଲକରେ ଥିବା ଜନସ୍ୱାସ୍ଥ୍ୟ କେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକାଦାନ କେନ୍ଦ୍ର ଲାଗି ସ୍ଥାନ ଚିହ୍ନଟ ହେବ। ସେହିପରି ଉପଖଣ୍ଡ ଚିକିତ୍ସାଳୟ, ଜିଲା ମୁଖ୍ୟ ଚିକିତ୍ସାଳୟ, ମେଡିକାଲ କଲେଜ, ଘରୋଇ ହସ୍ପିଟାଲରେ ମଧ୍ୟ ଟିକାଦାନ କେନ୍ଦ୍ର ପାଇଁ ସ୍ଥାନ ଚିହ୍ନଟ ହେବ। ବ୍ଲକସ୍ତରୀୟ ଓ ପୌରସ୍ତରୀୟ ଟାସ୍କଫୋର୍ସଗୁଡ଼ିକ ଏସବୁ ଟିକାଦାନ କେନ୍ଦ୍ରଗୁଡ଼ିକର ପର୍ଯ୍ୟବେକ୍ଷଣ ପରେ ଜିଲା ପ୍ରଶାସନକୁ ଚୂଡ଼ାନ୍ତ ତାଲିକା ପଠାଇବେ। ଅନ୍ୟପକ୍ଷରେ ପ୍ରତି ଟିକାଦାନ କେନ୍ଦ୍ରରେ ଟିକାଦାନକାରୀଙ୍କ ସମେତ ଏକ ୫ ଜଣିଆ ଦଳ ବଛାଯିବ। ଟିକାଦାନ ପରେ କୌଣସି ସମ୍ଭାବ୍ୟ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଗଲେ, ତାହାର ପରିଚାଳନା ପାଇଁ ପ୍ରତି ଟିକାଦାନ କେନ୍ଦ୍ରରେ ଜଣେ ତାଲିମପ୍ରାପ୍ତ ମେଡିକାଲ ଅଫିସର ନିଯୁକ୍ତ ରହିବେ।


## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ଘୋଷଣା

RDM-LAC-KNJ-0003-2018-3063 ତା17 JAN 2020

No. V-06:- ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫ (୨) ଅନୁସାରେ ଜିଲ୍ଲାପାଳ, କେନ୍ଦୁଝରଙ୍କ ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ମୌଜା - **ମଠ (ଅତିରିକ୍ତ)**, ଥାନା- ନନ୍ଦିପଦା, ନଂ.- ୧୫୪, ତହସିଲ- ହାଟଡିହି, ଜିଲ୍ଲା- କେନ୍ଦୁଝରରେ ନିମ୍ନସୂଚିତ 'କ' ତଫସିଲ ଜମି ଏହି ଆଇନର ଧାରା ୨(୧) ପ୍ରକାରେ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା କେନ୍ଦୁଝର ଜିଲ୍ଲାରେ ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ ନିମନ୍ତେ ବୈତରଣୀ ବାମ ପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ ନିର୍ବାହୀ ଯନ୍ତ୍ରୀ, ଆନନ୍ଦପୁର କେନାଲ ଡିଭିଜନଙ୍କ, ସଲପାଡା, କେନ୍ଦୁଝରଙ୍କ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୮୨୭୯ ତା.୨୨।୦୫।୨୦୧୮ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା - **ମଠ (ଅତିରିକ୍ତ)**, ଥାନା- ନନ୍ଦିପଦା, ନଂ.- ୧୫୪, ତହସିଲ- ହାଟଡିହି, ଜିଲ୍ଲା- କେନ୍ଦୁଝରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ ।

ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହା ମଧ୍ୟ ଜିଲ୍ଲା ୱେବସାଇଟ୍ www.kendujhar.nic.inରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ୍ www.odisha.gov.in/revenueରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଗଲା । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ଅଧିକାରୀ, ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ, ସଲପାଡା, କେନ୍ଦୁଝରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କର ଦେଖିବାକୁ ମିଳିପାରିବ ।

ତଫସିଲ - କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: କେନ୍ଦୁଝର — ତହସିଲ: - ହାଟଡିହି

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ମଠ (ଅତିରିକ୍ତ) | ଗ୍ରାମାଞ୍ଚଳ | ଏଥି ସହ ସଂଲଗ୍ନ କରାଗଲା | ଏଥି ସହ ସଂଲଗ୍ନ କରାଗଲା | ଏଥି ସହ ସଂଲଗ୍ନ କରାଗଲା | ଏଥି ସହ ସଂଲଗ୍ନ କରାଗଲା | ଏ. ୧.୫୯ | ଏଥି ସହ ସଂଲଗ୍ନ କରାଗଲା |

ତଫସିଲ - ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା: କେନ୍ଦୁଝର — ତହସିଲ: - ହାଟଡିହି

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

• ଅଧିସୂଚନାର ବୈଧ ତାରିଖ:- ୦୬/୦୯/୨୦୧୯ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ଅତିରିକ୍ତ ଶାସନ ସଚିବ

OIPR-24001/14/0179/2021



## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ଘୋଷଣା

No. RDM-LAA-MBJ-0062-2019/24886/R&DM ତା19 AUG 2020

No. XXI-47:- ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫ (୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- **କରଞ୍ଜକୋଇଲି**, ଥାନା- ବେତନଟୀ ସଂ. ୧୦୭, ତହସିଲ- ବେତନଟୀ, ଜିଲ୍ଲା- ମୟୂରଭଞ୍ଜରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ମୁକ୍ତାପୁର ସବ ମାଇନର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୨୬୯୨୦ ତା.୧୦.୦୯.୨୦୧୯ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା - **କରଞ୍ଜକୋଇଲି**, ଥାନା- ବେତନଟୀ ସଂ. ୧୦୭, ଜିଲ୍ଲା- ମୟୂରଭଞ୍ଜରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ ।

ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହା ମଧ୍ୟ ଜିଲ୍ଲା ୱେବସାଇଟ୍ www.mayurbhanj.nic.inରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ୍ http://revenue.odisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଲକ୍ଷ୍ମୀପୋଷି, ବାରିପଦା ସ୍ଥିତ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କର ଦେଖିବାକୁ ମିଳିପାରିବ ।

ତଫସିଲ - କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ମୟୂରଭଞ୍ଜ — ତହସିଲ: - ବେତନଟୀ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| କରଞ୍ଜକୋଇଲି | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୦.୮୨ | ଏକର ୦.୨୯ | ଏଥି ସହିତ ସଂଲଗ୍ନ |

ତଫସିଲ - ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା: ମୟୂରଭଞ୍ଜ — ତହସିଲ: - ବେତନଟୀ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ:- ୦୩.୦୬.୨୦୨୦

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- (ଅଭୟ କୁମାର ନାୟକ), ଅତିରିକ୍ତ ଶାସନ ସଚିବ

OIPR-24001/14/0184/2021



## NOTICE

We wish to notify to all our esteemed Customer and Educator that our Nayagarh Help Center situated at: **INFRONT OF SAKUNTALA PETROL PUMP, MAIN ROAD, AT: DURGA PRASAD, PO: SINDURIA, NAYAGARH-752069, Odisha** is being merged with Bhubaneswar Help center w.e.f **1st Jan 2021** for the improvement of services.
For any future information and communication, you may please contact our Bhubaneswar Executive to the below mentioned address Contact person:
**Mr. Ranjan Prusty, Mob: 9337001227**

**Unique SMCS Limited, 3RD FLOOR, RATNA COMM, SUBAS BOSE MARG, CUTTACK PURI ROAD, INFRONT OF JENA ARMOURY, BHUBANESWAR - 751006. Phone: 0674-6571249**



## Expression of Interest

**"Expression of Interest"** in sealed cover is hereby invited from interested and experienced security agencies/ firm to provide Security Service for up-coming **15th Toshali National Crafts Mela from 21st January 2021 to 4th February 2021 at Janata Maidan, Bhubaneswar.**

For details of EOI, TOR etc. please visit the website: **www.sidacodisha.org.in.** The last date for submission of EOI in the office of SIDAC, Handicrafts Complex, Gandamunda, Khandagiri, Bhubaneswar. Ph: 0674-2350318 is **up to 05:00 P.M. on 13.01.2021.** The details of EOI will be available in the website w.e.f. **05.01.2021.**

**Member Secretary**

**State Institute for Development of Arts & Crafts**
Handlooms, Textiles & Handicrafts Department, Govt. of Odisha
Handicrafts Complex, Gandamunda, Bhubaneswar - 750030
SIDAC Tel. No. +91 (0) 0674 2350318, E-mail: sidacorissa@gmail.com, www.sidacodisha.org.in



## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ଘୋଷଣା

RDM-LAA-MBJ-0052-2019/5068/R&DM ତା31 JAN 2020

No. XXI-93:- ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫ (୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- **ଚତୁରିସାହି (ଅତିରିକ୍ତ)**, ଥାନା- କରଞ୍ଜିଆ ନଂ. ୧୫୦, ତହସିଲ- କରଞ୍ଜିଆ, ଜିଲ୍ଲା- ମୟୂରଭଞ୍ଜରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଦେଓ ଜଳସେଚନ ପ୍ରକଳ୍ପର ଚତୁରିସାହି ବାମ ପାର୍ଶ୍ୱ ମୁଖ୍ୟ ଡିଷ୍ଟ୍ରିବ୍ୟୁଟାରୀ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୨୩୨୨୬ ତା.୦୯.୦୮.୨୦୧୯ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା - **ଚତୁରିସାହି (ଅତିରିକ୍ତ)**, ଥାନା- କରଞ୍ଜିଆ ନଂ. ୧୫୦, ଜିଲ୍ଲା- ମୟୂରଭଞ୍ଜରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ ।

ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହା ମଧ୍ୟ ଜିଲ୍ଲା ୱେବସାଇଟ୍ www.mayurbhanj.nic.inରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ୍ http://revenue.odisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ଓ ପୁନଃ ବସତି ଅଧିକାରୀ, କରଞ୍ଜିଆ, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ - କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ମୟୂରଭଞ୍ଜ — ତହସିଲ: - କରଞ୍ଜିଆ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଚତୁରିସାହି (ଅତିରିକ୍ତ) | ଗ୍ରାମାଞ୍ଚଳ | ଏଥି ସହ ସଂଲଗ୍ନ | ଏଥି ସହ ସଂଲଗ୍ନ | ଏଥି ସହ ସଂଲଗ୍ନ | ଏକର ୩.୩୨ | ଏକର ୧.୯୬ | ଏଥି ସହ ସଂଲଗ୍ନ |

ତଫସିଲ - ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା: ମୟୂରଭଞ୍ଜ — ତହସିଲ: - କରଞ୍ଜିଆ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ:- ୧୭.୧୨.୨୦୧୯

ରାଜ୍ୟପାଳଙ୍କ ଆଦେଶକ୍ରମେ
ଅତିରିକ୍ତ ଶାସନ ସଚିବ

OIPR-24001/14/0191/2021



## ଓଡ଼ିଶା ସରକାର
## ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
### ଘୋଷଣା

File No. 63 Date: 26.02.2020

No. II-06: ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act. 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ଜହ୍ନିତଇଳା, ଥାନା: ଢେଙ୍କାନାଳ ସଦର, ତହସିଲ: ଢେଙ୍କାନାଳ, ଜିଲ୍ଲା: ଢେଙ୍କାନାଳରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଶାଳଗାଁ ବୁଢ଼ାପଙ୍କ ତାଳଚେରଠାରୁ ଜରପଡ଼ା ତୃତୀୟ ଓ ଚତୁର୍ଥ ରେଳ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।
ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R ACT. 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୮୮ ତା୨୭।୦୨।୨୦୧୯ରିଖରେ ପ୍ରକାଶିତ ହୋଇଅଛି।
ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: ଜହ୍ନିତଇଳା, ଥାନା: ଢେଙ୍କାନାଳ ସଦର, ଜିଲ୍ଲା: ଢେଙ୍କାନାଳରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ।

ତଫସିଲ – 'କ'
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)
ଜିଲ୍ଲା: ଢେଙ୍କାନାଳ, ତହସିଲ: ଢେଙ୍କାନାଳ

| ଖାତା ନଂ. | ପ୍ଲଟ ନଂ. | କିସମ | ମୋଟ ରକବା | ଅଧିଗ୍ରହଣ ରକବା | ରୟତଙ୍କ ନାମ |
|---|---|---|---|---|---|
| ୭୭ | ୫୦୬ | ଶାରଦ-୩ | ୦.୩୩୦ | ୦.୦୧୦ | ପୂର୍ଣ୍ଣଚନ୍ଦ୍ର ସାହୁ, ବୀରବର ସାହୁ, ପି.- ଭାଗିରଥି ସାହୁ, ଜାତି: ଚଷା, ବା: ନିଜଗାଁ, କୁଞ୍ଜ ସ୍ୱାଇଁ, ଗିରିଧାରୀ ସ୍ୱାଇଁ, ଉତ୍ସବ ସ୍ୱାଇଁ, ହଟନାଥ ସ୍ୱାଇଁ, ପି.- ସନାତନ ସ୍ୱାଇଁ, କହ୍ନେଇ ସ୍ୱାଇଁ, ଈଶ୍ୱର ସ୍ୱାଇଁ, ପି.- ନୀଳେଇ ରାଉତରାଏ, ସାନନ୍ଦ ସ୍ୱାଇଁ, ବାଉରୀ ସ୍ୱାଇଁ, ପି.- କ୍ଷେତ୍ର ସ୍ୱାଇଁ, ଜାତି: ଚଷା, ବା: ନିଜଗାଁ |
| ୭୭ | ୪୬୮ | ତଇଳା-୨ | ୧.୪୭୦ | ୦.୩୮୦ | |
| ୭୭ | ୫୫୦ | ଜଳାଶୟ | ୦.୨୯୦ | ୦.୧୩୦ | |
| ୧୧୬ | ୪୫୮ | ଶାରଦ-୨ | ୦.୩୩୦ | ୦.୦୪୦ | ଲୋକନାଥ ମଲ୍ଲିକ, ଚୈତନ୍ୟ ମଲ୍ଲିକ, ପି.- କିଶା ମଲ୍ଲିକ, ଜାତି: ଖଣ୍ଡାୟତ, ବା: ଗେଙ୍ଗୁଟିଆ |
| ୭୬ | ୪୫୯ | ଶାରଦ-୨ | ୦.୩୮୦ | ୦.୦୫୦ | ପୂର୍ଣ୍ଣଚନ୍ଦ୍ର ସାହୁ, ବୀରବର ସାହୁ, ପି.- ଭାଗିରଥି ସାହୁ, ଜାତି: ଚଷା, ବା: ନିଜଗାଁ |
| ୮୭ | ୪୭୪ | ଶାରଦ-୨ | ୦.୧୭୦ | ୦.୦୨୦ | ବାଉରୀ ସ୍ୱାଇଁ, ପି.- କ୍ଷେତ୍ର ସ୍ୱାଇଁ, ଜାତି: ଚଷା, ବା: ନିଜଗାଁ |
| ୨୬ | ୪୭୫ | ଶାରଦ-୩ | ୦.୧୦୦ | ୦.୦୮୦ | ଗୋପାଳ ଚନ୍ଦ୍ର ସ୍ୱାଇଁ, ଗୋଲେଖ ବିହାରୀ ସ୍ୱାଇଁ, ଗୋକୁଳା ନନ୍ଦ ସ୍ୱାଇଁ, ପି.- କହ୍ନେଇ ସ୍ୱାଇଁ, ଜା: ଚଷା, ବା: ନିଜଗାଁ |
| ୬ | ୪୭୬ | ଶାରଦ-୩ | ୦.୧୧୦ | ୦.୧୧୦ | ଈଶ୍ୱର ସ୍ୱାଇଁ, ପି.- ନୀଳଇ ରାଉତରା, ଜାତି: ଚଷା, ବା: ନିଜଗାଁ |
| ୭୧ | ୫୦୮ | ତଇଳା-୨ | ୩.୨୩୦ | ୦.୪୫୦ | ପ୍ରଭାକର ସ୍ୱାଇଁ, ପି.- ସାନନ୍ଦ ସ୍ୱାଇଁ, ଜାତି: ଚଷା, ବା: ନିଜଗାଁ |
| ୪୦ | ୫୩୦ | ତଇଳା-୨ | ୩.୦୦୦ | ୦.୧୯୦ | ଜଗନ୍ନାଥ ଦେହୁରୀ, କୁଆଙ୍ଗ ଦେହୁରୀ, ହରି ଦେହୁରୀ, ଦୈତାରୀ ଦେହୁରୀ, ଦାସ ଦେହୁରୀ, ପି.- ଭଗବାନ ଦେହୁରୀ, ଜାତି: କେଉଟ, ବା: ଗେଙ୍ଗୁଟିଆ |
| ୮୩ | ୫୩୮ | ତଇଳା-୨ | ୪.୪୧୦ | ୦.୦୫୦ | ସମସ୍ତ ଗ୍ରାମବାସୀ ପକ୍ଷ ମାଫତ: ପୁରୁଷୋତ୍ତମ ନାୟକ, ପି.- ବନମାଳି ହରିଚନ୍ଦ୍ର, ପୂର୍ଣ୍ଣଚନ୍ଦ୍ର ସାହୁ, ବୀରବର ସାହୁ, ପି.- ଭାଗିରଥି ସାହୁ, ଜା: ଚଷା, ବା: ନିଜଗାଁ, ଉପେନ୍ଦ୍ର ସ୍ୱାଇଁ, ପି.- ଗଣିଆ ସ୍ୱାଇଁ, ଚୈତନ୍ୟ ବେହେରା, ପି.: ସାଧୁ ବେହେରା, ଜାତି: ଗୋପାଳ, ବା: ପୋଡ଼ ଖୁଣ୍ଟିଆ |
| | | | ମୋଟ | ୧.୫୧୦ | |

• ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ................ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

ତଫସିଲ – ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)
ଜିଲ୍ଲା: ଢେଙ୍କାନାଳ, ତହସିଲ: ଢେଙ୍କାନାଳ

| ଗ୍ରାମର ନାମ | ଗ୍ରାମୀଣ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ମୋଟ ରକବା | ପୁନର୍ବାସ ନିମନ୍ତେ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ ..............................।

ରାଜ୍ୟପାଳଙ୍କ ଆଦେଶକ୍ରମେ
ଜିଲ୍ଲାପାଳ, ଢେଙ୍କାନାଳ

OIPR-24034/14/0007/2021



## REGIONAL DIRECTORATE OF EDUCATION, RAJABAGICHA, BALASORE

**Tele: 06782-263839**
**E-mail: rdebls2018@gmail.com**

### QUOTATION/TENDER CALL NOTICE
### No. 01/RDE, BLS, Dt.31.12.2020

Sealed quotations/tender are invited from the intending bidders/travel agencies/ individuals having GST registration for supply of one vehicle (Petrol) on hire basis for the office use of Regional Directorate of Education, Balasore. Last date of submission of quotation is 16.01.2021 by 2.00 P.M. For details please contact with the office.

**Sd./- Regional Director of Education, Balasore**

## ଦୁର୍ଘଟଣାରେ ଯୁବକ ମୃତ

**ଚୌଦ୍ୱାର,(ଡି.ଏନ୍.ଏ.):** ପୁରୁଣା କଟକ-ସମ୍ବଲପୁର ରାସ୍ତାର ଗୋଡ଼ିପାଟଣା ସାଇମନ୍ଦିର ନିକଟରେ ଏକ ସଡ଼କ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଣୀପଦା ପଞ୍ଚାୟତ ଅଧୀନ ଦେବୀନଗର ଗ୍ରାମର ବିକ୍ରମାଦିତ୍ୟ ସୁବୁଦ୍ଧିରାୟ(୨୨)। ରବିବାର ବିଳମ୍ବିତ ରାତିରେ ସେ ତାଙ୍କର ଜଣେ ବନ୍ଧୁଙ୍କ ବାଇକ୍ ପଛରେ ବସି କଖଡ଼ି ଆଡୁ ନିଜ ଗ୍ରାମକୁ ଆସୁଥିବାବେଳେ ସାଇ ମନ୍ଦିର ନିକଟରେ ଏକ ଷଣ୍ଢ ହଠାତ୍ ରାସ୍ତା ଉପରକୁ ଚାଲି ଆସିବାରୁ ବାଇକ୍ ପିଟି ହୋଇଯାଇଥିଲା। ବିକ୍ରମାଦିତ୍ୟଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସଂକ୍ଷେପରେ

### ଜିଏସ୍ଟି ଠକେଇ ଯାଞ୍ଚ ପାଇଁ ଦାବିପତ୍ର

**କଟକ ସଦର, ୪।୧(ଡି.ଏନ୍.ଏ.):** ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଜାଲ୍ ରସିଦ୍ ଦେଇ ବିଲ୍ ନେବା ଘଟଣା କଟକ ସଦର ବ୍ଲକ ଅଞ୍ଚଳରେ ସାଧାରଣ କଥା ହୋଇଛି। ଏଭଳି ଅନିୟମିତତାର କଡାକଡି ଯାଞ୍ଚ ପାଇଁ ସୋମବାର କଟକ ସ୍ଥିତ ମୁଖ୍ୟ ଜିଏସ୍ଟି କମିଶନର ସୁଶୀଳ କୁମାର ଲୋହାନୀଙ୍କୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବିପତ୍ର ଦିଆଯାଇଛି। ସିମେଣ୍ଟ, ଲୁହାଛଡ, ବୈଦ୍ୟୁତିକ ସାମଗ୍ରୀ, ଚିପ୍ସ ଓ ଇଟା ଆଦି ସାମଗ୍ରୀ କ୍ରୟବେଳେ ଜାଲ୍ ରସିଦ ବ୍ୟବହାର କରାଯାଉଛି। ଏଥିରେ ବ୍ୟବହାର କରାଯାଇଥିବା ଟେମ୍ପରାରି ଆଇଡେଣ୍ଟିଫିକେସନ ନମ୍ବର(ଟିନ୍)ର ଠିକ୍ ଭାବେ ଯାଞ୍ଚ କରାଯାଇ ନ ଥିବା କଥା ଦାବିପତ୍ରରେ ଉଲ୍ଲେଖ କରାଯାଇଛି। କମିଶନରଙ୍କ ଅନୁପସ୍ଥିତିରେ ତାଙ୍କର ବ୍ୟକ୍ତିଗତ ସହାୟକ ଦାବିପତ୍ର ଗ୍ରହଣ କରିଥିବା ସାମାଜିକ କର୍ମୀ ଶ୍ରୀକାନ୍ତ ପ୍ରଧାନ କହିଛନ୍ତି।

### ଧବଳେଶ୍ୱର ମନ୍ଦିର ଖୋଲିବା ପାଇଁ ଉପଜିଲାପାଳଙ୍କୁ ସ୍ମାରକପତ୍ର

**ଆଠଗଡ,୪।୧(ସ୍ୱ.ପ୍ର.):** କଟକ ଜିଲା ଆଠଗଡ଼ସ୍ଥିତ ପ୍ରସିଦ୍ଧ ଶୈବପୀଠ ଶ୍ରୀ ଧବଳେଶ୍ୱର ପୀଠକୁ ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ଖୋଲିବା ପାଇଁ ଦାବି କରାଯାଇଛି। ଏନେଇ ଆଠଗଡ଼ ବିକାଶ ପରିଷଦ ତରଫରୁ ଉପଜିଲାପାଳ ଅଜାମ୍ବର ମହାନ୍ତିଙ୍କୁ ସୋମବାର ସ୍ମାରକପତ୍ର ପ୍ରଦାନ କରାଯାଇଛି। ପରିଷଦର ସଭାପତି ରାମନାରାୟଣ ମହାନ୍ତି ଏହାର ନେତୃତ୍ୱ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଠଗଡ଼ ଓକିଲ ସଂଘ ଉପସଭାପତି ରାଜେନ୍ଦ୍ର ନାରାୟଣ ମହାପାତ୍ର, ଆଇନଜୀବୀ ପ୍ରମୋଦ କୁମାର ଜେନା, ଲଳିତ ରଞ୍ଜନ ସାହୁ, ଶ୍ରୀନିବାସ ପତ୍ରୀ ଓ ଜ୍ଞାନରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀଧବଳେଶ୍ୱର ପୀଠ ଆଠଗଡ଼ ଅଞ୍ଚଳର ପର୍ଯ୍ୟଟନ ତଥା ଧାର୍ମିକ ଭାବନା ସହ ଜଡ଼ିତ। ତେଣୁ ଏହାକୁ ତୁରନ୍ତ ଖୋଲାଯିବା ପାଇଁ ପରିଷଦ ପକ୍ଷରୁ ଦାବି କରାଯାଇଛି। ଏନେଇ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ଉପଜିଲାପାଳ ମହାନ୍ତି ପ୍ରତିଶ୍ରୁତି ଦେଇଛନ୍ତି।

### ମହାନଦୀ ଶଯ୍ୟାକୁ ପୋତା ନ ଯାଉ
#### ଜିଲାପାଳଙ୍କୁ ଦାବିପତ୍ର

**କଟକ ଅଫିସ, ୪।୧:** ଏସ୍ସିବି ମେଡିକାଲ ଦ୍ୱିତୀୟ କ୍ୟାମ୍ପସ ଓ ବର୍ଣ୍ଣ ପ୍ରକଳ୍ପ ପାଇଁ ମହାନଦୀର ଦକ୍ଷିଣପାର୍ଶ୍ୱ ଗଡ଼ଗଡ଼ିଆଠାରୁ ଆନିକଟ ଯାଏ ନଦୀଶଯ୍ୟାକୁ ବାଲିରେ ପୋତାଯାଉଛି। ଫଳରେ ନଦୀରେ ପାଣି ଆସିଲେ ଜଗତ୍ପୁର ଓ ବାମପାର୍ଶ୍ୱ ପ୍ରଭାବିତ ହେବା ଆଶଙ୍କା ରହିଛି ବୋଲି କଟକ ଚୌଦ୍ୱାର ବିକାଶ ପରିଷଦ ପକ୍ଷରୁ ଅଭିଯୋଗ ହୋଇଛି। ଏସ୍ସିବି ଦ୍ୱିତୀୟ କ୍ୟାମ୍ପସ ପାଇଁ ବିକଳ୍ପ ଜାଗା ଚିହ୍ନଟ, ନଦୀଶଯ୍ୟାକୁ ନ ପୋତିବା ଓ ନଦୀରୁ ଖୋଳାଯାଉଥିବା ବାଲିକୁ ଅନ୍ୟତ୍ର ପକାଇବାକୁ ପରିଷଦ ଦାବି କରିଛି। ଏ ସମ୍ପର୍କରେ ପରିଷଦ ଜିଲାପାଳଙ୍କୁ ସୋମବାର ଏକ ଦାବିପତ୍ର ପ୍ରଦାନ କରିଛି। ପରିଷଦ ସଭାପତି ମାନସ ପରିଡ଼ାଙ୍କ ନେତୃତ୍ୱରେ ତୀର୍ଥାନନ୍ଦ ପଣ୍ଡା, ଅମର ତ୍ରିବେଦୀ, କିଶୋର ନାୟକ, ପ୍ରତାପ ପରିଡ଼ା, ଚିତ୍ତରଞ୍ଜନ ମହାନ୍ତି, ଶ୍ରମିକ ନେତା ଲକ୍ଷ୍ମୀଧର ଶରତ, ଅଲେଖ ଚନ୍ଦ୍ର ବେହେରା ପ୍ରମୁଖ ଏହି ଦାବିପତ୍ର ପ୍ରଦାନ କରିଥିଲେ।

### ଭାଲୁଙ୍କା ଆଦିବାସୀ ଅଞ୍ଚଳରେ ଅନ୍ନ, ଶୀତବସ୍ତ୍ର ଦାନ

**ଭୁବନେଶ୍ୱର, ୪।୧(ବ୍ୟୁରୋ):** ଓଡିଏମ୍ ଓ ରୋଟାରୀ କ୍ଲବ୍ ହେରିଟେଜ୍ ଭୁବନେଶ୍ୱର ତରଫରୁ ଭାଲୁଙ୍କା ଆଦିବାସୀ ଅଞ୍ଚଳରେ ଅନ୍ନପୂର୍ଣ୍ଣା ଜନହିତୈଷୀ ପ୍ରକଳ୍ପରେ ଅନ୍ନ ଓ ଶୀତବସ୍ତ୍ର ଦାନ କରାଯାଇଛି। ଓଡିଏମ୍ ଏଜୁକେଶନାଲ ଗ୍ରୁପର ଚେୟାରମ୍ୟାନ୍ ତଥା ରୋଟାରୀ କ୍ଲବ୍ ହେରିଟେଜ୍ ଭୁବନେଶ୍ୱରର ପ୍ରେସିଡେଣ୍ଟ ସତ୍ୟବ୍ରତ ମୀନକେତନଙ୍କ ପୃଷ୍ଠପୋଷକତାରେ ୬୦୦ ଆଦିବାସୀଙ୍କର ଭୋଜନ ବ୍ୟବସ୍ଥା କରାଯାଇଥିଲା। ଏଥିସହ ୧୦୦ଜଣ ନିରାଶ୍ରୟ ବୃଦ୍ଧାବୃଦ୍ଧଙ୍କୁ ଶୀତବସ୍ତ୍ର ଦାନ କରାଯାଇଛି। ଏ ସମ୍ପର୍କରେ ସତ୍ୟବ୍ରତ କହିଛନ୍ତି, ଦୁସ୍ଥ ଓ ସାମାଜିକ-ଆର୍ଥିକ ଦୃଷ୍ଟିରୁ ୫ ପଛୁଆ ଗାଁକୁ ରୋଟାରୀ କ୍ଲବ୍ ହେରିଟେଜ୍ ଭୁବନେଶ୍ୱର ପୋଷ୍ୟ ଗାଁ ଭାବେ ଗ୍ରହଣ କରିଛି। ପ୍ରତିବର୍ଷ ବିଭିନ୍ନ ସମୟରେ ସେଠାକାର ଲୋକେ ସ୍ୱାସ୍ଥ୍ୟ, ଶିକ୍ଷା, ସାମାଜିକ ବିକାଶ ଓ ସର୍ବଜନ ହିତୈଷୀ କ୍ଷେତ୍ରରେ କ୍ଲବ୍ ବିଭିନ୍ନ କାର୍ଯ୍ୟ କରୁଛି।

# କାର୍ଯ୍ୟକାରୀ ହେବ 'ମୋ ସାଇକେଲ୍' ଆପ୍

**ଭୁବନେଶ୍ୱର, ୪।୧(ବ୍ୟୁରୋ)**

ମୋ ସାଇକେଲ୍ର ନୂତନ ଦିଗନ୍ତ ଭାବେ ଖୁବ୍ଶୀଘ୍ର 'ମୋ ସାଇକେଲ୍' ଆପ୍କୁ କାର୍ଯ୍ୟକାରୀ କରିବା ପାଇଁ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍(ବିଏସ୍ସିଏଲ୍) ଏବଂ ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି) ପଦକ୍ଷେପ ନେଇଛନ୍ତି। ସାଇକେଲ ଚଳାଇବାକୁ ଲୋକଙ୍କୁ ଉତ୍ସାହିତ କରିବା ପାଇଁ ସ୍ମାର୍ଟସିଟି ସିଇଓ ତଥା ବିଏମ୍ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀଙ୍କ ନିର୍ଦ୍ଦେଶରେ ଏହି ପଦକ୍ଷେପ ନିଆଯାଇଛି। ତେବେ ଫେବୃୟାରୀରେ ଏହି ଆପ୍ କାର୍ଯ୍ୟକାରୀ ହେବ। ଏହି ଗୋଟିଏ ଆପ୍ ବ୍ୟବହାର କରି ତିନୋଟି କମ୍ପାନୀର ସାଇକେଲ୍ ଚଢ଼ିପାରିବେ ଲୋକେ।

ଅନ୍ୟପକ୍ଷରେ କ୍ୟାପିଟାଲ୍ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ (କ୍ରୁଟ୍)ରୁ 'ମୋ ସାଇକେଲ୍'ର ଦାୟିତ୍ୱ କାଢ଼ି ନିଆଯିବା ପରେ ବିଏସ୍ସିଏଲ୍ ଏବଂ ବିଏମ୍ସିର ମିଳିତ ପ୍ରୟାସରେ ଏହାର ପୁନରୁଦ୍ଧାର ସହ ନବୀକରଣ ସ୍ୱରୂପ ବିଭିନ୍ନ ସାଇକେଲ୍ ଡିପୋରେ ଥିବା ସାଇକେଲ୍କୁ ସର୍ଭେ କରାଯାଇଛି। ମୋଟ ୨୦୦୦ ସାଇକେଲ୍ରୁ ବର୍ତ୍ତମାନ ୧୬୦୦ ସାଇକେଲ୍ କାର୍ଯ୍ୟକ୍ଷମ ଅବସ୍ଥାରେ ଥିବାବେଳେ ୪୦୦ ସାଇକେଲ୍ର ମରାମତି ପାଇଁ ପଦକ୍ଷେପ ନିଆଯାଇଛି। ସେହିପରି ପବ୍ଲିକ୍ ବାଇସାଇକେଲ୍ ଶେୟାରିଂ ବା ପିବିଏସ୍କୁ ଅଧିକ ଲୋକାଭିମୁଖୀ କରିବା ପାଇଁ ମଧ୍ୟ ଯୋଜନା ହୋଇଛି। ଯେଉଁଥିରେ ୨ଟି ମୁଖ୍ୟ ସାଇକେଲ୍ ଟ୍ରାକ୍ରେ ପିବିଏସ୍ର ଉନ୍ନତି କରାଯିବ। ଶିଶୁଭବନ ଛକଠାରୁ ବାଣୀବିହାର ପର୍ଯ୍ୟନ୍ତ ଓ ପଟିଆ ଛକଠାରୁ ଇନ୍ଫୋସିଟି ଦେଇ କିଟ୍ ପର୍ଯ୍ୟନ୍ତ ସାଇକେଲ୍ ଟ୍ରାକ୍ର ଉନ୍ନତି କରାଯିବ। ପ୍ରାରମ୍ଭରୁ ୟାନା କମ୍ପାନୀର ୫୦୦, ୟୁଲୁ ୫୦ ଏବଂ ହେକ୍ସି ୧୦୦୦ଟି ସାଇକେଲ୍ ସହ ମୋଟ ୨ହଜାରଟି ସାଇକେଲ୍କୁ ନେଇ ଭୁବନେଶ୍ୱରରେ ପିବିଏସ୍ର ଆରମ୍ଭ ହୋଇଛି। ବର୍ତ୍ତମାନ ଏହାର ଚଢ଼ାଳି ସଂଖ୍ୟା ଦିନକୁ ଦିନ କ୍ରମଶଃ ବୃଦ୍ଧି ପାଉଛି। ୨୦୨୦ ଅକ୍ଟୋବର ୨୦ ସୁଦ୍ଧା ୬,୪୬୦ଜଣ, ନଭେମ୍ବର ୬,୫୬୪ ଏବଂ ଡିସେମ୍ବର ୨୦ ସୁଦ୍ଧା ୬,୬୯୯ଜଣ ପିବିଏସ୍ର ଉପଯୋଗ କରିଛନ୍ତି। ସେହିପରି ଫିଟ୍ ଇଣ୍ଡିଆ ସାଇକେଲ୍ ଯାତ୍ରାରେ ଭୁବନେଶ୍ୱରର ଅନେକ ନାଗରିକ ବିଶେଷ କରି ଯୁବପିଢ଼ି ଏହି ସାଇକେଲ୍ର ଉପଯୋଗ କରିଛନ୍ତି। ପ୍ରତି ଶୁକ୍ରବାର ସାଇକେଲ୍ ଟ୍ରାକ୍ ଅବରୋଧମୁକ୍ତ କରିବା ପାଇଁ ପ୍ରତି ଜୋନ୍ରେ ଜୋନାଲ୍ ଡେପୁଟି କମିଶନରଙ୍କ ତତ୍ତ୍ୱାବଧାନରେ ଉଚ୍ଛେଦ କରାଯାଉଛି। ୨୦୧୮ ନଭେମ୍ବର ୨୬ରେ ଆରମ୍ଭ କରାଯାଇଥିବା ପିବିଏସ୍ ଏହାର ନୂଆ ରୂପରେ ଅଧିକ ଲୋକାଭିମୁଖୀ ହେବ। ଏଥିପାଇଁ ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି ଡେପୁଟି କମିଶନର କମଲ୍ଜିତ୍ ଦାସ।


■ଦୁଇ ସାଇକେଲ୍ ଟ୍ରାକ୍ର ଉନ୍ନତି କରାଯିବ


■ପବ୍ଲିକ୍ ବାଇସାଇକେଲ୍ ଶେୟାରିଂକୁ ଅଧିକ ଲୋକାଭିମୁଖୀ ଲକ୍ଷ୍ୟ


ଭୁବନେଶ୍ୱର ସିଆର୍ପି ଛକ ନିକଟ ଟ୍ରାଇବାଲ୍ ମ୍ୟୁଜିୟମରେ ଯୁବତୀମାନେ କଳାକୃତୀ ଦେଖୁଛନ୍ତି।

## ୭,୮ରେ ସିଆଇଟିୟୁର ଜେଲଭରୋ ଆନ୍ଦୋଳନ

**ଭୁବନେଶ୍ୱର,୪।୧(ବ୍ୟୁରୋ)**

କରୋନା ସମୟରେ କେନ୍ଦ୍ର ସରକାରଙ୍କ ୪୪ଟି ଶ୍ରମ ଆଇନ ପରିବର୍ତ୍ତନ କରି ୪ କୋଡରେ ପରିଣତ କରିବା, ଶ୍ରମ ଆଇନ ସଂଶୋଧନ ବାତିଲ, କୃଷି ଆଇନ ପ୍ରତ୍ୟାହାର ୧୦ ଦଫା ଦାବି ନେଇ ସିଆଇଟିୟୁ ପକ୍ଷରୁ ଦେଶବ୍ୟାପୀ ଆନ୍ଦୋଳନ ଡାକରା ଦିଆଯାଇଛି। ଏ ନେଇ ଆସନ୍ତା ୭ ଓ ୮ ତାରିଖରେ ରାଜ୍ୟର ସମସ୍ତ ଜିଲାପାଳଙ୍କ ଅଫିସରେ ବିକ୍ଷୋଭ ତଥା ଆଇନ ଅମାନ୍ୟ ଆନ୍ଦୋଳନ କରାଯିବ। ଏହାସହ ୩୦ତାରିଖରେ ରାଜଧାନୀରେ ବିଶାଳ ଶ୍ରମିକ ସମାବେଶ କରିବାକୁ ସିଆଇଟିୟୁ ଡାକରା ଦେଇଛି। କେନ୍ଦ୍ର ସରକାର ମଜୁରି ସଂକ୍ରାନ୍ତୀୟ କୋଡ, ସାମାଜିକ ସୁରକ୍ଷା କୋଡ, ଶିଳ୍ପ ସମ୍ପର୍କ କୋଡ ପାସ କରିବା, କୃଷି ଆଇନ କରିବା, ବିଦ୍ୟୁତ୍ ବିଲ ବୃଦ୍ଧି, ରେଳବାଇ ଘରୋଇକରଣ କରିବା ଆଦି ଦାବିଗୁଡ଼ିକୁ ପରିବର୍ତ୍ତନ କରିବା ପାଇଁ ସିଆଇଟିୟୁ ଦାବି କରିଛି। ପୂର୍ବରୁ ଏ ନେଇ ଦଳ ପକ୍ଷରୁ ବିରୋଧ, ବିକ୍ଷୋଭ କରାଯାଇଥିଲେ ହେଁ ଆଗକୁ ବଡ଼ଧରଣର ବିକ୍ଷୋଭ କରାଯିବ ବୋଲି ସିଆଇଟିୟୁ ସଭାପତି ଜନାର୍ଦ୍ଦନ ପତି ପ୍ରକାଶ କରିଛନ୍ତି।

# ଭୁବନେଶ୍ୱର ବସ୍ତିରୁ ହଟିବ ଅପରାଧୀଙ୍କ ଆଡ୍ଡା

**ଭୁବନେଶ୍ୱର,୪।୧ (ବ୍ୟୁରୋ)**

### କମିଶନରେଟ୍ ପୋଲିସର 'ବସ୍ତିକୁ ଚାଲ' ଅଭିଯାନ ଆରମ୍ଭ

ବସ୍ତିବହୁଳ ଭୁବନେଶ୍ୱର ଦିନକୁ ଦିନ ଅପରାଧ ପ୍ରବଣ ହୋଇପଡୁଛି। ବିଶେଷକରି ବାହାରୁ ଅପରାଧୀମାନେ ଏଠାକୁ ଆସି ବସ୍ତିରେ ଆଡ୍ଡା ଜମାଇ ଉତ୍ପାତ କରୁଛନ୍ତି। ଏମାନଙ୍କୁ ସାବାଡ଼ କରିବା ସହ ବସ୍ତିରୁ ଅପରାଧୀଙ୍କ ଆଡ୍ଡାକୁ ହଟାଇବାକୁ ଯୋଜନା କରିଛି କମିଶନରେଟ ପୋଲିସ। ଏଥିପାଇଁ ଆରମ୍ଭ କରିଛି 'ବସ୍ତିକୁ ଚାଲ' ଅଭିଯାନ।

ଅଭିଯାନ ଅନୁଯାୟୀ, ବସ୍ତି ଲୋକଙ୍କ ସହ ସମ୍ପର୍କ ବଢ଼ାଇବ ପୋଲିସ। ଏଥିପାଇଁ ପ୍ରତି ସପ୍ତାହରେ ନିଜ ଥାନାଞ୍ଚଳର ୫ରୁ ୬ ବସ୍ତିକୁ ଯିବ। କିନ୍ତୁ ପ୍ରାଥମିକ ପର୍ଯ୍ୟାୟରେ ମାସେ ପାଇଁ ପ୍ରତି ଥାନା ୩ଟି ବସ୍ତିକୁ ପରୀକ୍ଷାମୂଳକ ଭାବେ ନେବେ। ବସ୍ତି ଅଞ୍ଚଳରେ ରହୁଥିବା ବା ରହିବାକୁ ଥିବା ଭଡାଟିଆଙ୍କ ବିଷୟରେ ଘର ମାଲିକମାନେ ପୋଲିସକୁ ଅବଗତ କରାଇବାକୁ କହିବେ। ପୋଲିସ ଉକ୍ତ ଭଡାଟିଆଙ୍କ ସମସ୍ତ ପରିଚୟପତ୍ର ଯାଞ୍ଚ କରିବ। ଏଥିସହିତ ବସ୍ତିରେ କେଉଁମାନେ ରହୁଛନ୍ତି, ସେମାନେ କ'ଣ କରୁଛନ୍ତି, ବସ୍ତିର କିଏ କିଏ ପ୍ରମୁଖ ଲୋକ ଆଦି ସମସ୍ତ ତଥ୍ୟ ପୋଲିସ ସଂଗ୍ରହ କରିବ। ପୋଲିସକୁ ସହାୟତା ପାଇଁ ଉକ୍ତ ବସ୍ତି ଅଞ୍ଚଳର ପିଲାଙ୍କୁ ଏହି ଅଭିଯାନରେ ସାମିଲ କରାଯିବ। ଯଦି କାହା ନାଁରେ ଆପରାଧିକ ମାମଲା ରହିଥିବା ସୂଚନା ମିଳେ, ପୋଲିସ ତାଙ୍କ ଉପରେ ସର୍ବଦା ନଜର ରଖିବ। ସେହିଭଳି ପ୍ରତି ସପ୍ତାହରେ ପୋଲିସ ଉକ୍ତ ବସ୍ତିଲୋକଙ୍କୁ ନେଇ ବୈଠକ କରିବ। ଏହାଦ୍ୱାରା ରାଜଧାନୀରେ ଅପରାଧକୁ କିଛି ମାତ୍ରାରେ ନିୟନ୍ତ୍ରଣ କରାଯାଇପାରିବ ବୋଲି ଡିସିପି ଉମାଶଙ୍କର ଦାଶ କହିଛନ୍ତି। ତେବେ ସହରରେ ଗତବର୍ଷ ଛିନ୍ତାଇ ଓ ଲୁଟ୍ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଥିଲା। ରାଜ୍ୟ ବାହାରୁ ଅନେକ ଗ୍ୟାଙ୍ଗ୍ ଆସି ବସ୍ତି ଅଞ୍ଚଳରେ ରହିବା ସହ ସହରସାରା ଲୁଟ୍ପାଟ୍ କରିଥିଲେ। ଏଥିସହିତ ଅନେକ ଆପରାଧିକ ମାମଲାରେ ବସ୍ତି ପିଲା ମଧ୍ୟ ସାମିଲ ରହୁଛନ୍ତି। ତେଣୁ ଅପରାଧ ହ୍ରାସ ପାଇଁ ପୋଲିସ ନୂଆବର୍ଷରୁ ବସ୍ତି ଅଞ୍ଚଳକୁ ଫୋକସ କରିଛି।

## ୩ ଧାନମଣ୍ଡି ଉଦ୍ଘାଟିତ

**ବାଲିଅନ୍ତା,୪।୧(ଡି.ଏନ୍.ଏ.)**

ବାଲିଅନ୍ତା ବ୍ଲକ ଅଧୀନ ବେଣ୍ଣପୁର, ଭିଙ୍ଗାରପୁର ଓ କାକରୁଦ୍ରପୁର ସେବା ସମବାୟ ସମିତି ପକ୍ଷରୁ ସୋମବାର ୩ ଧାନମଣ୍ଡିକୁ ଜୟଦେବ ବିଧାୟକ ଡ.ଅରବିନ୍ଦ ଢାଲି ସୋମବାର ଉଦ୍ଘାଟନ କରିଛନ୍ତି। ଜିଲା ପରିଷଦ ସଭ୍ୟ ଅରୁନ୍ଧତୀ ସାହୁ, ଭାଗ୍ୟଲକ୍ଷ୍ମୀ ମିଶ୍ର, ସରପଞ୍ଚ ରଶ୍ମିତା ପାତ୍ର, ମୁରଲୀଧର ସାହୁ, ରମେଶଚନ୍ଦ୍ର ପାଳ, ସମିତିସଭ୍ୟ ତ୍ରୈଲୋକ୍ୟ ମଙ୍ଗରାଜ, ଗାୟତ୍ରୀ ପ୍ରଧାନ, ସମବାୟବିତ ଦିଗମ୍ବର ମଙ୍ଗରାଜ, ବିଚିତ୍ରା ଦାସ, ଡିଆର ରୋଜାଲିନ ସେନାପତି, ଏସିଏସ୍ଓ ଗାୟତ୍ରୀ ପଟ୍ଟନାୟକ, ଦେବସ୍ମିତା ମଲ୍ଲିକ, ଆମ୍ବା ସଭାପତି ବିରଞ୍ଚି ନାରାୟଣ କର, ପ୍ରଶାନ୍ତ ସାହୁ ଓ ସନ୍ତୋଷ ଅଗ୍ରୱାଲ ପ୍ରମୁଖ ଯୋଗଦେଇଥିଲେ।

# ସେବା ମନୋବୃତ୍ତି ରଖି କାର୍ଯ୍ୟ କରନ୍ତୁ: ଜିଲାପାଳ

**କଟକ ଅଫିସ, ୪।୧**

ରାଜ୍ୟରେ 'ମୋ ସରକାର' ଏବଂ ୫-ଟି ଆଧାରରେ ବିଭିନ୍ନ କାର୍ଯ୍ୟ ସମାପନ ହେଉଛି। ଏହି କାର୍ଯ୍ୟ ଜିଲାରେ କିପରି ସଫଳ ରୂପାୟନ ହୋଇପାରିବ ତାହା ଉପରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଗୁରୁତ୍ୱ ଦେଇଛନ୍ତି। ଏଥିପାଇଁ ସୋମବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାରେ ନିଯୋଜିତ ଥିବା ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ଚୟନୀ କହିଥିଲେ, ମାନସିକ ସ୍ତରରେ ସେବା ମନୋବୃତ୍ତି ରଖି ଜିଲାର ସମସ୍ତ ଅଧିକାରୀ ଓ କର୍ମଚାରୀ ସାମର୍ଥ୍ୟ ଅନୁସାରେ କାର୍ଯ୍ୟ କରନ୍ତୁ। ପ୍ରତ୍ୟେକ ଅଧିକାରୀ ଓ କର୍ମଚାରୀ ଉପଯୁକ୍ତ ବ୍ୟବହାର ପ୍ରଦର୍ଶନ ସହ ଯେକୌଣସି କାର୍ଯ୍ୟ ପାଇଁ ଆସିଥିବା ବ୍ୟକ୍ତିଙ୍କୁ ସାହାଯ୍ୟ କରିବାକୁ ଜିଲାପାଳ କହିଥିଲେ। ସେହିପରି ନିଜସ୍ୱ ବିଭାଗ ବ୍ୟତୀତ ଅନ୍ୟ ବିଭାଗର କାର୍ଯ୍ୟ ପାଇଁ ଆସିଥିବା ବ୍ୟକ୍ତିଙ୍କୁ ସାହାଯ୍ୟ କରିବା, ନିର୍ଦ୍ଧାରିତ କାର୍ଯ୍ୟ ବାଦ୍ ଅନ୍ୟ ଆବଶ୍ୟକ କାର୍ଯ୍ୟରେ ନିଯୋଜିତ ହେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ସମ୍ପାଦନ କରିପାରିଲେ କଟକ ଜିଲା ସମଗ୍ର ରାଜ୍ୟରେ ଶ୍ରେଷ୍ଠତା ପାଇପାରିବ ବୋଲି ଜିଲାପାଳ ମତବ୍ୟକ୍ତ କରିଥିଲେ। ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ପୂର୍ଣ୍ଣଚନ୍ଦ୍ର ମିଶ୍ର, ସଦର ଉପଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ପ୍ରମୁଖ ଉପସ୍ଥିତ ଥିଲେ।

# 'ଗାନ୍ଧୀମାର୍ଗରୁ ବିଚ୍ୟୁତ ଯୋଗୁ ଦେଶ ସମୃଦ୍ଧ ହୋଇପାରୁନି'

**ଭୁବନେଶ୍ୱର, ୪।୧(ବ୍ୟୁରୋ)**

### ରାଜ କିଶୋର ନାୟକ ସ୍ମାରକୀ ବକ୍ତୃତାମାଳା

ଭାରତରୁ ଜାତିପ୍ରଥା, ସାମ୍ପ୍ରଦାୟିକତା, ଦାରିଦ୍ର୍ୟ, ବେରୋଜଗାରି, ହିଂସା, ମିଥ୍ୟାଚାର ଓ ଅପରାଧ ଦୂର କରି ସ୍ୱଦେଶୀ, ସ୍ୱାଭିମାନ ଓ ସ୍ୱାବଲମ୍ବନର ଭିତ୍ତିଭୂମି ଉପରେ ସୁନାର ସମୃଦ୍ଧ ସମାଜ ଗଢ଼ିବା ଲାଗି ଗାନ୍ଧିଜୀ ଯେଉଁ ନିରନ୍ତର ଉଦ୍ୟମ ଚଳାଇଥିଲେ ତାହା ଅଧୁରା ରହିଯାଇଛି। ଆର୍ଥିକ, ସାମାଜିକ, ରାଜନୈତିକ, ସାଂସ୍କୃତିକ, ନୈତିକ କ୍ଷେତ୍ରରେ ବ୍ୟାପକ ଅଧଃପତନ ଯୋଗୁ ଭାରତର ଯେଭଳି ସମୃଦ୍ଧି ହେବା କଥା ତାହା ଏ ପର୍ଯ୍ୟନ୍ତ ହାସଲ କରାଯାଇନାହିଁ। ଗାନ୍ଧୀମାର୍ଗରୁ ବିଚ୍ୟୁତ ହେବା ଫଳରେ ଦେଶରେ ଏଭଳି ସ୍ଥିତି ଲାଗି ରହୁଛି ବୋଲି ସୁପ୍ରିମ୍କୋର୍ଟର ଅବସରପ୍ରାପ୍ତ ବିଚାରପତି ଅନଙ୍ଗ କୁମାର ପଟ୍ଟନାୟକ କହିଛନ୍ତି। ରାଜ କିଶୋର ନାୟକ ଜାତୀୟ ଫାଉଣ୍ଡେଶନ ପକ୍ଷରୁ ସୋମବାର ୧୧ଶ ରାଜକିଶୋର ନାୟକ ସ୍ମାରକୀ ବକ୍ତୃତାମାଳା ଓଡ଼ିଶା ରିସର୍ଚ୍ଚ ସେଣ୍ଟରଠାରେ ଅନୁଷ୍ଠିତ ହୋଇଥିଲା। 'ମହାତ୍ମାଗାନ୍ଧୀଙ୍କ ପରେ ଭାରତ ବର୍ଷ' ଶୀର୍ଷକ ଆଲୋଚନାରେ ଯୋଗଦେଇ ଜଷ୍ଟିସ ପଟ୍ଟନାୟକ ଏହା କହିଛନ୍ତି। ଫାଉଣ୍ଡେଶନ ସଭାପତି ପ୍ରହଲ୍ଲାଦ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ବିଶିଷ୍ଟ ସାହିତ୍ୟିକ ବିଭୂତି ପଟ୍ଟନାୟକ ଅନ୍ୟତମ ଅତିଥିଭାବେ ଯୋଗଦେଇଥିଲେ। ପାଟକୁରା ଗାନ୍ଧୀ ଭାବେ ପରିଚିତ ସ୍ୱର୍ଗତ ରାଜକିଶୋର ନାୟକଙ୍କ ଜୀବନୀର ବିଶ୍ଳେଷଣ କରିବା ସହ ସେବା, ସଂଗ୍ରାମ ଓ ସାମାଜିକ ପରିବର୍ତ୍ତନ କ୍ଷେତ୍ରରେ ତାଙ୍କ ଅବଦାନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସର୍ବୋଦୟ ନେତ୍ରୀ କ୍ରିଷ୍ଣା ମହାନ୍ତି କହିଲେ, ବର୍ତ୍ତମାନର ପିଢ଼ି ଗାନ୍ଧିଜୀଙ୍କଠାରୁ ଆରମ୍ଭ କରି ସ୍ୱର୍ଗତ ନାୟକଙ୍କ ପର୍ଯ୍ୟନ୍ତ ସ୍ମରଣୀୟ ବ୍ୟକ୍ତିଙ୍କ ଯଶକୀର୍ତ୍ତିର ଅନୁଶୀଳନ କରି ତାହାକୁ ନିଜ ଉପରେ ପ୍ରୟୋଗ କଲେ ବହୁ ସମସ୍ୟାର ସମାଧାନ ହୋଇପାରିବ। ଅନ୍ୟତମ ବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ସୀତାକାନ୍ତ ମହାପାତ୍ର ଯୋଗଦେଇଥିଲେ। ଏହି ଅବସରରେ ନିର୍ମଳପ୍ରଭା ନାୟକଙ୍କ ରଚିତ 'ସାୟାହ୍ନର ସ୍ମୃତି' ପୁସ୍ତକର ଇଂରାଜୀ ଅନୁବାଦ 'ଟ୍ୱାଇଲାଇଟ୍ ମେମୋରିଜ' ଲୋକାର୍ପିତ ହୋଇଥିଲା। ଏହାର ଅନୁବାଦକ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ପୁସ୍ତକ ସମ୍ପର୍କରେ କହିଥିଲେ। ଫାଉଣ୍ଡେଶନ ସମ୍ପାଦକ ପର୍ଶୁରାମ ଦ୍ୱିବେଦୀ ଓ ଅନ୍ୟତମ ଟ୍ରଷ୍ଟି ନିରଞ୍ଜନ ପଣ୍ଡା ବକ୍ତବ୍ୟ ରଖିଥିଲେ।



ଅତିଥିମାନେ ଦୁଇ ପୁସ୍ତକ ଲୋକାର୍ପଣ କରୁଛନ୍ତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ବିଶ୍ୱଜିତା



@ ଦୀପକ


@ ଲୀପକ


@ ସମ୍ଭାବନା


@ ସ୍ମୃତିରେଖା


@ ଶ୍ୱେତାସୁଧା


@ ଅଂଶୁମାନ୍


@ ପ୍ରତିଭା

## ବ୍ରାଉନସୁଗାର ଜବତ, ଯୁବକ ଗିରଫ

**କଟକ ଅଫିସ, ୪।୧:** ବ୍ରାଉନ୍‌ସୁଗାର ବିକ୍ରି ଅଭିଯୋଗରେ ଜଗତ୍‌ପୁର ପୋଲିସ ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ଲକ୍ଷ୍ମୀବିହାର ଅଞ୍ଚଳର ପ୍ରଶାନ୍ତ ପଲେଇ। ତାଙ୍କ ନିକଟରୁ ୩୫ ଗ୍ରାମରୁ ଊର୍ଦ୍ଧ୍ୱ ଓଜନର ବ୍ରାଉନ୍‌ସୁଗାର, ୨ ମୋବାଇଲ ଓ ସ୍କୁଟି ଜବତ ହୋଇଛି। ଜଗତ୍‌ପୁର ଆଇବି ରୋଡ୍‌ର ଏକ ମିଠା ଦୋକାନ ନିକଟରେ ପ୍ରଶାନ୍ତ ବ୍ରାଉନ୍‌ସୁଗାର ବିକ୍ରି ପାଇଁ ଛିଡା ହୋଇଥିଲେ। ପୋଲିସର ଟିମ୍ ପହଞ୍ଚି ତାଙ୍କୁ ଗିରଫ କରିଥିଲା। ଏ ନେଇ ମାମଲା(ନଂ.୩/୨୧) ରୁଜୁ ହୋଇଛି।

## ମାହାଙ୍ଗା ଡବଲ ମର୍ଡର ଘଟଣାକୁ ନେଇ ବିକ୍ଷୋଭ

**ଚୌଦ୍ୱାର,୪।୧(ଡି.ଏନ୍.ଏ.):** କଟକ ଜିଲା ମାହାଙ୍ଗା ଥାନା ନୃତାଙ୍ଗସ୍ଥିତ ଝଙ୍କୁଟି ନିକଟରେ ଭାଜପା ନେତା କୁଳମଣି ବରାଳ ଓ ଦିବ୍ୟସିଂହ ବରାଳଙ୍କୁ ଶନିବାର ହତ୍ୟା କରାଯାଇଥିଲା। ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ଦାବିରେ ଚୌଦ୍ୱାର ମଣ୍ଡଳ ଭାଜପା ପକ୍ଷରୁ ସ୍ଥାନୀୟ ଗାନ୍ଧୀ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଘଟଣାରେ ମନ୍ତ୍ରୀ ପ୍ରତାପ ଜେନାଙ୍କ ସମ୍ପୃକ୍ତି ଥିବା ଅଭିଯୋଗ କରି ଦଳ ପକ୍ଷରୁ ତାଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଦଳର ଜିଲା ସଭାପତି ପ୍ରଶାନ୍ତ କୁମାର ହୋତାଙ୍କ ନେତୃତ୍ୱରେ ବୈରାଗୀ ଚରଣ ପ୍ରଧାନ, ରମେଶ ନାୟକ, ପ୍ରକାଶ ବଡ଼ଜେନା, କମଳ ମହାନ୍ତି, ସନ୍ତୋଷ ସାହୁ, ଦୀନବନ୍ଧୁ ଗାହାଣ, କ୍ରିଷ୍ଣା ରାଓ, ନିଗମ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

## ଡିସିପିଙ୍କ ଦ୍ୱାରସ୍ଥ ହେଲେ ମହିଳା

**କଟକ ଅଫିସ, ୪।୧**

### ଦାଦାବଟି ନ ଦେବାରୁ ଗାଳିଗୁଲଜ, ଆକ୍ରମଣ

ଦାଦାବଟି ନ ଦେବାରୁ ଜଣେ ମହିଳାଙ୍କୁ ଗାଳିଗୁଲଜ କରିବା, ତାଙ୍କ ସ୍ୱାମୀ ଓ ଭଣଜାଙ୍କୁ ମାଡ଼ ମାରିବା ସହ ୫ ବର୍ଷର ଶିଶୁପୁତ୍ରକୁ ଗାଡ଼ି ଚଢାଇ ମାରିଦେବାକୁ ଉଦ୍ୟମ କରିବା ନେଇ ଗତ ୨୭ ତାରିଖରେ କଟକ ସଦର ଥାନାରେ ଅଭିଯୋଗ ହୋଇଥିଲା। ହେଲେ ନ୍ୟାୟ ନ ପାଇବାରୁ ସମ୍ପୃକ୍ତା ମହିଳା ପରିବାର ଲୋକଙ୍କ ସହ ସୋମବାର ଡିସିପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ମହିଳା ଜଣକ ନିବେଦନ କରିଛନ୍ତି। କଟକ ସଦର ଥାନା ଉତ୍ତମାପୁର ତୋଟାସାହିରେ ଉକ୍ତ ମହିଳାଙ୍କ ବାସଗୃହ ଭଗ୍ନ ଅବସ୍ଥାରେ ଥିଲା। ଗତ ୨୭ ତାରିଖ ଅପରାହ୍ନ ୪ଟାରେ ବାସଗୃହ ମରାମତି ପାଇଁ ମହିଳା ଜଣକ ପ୍ରସ୍ତୁତ ହେଉଥିବାବେଳେ ତୋଟାସାହିର କେତେଜଣ ବ୍ୟକ୍ତି ତାଙ୍କୁ ୫୦ ହଜାର ଟଙ୍କା ଦାଦାବଟି ମାଗିଥିଲେ। ମହିଳା ଜଣକ ଟଙ୍କା ଦେବାକୁ ମନା କରିବାରୁ ସେମାନେ ତାଙ୍କୁ ଗାଳିଗୁଲଜ କରିଥିଲେ। ଏପରି କି ତାଙ୍କ ଭଣଜା ଓ ସ୍ୱାମୀଙ୍କୁ ମାଡ଼ ମାରିବା ସହ ଶିଶୁପୁତ୍ର ଉପରେ ଗାଡ଼ି ଚଢାଇ ଦେଇଥିଲେ। ଫଳରେ ଶିଶୁର ବାମଗୋଡ ଭାଙ୍ଗି ଯାଇଥିଲା। ଏ ନେଇ ମହିଳା ଜଣକ ୨୭ ତାରିଖରେ ଅଭିଯୋଗ କରିଥିଲେ। ପରେ ପୋଲିସ ଅଭିଯୁକ୍ତଙ୍କ ବିରୋଧରେ କୋହଳ ଦଫା ଲଗାଇ ମାମଲା ରୁଜୁ କରିଥିଲା। ହେଲେ ମହିଳା ନ୍ୟାୟ ପାଇବାରେ ବିଫଳ ହେବାରୁ ଡିସିପିଙ୍କ ଦ୍ୱାରସ୍ଥ ହୋଇଥିଲେ।

## ଧାରଣାରତ ଭାଜପା କର୍ମୀଙ୍କ ଆତ୍ମାହୁତି ଉଦ୍ୟମ

**ନରସିଂହପୁର,୪।୧(ସ୍ୱ.ପ୍ର.)**

ବଢ଼ମ୍ବା ନରସିଂହପୁର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଦେବୀପ୍ରସାଦ ମିଶ୍ରଙ୍କ ଡମକଟା ମୌଜାସ୍ଥିତ ପୈତୃକ ଘର ଓ ପାଚେରି ସରକାରୀ ଜମିରେ ନିର୍ମାଣ ହୋଇଥିବା ଭାଜପା ପକ୍ଷରୁ ଅଭିଯୋଗ ହୋଇଛି। ଏହାକୁ ଉଚ୍ଛେଦ ଦାବିରେ ତହସିଲ କାର୍ଯ୍ୟାଳୟ ପରିସରରେ ୮ ଦିନ ହେବ ଦଳ ପକ୍ଷରୁ ଧାରଣା ଦିଆଯାଇଛି। ତେବେ ତହସିଲଦାର ଆଲୋକ କୁମାର ଦେହୁରୀ ବିବାଦୀୟ ଜମିକୁ ମାପଚୁପ ନ କରି କେବଳ ରେକର୍ଡ ଦେଖାଇବାରୁ ସୋମବାର କର୍ମୀମାନେ ତହସିଲ କାର୍ଯ୍ୟାଳୟରେ ତାଲାପକାଇ ଥିଲେ। ଏହି ସମୟରେ ପ୍ରତାପଚନ୍ଦ୍ର ପିହାଣ ନାମକ ଜଣେ ଧାରଣାରତ କର୍ମୀ ନିଜ ଦେହରେ କିରୋସିନ ଢାଳି ଆତ୍ମାହୁତି



ଆତ୍ମାହୁତି ଉଦ୍ୟମ କରିଥିବା ବ୍ୟକ୍ତିଙ୍କୁ ପୋଲିସ କର୍ମଚାରୀ କାବୁ କରିଛନ୍ତି।

ଉଦ୍ୟମ କରିଥିଲେ। ମାତ୍ର ଭାଜପା କର୍ମୀ ଓ ପୋଲିସ କର୍ମଚାରୀମାନେ ତାଙ୍କୁ କାବୁ କରିନେଇଥିଲେ। ପରେ ଆଠଗଡ଼ ଉପଜିଲାପାଳ ଅଜାମ୍ବର ମହାନ୍ତି ଓ ଏସ୍‌ଡିପିଓ ଆଲୋକ ରଞ୍ଜନ ରାୟ ଭାଜପା କର୍ମୀଙ୍କ ସହ ଆଲୋଚନା କରିଥିଲେ। ମାତ୍ର ଏହା ବିଫଳ ହୋଇଛି। ଜମି ମାପଚୁପ ନ ହେବା ପର୍ଯ୍ୟନ୍ତ ଅନଶନ ଜାରି ରହିବ ବୋଲି ଭାଜପା ନେତା ବିଜୟ କୁମାର ଦଳ ବେହେରା କହିଛନ୍ତି।

ଡମକଟା ମୌଜାର ୭୦ ଡିସିମିଲ ଏକର ଜମିରେ ବିଧାୟକ ମିଶ୍ରଙ୍କ ୨ ମହଲା ବିଶିଷ୍ଟ ଘର ଓ ପାଚେରି ନିର୍ମାଣ ହୋଇଛି। ମାତ୍ର ଏହାକୁ ଜବରଦଖଲ କରାଯାଇଥିବା

### ■ ବିଧାୟକଙ୍କ ନାଁରେ ଜମି ଜବରଦଖଲ ଅଭିଯୋଗ

ଦର୍ଶାଇ ଭାଜପା କର୍ମୀମାନେ ତହସିଲଦାରଙ୍କ ନିକଟରେ ମାସେ ପୂର୍ବରୁ ଅଭିଯୋଗ କରିବା ସହ ଡିସେମ୍ବର ୨୮ରୁ ଧାରଣାରେ ବସିଛନ୍ତି। ଏ ସମ୍ପର୍କରେ ତହସିଲଦାର ଦେହୁରୀ କହିଛନ୍ତି, ଜମି ମାପ କରିବା ପାଇଁ ଅମିନ ଓ ରାଜସ୍ୱ ନିରୀକ୍ଷକଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିଲା। ସେମାନଙ୍କ ରିପୋର୍ଟ ମୁତାବକ ଦସ୍ତାବିଜ ତିଆରି କରାଯାଇଛି। ଏ ସମ୍ପର୍କରେ ବିଧାୟକ ମିଶ୍ର କହିଛନ୍ତି, ଜମିଟି ମୋ ବାପାଙ୍କ ସମ୍ପତ୍ତି। ଦୀର୍ଘଦିନ ହେବ ଏହା ତାଙ୍କ ଦଖଲରେ ରହିଛି। ତେଣୁ ଏ ବିଷୟରେ ତାଙ୍କ ନିକଟରେ ଅଧିକ ସୂଚନା ନାହିଁ।

## କ୍ୟାଲେଣ୍ଡର ଉନ୍ମୋଚିତ

**କଟକ ଅଫିସ, ୪।୧:** ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘର ଏକ ସମ୍ମିଳନୀ ସ୍ଥାନୀୟ ମାଛୁଆବଜାରସ୍ଥିତ ସଂଘ କାର୍ଯ୍ୟାଳୟରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାସଂଘ ପକ୍ଷରୁ ୩ ଲକ୍ଷ ପେନ୍‌ସନ୍‌ଭୋଗୀଙ୍କ ବିଭିନ୍ନ ସମସ୍ୟା ବିଷୟରେ ରାଜ୍ୟ ସରକାର ଯଥାଶୀଘ୍ର ସମାଧାନ କରିବାକୁ ଦାବି କରାଯାଇଛି। ଏହି ଅବସରରେ ୨୦୨୧ ବର୍ଷର କ୍ୟାଲେଣ୍ଡରକୁ ମହାସଂଘ ଅଧକ୍ଷ ପ୍ରତାପ ଚନ୍ଦ୍ର ଦାସ ଓ ଅବସରପ୍ରାପ୍ତ ପୋଲିସ ଅଫିସର ସଂଘର ସାଧାରଣ ସମ୍ପାଦକ ବିଭୂତି ଭୂଷଣ ପଟ୍ଟନାୟକ ଉନ୍ମୋଚନ କରିଥିଲେ। ଏଥିରେ କାର୍ଯ୍ୟକାରୀ ଅଧକ୍ଷ ନିର୍ମଳ ଚନ୍ଦ୍ର ଦାସ, ଉପାଧକ୍ଷ ଦ୍ୱାରିକାନାଥ ମହାନ୍ତି, ସୁଦର୍ଶନ ପ୍ରଧାନ, ରଜନୀକାନ୍ତ ଚୌଧୁରୀ, ଅନାଥବନ୍ଧୁ ଦାଶ, ପ୍ରେମାନନ୍ଦ ଜେନା, ସୁବୋଧ ମହାନ୍ତି, ଦେବେନ୍ଦ୍ର କୁମାର ସାହୁ ଓ ବିବେକାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଜମି ଦଖଲ କରି କୋଟିଏ ଟଙ୍କା ବଟି ଦାବି

**ଭୁବନେଶ୍ୱର,୪।୧(ବ୍ୟୁରୋ)**

### ଥାନା ନ ଶୁଣିବାରୁ ଡିସିପିଙ୍କ ଦ୍ୱାରସ୍ଥ ହେଲେ ଜମି ମାଲିକ

ଜମି ଜବରଦସ୍ତ ଦଖଲ କରି କୋଟିଏ ଟଙ୍କା ଦାବି। ଟଙ୍କା ନ ଦେଇ ପୋଲିସକୁ ଜଣାଇଥିବାରୁ ମିଳୁଛି ହତ୍ୟା ଧମକ। ପୋଲିସ ନ ଶୁଣିବାରୁ ଶେଷରେ ୬ଜଣ ଜମି ମାଲିକ ସୋମବାର ଡିସିପିଙ୍କୁ ଭେଟି ଅଭିଯୋଗ କରିବା ସହ ନ୍ୟାୟ ନିବେଦନ କରିଛନ୍ତି। ତେବେ ପୂର୍ବରୁ ଲକ୍ଷ୍ମୀସାଗର ଥାନାରେ ଏନେଇ ଅଭିଯୋଗ କରିବା ସହ ବାରମ୍ବାର ପୋଲିସକୁ ଗୁହାରି କରିଥିଲେ ମଧ୍ୟ କେହି ତାଙ୍କ କଥା ଶୁଣୁ ନ ଥିବା ଉକ୍ତ ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

ଅଭିଯୋଗ ଅନୁଯାୟୀ, ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ୟୁନିଟ୍-୩୧ ଅଞ୍ଚଳରେ ଉକ୍ତ ୬ଟି ପ୍ଲଟ୍ ରହିଛି। ଲକ୍ଷ୍ମୀସାଗର ଅଞ୍ଚଳର ଅଶୋକା ରାଉତ, ଉର୍ମିଳା ନାୟକ, ସୁବାସ ଚନ୍ଦ୍ର ରାଉତ, ରାଜେଶ କୁମାର ପ୍ରଧାନ, ଶିଶିରକାନ୍ତ ସ୍ୱାଇଁ ଏବଂ ସାଲେପୁରର ମୋନାଲିସା ନାୟକ ଏହି ପ୍ଲଟ୍‌ଗୁଡ଼ିକୁ କିଣିଛନ୍ତି। ତେବେ ଜମି କିଣିବା ପରେ ସେମାନେ ତାହାକୁ ସେମିତି ଖାଲି ପକାଇଥିଲେ। ଏହାର ସୁଯୋଗ ନେଇ ଲକ୍ଷ୍ମୀସାଗର ଗ୍ରାମର ୪ଜଣ ବ୍ୟକ୍ତି ଗତ ୧୫ ତାରିଖରେ ଉକ୍ତ ଜମିକୁ ଜବରଦଖଲ କରି ଅସ୍ଥାୟୀ ଘର ତିଆରି କରିବା ସହ ସେଠାରେ ଏକ ଲୁହାଗେଟ୍ ଲଗାଇ ଦେଇଛନ୍ତି। ଏହାଦେଖି ଜମି ମାଲିକମାନେ ସେଠାରେ ପହଞ୍ଚି ଜବରଦଖଲକାରୀଙ୍କୁ ଏ ବାବଦରେ ପଚାରିବାରୁ ସେମାନେ ଉତ୍‌କ୍ଷିପ୍ତ ହୋଇ ଖରାପ ଭାଷାରେ ଗାଳିଗୁଲଜ କରିଥିଲେ। ଏଥିସହିତ ସେମାନେ ଜମି ମାଲିକଙ୍କୁ ମାରଣାସ୍ତ୍ର ଧରି ହାଣିବାକୁ ଗୋଡ଼ାଇବା ସହ ନଗଦ ୧ କୋଟି ଟଙ୍କା ବଟି ଦେଲେ ଜାଗା ଛାଡିବୁ ବୋଲି କହିଥିଲେ। ବଟି ନ ଦେଇ ଏଠିକି ଆସିଲେ ହାଣି ଖଣ୍ଡଖଣ୍ଡ କରି ଜାଗାରେ ପୋତିଦେବୁ ବୋଲି ଧମକ ଦେଇଥିଲେ। ଏହାପରେ ଜମି ମାଲିକମାନେ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିଥିଲେ। ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। ଥାନାକୁ ବାରମ୍ବାର ଦୌଡ଼ିବା ପରେ କୌଣସି ସୁଫଳ ନ ମିଳିବାରୁ ଜମି ମାଲିକମାନେ ଡିସିପିଙ୍କ ଦ୍ୱାରସ୍ଥ ହୋଇଛନ୍ତି।

**OFFICE OF THE ENGINEER-IN-CHIEF (CIVIL), ODISHA, BHUBANESWAR**
**GOVERNMENT OF ODISHA "e"-PROCUREMENT NOTICE**
**WORKS DEPARTMENT**
**E-mail: ceworldbankprojects@gmail.com**
**1st Corrigendum to Bid Identification No. CE-W.B.P. (O)-17/2020-21**

**No. B-588:-** The last date of receipt of tender invited for the works Construction of H.L. Bridge over Atharanalla on (Jajpur Bypass road) in the District of Jajpur for the year 2020-21 vide Bid Identification No. CE-WBP (O)-17/2020-21 is hereby extended upto 5.00 P.M. of 08.01.2021 and will be openend on 11.30 A.M. of 11.01.2021.
All other terms and conditions remain unchanged.

Sd./- Chief Engineer
OIPR-34003/11/0026/2021 World Bank Project, Odisha

**ବୟନଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର**
**ତୋଷାଳୀ ଜାତୀୟ ହସ୍ତଶିଳ୍ପ ମେଳା-୨୦୨୧ରେ ଭାଗନେବା ସମ୍ବନ୍ଧରେ ସୂଚନା**

No. PP-22:- ବିଗତ ବର୍ଷ ଭଳି ଚଳିତ ବର୍ଷ ଭୁବନେଶ୍ୱର ଜନତା ମଇଦାନରେ **ତା୨୧.୦୧.୨୦୨୧ଠାରୁ ତା୦୪.୦୨.୨୦୨୧** ପର୍ଯ୍ୟନ୍ତ ତୋଷାଳୀ ଜାତୀୟ ହସ୍ତଶିଳ୍ପ ମେଳା ଆୟୋଜନ କରାଯାଉଛି । ଏହି ମେଳାରେ ହସ୍ତତନ୍ତ ଉତ୍ପାଦିତ ବସ୍ତ୍ରର ବିକ୍ରୟ ନିମନ୍ତେ ରାଜ୍ୟର ବୁଣାକାର ଉଦ୍ୟୋଗୀ/ଜାତୀୟ ଅଥବା ରାଜ୍ୟ ପୁରସ୍କାର ପ୍ରାପ୍ତ ବୁଣାକାର/ଡିଜାଇନରମାନଙ୍କ ପାଇଁ ହସ୍ତତନ୍ତ ଉତ୍ପାଦର ବିକ୍ରୟ ନିମନ୍ତେ ଷ୍ଟଲର ବ୍ୟବସ୍ଥା କରାଯାଇଛି । ଏହି ବର୍ଗର ଇଚ୍ଛୁକ ପ୍ରାର୍ଥୀମାନେ ତା୧୩.୦୧.୨୦୨୧ ସୁଦ୍ଧା ନିମ୍ନଲିଖିତ ଫର୍ମରେ ତାଙ୍କ ଅଞ୍ଚଳରେ ଥିବା ବିଭାଗୀୟ ମଣ୍ଡଳ ସହକାରୀ ନିର୍ଦ୍ଦେଶକଙ୍କୁ ଆବେଦନ କରିବାକୁ ଅନୁରୋଧ । ଦିବ୍ୟାଙ୍ଗ ବ୍ୟକ୍ତିବିଶେଷ ତଥା ସଂସ୍ଥାମାନଙ୍କ ନିମନ୍ତେ ଷ୍ଟଲ ସଂରକ୍ଷଣର ବ୍ୟବସ୍ଥା ରହିଛି । ଏ ସମ୍ବନ୍ଧରେ ନଭେମ୍ବର ୨୦୨୦ରେ ଦାଖଲ କରିଥିବା ଦରଖାସ୍ତକାରୀଙ୍କୁ ପୁନର୍ବାର ଦରଖାସ୍ତ କରିବା ଆବଶ୍ୟକତା ନାହିଁ।

ସ୍ୱା./- ନିର୍ଦ୍ଦେଶକ, ବୟନଶିଳ୍ପ ନିର୍ଦ୍ଦେଶାଳୟ
ଓଡ଼ିଶା, ଭୁବନେଶ୍ୱର

**ତୋଷାଳୀ ଜାତୀୟ ହସ୍ତଶିଳ୍ପ ମେଳା-୨୦୨୧ରେ ଭାଗ ନେବାପାଇଁ ଆବେଦନ ଫର୍ମ**

୧) ପ୍ରାର୍ଥୀ/ସଂସ୍ଥା/ଏସ୍ଏଚ୍‌ଜିର ନାମ:
୨) ଏସ୍ଏଚ୍‌ଜି/ସଂସ୍ଥା ରେଜିଷ୍ଟ୍ରେସନ ନମ୍ବର/ତାରିଖ:
୩) ପ୍ରାର୍ଥୀଙ୍କ କ୍ଷେତ୍ରରେ-
କ) ବୁଣାକାର ପରିଚୟ ପତ୍ର ନମ୍ବର (ଆବଶ୍ୟକ ସ୍ଥଳେ):
ଖ) ବୟସ ଓ ଯୋଗ୍ୟତା:
ଗ) ହସ୍ତତନ୍ତ ବୟନ/ବିକ୍ରୟ/ଡିଜାଇନିଂ କ୍ଷେତ୍ରରେ ଅଭିଜ୍ଞତା (ବର୍ଷରେ):
ଘ) ପାଇଥିବା ଜାତୀୟ/ରାଜ୍ୟ ପୁରସ୍କାରର ବିବରଣୀ:
୪) ବାର୍ଷିକ କରୁଥିବା ବ୍ୟବସାୟର ମୂଲ୍ୟ:
(କ୍ରମିକ ସଂଖ୍ୟା- ୨, ୩ରେ ଦିଆଯାଇଥିବା ତଥ୍ୟ ସହିତ ପ୍ରମାଣପତ୍ର ଓ କ୍ରମିକ ସଂଖ୍ୟା-୮ ନିମନ୍ତେ ନିଜସ୍ୱ ଶପଥ ପାଠ ଦାଖଲ କରିବାକୁ ଅନୁରୋଧ ।)
OIPR-31003/11/0008/2021

**OFFICE OF THE**
**MUNICIPAL COUNCIL, RAYAGADA**
No. 6 Dtd. 01.01.2021
**"e" TENDER NOTICE**
**Bid Identification No. RGDA-MUN-08/2020-21**

Bid documents consisting of **22 (Twenty two) Nos. of Civil Work (Roads and Building)** with their Estimated Cost (Work Value), Cost of Tender Paper, E.M.D., Time of Completion, Class of Contractors, Additional Performance Security Deposit and the set of terms and conditions applicable for the contract and other required necessary documents can be seen in the Government website **(i.e. http://tendersodishag.gov.in)**.

1. Name of the Work : Civil Works (Roads and Building) as mentioned in the website
2. No. of Works : 22 (Twenty two) Nos.
3. Estimated Costs : (As mentioned in the DTCN)
4. Period of Completion : As mentioned against the work in the NIT/DTCN.
5. Date & time of availability of Bid document on the portal : From dated 06.01.2021, 11.30 A.M. hrs. to dated 28.01.2021 05.30 P.M. hrs.
6. Last date & time for Original documents submission on or before : Dated 01.02.2021, 05.30 P.M. hrs.
7. Bids received online to be opened on : Dated 02.02.2021, 11.30 A.M. hrs.
8. Name and address of the Officer Inviting the Bid : Executive Officer, Rayagada Municipality, Rayagada

Further details can be seen from the procurement portal **http://tendersorissa.gov.in**.

**Sd./- Executive Officer**
**Rayagada Municipality**

**PANCHAYAT SAMITI OFFICE**
**LAHUNIPARA, DIST.- SUNDARGARH**
No. 05 Date: 04.01.2021
**TENDER NOTICE**

The Block Development Officer, LAHUNIPARA, Dist.- Sundargarh invites sealed tender on behalf of Govt. of Odisha from registered and eligible contractor of the State P.W.D. (R&B)/ Water Resources/Rural Works/M.I./C.P.W.D. for the following works eventually to be drawn up in the PWD-F2 forms in conformity with the Detailed Tender Call Notice. The bidders may submit bid for the following works.

| Sl. No. | Name of the Work | Estimated Cost (Rs. in Lakh) | Tender Value (Rs. in Lakh) | Cost of Tender Document (in Rs.) | EMD (in Rs.) | Time of Completion | Class of Contractor |
|---|---|---|---|---|---|---|---|
| 1 | Construction of AWC Building at Tasada of Mahulpada GP | 17.00 | 17.00 | 6000.00 | 17000/- | 6 (Six) Calendar Months | C & D |
| 2 | Construction of AWC Building at Kunu of Mahulpada GP | 17.00 | 17.00 | 6000.00 | 17000/- | 6 (Six) Calendar Months | C & D |

**Terms and Conditions:**

1) **Cost of Tender Paper:** The tender specification can be obtained from the Block Development Officer, LAHUNIPARA on payment towards the cost of tender papers as mentioned above (Non-refundable) in shape of Bank Draft drawn in favour of Block Development Officer, LAHUNIPARA, Dist. Sundargarh payable at SBI, Lahunipara on any working day from **06.01.2021 to 27.01.2021** for the above work.
2) **Sale of Tender Papers:** The tender documents will be sold from **06.01.2021 to 27.01.2021** at Block Office, LAHUNIPARA between **10 A.M. to 5 P.M.** on working days only.
3) **Date of receipt and mode of submission of Tender Papers:** The tenderers have to submit the sealed papers in complete shape through Registered Post/Speed Post only addressed to the Block Development Officer, LAHUNIPARA, Dist.- Sundargarh, PIN: 770040 superscribing **TENDER DOCUMENTS FOR "(mention the Project name here)"** on the top of the sealed envelope. The last date of receipt of tender papers is **27.01.2021 (5.00 P.M.)**. The undersigned will not be responsible for postal delay, if any or non-receipt of the papers in time.
4) **Date of Opening of Tender Paper:** The tender papers shall be opened on **28.01.2021 at 11 A.M.** in the presence of the tenderers or their authorized representatives having written authorization for the purpose and tender committee.
5) **Earnest Money Deposit:** The E.M.D. is to be deposited in shape of Term Deposit/N.S.C./ KVP in any Post Office or Term Deposit in any Nationalized Bank duly pledged in favour of Block Development Officer, LAHUNIPARA. The tender papers without required amount of EMD will not be considered and transfer or adjustment of EMD is also not admissible.
6) **Document to be attached:** The following documents should be furnished with the tender papers, failing which tender will be liable for rejection: a) E.M.D. pledged in favour of the Block Development Officer, LAHUNIPARA, b) Attested copy of contractor Registration Certificate, c) Attested copy of PAN Card, valid GST Registration, d) Attested copy of Caste Certificate issued by competent authorities in case of S.C./S.T. contractors desirous of availing preference, e) Affidavit as regards the fact of availing award of work without submission of E.M.D. during the current financial year in case of Engineer contractors desirous of availing exemption of E.M.D.
7) If any of the bidder quotes less than 15% of the tendered amount, then such a bid shall be rejected and the tender shall be finalized basing on merit of the rest bids and the provision laiddown in clause No. 36 of Memorandum No. 12366 dated 08.11.2013 of Works Department, Govt. of Odisha will be followed.
8) **Additional Performance Security Deposit:** The successful bidder those who have quoted less bid price/rate than the estimated cost put to tender shall have to furnish exact amount of differential cost i.e. estimated cost put to tender minus quoted amount as Additional Performance Security in shape of Term Deposit/N.S.C./K.V.P./Deposit receipt of any Nationalized Bank duly pledged in favour of the Block Development Officer, LAHUNIPARA within 7 days of issue of letter or accepatnace (LoA) and before execution of agreement, failing which the bid of successful bidder(s) shall be cancelled and the E.M.D. shall be forfeited followed with initiation of proceeding for black listing the bidder(s).
9) The E.M.D. amount will be forfeited, if tenderer backs out from the offer of acceptance of tender by the competent authority.
10) Submission of more than one tender paper by a bidder for single work will be liable for rejection of all such tender papers.
11) On review of last performance of the work executed through Block Development Officer, LAHUNIPARA the lowest-I tender may or may not be considered for the works through he/ she becomes lowest-I tender.
12) The contractors who have failed to execute projects of this agency/backed out from execution process/abandoned the project work nidway or who have been declared by this agency to be defaulters otherwise will not be allowed to participate in the present tender process. If any or such contractors participates then his/her papers will not be considered at all.
13) The undersigned reserves the right either to reject any or all tenders or cancel the entire process without assigning the reason thereof.

Sd./- Block Development Officer, LAHUNIPARA

See Career Appointment on every Wednesday & Saturday

**ଓଡ଼ିଶା ସରକାର**
**ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ**
**ଘୋଷଣା**
File No. 14 dated: 26.02.2020

No. II-16:- ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ **ମୌଜା କୋରିଆଁ, ଥାନା ଢେଙ୍କାନାଳ ଟାଉନ, ତହସିଲ ଢେଙ୍କାନାଳ, ଜିଲ୍ଲା ଢେଙ୍କାନାଳ**ରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଶାଳଗାଁ ବୁଢାପଙ୍କ ତାଳଚେରଠାରୁ କରପଡ଼ା ତୃତୀୟ ଓ ଚତୁର୍ଥ ରେଳ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।
ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୦୦ ତା୨୭.୦୨.୨୦୧୯ରିଖରେ ପ୍ରକାଶିତ ହୋଇଅଛି ।
ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ **ମୌଜା କୋରିଆଁ, ଥାନା ଢେଙ୍କାନାଳ ଟାଉନ, ଜିଲ୍ଲା ଢେଙ୍କାନାଳ**ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ ।

**ତଫସିଲ 'କ'**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**
ଜିଲ୍ଲା: ଢେଙ୍କାନାଳ ତହସିଲ: ଢେଙ୍କାନାଳ

| ଖାତା ନଂ. | ପ୍ଲଟ ନଂ. | କିସମ | ମୋଟ ରକବା | ଅଧିଗ୍ରହଣ ରକବା | ରୟତଙ୍କ ନାମ |
|---|---|---|---|---|---|
| ୨୬ | ୩୫ | ଘରବାରି | ୦.୦୬୦ | ୦.୦୧୦ | ଉତ୍କଳ ଆସ୍‌ବେଷ୍ଟସ୍ ଲିମିଟେଡ୍, କୋରିଆଁଣ |
| | ୩୯ | | ୦.୫୫୦ | ୦.୦୧୦ | |
| | ୪୦ | | ୦.୨୬୦ | ୦.୦୧୦ | |
| | ୪୩ | | ୦.୧୮୦ | ୦.୦୧୦ | |
| | ୪୪ | | ୦.୩୧୦ | ୦.୦୧୦ | |
| | ୪୭ | | ୦.୨୮୦ | ୦.୦୨୦ | |
| | ୪୮ | | ୦.୬୭୦ | ୦.୦୯୦ | |
| | ୫୨ | | ୦.୫୦୦ | ୦.୦୮୦ | |
| | ୫୩ | | ୦.୮୨୦ | ୦.୧୭୦ | |
| | ୫୪ | | ୦.୧୦୦ | ୦.୧୦୦ | |
| | ୫୫ | | ୦.୩୭୦ | ୦.୦୮୦ | |
| ୩୧୦ | ୫୮ | ରାସ୍ତା | ୦.୪୫୦ | ୦.୧୧୦ | ଉଦୟନାଥ ସାହୁ, ଗିରିଶ ଚନ୍ଦ୍ର ସାହୁ, ସୁରେଶ କୁମାର ସାହୁ, ସନ୍ତୋଷ କୁମାର ସାହୁ, ପି: ଗଣେଶ୍ୱର ସାହୁ, ଶୈଳବାଳା ସାହୁ, ସ୍ୱା: ଗଣେଶ୍ୱର ସାହୁ, ଜାତି: ଖଣ୍ଡାୟତ, ବା: ନିଜଗାଁ |
| | ୫୯ | ଘରବାରୀ | ୦.୩୯୦ | ୦.୨୯୦ | |
| ୯୧ | ୪୭୩ | ଶାରଦ-୩ | ୦.୨୮୦ | ୦.୦୨୦ | ଜୟକୃଷ୍ଣ ବେହେରା, ପି: ମଦନ ବେହେରା, ଜାତି: ଖଣ୍ଡାୟତ, ବା: ନିଜଗାଁ |
| | ୪୭୨ | ଶାରଦ-୩ | ୦.୨୧୪ | ୦.୦୪୦ | |
| | ୪୬୯ | ଶାରଦ-୨ | ୦.୦୪୦ | ୦.୦୪୦ | |
| | ୪୬୮ | | ୦.୭୫୬ | ୦.୪୪୦ | |
| | ୪୫୧ | | ୦.୪୫୦ | ୦.୦୬୦ | |
| | ୪୬୩ | | ୦.୮୧୦ | ୦.୨୬୦ | |
| ୧୨ | ୪୭୦ | ଶାରଦ-୩ | ୦.୧୪୦ | ୦.୦୬୦ | ଅପର୍ତ୍ତୀ ସ୍ୱାଇଁ, ପି: ଯୋଗୀ ସ୍ୱାଇଁ, ଦୂତୀ ସ୍ୱାଇଁ, ସ୍ୱା: ବାଞ୍ଛା ସ୍ୱାଇଁ, ଚମ୍ପା ସ୍ୱାଇଁ, ସ୍ୱା: ଅଧିକାରୀ ସ୍ୱାଇଁ, ଭାସ୍କର ସ୍ୱାଇଁ, ସର ସ୍ୱାଇଁ, ଛାୟା ସ୍ୱାଇଁ, କାକୀ ସ୍ୱାଇଁ, ପି: ଅଧିକାରୀ ସ୍ୱାଇଁ, ଜାତି: ଚଷା, ବା: ନିଜଗାଁ |
| | ୪୪୯ | ଶାରଦ-୨ | ୦.୦୩୦ | ୦.୦୩୦ | |
| ୫୮ | ୪୬୭ | ଶାରଦ-୨ | ୦.୦୪୦ | ୦.୦୪୦ | କୃଷ୍ଣ ଚନ୍ଦ୍ର ଦାସ, ନାରାୟଣ ଦାସ, ଶ୍ୟାମ ସୁନ୍ଦର ଦାସ, ପି: ପାଣୁ ସାହୁ, ଜାତି: ବ୍ରାହ୍ମଣ, ବା: ବଳଭଦ୍ରପୁର |
| ୨୨୪ | ୪୬୬ | ଶାରଦ-୨ | ୦.୧୮୦ | ୦.୦୨୦ | ଭାନୁମତୀ ପ୍ରଧାନ, ସ୍ୱା: ସୁଧାକର ପ୍ରଧାନ, ଜାତି: କରଣ, ବା: ନିଜଗାଁ |
| ୨୯୫ | ୪୫୨ | ଶାରଦ-୨ | ୦.୧୪୦ | ୦.୦୬୦ | ସନାତନ ମଲିକ, ପି: ଡାଳିର ମଲିକ, ଜାତି-ପାଣ, ବା: ନିଜଗାଁ |
| ୧୯୮ | ୪୫୦ | ଶାରଦ-୨ | ୦.୪୯୦ | ୦.୦୪୦ | ବିଜୟକୃଷ୍ଣ ରଥ, ପି: କୃପାସିନ୍ଧୁ ରଥ, ଜାତି- ବ୍ରାହ୍ମଣ, ବା: ବଳଭଦ୍ରପୁର ଶାସନ |
| ୧୫୫ | ୪୪୮ | ଶାରଦ-୨ | ୦.୧୪୦ | ୦.୦୧୦ | ପ୍ରଭାକର ନାୟକ, ସୁକାନ୍ତି ନାୟକ, ପ୍ରେମଲତା ନାୟକ, ପି: କାଳନ୍ଦି ନାୟକ, ଶଶୀ ନାୟକ, ସ୍ୱା: କାଳନ୍ଦୀ ନାୟକ, ଜାତି: ମାଳୀ, ବା: ନିଜଗାଁ |
| ୨୪୩ | ୪୪୬ | ଶାରଦ-୨ | ୦.୨୫୦ | ୦.୦୩୦ | ଶ୍ରୀ ରାଧାକୃଷ୍ଣ ଜିଉ ବିଜେ ନିଜଗଡ଼ ମାର୍ଫତ୍- ମଦନ ମୋହନ ଦାସ, ପି: ନୀଳକଣ୍ଠ ସାମନ୍ତସିଂହାର, ଜଗମୋହନ ଦାସ, ପି- ରାମଚନ୍ଦ୍ର ଦାସ, ବ୍ରାହ ମୋହନ ଦାସ, ରାଜ ମୋହନ ଦାସ, ସଦାନନ୍ଦ ଦାସ, ପି: କୃଷ୍ଣ ଚରଣ ଦାସ, ଜାତି: ଗୋପାଳ, ବା: ନିଜଗଡ଼ ଟାଉନ |
| ୨୯୬ | ୪୪୫ | ଶାରଦ-୨ | ୦.୦୧୦ | ୦.୦୧୦ | ସନାତନ ମଲିକ, ପି: ଡାଳିଓ ମଲିକ, କୁଳମଣି ମଲିକ, ପି: ହରି ମଲିକ, ଜାତି: ପାଣ, ବା: ନିଜଗାଁ |
| ୨୬୩ | ୪୪୪ | ଶାରଦ-୨ | ୦.୩୩୦ | ୦.୦୩୦ | ରବୀନ୍ଦ୍ର ବରାଳ, ଚନ୍ଦ୍ରଶେଖର ବରାଳ, ପି: ବାଜି ବରାଳ, ଜାତି: ଚଷା, ବା: ବାରଦା |
| ୧୨୪ | ୬୧ | ଡଇଲା-୧ | ୦.୩୨୦ | ୦.୧୯୦ | ଦୁଆରି ଦେହୁରୀ, ସନାତନ ଦେହୁରୀ, ପି: ପାଣ ଦେହୁରୀ, ଜାତି: ସହର, ବା: ନିଜଗାଁ |
| | ୬୨ | ରାସ୍ତା | ୦.୧୨୦ | ୦.୦୬୦ | |
| ୩୪୧/୮୮୯ | ୬୪ | ଡଇଲା-୧ | ୦.୧୧୦ | ୦.୦୪୦ | ଶିବ ପ୍ରସାଦ ମିଶ୍ର, ପି: ବିନାୟକ ମିଶ୍ର, ଜାତି: ବ୍ରାହ୍ମଣ, ବା: ନିଜଗାଁ |
| ୩୪୧/୩୫୦ | ୬୫ | ଘରବାରି | ୦.୦୩୦ | ୦.୦୩୦ | ପ୍ରଭାତ ସାହୁ, ପି: ଜୟକୃଷ୍ଣ ସାହୁ, ଜାତି: ଚଷା, ବା: ନିଜଗାଁ |
| ୩୩୦ | ୬୭ | ଶାରଦ-୩ | ୦.୦୩୦ | ୦.୦୨୦ | ସୁଲୋଚନା ରଣା, ପି: ଗୁରୁ ରଣା, ବାଙ୍ଗ ରଣା, ସ୍ୱା: ଗୁରୁ ରଣା, ଜାତି: ମାଳୀ, ବା: ନିଜଗାଁ |
| ୩୧୦ | ୭୪ | ଶାରଦ-୩ | ୦.୨୨୦ | ୦.୨୨୦ | ଉଦୟନାଥ ସାହୁ, ଗିରିଶ ଚନ୍ଦ୍ର ସାହୁ, ସୁରେଶ କୁମାର ସାହୁ, ସନ୍ତୋଷ କୁମାର ସାହୁ, ପି: ଗଣେଶ୍ୱର ସାହୁ, ଶୈଳବାଳା ସାହୁ, ସ୍ୱା: ଗଣେଶ୍ୱର ସାହୁ, ଜାତି: ଖଣ୍ଡାୟତ, ବା: ନିଜଗାଁ |
| ୨୪୫ | ୭୫ | ଶାରଦ-୩ | ୦.୧୪୦ | ୦.୧୪୦ | ମଧୁସୂଦନ ମହାନ୍ତି, ହୃଷିକେଶ ମହାନ୍ତି, ପି: ଗୋପିନାଥ ମହାନ୍ତି, ଜାତି: କରଣ, ବା: ନିଜଗାଁ |
| ୧୫୫ | ୭୬ | ଶାରଦ-୩ | ୦.୦୬୦ | ୦.୦୬୦ | ପ୍ରଭାକର ନାୟକ, ସୁକାନ୍ତି ନାୟକ, ପ୍ରେମଲତା ନାୟକ, ପି: କାଳନ୍ଦି ନାୟକ, ଶଶୀ ନାୟକ, ସ୍ୱା: କାଳନ୍ଦି ନାୟକ, ଜାତି: ମାଳୀ, ବା: ନିଜଗାଁ |
| | ୧୦୨ | ଶାରଦ-୩ | ୦.୨୪୦ | ୦.୦୧୦ | |
| | ୧୦୩ | ଶାରଦ-୩ | ୦.୪୯୦ | ୦.୨୬୦ | |
| ୨୯୮ | ୭୭ | ଶାରଦ-୩ | ୦.୨୦୦ | ୦.୧୮୦ | ସନାତନ ରଣା, ଘନଶ୍ୟାମ ରଣା, ପି: ନଟବର ରଣା, ଜାତି: ମାଳୀ, ବା: ନିଜଗାଁ |
| ୨୫୦ | ୭୮ | ଶାରଦ-୩ | ୦.୨୬୦ | ୦.୦୨୦ | ମାଗୁଣି ସ୍ୱାଇଁ, ପି: ଅଇଣ୍ଠୁ ସ୍ୱାଇଁ, ଜାତି: ଚଷା, ବା: ନିଜଗାଁ |
| ୨୦୮ | ୧୦୪ | ଶାରଦ-୩ | ୦.୧୩୦ | ୦.୧୩୦ | ବୁଦ୍ଧିବନ୍ତ ସାହୁ, ପି: କିଣି ସାହୁ, ଘନଶ୍ୟାମ ସାହୁ, ପଟୁ ସାହୁ, ଭାଗବତ ସାହୁ, ପି: ହାଡିବନ୍ଧୁ ସାହୁ, ଜାତି: ଚଷା, ବା: ନିଜଗାଁ |
| | ୧୦୫ | ଶାରଦ-୨ | ୦.୧୭୦ | ୦.୧୭୦ | |
| | ୧୦୬ | ଶାରଦ-୩ | ୦.୧୨୦ | ୦.୦୬୦ | |
| | ୧୦୮ | ଶାରଦ-୩ | ୦.୦୮୦ | ୦.୦୮୦ | |
| | ୧୦୯ | ଶାରଦ-୨ | ୦.୧୫୦ | ୦.୧୩୦ | |
| | ୧୧୦ | ଶାରଦ-୨ | ୦.୦୪୦ | ୦.୦୧୦ | |
| | ୧୨୭ | ଶାରଦ-୨ | ୦.୨୯୦ | ୦.୦୧୦ | |
| | ୨୩୪ | ଶାରଦ-୨ | ୦.୪୪୦ | ୦.୦୫୦ | |
| | ୮୦ | ଶାରଦ-୩ | ୦.୨୬୦ | ୦.୦୧୦ | |
| | ୭୩ | ଶାରଦ-୩ | ୦.୩୬୦ | ୦.୨୪୦ | |
| ୨୦୮ | ୨୩୭ | ଶାରଦ-୨ | ୦.୭୪୦ | ୦.୦୨୦ | |
| ୩୫୨ | ୧୦୭ | ଶାରଦ-୨ | ୦.୦୭୦ | ୦.୦୭୦ | ମାଳତୀ ଦାସ, ପି: ଅଇଣ୍ଠୁ ଦାସ, ଚୈତନ୍ୟ ଦାସ, ବଂଶୀଧର ଦାସ, ପି: ଆର୍ତ୍ତ ଦାସ, ଜାତି: ବ୍ରାହ୍ମଣ, ବା: ନିଜଗାଁ, ବେଆଇନ୍ ଦଖଲ ବା: ବୁଦ୍ଧିମନ୍ତ ସାହୁ, କିଶା ସାହୁ, ଘନଶ୍ୟାମ ସାହୁ, ପି: ହାଡିବନ୍ଧୁ ସାହୁ, ଜାତି: ଖଣ୍ଡାୟତ, ବା: ନିଜଗାଁ |
| ୩୨୦ | ୧୨୬ | ଶାରଦ-୨ | ୦.୦୮୦ | ୦.୦୫୦ | ସୁଦର୍ଶନ ନାୟକ, ପି: ହାଡିବନ୍ଧୁ ନାୟକ, ଜାତି: ଖଣ୍ଡାୟତ, ବା: ନିଜଗାଁ |
| ୨୪୭ | ୧୮୮ | ଶାରଦ-୨ | ୦.୦୯୦ | ୦.୦୯୦ | ମହନ ରଣା, ପି: ଶମ୍ଭୁ ରଣା, ଜାତି: ମାଳୀ, ବା: ନିଜଗାଁ |
| | ୧୮୫ | ଶାରଦ ଦୁଇ | ୦.୧୧୦ | ୦.୦୨୦ | |
| ୨୧୦ | ୧୮୬ | ଶାରଦ-୩ | ୦.୨୮୦ | ୦.୨୨୦ | ବୁରୁନ୍ଧୁ ଦେହୁରୀ, ପି: ସିଧିଆ ଦେଉରୀ, ଜାତି: ସଅର, ବା: ନିଜଗାଁ |
| ୧୯୮ | ୧୮୭ | ପତିତ | ୦.୦୩୦ | ୦.୦୩୦ | ବିଜୟକୃଷ୍ଣ ରଥ, ପି: କୃପାସିନ୍ଧୁ ରଥ, ଜାତି: ବ୍ରାହ୍ମଣ, ବା: ବଳଭଦ୍ରପୁର ଶାସନ |
| ୯୦ | ୧୯୦ | ଶାରଦ-୧ | ୦.୬୯୦ | ୦.୨୪୦ | ଜୟ ସାମଲ, ରାଜ ସାମଲ, ପ୍ରେମାନନ୍ଦ ସାମଲ, ରାମ ସାମଲ, କୁଆଁରୀ ସାମଲ, ପି: ଭ୍ରମର ସାମଲ, ଜାତି: ଚଷା, ବା: ବାରଦା |
| ୩୩୦ | ୧୯୨ | ଶାରଦ-୧ | ୦.୧୦୦ | ୦.୦୯୦ | ସୁଲୋଚନା ରଣା, ପି: ଗୁରୁ ରଣା, ବେଙ୍ଗ ରଣା, ସ୍ୱା: ଗୁରୁ ରଣା, ଜାତି: ଖଣ୍ଡାୟତ, ବା: ନିଜଗାଁ |
| ୩୨୦ | ୧୯୩ | ଶାରଦ-୧ | ୦.୩୮୦ | ୦.୦୮୦ | ସୁଦର୍ଶନ ନାୟକ, ପି: ହାଡିବନ୍ଧୁ ନାୟକ, ଜାତି: ଖଣ୍ଡାୟତ, ବା: ନିଜଗାଁ |
| ୨୨୦ | ୧୯୬ | ଶାରଦ-୨ | ୦.୩୨୦ | ୦.୧୭୦ | ଭ୍ରମରବର ପରିଡ଼ା, ଉତ୍ସବ ପରିଡ଼ା, ଦ୍ୱାରିକାନାଥ ପରିଡ଼ା, ପି: ଜଗବନ୍ଧୁ ପରିଡ଼ା, ଜାତି: ଖଣ୍ଡାୟତ, ବା: ନିଜଗାଁ |
| ୩୪୯ | ୨୩୦ | ଶାରଦ-୨ | ୦.୩୪୦ | ୦.୦୮୦ | ସୁଃଖବନ୍ଧୁ ସେଠୀ, ସତ୍ୟବାଦୀ ସେଠୀ, ପଦିଆ ସେଠୀ, ଦିନବନ୍ଧୁ ସେଠୀ, ରକ୍ଷାକର ସେଠୀ, ପି: ବନମାଳି ସେଠୀ, ଜାତି: ଧୋବା, ବା: ନିଜଗାଁ |
| ୧୬୬ | ୨୩୧ | ଶାରଦ-୨ | ୦.୦୩୦ | ୦.୦୩୦ | ପିତେଇ ସାହୁ, ପି: କୃପାସିନ୍ଧୁ ସାହୁ, ଜାତି: ଖଣ୍ଡାୟତ, ବା: ଗେଙ୍ଗୁଟିଆ |
| ୨୦୭ | ୨୩୨ | ଶାରଦ-୨ | ୦.୫୦୦ | ୦.୧୧୦ | ବୁଦ୍ଧିମନ୍ତ ସାହୁ, ପି: କିଶା ସାହୁ, ଜାତି: ଚଷା, ବା: ନିଜଗାଁ |
| | ୨୩୩ | ଶାରଦ-୨ | ୦.୦୨୦ | ୦.୦୨୦ | |
| | ୧୮୯ | ଶାରଦ-୧ | ୦.୧୦୦ | ୦.୧୦୦ | |
| | ୨୩୮ | ଶାରଦ-୨ | ୦.୩୧୦ | ୦.୦୪୦ | |
| | ୬୬ | ଶାରଦ-୩ | ୦.୩୯୦ | ୦.୩୩୦ | |
| | ୭୯ | ଶାରଦ-୩ | ୦.୨୦୦ | ୦.୧୭୦ | |
| | | | ମୋଟ | ୬.୨୬୦ | |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ .................. ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।

**ତଫସିଲ- ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**
ଜିଲ୍ଲା: ଢେଙ୍କାନାଳ ତହସିଲ: ଢେଙ୍କାନାଳ

| ଗ୍ରାମର ନାମ | ଗ୍ରାମୀଣ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ମୋଟ ରକବା | ପୁନର୍ବାସ ନିମନ୍ତେ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ ...................... ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ଜିଲ୍ଲାପାଳ, ଢେଙ୍କାନାଳ
OIPR-24034/14/0015/2021

**କୋଭିଡ୍ ଯୋଦ୍ଧାଙ୍କୁ ଶେଷ ସମ୍ମାନ**

ପୁରୀ ଅଫିସ : କରୋନାରେ ଆକ୍ରାନ୍ତ ହୋଇ ପୋଲିସ କନଷ୍ଟେବଳ ସିଦ୍ଧାର୍ଥ ଶଙ୍କର ଦାସଙ୍କ ମୃତ୍ୟୁ ଘଟିଛି। ଏହି କୋଭିଡ୍ ଯୋଦ୍ଧାଙ୍କୁ ସୋମବାର ପୁରୀ ପୋଲିସ ପକ୍ଷରୁ ଶେଷ ସମ୍ମାନ ପ୍ରଦର୍ଶନ କରାଯାଇଛି। ସିଦ୍ଧାର୍ଥ ପିପିଲି ଥାନାରେ କାର୍ଯ୍ୟ କରୁଥିଲେ। ଗତ ୨ତାରିଖରେ ସେ କରୋନା ପଜିଟିଭ୍ ଥିବା ସ୍ପଷ୍ଟ ହୋଇଥିଲା। ଏହାପରେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ରବିବାର ତାଙ୍କର ମୃତ୍ୟୁ ଘଟିଥିଲା।

## ସଂକ୍ଷେପରେ

### ପାଖୁଡ଼ି କିଆରିରୁ ମୃତଦେହ ଜବତ

କାକଟପୁର,୪।୧(ଡି.ଏନ୍.ଏ.): କାକଟପୁର ଥାନା ଅନ୍ତର୍ଗତ ଓଥକା-ସୁହାଣପୁର ରାସ୍ତାରେ ଥିବା ପାଖୁଡ଼ି କିଆରିରୁ ସୋମବାର ସନ୍ଧ୍ୟାରେ ଏକ ମୃତଦେହକୁ ପୋଲିସ ଜବତ କରିଛି। ମୃତଦେହଟି ପଚିଶଡ଼ି ଖଣ୍ଡବିଖଣ୍ଡିତ ହୋଇଯାଇଥିବାରୁ ମହିଳା କି ପୁରୁଷ ଚିହ୍ନଟ ହୋଇପାରି ନାହିଁ। ତେବେ ପୋଲିସ ମୃତଦେହକୁ ବ୍ୟବଚ୍ଛେ ପାଇଁ ନିମାପଡ଼ାର ଚାରିଛକ ମେଡିକାଲକୁ ପଠାଇଛି। ଏ ନେଇ ଏକ ମାମଲା(ନଂ.୧/୨୧) ରୁଜୁ କରି ତଦନ୍ତ ଚଳାଇଛି। ଓଥକା-ସୁହାଣପୁର ରାସ୍ତାଦେଇ ଲୋକେ ଯିବାଆସିବା କରୁଥିବାବେଳେ ପଚା ଦୁର୍ଗନ୍ଧ ହୋଇଥିଲା। ତେବେ ସନ୍ଦେହରେ ରାସ୍ତା ନିକଟ ପାଖୁଡ଼ି କିଆରିରୁ ଦୁର୍ଗନ୍ଧ ହେଉଥିବାରୁ ଲୋକେ ନିକଟକୁ ଯାଇ ଦେଖିବାବେଳେ ଏକ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଜଣାଇଥିଲେ। ମୃତଦେହ କିଭଳି ଏଠିକି ଆସିଲା ସେନେଇ ପୋଲିସ ତଦନ୍ତ ଚଳାଇଛି।

### କଟୁରି ଦେଖାଇ ଲକ୍ଷାଧିକ ଟଙ୍କା ଲୁଟ୍

ବାଲିପାଟଣା,୪।୧(ଡି.ଏନ୍.ଏ.) ବାଲିପାଟଣା ଥାନା ଅଞ୍ଚଳ ସରାଟ ମନ୍ତ୍ରୀ ପୋଖରୀ ନିକଟରୁ ସୋମବାର ଏକ ସିମେଣ୍ଟ ସଂସ୍ଥାର କର୍ମଚାରୀଙ୍କୁ କେତେଜଣ ଦୁର୍ବୃତ୍ତ କଟୁରି ଦେଖାଇ ଲକ୍ଷାଧିକ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା(ନଂ.୩/୨୧) ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଝାରପଡ଼ା ଅଞ୍ଚଳରେ ଥିବା ଏକ ସିମେଣ୍ଟ ସଂସ୍ଥାର କର୍ମଚାରୀ ରାଜେଶ କୁମାର ସୋମବାର ବାଲିପାଟଣାର ଚଣାହଟାରେ ଥିବା ଏକ ସିମେଣ୍ଟ ଦୋକାନରୁ ଟଙ୍କା ଆଦାୟ କରି ଫେରୁଥିଲେ। ତେବେ ସରାଟ ମନ୍ତ୍ରୀ ପୋଖରୀ ନିକଟରେ ୨ଜଣ ଦୁର୍ବୃତ୍ତ ନାଲି ରଙ୍ଗର ଆପାଚିରେ ଆସି ହଠାତ୍ ରାଜେଶଙ୍କ ବାଇକ୍ ଆଗରେ ଗାଡ଼ି ରଖିଥିଲେ। ସେ କିଛି ବୁଝିବା ପୂର୍ବରୁ ସେମାନେ କଟୁରି ଦେଖାଇ ଭୟଭୀତ କରିବା ଟଙ୍କା ଥିବା ବ୍ୟାଗଟିକୁ ରାଜେଶଙ୍କଠାରୁ ଛଡ଼ାଇ ନେଇ ଫେରାର ହୋଇଯାଇଥିଲେ। ସେହି ବ୍ୟାଗରେ ୧ ଲକ୍ଷ ୪୧ ହଜାର ଟଙ୍କା ଥିଲା। ପରେ ରାଜେଶ ସଂସ୍ଥାକୁ ଜଣାଇବା ସହ ବାଲିପାଟଣା ଥାନାର ଦ୍ୱାରସ୍ଥ ହୋଇଥିଲେ।

### ଅର୍ଥଲଗାଣକାରୀ ସଂସ୍ଥା କର୍ମଚାରୀଙ୍କଠାରୁ ଲୁଟ୍

ବାରଙ୍ଗ,୪।୧(ଡି.ଏନ୍.ଏ.): ଗୋଡ଼ିସାହି ଫାଣ୍ଡି ନିକଟ ବିଦ୍ୟାଧରପୁର ଗ୍ରାମମୁଣ୍ଡରୁ ଜଣେ ଅର୍ଥ ଲଗାଣକାରୀ ସଂସ୍ଥାର କର୍ମଚାରୀଙ୍କଠାରୁ ମାରଣାସ୍ତ୍ର ଦେଖାଇ ସୋମବାର ଦ୍ୱିପ୍ରହରରେ ଲକ୍ଷାଧିକ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ତେବେ ଏହା ପୂର୍ବରୁ ଏହି ଅଞ୍ଚଳରେ ସମାନ ଢଙ୍ଗରେ ୨ଟି ଲୁଟ୍ ହୋଇଥିଲେ ମଧ ପୋଲିସ କାହାକୁ ନ ଧରିପାରିଥିବାରୁ ପୋଲିସର କାର୍ଯ୍ୟକୁ ନେଇ ନାନା ପ୍ରଶ୍ନ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ, ସୋମବାର ଦ୍ୱିପ୍ରହରରେ ବିଦ୍ୟାଧରପୁର ଗ୍ରାମରୁ ମହିଳା ସ୍ୱୟଂସହାୟକ ଗୋଷ୍ଠୀମାନଙ୍କ ଠାରୁ ବେସରକାରୀ ଅର୍ଥ ଲଗାଣକାରୀ ସଂସ୍ଥାର ସୁରେଶ ବଳବନ୍ତରାୟ ପ୍ରାୟ ୧ଲକ୍ଷ ୨୭ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଆଦାୟ କରି ଫେରୁଥିଲେ। ବିଦ୍ୟାଧରପୁର ଗ୍ରାମମୁଣ୍ଡ ହନୁମାନ ଛକ ପୂର୍ବରୁ ଏକ ପଲସରରେ ୨ଜଣ ଯୁବକ ଆସି ମାରଣାସ୍ତ୍ର ଦେଖାଇ ସୁରେଶଙ୍କୁ ଅଟକାଇବା ସହ ଟଙ୍କା ବ୍ୟାଗ ନେଇ ଫେରାର ହୋଇଯାଇଥିଲେ। ପରେ ସୁରେଶ ଗୋଡିସାହି ଫାଣ୍ଡିରେ ଅଭିଯୋଗ କରିବାପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲେ ମଧ ଲୁଟେରାଙ୍କ ପତ୍ତା ପାଇବାରେ ବିଫଳ ହୋଇଛି।

# ଆଜି ଚିଲିକାରେ ପକ୍ଷୀ ଗଣନା

- ସାମିଲ ହେବେ ୨୧ ଟିମ୍
- ଗଣନା ପାଇଁ ୧୨୦ଜଣ ନେଲେ ତାଲିମ

ବାଲୁଗାଁ/କୃଷ୍ଣପ୍ରସାଦ, ୪।୧(ଡି.ଏନ୍.ଏ.)

ରାଜ୍ୟର ବିଭିନ୍ନ ସ୍ଥାନରେ ଚଳିତବର୍ଷର ପକ୍ଷୀ ଗଣନା କାର୍ଯ୍ୟ ରବିବାରଠାରୁ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ସମଗ୍ର ଚିଲିକା ତଥା ପକ୍ଷୀ ଅଭୟାରଣ୍ୟ ନଳବଣରେ ମୋଟ ପକ୍ଷୀଙ୍କ ପ୍ରଜାତି ଓ ସଂଖ୍ୟା ନିର୍ଦ୍ଧାରଣ ପାଇଁ ମଙ୍ଗଳବାର ଗଣନା କରାଯିବ ବୋଲି ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଜଣାଯାଇଛି। ଏଥିପାଇଁ ସୋମବାର ବାଲୁଗାଁ ନିକଟସ୍ଥ ଚନ୍ଦ୍ରାପୁଟସ୍ଥିତ ସିଡିଏ ଗବେଷଣା କେନ୍ଦ୍ର ଗୃହରେ ବାଲୁଗାଁ ଡିଏଫଓ କେଦାର କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ତାଲିମ ଶିବିର କରାଯାଇ ଗଣନାକାରୀଙ୍କୁ ତାଲିମ୍ ଦିଆଯାଇଛି। ବମ୍ବେ ନ୍ୟାଚୁରାଲ୍ ହିଷ୍ଟ୍ରି ଅଫ୍ ସୋସାଇଟିର ଗବେଷକ ଏସ୍. ବାଲଚନ୍ଦ୍ରନ, ଡିଏଫ୍ଓ କେଦାର ସ୍ୱାଇଁ ଏବଂ ଏସିଏଫ୍ ଶରତ ମିଶ୍ର ପକ୍ଷୀଗଣନା ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ।

ଚିଲିକା ଅଧୀନ ଅଞ୍ଚଳରେ ୨୧ଟି ଟିମ୍ ଗଣନା କାର୍ଯ୍ୟରେ ସାମିଲ୍ ହୋଇଥିବା ବେଳେ ମୋଟ ୧୨୦ଜଣ ତାଲିମ୍ ଶିବିରରେ ପ୍ରଶିକ୍ଷଣ ନେଇଛନ୍ତି। ଏଥିରେ ୱାଇଲ୍ଡ ଓଡ଼ିଶା, ବମ୍ବେ ନ୍ୟାଚୁରାଲ୍ ହିଷ୍ଟ୍ରି ଅଫ୍ ସୋସାଇଟି, ଓୟୁଏଟି, ବିଭିନ୍ନ ବିଶ୍ୱବିଦ୍ୟାଳୟର ପ୍ରଫେସର, ଛାତ୍ରୀଛାତ୍ର ଓ ବହୁ ଅଭିଜ୍ଞ ବିଶାରଦ ସାମିଲ ହୋଇଥିଲେ। ପ୍ରତ୍ୟେକ ଗଣନାକାରୀ ଦଳକୁ ଗୋଟିଏ ଲେଖାଏ ଡଙ୍ଗା ଦିଆଯାଇଥିବା ବେଳେ ପ୍ରତି ଟିମ୍‌ରେ ଅଭିଜ୍ଞ ପକ୍ଷୀ ବିଶାରଦଙ୍କ ସମେତ ୪ଜଣ ସହଯୋଗୀ ରହିବେ। ଗଣନା ପାଇଁ ପ୍ରତ୍ୟେକ ଦଳକୁ ୱାକିଟକି, ବାଇନାକୁଲାର, ଜିପିଏସ୍ ଓ ଡିଏଚ୍ଏଫ୍ ଆଦି ଯନ୍ତ୍ର ଯୋଗାଇ ଦିଆଯାଇଛି। ବାଲୁଗାଁ ରେଞ୍ଜରେ ୬ଟି ଟିମ୍ ନିୟୋଜିତ ଥିବାବେଳେ ସାତପଡ଼ା ୪, ରମ୍ଭା ୨, ଚିଲିକା ୧ ଓ ଟାଙ୍ଗୀ ରେଞ୍ଜରେ ସର୍ବାଧିକ ୮ଟି ଟିମ୍ ପକ୍ଷୀ ଗଣନା ପାଇଁ ସ୍ଥିର ହୋଇଛି। ତାଲିମ ପରେ ପ୍ରତ୍ୟେକ ଗଣନାକାରୀ ଟିମ୍ ସୋମବାର ଅପରାହ୍ଣରେ ନିଜ କ୍ୟାମ୍ପରେ ଯାଇ ଅବସ୍ଥାନ କରିଛନ୍ତି। ମଙ୍ଗଳବାର ସକାଳ ୬ଟାରୁ ମଧ୍ୟାହ୍ନ ୧୨ ଘଟିକା ପର୍ଯ୍ୟନ୍ତ ପକ୍ଷୀଗଣନା କାର୍ଯ୍ୟ ଜାରି ରହିବ ବୋଲି ବିଭାଗୀୟ ପକ୍ଷରୁ ଜଣାଯାଇଛି। ଗତବର୍ଷ ୧୧ଲକ୍ଷରୁ ଊର୍ଦ୍ଧ୍ୱ ପକ୍ଷୀଙ୍କ ସମାଗମ ହୋଇଥିଲା। ତେବେ ଚଳିତବର୍ଷ ପାଗ ଅନୁକୂଳ ରହିଥିବା ହେତୁ ପକ୍ଷୀ ଆଶାତୀତ ବୃଦ୍ଧି ପାଇବେ ବୋଲି ଆଶଙ୍କା କରାଯାଇଛି।

ମୁଖ୍ୟତଃ ୨ଟି ପଦ୍ଧତିରେ ପକ୍ଷୀ ଗଣନା ହୁଏ । ପ୍ରଥମ ପଦ୍ଧତିଟି ହେଲା ଏକକ ପଦ୍ଧତି । ଏଥିରେ ଚିଲିକା ମଧ୍ୟରେ ଯେଉଁଠି ସ୍ୱଳ୍ପ ସଂଖ୍ୟକ ପକ୍ଷୀ ଦୃଷ୍ଟିଗୋଚର ହୋଇଥାଆନ୍ତି, ସେଠାରେ କ୍ରମିକ ସଂଖ୍ୟା ଅନୁଯାୟୀ ପକ୍ଷୀ ସଂଖ୍ୟା ଏବଂ ପ୍ରଜାତି ଗଣନା ହୁଏ। ଦ୍ୱିତୀୟ ପଦ୍ଧତି ହେଲା ବ୍ଲକ ପଦ୍ଧତି। ଏହି ପଦ୍ଧତିରେ ଯେଉଁଠି ପକ୍ଷୀଙ୍କୁ ଗଣି ହୁଏ ନାହିଁ ଏବଂ ଅସଂଖ୍ୟ ସଂଖ୍ୟାରେ ସମାଗମ ଥାଆନ୍ତି, ସେଠାରେ ବାଇନାକୁଲାର ପରିଧି ମଧ୍ୟରେ ଦୃଷ୍ଟିଗୋଚର ହେଉଥିବା ପକ୍ଷୀଙ୍କୁ ନେଇ ଗୋଟିଏ ଗୋଟିଏ ବ୍ଲକ୍ ତିଆରି କରାଯାଏ। ଏହିପରି ଏକାଧିକ ବ୍ଲକ୍ କରି ଜିପିଏସ୍ ମାଧ୍ୟମରେ ପକ୍ଷୀଙ୍କ ପ୍ରଜାତି ଏବଂ ସଂଖ୍ୟା ସମଷ୍ଟୀକରଣ ହୋଇଥାଏ।


ସିଡିଏ ଗବେଷଣା କେନ୍ଦ୍ର ଗୃହରେ ଅନୁଷ୍ଠିତ ତାଲିମ ଶିବିର।

## ୨୦ପ୍ରଜାତିର ୮୨୪୫ ପକ୍ଷୀ ଚିହ୍ନଟ



### ଆଠଗଡ଼ ବନାଞ୍ଚଳରେ ପକ୍ଷୀ ଗଣନା ଶେଷ

ଆଠଗଡ,୪।୧(ସ୍ୱ.ପ୍ର.)

ଆଠଗଡ଼ ବନାଞ୍ଚଳର ବିଭିନ୍ନ ଆର୍ଦ୍ରଭୂମିରେ ସୋମବାର ପକ୍ଷୀଗଣନା କାର୍ଯ୍ୟକ୍ରମ ଶେଷ ହୋଇଛି। ଚଳିତ ବର୍ଷ ଏଠାରୁ ମୋଟରେ ୨୦ ପ୍ରଜାତିର ୮୨୪୫ ପକ୍ଷୀ ଚିହ୍ନଟ ହୋଇଛନ୍ତି। ଦେଶୀ ପ୍ରଜାତିଙ୍କ ମଧ୍ୟରେ ହଂସରାଳି, ବେଙ୍ଗରାଳି, ଚକୁଆଚକୋଇ, ଗେଣ୍ଡାଳିଆ, ଧଳାବଗ, କାଣ୍ଟିବଗ, ପାଣିକୁଆ ଆଦି ୨୦ ପ୍ରଜାତିର ପକ୍ଷୀ ଓ ବିଦେଶାଗତ ପକ୍ଷୀଙ୍କ ମଧ୍ୟରେ କେବଳ ନାଲି ମୁଣ୍ଡିଆ ହଂସ(ରେଡ୍ ପୋଚର)ଚିହ୍ନଟ ହୋଇଛନ୍ତି। ଗତବର୍ଷ ତୁଳନାରେ ଚଳିତବର୍ଷ ଦେଶୀୟ ପକ୍ଷୀଙ୍କ ସଂଖ୍ୟା ୨୦୦୦ ବଢ଼ିଥିବାବେଳେ ବିଦେଶୀ ଆଗତ ପକ୍ଷୀଙ୍କ ସଂଖ୍ୟା କମିଛି ବୋଲି ଆଠଗଡ଼ ବନାଞ୍ଚଳ ଅଧିକାରୀ ଆଏଶା ଅଖତାରୀ ନିସା ସୂଚନା ଦେଇଛନ୍ତି। ଆଠଗଡ଼ ବନାଞ୍ଚଳର ଅଂଶୁପା ହ୍ରଦ, ମୁଣ୍ଡଳୀସ୍ଥିତ ମହାନଦୀ ଜଳଭଣ୍ଡାର, ଅମଙ୍ଗେଇକୁଦ, ରମ୍ଭେଇ ପାଟ, ତିଗିରିଆସ୍ଥିତ ଯମୁନା ବନ୍ଧ ଓ ଶୁଣ୍ଠିପାଳ ଆଦି ସ୍ଥାନର ଆର୍ଦ୍ରଭୂମିରେ ଏହି ପକ୍ଷୀଗଣନା ହୋଇଥିଲା। ବନାଞ୍ଚଳ ଅଧିକାରୀ ନିସାଙ୍କ ନେତୃତ୍ୱରେ ୧୦ ଦଳରେ ୫୦ଜଣ କର୍ମଚାରୀ ଏଥିରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ଆଠଗଡ଼ ସଦର ବନପାଳ କୃଷ୍ଣଚନ୍ଦ୍ର ସ୍ୱାଇଁ, ଲୋପାମୁଦ୍ରା ମଳିକ ଓ ସୋନାଲି ନାଥ ପ୍ରମୁଖ ଯୋଗଦେଇଥିଲେ।



ସ୍ଥାୟୀ ଚାକିରି ସହ ବିଭିନ୍ନ ଦାବି ନେଇ ଓଡ଼ିଶା କୋଭିଡ୍-୧୯ ପାରାମେଡିକାଲ ଷ୍ଟାଫ୍ ଆସୋସିଏଶନ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ସୋମବାର ବିକ୍ଷୋଭ କରାଯାଉଛି।

# ବାର୍ଡ ଫ୍ଲୁ ଆଶଙ୍କା: ସତର୍କ କଲା କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ

### ପ୍ରତି ସପ୍ତାହରେ ରିପୋର୍ଟ ଦେବାକୁ ପରାମର୍ଶ

ଭୁବନେଶ୍ୱର,୪।୧(ବ୍ୟୁରୋ)

ଦେଶର କେତେକ ରାଜ୍ୟରେ ବିଦେଶାଗତ ପକ୍ଷୀ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। ଡିସେମ୍ବରରେ ରାଜସ୍ଥାନ ଓ ହିମାଚଳ ପ୍ରଦେଶରେ ଅନେକ ପକ୍ଷୀ ମରିଥିବା ଜଣାପଡିଛି। ପକ୍ଷୀଙ୍କଠାରେ ବାର୍ଡ ଫ୍ଲୁ ଆଶଙ୍କା ଦେଖାଦେଇଛି। ଖାଦ୍ୟ ଅନ୍ୱେଷଣ, ଅଣ୍ଡା ଓ ଛୁଆ ଦେବା ଲାଗି ବିଭିନ୍ନ ଦେଶରୁ ନଭେମ୍ବର ମାସରୁ ବିଦେଶାଗତ ପକ୍ଷୀ ବିଭିନ୍ନ ରାଜ୍ୟରେ ଥିବା ହ୍ରଦ, ଅଭୟାରଣ୍ୟ ଓ ଅନ୍ୟାନ୍ୟ ସ୍ଥାନକୁ ଆସିଥାଆନ୍ତି। ତେବେ ଏହି ସମୟରେ ସେମାନଙ୍କଠାରେ ଫ୍ଲୁ ଦେଖାଦେଇଥାଏ। ପକ୍ଷୀମାନଙ୍କ ଉପରେ ନଜର ରଖିବା ସହ ରୋଗ ଯେପରି ନ ବ୍ୟାପିବ, ସେ ନେଇ ଆବଶ୍ୟକ ପଦକ୍ଷେପ ନେବାକୁ କେନ୍ଦ୍ର ସରକାର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ଏ ନେଇ ପରିବେଶ, ବିଜ୍ଞାନ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଗାଇଡ୍‌ଲାଇନ୍ ଜାରି କରାଯାଇଛି। ବିଦେଶାଗତ ପକ୍ଷୀ ମରୁଥିବାରୁ ମନ୍ତ୍ରଣାଳୟ ପକ୍ଷରୁ ରୋଗ ସଂକ୍ରମଣ ଯେପରି ନ ହେବ, ସେ ନେଇ ପ୍ରତିକାରମୂଳକ ପଦକ୍ଷେପ ନେବା ସହ ପଦକ୍ଷେପ ନେବାକୁ କୁହାଯାଇଛି। ଯଦି କୌଣସିଠାରେ ପକ୍ଷୀ ମରୁଥିବାର ସୂଚନା ମିଳିବ, ତୁରନ୍ତ ମନ୍ତ୍ରଣାଳୟକୁ ଜଣାଇବାକୁ କୁହାଯାଇଛି। ପ୍ରତ୍ୟେକ ସପ୍ତାହରେ ଏ ନେଇ ରିପୋର୍ଟ ଦେବାକୁ ପରାମର୍ଶ ଦିଆଯାଇଛି। ତେବେ ବ୍ୟକ୍ତିଗତ ସୁରକ୍ଷା ସାଙ୍ଗକୁ ପକ୍ଷୀମାନଙ୍କର ଯତ୍ନ ନେବା ସହ ବିଦେଶାଗତ ପକ୍ଷୀଙ୍କ ଉପରେ ନଜର ରଖିବାକୁ କୁହାଯାଇଛି।

ଡିସେମ୍ବରରେ ରାଜସ୍ଥାନରେ ୨୫୦ କାଉ ମରିଥିବା ବେଳେ ହିମାଚଳ ପ୍ରଦେଶରେ ୧୭୦୦ ବିଦେଶାଗତ ପକ୍ଷୀଙ୍କର ମୃତ୍ୟୁ ହୋଇଛି। ସେହିପରି କେରଳରେ ଗତ ୧୦ ଦିନ ମଧ୍ୟରେ ୧୦୦ରୁ ଊର୍ଦ୍ଧ୍ୱ ବତକଙ୍କ ମୃତ୍ୟୁ ପରେ ୩୬ ହଜାର ପକ୍ଷୀଙ୍କୁ ମାରିବାକୁ କେରଳ ସରକାର ଅନୁମତି ଦେଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ପକ୍ଷୀମାନଙ୍କର ଯତ୍ନ ଓ ରକ୍ତନମୁନା ସଂଗ୍ରହ ନେଇ ମନ୍ତ୍ରଣାଳୟ ପକ୍ଷରୁ ଗାଇଡ୍‌ଲାଇନ୍ ଜାରି କରାଯାଇଛି। ମୃତପକ୍ଷୀଙ୍କ ବିଷୟରେ ଖବର ଦେବା ଲାଗି ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହ ସ୍ୱେଚ୍ଛାସେବୀ ଓ ପକ୍ଷୀ ଗବେଷକମାନେ ନିକଟସ୍ଥ ଜଙ୍ଗଲ କିମ୍ବା ପ୍ରାଣୀ ସମ୍ପଦ କାର୍ଯ୍ୟାଳୟରେ ଜଣାଇବାକୁ କୁହାଯାଇଛି। ପକ୍ଷୀମାନଙ୍କ ଉପରେ ନଜର ରଖିବାକୁ ରାଜ୍ୟସ୍ତରରେ ଏକ ଆକ୍ସନ ପ୍ଲାନ ସହ କମିଟି ଗଠନ କରିବାକୁ ପରାମର୍ଶ ଦିଆଯାଇଛି। ସର୍ଭେଲାନ୍ସ କେବଳ ଅଭୟାରଣ୍ୟ ଅଞ୍ଚଳରେ ସୀମିତ ନ ରଖି ପକ୍ଷୀମାନଙ୍କ ଆଶ୍ରୟ ସ୍ଥଳ ଉପରେ ମଧ ନଜର ରଖିବାକୁ କୁହାଯାଇଛି। ଏପରିକି ଗୃହପାଳିତ ପକ୍ଷୀ ଓ କୁକୁଡ଼ା, ବତକ, ଚାଷ ଫାର୍ମ ପ୍ରତି ମଧ ଦୃଷ୍ଟି ଦେବାକୁ କୁହାଯାଇଛି।

# ଶିକ୍ଷକ ନାହାନ୍ତି, ପାଠପଢ଼ା ହେବ କେମିତି: ଓଷ୍ଟା

- ଶିକ୍ଷକ ଅଭାବ ଦୂର ପାଇଁ ବିକଳ୍ପ ପଦକ୍ଷେପ ନିଆଯାଉ
- ରବିବାରକୁ ଶିକ୍ଷାଦାନ ଦିବସରୁ ମୁକ୍ତ କରାଯାଉ

ଭୁବନେଶ୍ୱର,୪।୧(ବ୍ୟୁରୋ)

ଆସନ୍ତା ୮ ତାରିଖରୁ ଦଶମ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ସ୍କୁଲ ଖୋଲିବ। ମେ' ୩ ତାରିଖରୁ ମାଟ୍ରିକ୍ ପରୀକ୍ଷା ଆରମ୍ଭ ହେବ। ଏଥିପାଇଁ ସରକାରଙ୍କ ପକ୍ଷରୁ ଏସ୍ଓପି ଜାରି କରାଯାଇଛି। କିନ୍ତୁ ଏସ୍ଓପି ଅନୁସାରେ ପାଠପଢ଼ା ହେଲେ ସ୍କୁଲରେ ଶିକ୍ଷକ ଅଭାବଜନିତ ସମସ୍ୟା ଉପୁଜିବ। ଆବଶ୍ୟକ ସଂଖ୍ୟକ ଶିକ୍ଷକ ନ ଥିବାବେଳେ ପାଠପଢ଼ା କିପରି ହେବ, ତାହାକୁ ନେଇ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଚିନ୍ତା ପ୍ରକଟ କରିଛି।

ଗୋଟିଏ ଶ୍ରେଣୀ ଗୃହରେ ୨୦ରୁ ୨୫ଜଣ ଛାତ୍ରୀଛାତ୍ରଙ୍କୁ ନେଇ ଶିକ୍ଷାଦାନ କରିବା ପାଇଁ ଏସ୍ଓପିରେ ଦର୍ଶାଯାଇଛି। ଏହାକୁ ଓଷ୍ଟା ବିରୋଧ କରିଛି। ଓଷ୍ଟା ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି କହିଛନ୍ତି, ଯଦି ବିଦ୍ୟାଳୟରେ ସାଧାରଣ ଭାବରେ ୫୦ରୁ ଊର୍ଦ୍ଧ୍ୱ କିମ୍ବା ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଥାଆନ୍ତି ତେବେ ପାଠ ପଢ଼ାଇବା ୪ କିମ୍ବା ୫ଟି ଶ୍ରେଣୀ କକ୍ଷର ଆବଶ୍ୟକତା ପଡ଼ିବ। ରାଜ୍ୟରେ ସରକାରୀ, ଅନୁଦାନପ୍ରାପ୍ତ ଓ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ଶିକ୍ଷକଙ୍କର ଘୋର ଅଭାବ ରହିଛି। ଏପରି କି ଅନେକ ବିଦ୍ୟାଳୟରେ ଗଣିତ, ବିଜ୍ଞାନ ଓ ଇଂଲିଶ ଶିକ୍ଷକ ନାହାନ୍ତି ବା ଜଣେ ଶିକ୍ଷକରେ ସ୍କୁଲ ଚାଲିଛି। ସେ କ୍ଷେତ୍ରରେ ଗୋଟିଏ ଶ୍ରେଣୀର ପିଲାଙ୍କୁ ୪ ଶ୍ରେଣୀ ଗୃହରେ ବସାଇ ପାଠ ପଢ଼ାଇବା କିପରି ସମ୍ଭବ ହେବ? ତେଣୁ ସରକାର ୮ତାରିଖ ପୂର୍ବରୁ ଖାଲିଥିବା ଶିକ୍ଷକ ପଦବୀ ତୁରନ୍ତ ପୂରଣ କରିବା ପାଇଁ ପଦକ୍ଷେପ ନିଅନ୍ତୁ କିମ୍ବା ବର୍ତ୍ତମାନ ଶିକ୍ଷାଦାନକୁ ସାମୟିକ ଭାବରେ ଚଳନକ୍ଷମ କରିବା ପାଇଁ ସବୁ ବର୍ଗର ବିଦ୍ୟାଳୟରେ ଅବସରପ୍ରାପ୍ତ ଶିକ୍ଷକଙ୍କୁ ନିଯୁକ୍ତି ଦେଇ ୧୦୦ ଦିନର ପାଠପଢ଼ାକୁ ତ୍ୱରିତ ଓ ସୁନିଶ୍ଚିତ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରନ୍ତୁ। ସେହିପରି ରବିବାର ଦିନ କ୍ଲାସ ହେବା ନିଷ୍ପତ୍ତିକୁ ମଧ ବିରୋଧ କରିଛି ଓଷ୍ଟା। ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ମାନସିକ ସନ୍ତୁଳନ ପାଇଁ ଛୁଟିର ଆବଶ୍ୟକତା ରହିଛି। ତେଣୁ ରବିବାର ଦିନଟି ଶିକ୍ଷାଦାନ ଦିବସରୁ ମୁକ୍ତ କରିବା ପାଇଁ ଓଷ୍ଟା ପକ୍ଷରୁ ସରକାରଙ୍କୁ ଅନୁରୋଧ କରାଯାଇଛି।

# ଜେଲରେ ପ୍ରଦୀପଙ୍କୁ ଭେଟିଛନ୍ତି ଆଇନଜୀବୀ

### ହାଇକୋର୍ଟଙ୍କୁ ଜଣାଇଲେ ରାଜ୍ୟ ସରକାର

କଟକ ଅଫିସ, ୪।୧

ଅଦାଲତଙ୍କ ନିର୍ଦ୍ଦେଶ ଅନୁଯାୟୀ ଝାରପଡା ଜେଲ୍‌ରେ ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କୁ ତାଙ୍କ ଆଇନଜୀବୀ ଭେଟିବା ପାଇଁ ଜେଲ୍ କର୍ତ୍ତୃପକ୍ଷ ସୁଯୋଗ ଦେଇଥିଲେ। ଫଳରେ ବିଧାୟକଙ୍କୁ ତାଙ୍କର ଦୁଇ ଆଇନଜୀବୀ ଜେଲ୍‌ରେ ଭେଟି ସାରିଛନ୍ତି ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ସୋମବାର ହାଇକୋର୍ଟଙ୍କୁ ଅବଗତ କରାଯାଇଛି। ସୂଚନାଯୋଗ୍ୟ, ଜେଲ୍ ପରିସରରେ ପ୍ରଦୀପଙ୍କୁ ତାଙ୍କ ଆଇନଜୀବୀଙ୍କ ସହିତ ଭେଟିବା ପାଇଁ ସୁଯୋଗ ଦିଆଯାଉ ନ ଥିବା ଅଭିଯୋଗ ହୋଇଥିଲା। ଏ ନେଇ ପ୍ରଦୀପ ହାଇକୋର୍ଟରେ ଏକ ମାମଲା ଦାୟର କରିଥିଲେ। ହାଇକୋର୍ଟ ଉକ୍ତ ମାମଲାର ଶୁଣାଣି କରି ବିଧାୟକଙ୍କୁ ତାଙ୍କ ଆଇନଜୀବୀଙ୍କ ସହିତ ଭେଟିବା ପାଇଁ ସୁଯୋଗ ଦେବା ସହ ଏ ନେଇ ଜବାବ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟ ବିଚାରପତି ଜଷ୍ଟିସ୍ ସଞ୍ଜୁ ପଣ୍ଡା ଏବଂ ବିଚାରପତି ଜଷ୍ଟିସ୍ ଏସ୍.କେ. ପାଣିଗ୍ରାହୀଙ୍କୁ ନେଇ ଗଠିତ ଖଣ୍ଡପୀଠରେ ସୋମବାର ଏହି ମାମଲାର ଶୁଣାଣି ବେଳେ ରାଜ୍ୟ ସରକାର ଏ ନେଇ ହାଇକୋର୍ଟଙ୍କୁ ଅବଗତ କରାଇଛନ୍ତି। ଆସନ୍ତା ୨୦ରେ ମାମଲାର ପରବର୍ତ୍ତୀ ଶୁଣାଣି ବେଳେ ଏ ନେଇ ଲିଖିତ ଭାବେ ଜବାବ ଦାଖଲ କରିବେ।

# ଗବେଷଣାକୁ ଗୁରୁତ୍ୱ ଦେବ ସଂସ୍କୃତି ବିଶ୍ୱବିଦ୍ୟାଳୟ

### ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ୨୨ତମ ପ୍ରତିଷ୍ଠା ଦିବସ

- ଏକାଡେମିକ୍ କାଉନ୍‌ସିଲ୍ ବୈଠକରେ ହେବ ନିଷ୍ପତ୍ତି
- ସେଣ୍ଟର୍ ଅଫ୍ ଏକ୍ସିଲେନ୍ସ ପାଇଁ ପ୍ରସ୍ତାବ

ଭୁବନେଶ୍ୱର,୪।୧(ବ୍ୟୁରୋ)

ମହିମା ଧର୍ମ, ଭୀମ ଭୋଇ ଓ ସାରଳା ଦାସଙ୍କ ଉପରେ ଅଧିକ ଗବେଷଣା କରିବାକୁ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ର ଏବଂ ଅଧ୍ୟାପକଙ୍କୁ ଆହ୍ୱାନ ଦେଇଛି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ। ସୋମବାର ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ୨୨ତମ ପ୍ରତିଷ୍ଠା ଦିବସରେ ମୁଖ୍ୟଅତିଥିଭାବେ ଯୋଗଦେଇ ବିଭାଗୀୟ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ବିଶ୍ୱବିଦ୍ୟାଳୟରେ ଉଚ୍ଚତର ଗବେଷଣାକୁ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାଦ୍ୱାରା ଆଗାମୀ ଦିନରେ ସାଂସ୍କୃତିକ ବିକାଶ ଧାରାକୁ ଅଧିକ ତ୍ୱରାନ୍ୱିତ କରାଯାଇପାରିବ ବୋଲି ମନ୍ତ୍ରୀ କହିଥିଲେ।

ବିଶିଷ୍ଟ ଅତିଥିଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ କହିଲେ, ଉତ୍କଳ ହେଉଛି ଶ୍ରେଷ୍ଠ ପ୍ରଦେଶ। ଓଡ଼ିଶା ଏକ ଭାଷାଭିକ ରାଜ୍ୟ। ଅଧିକରୁ ଅଧିକ ଗବେଷଣା ଦ୍ୱାରା ଓଡ଼ିଶାର ସଂସ୍କୃତି ଓ ଐତିହ୍ୟ ସମୃଦ୍ଧ ହୋଇପାରିବ। ସଂସ୍କୃତିର ସୁରକ୍ଷା, ସଂରକ୍ଷଣ ଏବଂ ପ୍ରଚାର ପ୍ରସାର ପାଇଁ ଗବେଷଣା ନିତାନ୍ତ ଜରୁରୀ। ଏ କ୍ଷେତ୍ରରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଏକ ସେଣ୍ଟର୍ ଅଫ୍ ଏକ୍ସିଲେନ୍ସ ହୋଇପାରିବ। ଏଥିପାଇଁ ଆବଶ୍ୟକ ସମସ୍ତ ସହାୟତା ବିଭାଗ ପକ୍ଷରୁ ଯୋଗାଇ ଦିଆଯିବ। ସାଂସ୍କୃତିକ ଶିକ୍ଷା ଓ ଗବେଷଣା ଓଡ଼ିଶାର ସଂସ୍କୃତିକୁ ଆହୁରି ବୁଦ୍ଧିମନ୍ତ କରିବ ବୋଲି ସେ କହିଥିଲେ।

ଉତ୍ସବରେ ପୌରୋହିତ୍ୟ କରି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ କହିଲେ, ଓଡ଼ିଶାର ଇତିହାସ, କଳା, ସଂସ୍କୃତି ଉପରେ ଉଚ୍ଚତର ଗବେଷଣାକୁ ତ୍ୱରାନ୍ୱିତ କରାଯିବ। ପ୍ରାକ୍ ଇତିହାସର ଅନେକ କିଛି ଘଟଣା ଆଜିପର୍ଯ୍ୟନ୍ତ ବି ଲୁକ୍କାୟିତ ହୋଇରହିଛି। ସେସବୁ ଉପରେ ଗବେଷଣା କରାଯିବ। ଆଗାମୀ ଏକାଡେମିକ୍ କାଉନ୍‌ସିଲ୍ ବୈଠକରେ ଏ ସମ୍ପର୍କରେ ପ୍ରସ୍ତାବ ଗ୍ରହଣ କରାଯିବ। ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ ପାଇଁ ଏକ ଆଲୋଚନାଚକ୍ର କରାଯିବ ବୋଲି କୁଳପତି ସୂଚନା ଦେଇଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟର ବାର୍ଷିକ ନ୍ୟୁଜ୍‌ଲେଟର 'ସଂସ୍କୃତି' ଏବଂ 'ଚିତ୍ରକଳା ଓ ଦୃଶ୍ୟକଳା ବିଭାଗର କାଟ୍‌ଲଗ୍ 'ସୃଷ୍ଟି' ଉନ୍ମୋଚିତ ହୋଇଥିଲା। ବିଶ୍ୱବିଦ୍ୟାଳୟ କୁଳସଚିବ ଅନନ୍ତ ବିଜୟ ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ, ସ୍ନାତକୋତ୍ତର ବିଭାଗ ଅଧ୍ୟକ୍ଷ ପ୍ରଫେସର ଜଗନ୍ନାଥ କୁଅଁର ଅତିଥି ପରିଚୟ ଓ ପରୀକ୍ଷା ନିୟନ୍ତ୍ରକ ମନୋଜ କୁମାର ଦାସ ଧନ୍ୟବାଦ ଦେଇଥିଲେ।



ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଓ ଅନ୍ୟ ଅତିଥିମାନେ ଚିତ୍ରକଳା ଓ ଦୃଶ୍ୟକଳା ବିଭାଗର କାଟ୍‌ଲଗ୍ 'ସୃଷ୍ଟି'କୁ ଉନ୍ମୋଚନ କରୁଛନ୍ତି।

# ସାତକୋଶିଆ ଗଲେ ୬ ଘଡ଼ିଆଳ କୁମ୍ଭୀର

ବାରଙ୍ଗ,୪।୧(ଡି.ଏନ୍.ଏ.)

ପ୍ରାଣୀଉଦ୍ୟାନ ନନ୍ଦନକାନନରୁ ୬ଟି ଘଡ଼ିଆଳ କୁମ୍ଭୀର ତୃତୀୟଥର ପାଇଁ ସାତକୋଶିଆ ଛଡ଼ାଯିବ। ଏଥିପାଇଁ ନନ୍ଦନକାନନର ୩ଜଣିଆ ଦଳ ଏହି କୁମ୍ଭୀର ଦେହରେ ଟ୍ରାନ୍ସମିଟର ଲଗାଇ ସାଙ୍ଗରେ ନେଇ ଯାତ୍ରା ଆରମ୍ଭ କରିଛନ୍ତି। ସୋମବାର ରାତିରେ ସାତକୋଶିଆ ବନ ବିଭାଗ କାର୍ଯ୍ୟାଳୟରେ ଏହି କୁମ୍ଭୀରକୁ ରଖାଯିବ। ମଙ୍ଗଳବାର ଦିନ ମହାନଦୀର ଗଣ୍ଡରେ ଛଡ଼ାଯିବାର କାର୍ଯ୍ୟକ୍ରମ ରହିଥିବାର ଜଣାପଡିଛି। ସେହିଭଳି ବଟାନିକାଲ ଗାର୍ଡେନର ଶାଗୁଣା ପ୍ରଜନନ କେନ୍ଦ୍ରରେ ଏକ ଭାରତୀୟ ଶାଗୁଣା ସୋମବାର ଗୋଟିଏ ଅଣ୍ଡା ଦେଇଛି। ଏହାପୂର୍ବରୁ ଗତ୧୮ ଓ ୨୩ତାରିଖରେ ୨ଟି ଅଣ୍ଡା ପ୍ରଜନନ କେନ୍ଦ୍ରରେ ଅନ୍ୟ ଏକ ଭାରତୀୟ ଶାଗୁଣା ଦେଇଥିଲେ। ଫଳରେ ପ୍ରଜଜନ କେନ୍ଦ୍ରରେ ଅଣ୍ଡା ସଂଖ୍ୟା ବୃଦ୍ଧି ପାଇ ୩ରେ ପହଞ୍ଚିଛି।



# ଓଡ଼ିଶାର ଇଞ୍ଚେ ଜମି ନେଇପାରିବନି ଆନ୍ଧ୍ର

## ସୀମା ବିବାଦ ସ୍ଥାନରେ ୨ ବିଧାୟକ

■ଗ୍ରାମବାସୀ ଚାଷ କରୁଥିବା ଅଞ୍ଚଳ ପର୍ଯ୍ୟନ୍ତ ରହିଛି ଓଡ଼ିଶା ସୀମା
■ପୋତାଯାଇଥିବା ପତାକା ପୋଡ଼ିଦେଲେ ଡେକାପାର ଗ୍ରାମବାସୀ
■ଡେପୁଟି କଲେକ୍ଟରଙ୍କୁ ବିରୋଧ

ପଟ୍ଟାଙ୍ଗୀ,୪।୧(ଡି.ଏନ.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ତଥା ଆନ୍ଧ୍ର ସୀମାନ୍ତକୁ ଲାଗିଥିବା ସମ୍ପାଇ ପଞ୍ଚାୟତର ସୁନାବେଡ଼ା ଓ ଜାମୁଗୁଡ଼ା ଗ୍ରାମବାସୀଙ୍କ ସହ ଆନ୍ଧ୍ରର ବିଶାଖାପାଟଣା ଜିଲା ଡୁମୁରିଗୁଡ଼ା ବ୍ଲକର ବିଟ୍ଟୁଗାଣ୍ଡା, କର୍ଲାପୁଟ, ଡେକାପାର, ବଡଲାମ୍ବଗୁଡା ଓ ନିଟାଆମ୍ବ ଗ୍ରାମବାସୀଙ୍କ ସହ ଚାଷଜମିକୁ ନେଇ ଲାଗି ରହିଥିବା ବିବାଦ ସମାଧାନ ହୋଇପାରୁନାହିଁ। ଏପରିସ୍ଥଳେ ସେଠାକୁ ସୋମବାର କୋରାପୁଟ ବିଧାୟକ ରଘୁରାମ ପଡାଲ, ପଟ୍ଟାଙ୍ଗୀ ବିଧାୟକ ପ୍ରୀତମ ପାଢ଼ୀ, ଜିଲା ବିଜେଡି ସଭାପତି ଈଶ୍ୱର ପାଣିଗ୍ରାହୀ, ଜିଲା ପରିଷଦ ଅଧ୍ୟକ୍ଷ ତୁଳସୀ କିର୍‌ସାନି,ପୂର୍ବତନ ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗୀ, ଜିଲା ପରିଷଦ ସଭ୍ୟ ଲଇଚନ ଖରା ପ୍ରମୁଖ ଗସ୍ତ କରିଥିଲେ। ସୁନାବେଡ଼ା ଗ୍ରାମ ଛକଠାରୁ ୬୦୦ ମିଟର ଦୂରରେ ଥିବା ଆମ୍ବଗଛଠାରେ ପହଞ୍ଚି ସେମାନେ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ସେମାନଙ୍କ ଉପସ୍ଥିତିରେ ଗ୍ରାମବାସୀ ଓଡ଼ିଶାର ସୀମା ଆରମ୍ଭ ହେଉଥିବା ଆମ୍ବଗଛଠାରେ ଲାଲ ପତାକା ପୋତି ଚୂନପାଣିରେ ଚିହ୍ନ ଦେଇଥିଲେ। ଏହି ସମୟରେ ଉପସ୍ଥିତ ଡେପୁଟି କଲେକ୍ଟର ଅର୍ଚ୍ଚନା ଦାସଙ୍କୁ କେତେଜଣ ଗ୍ରାମବାସୀ ବିରୋଧ କରିଥିଲେ। ଗ୍ରାମବାସୀ ସୁନାବେଡ଼ା ଗ୍ରାମଠାରୁ ୬ଶହ ମିଟର ଦୂରରେ ଥିବା ଆମ୍ବଗଛଠାରୁ ଓଡ଼ିଶାର ସୀମା ଆରମ୍ଭ ହେଉଥିବା କହୁଥିବା ବେଳେ ଡେପୁଟି କଲେକ୍ଟର ଦାସ ଏହି ସୀମା ଆନ୍ଧ୍ର ନିକଟରେ ନିର୍ମାଣ କରିଥିବା ନୂତନ ପିଚୁରାସ୍ତାଠାରୁ ଆରମ୍ଭ ହେଉଥିବା କହିଥିଲେ। ଫଳରେ ଏହାକୁ ନେଇ ଘଟଣାସ୍ଥଳରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପ୍ରକୃତରେ ଏହି ସୀମା କେଉଁଠାରୁ ଆରମ୍ଭ ହେଉଛି ତର୍ଜମା କରି ଚିହ୍ନଟ କରିବାକୁ ୨ ବିଧାୟକ ଡେପୁଟି କଲେକ୍ଟର ଦାସଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଓଡ଼ିଶାର ଇଞ୍ଚେ ମାଟି ଆନ୍ଧ୍ର ନେବାକୁ ସୁଯୋଗ ଦେବୁନି। ଆବଶ୍ୟକ ପଡିଲେ ଏ ନେଇ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ଉଭୟ ବିଧାୟକ ପ୍ରକାଶ କରିଥିଲେ। ଓଡ଼ିଶାର ସୀମାନ୍ତ ଦୁଇ ଗ୍ରାମର ଗ୍ରାମବାସୀ ଯେତିକି ଅଞ୍ଚଳ ପର୍ଯ୍ୟନ୍ତ ଚାଷ କରୁଛନ୍ତି ସେତିକି ପର୍ଯ୍ୟନ୍ତ ଆନ୍ଧ୍ର ଓଡ଼ିଶା ସୀମା ଚିହ୍ନଟ କରାଯିବ ବୋଲି ସେମାନେ ପ୍ରକାଶ କରିଥିଲେ। ବିଧାୟକମାନେ ଗସ୍ତ ସାରି ଫେରିବା ପରେ ସେଠାରେ ଡେକାପାର ଗ୍ରାମବାସୀ ପହଞ୍ଚି ପତାକା ଉପାଡ଼ି ନିଆଁ ଲଗାଇ ପୋଡ଼ିଦେଇଥିଲେ। ଚୂନପାଣି ଦାଗକୁ ଲିଭାଇ ଦେଇଥିଲେ।



ସୀମାନ୍ତ ଅଞ୍ଚଳ ଗସ୍ତ କରିଥିବା ୨ ବିଧାୟକ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

# ଗଜପତିର ପ୍ରିୟଙ୍କା ପ୍ରଥମ ରନର୍ସଅପ

ପାରଳାଖେମୁଣ୍ଡି,୪।୧(ଡି.ଏନ୍.ଏ.)

**ମିସ୍ ଇଣ୍ଡିଆ ପ୍ରତିଯୋଗିତା**



ପ୍ରିୟଙ୍କା ସାହୁ

ଗଜପତି ଜିଲା ପାରଳାଖେମୁଣ୍ଡି ସେଞ୍ଚୁରିଆନ ପବ୍ଲିକ ସ୍କୁଲର ଯୁକ୍ତ ୨ ଛାତ୍ରୀ ପ୍ରିୟଙ୍କା ସାହୁ ଗ୍ଲିଟର ପାଜିଏଣ୍ଟ ଦ୍ୱାରା ଆୟୋଜିତ ମିସ୍ ଇଣ୍ଡିଆ ପ୍ରତିଯୋଗିତାରେ ପ୍ରଥମ ରନର୍ସଅପ ହୋଇଛନ୍ତି। ୧୩ ପ୍ରତିଯୋଗୀଙ୍କ ମଧ୍ୟରେ ପରିଚୟ ଆଦାନପ୍ରଦାନ, ଟ୍ୟାଲେଣ୍ଟ ରାଉଣ୍ଡ ତଥା ପ୍ରଶ୍ନୋତ୍ତର ରାଉଣ୍ଡ ସହ ର୍ୟାମ୍ପ ଆଦିରେ ପ୍ରିୟଙ୍କା ଶ୍ରେଷ୍ଠ ପ୍ରଦର୍ଶନ କରି କୃତିତ୍ୱ ହାସଲ କରିଥିଲେ। ପ୍ରତିଯୋଗିତାରେ ବିଚାରକ ଭାବେ ମିସେସ୍ ଏସିଆ ୨୦୧୯ ତଥା ଗ୍ଲିଟର ପ୍ରତିଷ୍ଠାତା ପ୍ରାଚୀ ମାହତ୍ରେ, ନିର୍ଦ୍ଦେଶକ ଅଭିଷେକ ମାହତ୍ରେ, କସ୍ମେଟୋଲୋଜିଷ୍ଟ ତଥା ପଶ୍ଚିମ ଓଡ଼ିଶାର ମିସେସ ଫିଟନେସ ଡିଭା ୨୦୧୯ ଡା. ଭର୍ଷା ମାନେ, ଜ୍ୟୋଭିସର ପ୍ରତିଷ୍ଠାତା ଡ.ଜ୍ୟୋତି ସାତପୁତେ, ସୀମା ଦେଶାଇ ନାୟାର ଏବଂ ମିତାଲି ଧ୍ରୁ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାର ପ୍ରସ୍ତୁତି ପାଇଁ ଶୁଭେନ୍ଦୁ ମୋହନ ସେନାପତି ଏବଂ ଡିଜିପିକ୍ସ ଶିବା ତାଲିମ ପ୍ରଦାନ କରିଥିଲେ। ପ୍ରିୟଙ୍କା ହେଉଛନ୍ତି ପାରଳାଖେମୁଣ୍ଡି ରାଜଦାଣ୍ଡ ସାହିର ଅଶୋକ କୁମାର ସାହୁ ଏବଂ ପ୍ରେମଲତାଙ୍କ କନ୍ୟା। ସଫଳତା ପାଇଁ ସେଞ୍ଚୁରିଆନ ପବ୍ଲିକ ସ୍କୁଲର ଅଧ୍ୟକ୍ଷା ଦିଶା ପାଢୀ ଏବଂ କାଲାପୂର୍ଣ୍ଣା ନାଲା ପ୍ରିୟଙ୍କାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଭ୍ୟାନିଟି ବ୍ୟାଗ ଫେରାଇଲେ ଯୁବକ

ବାରଙ୍ଗ,୪।୧(ଡି.ଏନ୍.ଏ.)

ବାରଙ୍ଗ ଅଞ୍ଚଳର ଏକ ରାସ୍ତାରୁ ପାଇଥିବା ଭ୍ୟାନିଟି ବ୍ୟାଗ ଓ ମନିପର୍ସକୁ ଜଣେ ଯୁବକ ଫେରାଇ ସହୃଦୟବାନର କାର୍ଯ୍ୟ କରିଛନ୍ତି। ଫୁଲପୋଖରୀ ଗ୍ରାମର ଜିତେନ୍ଦ୍ର ପାଣି ରବିବାର ରାତିରେ ଗ୍ରାମ ଛକ ମୁଖ୍ୟରାସ୍ତାରେ ଯାଉଥିବାବେଳେ ହଠାତ୍‌ସରେ ଏକ ଭ୍ୟାନିଟି ବ୍ୟାଗ ପଡ଼ିଥିବା ଦେଖିଥିଲେ। ଭ୍ୟାନିଟି ବ୍ୟାଗରେ ନଗଦ ୧୪ଶହ ଟଙ୍କା ସହ ସୁନାମୁଦି, ସୁନା ଲକେଟ୍ ସହ ଏକ ମୋବାଇଲ ଫୋନ ରହିଥିଲା। ପାଇଥିବା ମୋବାଇଲରୁ ସପ୍ତମ ବାଟାଲିୟନରେ ସିପାହି ଭାବେ କାର୍ଯ୍ୟ କରୁଥିବା ପ୍ରମୋଦ ମଲ୍ଲିକଙ୍କ ଠିକଣା ପାଇ ଡାକିଥିଲେ। ସୋମବାର ପ୍ରମୋଦ ଆସି ଜିତେନ୍ଦ୍ରଙ୍କଠାରୁ ବ୍ୟାଗ ଓ ପର୍ସ ନେବା ସହ ତାଙ୍କ ସଚ୍ଚୋଟତା ପାଇଁ ପ୍ରଶଂସା କରିଛନ୍ତି। ତେବେ ପ୍ରମୋଦ ସ୍ତ୍ରୀଙ୍କ ସହ ବାଇକ୍ ଯୋଗେ କଟକରୁ ଫେରୁଥିବାବେଳେ ଭ୍ୟାନିଟି ଖସିପଡ଼ିଥିଲା।

## ଅଜଣା ଜନ୍ତୁ ଆକ୍ରମଣରେ ୧୫ଛେଳି ୨ଗୋରୁ ମୃତ

ଦେବଗଡ଼, ୪।୧(ଡି.ଏନ.ଏ)

ବାରକୋଟ ବ୍ଲକ ଅଧିନ ଚକଡିହୀ (ନୂଆଁ ବାରକୋଟ) ଗ୍ରାମରେ ଶନିବାର ରାତିରେ ଅଜଣା ଜନ୍ତୁ ଆକ୍ରମଣରେ୧୫ଟି ଛେଳି ଓ ୨ଗୋରୁର ମୃତ୍ୟୁ ଘଟିଛି। ଏହାସହ ୪ଟି ଛେଳି ଗୁରୁତର ଆହତ ହୋଇଛନ୍ତି। ସେହିପରି ଉକ୍ତ ଗ୍ରାମର ୨୨ରୁ ଉର୍ଦ୍ଧ୍ୱ ଛେଳି ନିଖୋଜ ଥିବାବେଳେ ଏନେଇ ଗ୍ରାମବାସୀ ଆତଙ୍କିତ ହୋଇପଡିଛନ୍ତି। ଆକ୍ରମଣକାରୀ ବନ୍ୟଜନ୍ତୁକୁ ଚିହ୍ନଟ କରିବା ନିମନ୍ତେ ବନବିଭାଗ ପକ୍ଷରୁ ନିକଟସ୍ଥ ଜଙ୍ଗଲରେ ସିସି ଟିଭି କ୍ୟାମେରା ଖଞ୍ଜାଯାଇଥିଲା । ସୋମବାର ଉକ୍ତ ସିସି ଟିଭି କ୍ୟାମେରାଗୁଡିକ ଯାଞ୍ଚ କରାଯାଇଥିଲେ ମଧ୍ୟ ଉତ୍ତୋଳିତ ଫୁଟେଜରେ କୌଣସି ବନ୍ୟଜନ୍ତୁଙ୍କର ଚିତ୍ର ଆସି ନ ଥିଲା। ସୋମବାର ଜଙ୍ଗଲର ଭିନ୍ନଭିନ୍ନ ସ୍ଥାନରେ ପୁଣି ତିନିଗୋଟି ସିସି ଟିଭି କ୍ୟାମେରା ଖଞ୍ଜାଯାଇଥିବା ଜଣାପଡିଛି । ଦେବଗଡ ବନଖଣ୍ଡ ଅଧିକାରୀ କ୍ଷମା ଷଡଙ୍ଗୀ ନିଜେ ସଦଳବଳେ ପାହାଡ ଉପରକୁ ଚଢି ପରିସ୍ଥିତି ଅନୁଧ୍ୟାନ କରିବା ସହ ସେଠାରେ ପଡିଥିବା ଏକ ଗୋରୁର କ୍ଷତାକ୍ତ ମୃତଦେହ ଦେଖି ଫେରି ଆସିଥିଲେ । ସେହିପରି ଆହତ ଗୋରୁ ଓ ଛେଳି ଶରୀରରେ ରହିଥିବା ବନ୍ୟଜନ୍ତୁଙ୍କର ରାମ୍ପୁଡା ଚିହ୍ନ ପରଖିବା ସହ କ୍ଷତଚିହ୍ନ ଓ ପାରିପାର୍ଶ୍ୱିକ ପରିସ୍ଥିତି ଅନୁଧ୍ୟାନ କରିବା ପରେ ସମ୍ଭବତଃ ଚିତାବାଘ ଆକ୍ରମଣରେ ସେମାନେ ମୃତାହତ ହୋଇଥିବା ଅନୁମାନ କରୁଥିବା ଜଣାପଡିଛି।


GOVT. OF ODISHA No. A-429

**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**SUBARNAREKHA IRRIGATION CIRCLE**
**AT/P.O.- LAXMIPOSI, DIST.- MAYURBHANJ**
Government of Odisha "e" PROCUREMENT NOTICE
Bid Identification No. 05/2020-21 of S.E.S.I.C., Laxmiposi

| | | |
|---|---|---|
| i | Name of Work | (i) Construction of Water Course in MAA AMBIKA PANI PANCHAYAT (PP-1) of Haladia Left Main Distributary System |
| | | (ii) Construction of Water Courses in Maa Santoshi Pani Panchayat (PP-2) of Haladia Left Main Distributary System |
| | | (iii) Construction of Water Courses of Baba Balukeswar Pani Panchayat of Haladia Right Distributary. |
| | | (iv) Construction of Water Courses of Baba Kalamahajana Pani Panchayat of Haladia Right Distributary |
| ii | Estimated Cost (Lakh) | Rs.204.53 lakh |
| | | Rs.111.91 Lakh |
| | | Rs.118.49 Lakh |
| | | Rs.161.05 Lakh |
| iii | Period of Completion | 08 (Eight) Calendar Months |
| iv | Date & time of availability of bid document in the portal | 06.01.2021 at 10 A.M. |
| v | Last date/time for receipt of bid in the portal | 21.01.2021 upto 5.00 P.M. |
| vi | Name & address of the O.I.T. | Superintending Engineer, Subarnarekha Irrigation Circle, Laxmiposi, Mayurbhanj |

Further details can be seen from the e-Procurement Portal **"https://tendersodisha.gov.in"**.

**Sd./- Superintending Engineer, Subarnarekha Irrigation Circle, Laxmiposi, Mayurbhanj**
**OIPR-32120/11/0006/2021**



No. C-276

**WATCO**
**OFFICE OF THE GENERAL MANAGER**
**WATCO DIVISION-II, BHUBANESWAR**
Near Rajiv Bhawan, Unit -V, Bhubaneswar - 751001, Odisha, India
Telefax: +91-674-2390322, E-mail: gmdivtwowatco@gmail.com
**NATIONAL COMPETITIVE BIDDING THROUGH e-PROCUREMENT**
Invitation for Bids (IFB) Dtd.01.01.2021

1. Name of the Work : Extension of W/S Pipe Line to uncovered areas of Bhagabati Colony in Ward No. 19 & Bhagabati Nagar in Ward No. 20, Jatani Municipality
2. Estimated Cost : Rs.51.18 lakh
3. Period of Completion : 2 (Two Months)
4. Class of Contractor : B & A Class
5. Date & time of availability of bid document in the portal : From 11.00 A.M. of Dt.05.01.2021 to 5.00 P.M. of 15.01.2021
6. Last date/time of receipt of bids in the portal : 5.00 P.M. of 15.01.2021
7. Last Date & time of seeking clarification : 5.00 P.M. of 08.01.2021
8. Date & time of opening of bids : At 12.30 P.M. of 18.01.2021
9. Name and address of the Officer Inviting Bid : General Managing, WATCO Division - II, BBSR

Further details can be seen from the e-Procurement portal **"https://www.tendersorissa.gov.in"**.

GENERAL MANAGER
WATCO DIVISION-II, BHUBANESWAR
OIPR-13089/11/0007/2021



**ଓଡ଼ିଶା ସରକାର**
**ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ**
**ଘୋଷଣା**

**SPL.LAO.R.I.P.-JAJ-53/2018/385/R.I.P., Sukinda** **Dated: 27.02.20**

No. II-02: ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR&R Act. 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ଅସୁରବନ୍ଧ (୨ୟ ଅତିରିକ୍ତ), ଥାନା: ଭୁବନ, ତହସିଲ: ଭୁବନ, ଜିଲ୍ଲା: ଢେଙ୍କାନାଳରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ରେଙ୍ଗାଳି ବାମ ପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ ଏକର ୯.୭୬ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।
ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୯୨ ତା୦୬।୦୨।୨୦୧୯ରିଖରେ ପ୍ରକାଶିତ ହୋଇଅଛି। ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା: ଅସୁରବନ୍ଧ (୨ୟ ଅତିରିକ୍ତ), ଥାନା: ଭୁବନ, ତହସିଲ: ଭୁବନ, ଜିଲ୍ଲା: ଢେଙ୍କାନାଳରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ **www.dhenkanal.nic.in**ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ **http//revenue.odisha.gov.in**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ମଣ୍ଡଳ ଅଧିକାରୀ, ରେଙ୍ଗାଳି ବାମ କେନାଲ ପ୍ରଣାଳୀ, ସୁକିନ୍ଦା, ଜିଲ୍ଲା: ଯାଜପୁରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ – କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**
**ଜିଲ୍ଲା: ଢେଙ୍କାନାଳ, ତହସିଲ: ଭୁବନ**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଅସୁରବନ୍ଧ (୨ୟ ଅତିରିକ୍ତ) | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୯.୭୬ | ଏଥି ସହିତ ସଂଲଗ୍ନ |

- ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ ............... ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

**ତଫସିଲ – ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**
**ଜିଲ୍ଲା: ଢେଙ୍କାନାଳ, ତହସିଲ: ଭୁବନ**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ: ୨୮।୦୯।୨୦୧୯।

ରାଜ୍ୟପାଳଙ୍କ ଆଦେଶକ୍ରମେ
ଜିଲ୍ଲାପାଳ, ଢେଙ୍କାନାଳ
**OIPR-24034/14/0003/2021**



**OFFICE OF THE DIVISIONAL FOREST OFFICER, KHARIAR DIVISION, KHARIAR**
At/Po-Khariar, Dist- Nuapada, Odisha-766107, E-mail ID-dfokhariar@gmail.com, Phone No.-06671-224237
Office Order No. 03 Date. 01.01.2021

**NOTICE INVITING TENDER**
**Sub: TENDER CALL NOTICE FOR ANNUAL RATE CONTRACT FOR PROCUREMENT OF POLYTHENE BAGS.**

**No. MM-121:-** Sealed tenders are invited from intending manufacturers/ Authorised distributers/Suppliers, Government Agencies for supply of the following Materials.
**1. Polythene bags of the following specification**
**a. Size 9"x5" (200 Gauge),**
**b. 12"x8" (300 Gauge)**

Material should be supplied as per prescribed specification of the above items for utilization in plantation programme under Various Schemes, 2020-21 of Khariar Forest Division. The quantity of the above materials may vary as per requirement. The EMD amount of Rs.10,000/- (Rupees ten thousand) only should be submitted in shape of Bank Draft in favour of the Divisional Forest Officer, Khariar Forest Division, Khariar along with tender. The sealed tender is to be submitted for the above products separately, item wise with all required documents. Last date of receipt of tender is 11.01.2021 at 05.00 P.M. and date of opening of tender is on dt.12.01.2021 at 11.00 A.M. Address of submission of tender is Office of the Divisional Forest Officer, Khariar Forest Division, Khariar, Dist.- Nuapada, Odisha, Pin-766107, through Speed Post/ Regd. Post or in the Tender Box kept in the Office of the undersigned. The purchase Committee (Consist of ACFs, Range Officer and Dealing Assistant of MGNREGS Section) reserve the right to accept or reject the tender without assigning any reason thereof.

**Samples of products may be submitted** in the O/o the Divisional Forest Officer, Khariar Forest Division, Khariar on the day of opening of Tender.
(i) The Tender Papers will be opened in presence of the tenderers or their authorized representatives on dt.12.01.2021 at 11.00 A.M. in the Office of the Divisional Forest Officer, Khariar Forest Division.
(ii) Sample will be verified and demonstrated by the supplier or their representatives on dt.12.01.2021 at 03.00 P.M. before the purchase Committee.

**"Name of the items should be superscribed on the top of the envelope"**

**LIST OF DOCUMENTS TO BE SUBMITTED ALONG WITH TENDER**
**1. Copy of valid GSTIN**
**2. Copy of PAN Registration**
**3. Copy of TIN Registration**
**4. Marketing License for the above business**
**5. Tax clearance for last three years.**

The product finalized at approved rate by the purchase committee of Divisional Forest Office, Khariar shall be procured under various schemes as and when required.

**Sd./- Divisional Forest Officer, Khariar Division**
OIPR-08029/11/0007/2021



**DIRECTORATE OF PUBLIC PROSECUTIONS, ODISHA**
**TOSHALI BHAWAN (4TH FLOOR), SATYA NAGAR**
**BHUBANESWAR - 751007**
TELE-FAX- 0674-2572549/48; E.mail id: dirppr@gmail.com

**ADVERTISEMENT FOR FILLING-UP OF ONE POST OF SENIOR STENOGRAPHER (UN-RESERVED)**
**Advt. No. 01 of 2020**

**No. D-137:-** Applications in the prescribed format are invited through proper channel (Appointing authority) from the willing Junior Stenographers having 3 years of regular service experience as Junior Stenographer in the Pay Matrix of Rs.25500/- (Level- 7) in the Heads of Department/Civil Courts/ Collectorate, for selection to the post of Senior Stenographer of this Directorate in the scale of pay of Rs. 35400/- (Level-9) of pay Matrix of ORSP Rules, 2017.
1. The applications completed in all respect should reach the **Directorate of Public Prosecutions, Odisha, Toshali Bhawan (4th floor), Satya Nagar, Bhubaneswar- 751007**, in the enclosed format within one month from the date of publication.
2. Incomplete applications shall not be taken into consideration.
3. No direct communications shall be entertained.
4. The applicants should have the knowledge of working on computers.
5. Selection shall be made on the basis of merit list to be drawn after completion of the Shorthand/ Computer test and verification of last three consecutive CCRs, followed by personality test/ interview.
6. Director, Public Prosecutions, Odisha reserves the right to reject any application without assigning any reason thereof.
7. No TA/DA shall be admissible to appear for the test or interview.

OIPR-12022/11/0001/2021 **Sd./- DIRECTOR**



**ଓଡ଼ିଶା ସରକାର**
**ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ**
**ଘୋଷଣା**

File No. 28 Date: 26.02.2020

No. II-12: ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act. 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ସିମିନଇ, ଥାନା: ଢେଙ୍କାନାଳ ସଦର, ତହସିଲ: ଓଡ଼ାପଡ଼ା, ଜିଲ୍ଲା: ଢେଙ୍କାନାଳରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଶାଳଗାଁ ବୁଢ଼ାପଙ୍କ ତାଳଚେରଠାରୁ ଜରପଡ଼ା ତୃତୀୟ ଓ ଚତୁର୍ଥ ରେଳ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।
ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R ACT. 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୫୮ ତା୨୭।୦୨।୨୦୧୯ରିଖରେ ପ୍ରକାଶିତ ହୋଇଅଛି। ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: ସିମିନଇ, ଥାନା: ଢେଙ୍କାନାଳ ସଦର, ଜିଲ୍ଲା: ଢେଙ୍କାନାଳରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ।

**ତଫସିଲ – 'କ'**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**
**ଜିଲ୍ଲା: ଢେଙ୍କାନାଳ, ତହସିଲ: ଓଡ଼ାପଡ଼ା**

| ଖାତା ନଂ. | ପ୍ଲଟ ନଂ. | କିସମ | ମୋଟ ରକବା | ଅଧିଗ୍ରହଣ ରକବା | ରୟତଙ୍କ ନାମ |
|---|---|---|---|---|---|
| ୨୯ | ୬୮ | ବଗାୟତ-୨ | ୧.୫୧୦ | ୦.୪୫୦ | କୁଞ୍ଜବିହାରୀ ରାଉତ, ପି.- ଶଙ୍କର ରାଉତ, ନିଧି ରାଉତ, ଗୋପୀ ରାଉତ, ଭିକାରୀ ରାଉତ, ନବୀନ ରାଉତ, ପି.- ସପନି ରାଉତ, ଜୟ ରାଉତ, ପି.- ଲୋଚନ ରାଉତ, ଜାତି: ଚଷା, ବା: ନିଜଗାଁ |
| ୧୧୨ | ୬୭ | ବଗାୟତ-୨ | ୦.୩୧୦ | ୦.୦୨୦ | ଦୁଃଖବନ୍ଧୁ ରାଉତ, ପି.- ବଡ଼ ଈଶ୍ୱର ରାଉତ, ଅନାଦି ରାଉତ, ପି.- ବିଜି ରାଉତ, ବାଉରୀ ରାଉତ, ପି.- ବନମାଳି ରାଉତ, ଯୋଗୀ ରାଉତ, ପି.- ଚିନ୍ତାମଣୀ ରାଉତ, ଜାତି: ଚଷା, ବା: ନିଜଗାଁ |
| ୧୧୨ | ୬୬ | ରାସ୍ତା | ୦.୦୮୦ | ୦.୦୫୦ | |
| ୩୧୬ | ୭୨ | ବଗାୟତ-୨ | ୦.୧୬୦ | ୦.୧୫୦ | ହୃଷିକେଶ ରାଉତ, ସାରଙ୍ଗ ରାଉତ, ବସନ୍ତ ରାଉତ, ଗୁଲୁରି ରାଉତ, ପି.- ହଟ ରାଉତ, ଚଞ୍ଚଳା ରାଉତ, ସ୍ୱା.- ହଟ ରାଉତ, ଜାତି: ଖଣ୍ଡାୟତ, ବା: ନିଜଗାଁ |
| ୧୪୮ | ୭୩ | ବଗାୟତ-୨ | ୦.୧୪୦ | ୦.୦୭୦ | ନୃସିଂହ ସାହୁ, ପି.- ଗଦେଇ ସାହୁ, ହୃଦାନନ୍ଦ ସାହୁ, ରତନ ସାହୁ, ବଚନି ସାହୁ, ନିହାଲି ସାହୁ, ପି.- ଶ୍ୟାମ ସାହୁ, ଆଶା ସାହୁ, ସ୍ୱା.- ଶ୍ୟାମ ସାହୁ, ଭ୍ରମର ସାହୁ, ପୂର୍ଣ୍ଣ ସାହୁ, ପି.- ମଦନ ସାହୁ, ଜାତି: ଚଷା, ବା: ନିଜଗାଁ |
| ୧୩ | ୭୪ | ବଗାୟତ-୨ | ୦.୧୫୦ | ୦.୧୩୦ | ଆନନ୍ଦ ମହାନ୍ତି, ଚକ୍ରଧର ମହାନ୍ତି, ଉତ୍ସବ ମହାନ୍ତି, ଜେମା ମହାନ୍ତି, ଉତ୍ତମ ମହାନ୍ତି, ପି.- ବସୁ ମହାନ୍ତି, ଜାତି: ଖଣ୍ଡାୟତ, ବା: ନିଜଗାଁ |
| ୫୮ | ୧୦୭ | ପତିତ | ୦.୩୨୦ | ୦.୨୦୦ | ଗୋବିନ୍ଦ ରାଉତ, ପି.- ଫକୀର ରାଉତ, ଜାତି: ଚଷା, ବା: ନିଜଗାଁ |
| ୧୮୨ | ୧୦୩ | ବଗାୟତ-୨ | ୦.୫୫୦ | ୦.୧୧୦ | ବଂଶୀଧର ମହାରଣା, ନୀଳମଣି ମହାରଣା, ଦୈତାରୀ ମହାରଣା, ପି.- ଅଭିର ମହାରଣା, ବାଙ୍କି ମହାରଣା, ପୁନେଇ ମହାରଣା, ପି.- ବାଜି ମହାରଣା, ରାଧୀ ମହାରଣା, ସ୍ୱା.- ବାଜି ମହାରଣା, ମଙ୍ଗରାଜ ମହାରଣା, ରମେଶ ମହାରଣା, ସତ୍ୟଭାମା ମହାରଣା, ଲାବଣ୍ୟ ମହାରଣା, ଗୌର ମହାରଣା, ପି.- ପାଣ୍ଡୁ ମହାରଣା, ସରସ୍ୱତୀ ମହାରଣା, ସ୍ୱା.- ପାଣ୍ଡୁ ମହାରଣା, ଜା: ପଥୁରିଆ, ବା: ନିଜଗାଁ |
| ୩୧୬/ ୬୫ | ୯୭ | ପତିତ | ୦.୩୨୦ | ୦.୦୧୦ | ମଙ୍ଗୁଲୁ ପ୍ରଧାନ, ପି.- ଗୋବରି ପ୍ରଧାନ, ଜାତି: କେଉଟ, ବା: ନିଜଗାଁ |
| ୩୧୬/ ୭୮ | ୯୮ | ବଗାୟତ-୨ | ୦.୧୬୦ | ୦.୦୨୦ | ମାନୁ ଗୁରୁ, ସ୍ୱା.- ପୁନିଆ ଗୁରୁ, ଜାତି: ସୁଦ, ବା: ନିଜଗାଁ |
| ୩୧୬/ ୭୮ | ୯୯ | ପତିତ | ୦.୨୧୦ | ୦.୦୧୦ | ମାନୁ ଗୁରୁ, ସ୍ୱା.- ପୁନିଆ ଗୁରୁ, ଜାତି: ସୁଦ, ବା: ନିଜଗାଁ |
| | | | ମୋଟ | ୧.୨୨୦ | |

- ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ................. ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

**ତଫସିଲ – ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**
**ଜିଲ୍ଲା: ଢେଙ୍କାନାଳ, ତହସିଲ: ଓଡ଼ାପଡ଼ା**

| ଗ୍ରାମର ନାମ | ଗ୍ରାମୀଣ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ମୋଟ ରକବା | ପୁନର୍ବାସ ନିମନ୍ତେ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ .............................।

ରାଜ୍ୟପାଳଙ୍କ ଆଦେଶକ୍ରମେ
ଜିଲ୍ଲାପାଳ, ଢେଙ୍କାନାଳ
**OIPR-24034/14/0012/2021**



**କୋରାପୁଟ ଆଞ୍ଚଳିକ ଉନ୍ନୟନ ସଂସ୍ଥା, ଜୟପୁର**

**No. F-90:-** କୋରାପୁଟ ଆଞ୍ଚଳିକ ଉନ୍ନୟନ ସଂସ୍ଥା, ଜୟପୁର (K.R.I.T.) ବିଗତ ଦିନରେ ଜୟପୁର, କୋରାପୁଟ ଏବଂ ସୁନାବେଡ଼ା ସହରର ଉନ୍ନତୀକରଣ ନିମନ୍ତେ ଅନେକ କାର୍ଯ୍ୟ କରିଛି।
ଉକ୍ତ ସହରମାନଙ୍କର ଯୋଜନାଭିତ୍ତିକ ଉନ୍ନତୀକରଣ ନିମନ୍ତେ ସହରବାସୀ ନିମ୍ନ ବିଷୟ ପ୍ରତି ଧ୍ୟାନଦେବା ଉଚିତ ।
- ଗୃହନିର୍ମାଣ କରିବା ପୂର୍ବରୁ K.R.I.T.ର ଅନୁମୋଦନ ନେଇ ଗୃହ ନିର୍ମାଣ କରନ୍ତୁ ।
- କେତେକ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ଓ ଜମି ମାଫିଆମାନେ "କ୍ରିଟ୍"ର ବିନା ଅନୁମତିରେ 'ଇଲେକ୍ଟ୍ରିକ୍ ଟାୱାର ଲାଇନ୍" ତଳେ ପ୍ରସ୍ତାବିତ ରାସ୍ତା ଉପରେ ଏବଂ ନିମ୍ନ ଓସାର ବିଶିଷ୍ଟ ରାସ୍ତା ଦେଖାଇ ଜମି ବିଭାଜିତ କରି ବିକ୍ରି କରୁଛନ୍ତି, ଯଦ୍ୱାରା ନିରୀହ ଅଧିବାସୀ ପରେ ଗୃହନିର୍ମାଣ କରିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଓ ଅଣ ଯୋଜନା ଭିତ୍ତିକ ଗୃହନିର୍ମାଣ ସଂଖ୍ୟା ବୃଦ୍ଧି ପାଉଛି । ଏଣୁ ଗୃହୋପଯୋଗୀ ଜମି କିଣିବା ପୂର୍ବରୁ ଏହି K.R.I.T. କାର୍ଯ୍ୟାଳୟରେ ତଦାରଖ କରନ୍ତୁ । କାରଣ କ୍ରିଟ୍ ଦ୍ୱାରା ନିର୍ବିବାଦୀୟ ଜମିରେ ହିଁ ଅନୁମତି ମିଳିଥାଏ ଏବଂ ଏହି ଜମି ମଧ୍ୟରେ ପ୍ରସାରିତ ରାସ୍ତା, ପାର୍କ ଓ ଖୋଲାସ୍ଥାନର ବ୍ୟବସ୍ଥା ଥାଏ ।
- କ୍ରିଟ୍‌ର ଅନୁମୋଦିତ ପ୍ଲାନ୍ ଅନୁଯାୟୀ ଗୃହନିର୍ମାଣ କରି ସୁସ୍ଥ ଜୀବନଯାପନ କରନ୍ତୁ ତଥା ଆଇନ ସମ୍ମତ ଓ ବିବାଦମୁକ୍ତ ଏବଂ ଯୋଜନାଭିତ୍ତିକ ଗୃହୋପଯୋଗୀ ଜମି କିଣି ନିରାପଦରେ ରହନ୍ତୁ ।
- ବିନାନୁମୋଦିତ ଗୃହନିର୍ମାଣ "ଓଡ଼ିଶା ସହର ଯୋଜନା ଓ ଉନ୍ନୟନ ସଂସ୍ଥା ଅଧିନିୟମ 1956ରେ ଧାରା 150 ଓ 152 ଅନୁଯାୟୀ ଏକ ଦଣ୍ଡନୀୟ ଅପରାଧ ଅଟେ । ଏଣୁ କରି ଉପରୋକ୍ତ ସହରରେ ଥିବା ଅଧିବାସୀଙ୍କ ନିମନ୍ତେ ସୂଚନା ଯେ, ଗୃହନକ୍ସା ଅନୁମୋଦନ ପରେ ହିଁ ଗୃହ ନିର୍ମାଣ କରନ୍ତୁ।

ସ୍ୱା./- ସମ୍ପାଦକ
OIPR-15012/11/0002/2021 କୋରାପୁଟ ଆଞ୍ଚଳିକ ଉନ୍ନୟନ ସଂସ୍ଥା, ଜୟପୁର



**ODISHA SCHOOL EDUCATION PROGRAMME AUTHORITY**
**"SHIKSHA SOUDHA", UNIT-V, BHUBANESWAR-751001**
**Website- osepa.odisha.gov.in**
**No.9267/Lib/2020**
**M(LIB)/PRC)-3174/20** **Date 31/12/2020**

**NOTICE INVITING EXPRESSION OF INTEREST**

**No. n-29:-** Odisha School Education Programme Authority (OSEPA) invites Expression of Interest (EoI) from reputed local book publishers / publishing houses of Odisha towards procurement of class / age appropriate library books for Class I to XII published in Odia language. The EoI document with all information, instructions, eligibility criteria, terms & conditions etc. are available in the website of OSEPA **osepa.odisha.gov.in**. The interested Local book publishers/ publishing houses may refer the above website, read the EoI document carefully & furninsh the EoI proposal in sealed envelope superscripted as **"Expression of Interest for Supply of Library Books"**. The EoI proposal can ONLY be received by Registered Post/ Speed Post / Courier on or befor 25/01/2021. Submission of proposal by hand is not permissible / acceptable.

Corrigendum / addendum, if required, will be uploaded in the above website. Hence, potential local book publishers / publishing houses of Odisha are requested to be in continuous touch with the above website. The EoI inviting Authority i.e. OSEPA reserves the right to accept or reject any / all bids and can cancel the entire selection process at any stage without assigning any reason thereof. No claim, whatsoever, shall be admissible for the alleged loss/damage suffered by the applicants on account of such rejections.

**OIPR-27005/11/0004/2021** **Sd./- State Project Director**

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୫ ଜାନୁୟାରୀ, ୨୦୨୧

**୭ରେ ରାଜ୍ୟସ୍ତରୀୟ ପରେଡ୍ ପ୍ରସ୍ତୁତି ବୈଠକ**

ଭୁବନେଶ୍ୱର,(ବ୍ୟୁରୋ): ଆସନ୍ତା ସାଧାରଣତନ୍ତ୍ର ଦିବସରେ ରାଜ୍ୟସ୍ତରୀୟ ପରେଡ୍ ନିମନ୍ତେ ୭ ତାରିଖରେ ଏକ ପ୍ରସ୍ତୁତି ବୈଠକ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ମଧ୍ୟାହ୍ନ ସାଢ଼େ ୧୨ରେ ଭର୍ଚୁଆଲ୍ ମୋଡ୍‌ରେ ଅନୁଷ୍ଠିତ ହେବ। ଏଥିରେ ଯୋଗଦେବାକୁ ବିଭିନ୍ନ ବିଭାଗର ସଚିବ ଏବଂ ପଦାଧିକାରୀଙ୍କୁ ଅତିରିକ୍ତ ଶାସନ ସଚିବ ମନୋରମା ଦେଇ ସୋମବାର ଚିଠି ମାଧ୍ୟମରେ ଜଣାଇଛନ୍ତି।



## ସଂକ୍ଷେପରେ

### ଓକିଲ ସଂଘର ରାସ୍ତା ଅବରୋଧ

**କଳିଙ୍ଗନଗର,୪।୧(ଡି.ଏନ୍.ଏ.):** ବ୍ୟାସନଗର କୋର୍ଟ ସମ୍ମୁଖ ଦେଇ କାରଖାନାର ବର୍ଜ୍ୟ ପାଉଁଶ ଏବଂ ମୋରମ ଚାଲାଣ ହେଉଛି। ଉପରୋକ୍ତ ସାମଗ୍ରୀ ଟ୍ରକରୁ ପଡି କୋର୍ଟ ସମେତ ସ୍ଥାନୀୟ ଅଞ୍ଚଳ ପ୍ରଦୂଷିତ ହେଉଛି। ଏହାକୁ ନେଇ ବ୍ୟାସନଗର ଅଞ୍ଚଳରେ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା। ତଥାପି ସେହି ବର୍ଜ୍ୟ ପାଉଁଶ ଓ ମୋରମ ଚାଲଣ ବନ୍ଦ ହୋଇ ନ ଥିଲା। ଏହାର ପ୍ରତିବାଦରେ ସୋମବାର ଯାଜପୁର ରୋଡ ଓକିଲ ସଂଘ ତରଫରୁ ଡୁବୁରୀ-ପାଣିକୋଇଲି ରାଜପଥକୁ ଦୀର୍ଘ ୩ ଘଣ୍ଟା ଧରି ଅବରୋଧ କରାଯାଇଥିଲା। ଯାଜପୁର ରୋଡ ଥାନା ଅଧିକାରୀ ଅନୀଲ କୁମାର ମହାନ୍ତି ବୁଝାସୁଝା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି।

### ଆହତ ଖୁରିଙ୍ଗ ଉଦ୍ଧାର



**ଧର୍ମଶାଳା,୪।୧(ଡି.ଏନ୍.ଏ.):** ମଧୁପୁରଗଡ ବନଖଣ୍ଡ ଅଧୀନ ପଞ୍ଚେଶ୍ୱରୀ ପନ୍ତୁରୀ ନିକଟରୁ ଏକ ଆହତ ଖୁରିଙ୍ଗଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିଛନ୍ତି। ଖୁରିଙ୍ଗଟି ଖାଦ୍ୟ ଅନ୍ୱେଷଣ ପାଇଁ ଜଙ୍ଗଲ ପାଦଦେଶକୁ ଚାଲିଆସିଥିଲା। କେତେଜଣ ଶିକାରୀ ଖୁରିଙ୍ଗ ଶିକାର କରିବା ପାଇଁ ଯୋଜନା କରିଥିବା ଅନୁମାନ କରାଯାଉଛି। ଖୁରିଙ୍ଗ ଦେହରେ ଗଭୀର କ୍ଷତ ରହିଛି। ବନ ବିଭାଗ କର୍ମଚାରୀ ଖୁରିଙ୍ଗଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ନେଇଥିବା ଜଣାପଡିଛି।

### ହାର୍ଦ୍ଦିକ ଅପହରଣ ଘଟଣାର ପର୍ଦ୍ଦାଫାଶ: ବିଜେଡି- ଭାଜପା ମୁହାଁମୁହିଁ

**ପାରଳାଖେମୁଣ୍ଡି,୪।୧(ଡି.ଏନ୍.ଏ.):** ଗଜପତି ଏସ୍‌ପି ତପନ କୁମାର ପଟ୍ଟନାୟକ ରବିବାର କାଶୀନଗର ମର୍ଣ୍ଣିସାହିର ହାର୍ଦ୍ଦିକ ଅପହରଣ ଘଟଣାର ପର୍ଦ୍ଦାଫାସ କରିବା ପରେ ଜିଲା ବିଜେଡି ଓ ଭାଜପା ମଧ୍ୟରେ ଆରୋପ ପ୍ରତ୍ୟାରୋପ ଆରମ୍ଭ ହୋଇଛି। ସୋମବାର ଜିଲା ଭାଜପା ସଭାପତି ତଥା ପାରଳାଖେମୁଣ୍ଡି ବିଧାୟକ କେ.ନାରାୟଣ ରାଓ ଖବରଦାତା ସମ୍ମିଳନୀ କରି ବିଜେଡି ଓ ପୋଲିସ ଉପରେ ବର୍ଷିଛନ୍ତି। ହାର୍ଦ୍ଦିକ ଅପହରଣ ମାମଲାର ମାଷ୍ଟରମାଇଣ୍ଡ କାରିମି ଚୈତନ୍ୟ କାଶୀନଗର ଏନ୍‌ଏସି ବିଜୁ ଛାତ୍ର ଜନତା ଦଳର ସଭାପତି ବୋଲି ବିଧାୟକ ରାଓ ଦର୍ଶାଇଛନ୍ତି। ବିଜେଡି ଅପରାଧୀଙ୍କୁ ଘଣ୍ଟ ଘୋଡ଼ାଉଥିବା ସେ କହିଛନ୍ତି। ବିଧାୟକ ଆହୁରି କହିଛନ୍ତି, ତାଙ୍କ ଘରେ ମାଉସୀଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ଓ ବିଜେଡି ଅଭିଯୁକ୍ତଙ୍କ ପକ୍ଷ ନେଇଥିବା ବିଧାୟକ ରାଓ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଜିଲା ବିଜେଡି ସଭାପତି ପ୍ରଦୀପ ନାୟକ କହିଛନ୍ତି, ବିଜୁ ଜନତା ଦଳରେ ଅପରାଧୀଙ୍କ ପାଇଁ ସ୍ଥାନ ନାହିଁ। ଦଳର ସୁପ୍ରିମୋ ଆଇନର ବାଟରେ କେବେ ବି ହସ୍ତକ୍ଷେପ କରିନାହାନ୍ତି। ଆଇନ ତା ବାଟରେ କାମ କରିବ। ଯେଉଁମାନଙ୍କ ବିରୋଧରେ ଅଭିଯୋଗ ଆସୁଛି, ଶୀର୍ଷ ନେତୃବୃନ୍ଦଙ୍କୁ ଅବଗତ କରାଯାଉଛି ବୋଲି ଜିଲା ବିଜେଡି ସଭାପତି ନାୟକ କହିଛନ୍ତି।

# ଅସଲି ନାଁରେ ନକଲି କାରବାର

**ପ୍ରେମାନନ୍ଦ ଖମାରୀ**
**ବରଗଡ଼ ଅଫିସ୍,୪।୧**









ନକଲି କୀଟନାଶକ କମ୍ପାନୀର ଲେଭଲ। ଅସଲି କୀଟନାଶକ କମ୍ପାନୀର ଲେଭଲ।

- ସାର, କୀଟନାଶକ, ବିହନରେ ଠକେଇ
- କ୍ଷତି ସହୁଛି ଚାଷୀ, କମ୍ପାନୀ କର୍ତ୍ତୃପକ୍ଷ ଚୁପ୍
- ଜିଲା କୃଷି ବିଭାଗ ପାଖରେ ସୂଚନା ନାହିଁ

ବରଗଡ଼ ଜିଲାରେ ଅସଲି ବ୍ରାଣ୍ଡ୍ ଆଳରେ ନକଲି କାରବାର ଚାଲିଛି। ସାର, ବିହନ, କୀଟନାଶକକୁ ଅସଲି ବ୍ରାଣ୍ଡ୍ ଦର୍ଶାଇ ବିଭିନ୍ନ କମ୍ପାନୀ ଏଭଳି କାରବାର କରୁଛନ୍ତି। ପୂର୍ବରୁ ନିମ୍ନମାନର ବିହନ, କୀଟନାଶକ, ସାର ପ୍ରୟୋଗ କରି ଜିଲାର ଚାଷୀମାନେ କ୍ଷତି ସହିଛନ୍ତି। ବର୍ତ୍ତମାନ ସମ୍ପୃକ୍ତ ନକଲି କମ୍ପାନୀ ଜିଲାରେ କାୟା ବିସ୍ତାର କରିଥିବାରୁ ତାହା ଚାଷୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି।

ଜିଲାରେ ରବିଋତୁରେ ୭୯ହଜାର ୬୦ହେକ୍ଟର ଜମିରେ ଧାନଚାଷ ହୋଇଥାଏ। ଏଥିପାଇଁ ୮ହଜାର ଲିଟର କୀଟନାଶକ ଏବଂ ୧ହଜାର କୁଇଣ୍ଟାଲ ବିହନ ଦରକାର। ଚାଷୀଙ୍କୁ ସରକାରଙ୍କ ନିର୍ଦ୍ଧାରିତ ମୂଲ୍ୟରେ ଉତ୍ତମ ଗୁଣମାନର ସାର, ବିହନ, କୀଟନାଶକ ଯୋଗାଇବା ପାଇଁ ଜିଲାରେ ଲାଇସେନ୍ସପ୍ରାପ୍ତ ୪୭୧ଜଣ ସାର ବିକ୍ରେତା, ୫୨୬ଜଣ କୀଟନାଶକ ବିକ୍ରେତା ଏବଂ ୩୬୩ଜଣ ବିହନ ବିକ୍ରେତା ରହିଛନ୍ତି। କିନ୍ତୁ ବିଭିନ୍ନ କମ୍ପାନୀର କର୍ମଚାରୀ ରବିଚାଷ ଆରମ୍ଭରୁ ଚାଷୀଙ୍କୁ ପ୍ରଲୋଭନ ଦେଖାଇ ନକଲି ସାର, କୀଟନାଶକ, ବିହନ ବିକ୍ରି କରିବା ଆରମ୍ଭ କରିଦେଇଛନ୍ତି। ଗତ ୩୧ତାରିଖରେ ବରଗଡ଼ରେ ଜିଲାରେ ଏକ ନାମୀଦାମୀ କମ୍ପାନୀର ବ୍ରାଣ୍ଡ୍ ବ୍ୟବହାର କରି କିଛି ଅସାଧୁ ବ୍ୟବସାୟୀ ନକଲି କୀଟନାଶକ ବିକ୍ରି କରୁଥିବା ବେଳେ ଧରାପଡ଼ିଛନ୍ତି। ମାତ୍ର ଏହା ସମ୍ପୃକ୍ତ ଅସଲି କମ୍ପାନୀ କର୍ତ୍ତୃପକ୍ଷଙ୍କ ଜ୍ଞାତସାରରେ ରହିଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ସେ ନେଇ ପୋଲିସରେ କୌଣସି ଏତଲା ଦିଆଯାଇନାହିଁ। ଏଥିରୁ ସମ୍ପୃକ୍ତ କମ୍ପାନୀ କର୍ତ୍ତୃପକ୍ଷଙ୍କ ଭୂମିକା ଆହୁରି ସନ୍ଦେହଜନକ ହୋଇ ପଡ଼ିଛି।

ସମ୍ପୃକ୍ତ କମ୍ପାନୀର କର୍ମଚାରୀ ବି.ବି ରେଡ୍ଡୀ କହିଛନ୍ତି, ସେ ବରଗଡ଼ ଏବଂ ସମ୍ବଲପୁର ଜିଲା ଦାୟିତ୍ୱରେ ରହିଛନ୍ତି। ଗତ ଦୁଇଦିନ ତଳେ ସେ ପରିଦର୍ଶନରେ ଆସିଥିବାବେଳେ ସେଭଳି ନକଲି କାରବାର ତାଙ୍କ ଦୃଷ୍ଟିକୁ ଆସିଥିଲା ଏବଂ ଗତବର୍ଷ ମଧ୍ୟ ଏଭଳି ନକଲି କାରବାର ହୋଇଥିଲା ବୋଲି ରେଡ୍ଡୀ କହିଛନ୍ତି। ଅନ୍ୟପଟେ ସୋମବାର ସମ୍ପୃକ୍ତ କମ୍ପାନୀର କର୍ମଚାରୀ ଅତାବିରା ଅଞ୍ଚଳର କୀଟନାଶକ ବିକ୍ରେତା ଏବଂ କିଛି ଚାଷୀଙ୍କୁ ନେଇ ବରଗଡ଼ ଜିଲାପାଳଙ୍କ ଅଫିସକୁ ଆସିଥିଲେ। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଅତିରିକ୍ତ ଜିଲାପାଳ ଏ ନେଇ ପୋଲିସରେ ଏତଲା ପାଇଁ ପରାମର୍ଶ ଦେଇଥିଲେ। ମାତ୍ର ଖବର ଲେଖାହେବା ସୁଦ୍ଧା ସମ୍ପୃକ୍ତ କମ୍ପାନୀ କର୍ମଚାରୀ ବରଗଡ଼ ଟାଉନ ଥାନାରେ ଏତଲା ଦେଇ ନ ଥିବା ଆଇଆଇସି ସଦାନନ୍ଦ ପୂଜାହାରୀ କହିଛନ୍ତି। ଏ ସମ୍ପର୍କରେ ବରଗଡ଼ ମୁଖ୍ୟ ଜିଲା କୃଷି ଅଧିକାରୀ ଦୀନବନ୍ଧୁ ଗାନ୍ଧୀଙ୍କୁ ପଚାରିବାରୁ ସେ କହିଥିଲେ, ବର୍ତ୍ତମାନ ସୁଦ୍ଧା ସେଭଳି କୌଣସି ଅଭିଯୋଗ ମିଳିନାହିଁ। ପୂର୍ବରୁ ଯେଉଁ ଅଭିଯୋଗ ଆସିଥିଲା, ସେ ନେଇ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଲାଇସେନ୍ସପ୍ରାପ୍ତ ବିକ୍ରେତାଙ୍କଠାରୁ ସାର, ବିହନ, କୀଟନାଶକ କିଣିବା ପରେ ବିଲ୍, ରସିଦ ନେବା ପାଇଁ ଚାଷୀଙ୍କୁ ପରାମର୍ଶ ଦିଆଯାଇଛି ବୋଲି ଗାନ୍ଧୀ କହିଥିଲେ।

# ଜିଲାପାଳଙ୍କ ଅଫିସ ଆଗରେ ପିହୁ ମା'ବାପାଙ୍କ ଧାରଣା



ପିହୁର ମା'ବାପା ଜିଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣାରେ ବସିଛନ୍ତି।

**ଯାଜପୁର ଟାଉନ,୪।୧(ଡି.ଏନ୍.ଏ.)**

ଯାଜପୁର ଜିଲା ବିଂଝାରପୁର ବ୍ଲକ୍ ଅନ୍ତର୍ଗତ ମଧୁସୁଦନପୁର ଗ୍ରାମର ୨ ବର୍ଷିୟା ଶିଶୁକନ୍ୟା ପିହୁ ଅପହରଣକୁ ୬ମାସ ପୁରିବାକୁ ବସିଲାଣି। ତଥାପି ପିହୁକୁ ପୋଲିସ ଠାବ କରିବାରେ ବିଫଳ ହୋଇଛି। ଏ ସଂକ୍ରାନ୍ତରେ ଜିଲାପାଳ ଓ ଏସ୍‌ପିଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଏହାର ପ୍ରତିବାଦରେ ପିହୁର ମା'ବାପା ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ପିହୁକୁ କିପରି ଉଦ୍ଧାର କରାଯିବ ତାର ପ୍ରତିଶ୍ରୁତି ନ ମିଳିବା ଯାଏ ସେମାନେ ଧାରଣାରୁ ଉଠିବେ ନାହିଁ ବୋଲି କହିଥିଲେ। ଧାରଣାସ୍ଥଳରୁ ଗୋଟିଏ କିରୋସିନ ଭର୍ତ୍ତି ଲଣ୍ଠନ ଓ ଦିଆସିଲ ପୋଲିସ ଜବତ କରିଛି। ଏ ଘଟଣାରେ ସ୍ଥାନୀୟ ଲୋକଙ୍କ ସମ୍ପୃକ୍ତି ଥିବାରୁ ବିଂଝାରପୁର ପୋଲିସ ଘଣ୍ଟ ଘୋଡାଉଛି ବୋଲି ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ଶେଷ ଖବର ଅନୁଯାୟୀ, ଯାଜପୁର ଜିଲାପାଳ ଓ ଏସ୍‌ପି ଘଟଣାସ୍ଥଳରେ ପହଞ୍ଚି ପିହୁର ମା'ବାପାଙ୍କ ସହ ଆଲୋଚନା କରିଛନ୍ତି। ଖୁବ୍‌ଶୀଘ୍ର ପିହୁକୁ ଉଦ୍ଧାର କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି।

# ଅସହାୟ ଦମ୍ପତିଙ୍କୁ ଉଦ୍ଧାର କଲା ପ୍ରଶାସନ

- ଡାହାଣୀ ସନ୍ଦେହରେ ଗାଁରୁ ତଡ଼ା ଖାଇଥିଲେ
- ଶୀତକାକରରେ ହ୍ୟୁମ୍ ପାଇପ୍‌ରେ ଆଶ୍ରୟ ନେଇଥିଲେ

**ବାଲିଆପାଳ, ୪।୧(ସ୍ୱ.ପ୍ର)**



ହ୍ୟୁମ୍ ପାଇପରେ ଆଶ୍ରୟ ନେଇଥିବା ପରିବାର।

ଡାହାଣୀ ସନ୍ଦେହରେ ଗାଁରୁ ତଡା ଖାଇଥିବା ଏକ ଦମ୍ପତିଙ୍କୁ ଅସହାୟ ଅବସ୍ଥାରେ ସୋମବାର ହ୍ୟୁମ୍ ପାଇପ୍ ମଧ୍ୟରୁ ଉଦ୍ଧାର କରାଯାଇଛି। ଉକ୍ତ ଦମ୍ପତି ହେଲେ ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକର ଶ୍ରୀରାମପୁର ପଞ୍ଚାୟତ ମହିଷାମୁଣ୍ଡା ଗ୍ରାମର ଲୁସ୍କୁ ଟୁଡୁ ଓ ତାଙ୍କ ସ୍ତ୍ରୀ ରୁକ୍ମିଣୀ। ବାଲିଆପାଳ ତହସିଲଦାରଙ୍କ ନିର୍ଦ୍ଦେଶରେ ଅତିରିକ୍ତ ରାଜସ୍ୱ ନୀରିକ୍ଷକ ନିରଞ୍ଜନ ସିଂ ସେମାନଙ୍କୁ ଉଦ୍ଧାର କରି ନିଖିରା ପଞ୍ଚାୟତ ପାଳପଡ଼ା ୱାର୍ଡ଼ମେମ୍ବର ତଥା ତାଙ୍କ ସମ୍ପର୍କୀୟ ସରସ୍ୱତୀ ହେମ୍ବ୍ରମଙ୍କ ଘରେ ଆଶ୍ରୟ ଦେଇଛନ୍ତି।

କିଛିମାସ ପୂର୍ବରୁ ଲୁସ୍କୁଙ୍କ ବଡ଼ଭାଇଙ୍କ ଦୁଇ ପୁଅ ରୋଗରେ ପଡ଼ି ମୃତ୍ୟୁବରଣ କରିଥିଲେ। ଏହି ମୃତ୍ୟୁ ପାଇଁ ଲୁସ୍କୁଙ୍କ ସ୍ତ୍ରୀ ରୁକ୍ମିଣୀଙ୍କୁ ସନ୍ଦେହ କରି ତାଙ୍କ ବଡଭାଇ ଗ୍ରାମବାସୀଙ୍କୁ ଜଣାଇଥିଲେ। ପରେ ଗ୍ରାମବାସୀ ଲୁସ୍କୁଙ୍କ ଘରକୁ ଯାଇ ଉଭୟ ସ୍ୱାମୀସ୍ତ୍ରୀଙ୍କୁ ମୟୂରଭଞ୍ଜର ଏକ ତାନ୍ତ୍ରିକ ପାଖକୁ ନେଇଯାଇଥିଲେ। ଉକ୍ତ ତାନ୍ତ୍ରିକ ଜଣକ ଉଭୟ ଦମ୍ପତି ଡାହାଣୀ ବୋଲି ଗ୍ରାମବାସୀଙ୍କୁ ଜଣାଇଥିଲେ। ପରେ ଗ୍ରାମବାସୀ ସେମାନଙ୍କୁ ମାର୍‌ପିଟ କରିବା ସହିତ ଜବରଦସ୍ତ ସାଧା କାଗଜରେ ଲେଖି ଟିପ ଚିହ୍ନ ନେଇ ଗ୍ରାମରୁ ତଡ଼ି ଦେଇଥିଲେ। ଏମିତିକି ଘରୁ କୌଣସି ଜିନିଷପତ୍ର ମଧ ନେବାକୁ ଦେଇ ନ ଥିଲେ। ସେମାନେ ଭୟରେ ଗାଁରୁ ପଳାଇ ଆସି ଅନ୍ୟ ଏକ ଗ୍ରାମ ରାସ୍ତାର ପାଣି ନିଷ୍କାସନ ପାଇଁ ପଡ଼ିଥିବା ହ୍ୟୁମ୍‌ପାଇପ୍ ତଳେ ଆଶ୍ରୟ ନେଉଥିଲେ। ପାଖରେ ଟଙ୍କା ପଇସା କି ଲୁଗାପଟା ନ ଥିବାରୁ ସେମାନେ ଭୋକଉପାସରେ ହାଡ଼ଭଙ୍ଗା ଶୀତ କାକରରେ ଦୟନୀୟ ଅବସ୍ଥାରେ ଜୀବନ ବିତାଉଥିବା ବାଲିଆପାଳ ତହସିଲଦାର ଦୀପକ ଦାସ ଖବର ପାଇଥିଲେ। ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ଦମ୍ପତିଙ୍କୁ ଉଦ୍ଧାର କରାଯାଇଥିଲା। ଦମ୍ପତିଙ୍କ ଲିଖିତ ଅଭିଯୋଗକୁ ଭିତ୍ତି କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବାଲିଆପାଳ ତହସିଲଦାର କହିଛନ୍ତି।

# ବାର୍‌ହା ଶିକାରୀଙ୍କ ବୋମା ଫୁଟି ଗୋରୁ ମୃତ

**ଖଲ୍ଲିକୋଟ,୪।୧(ଡି.ଏନ.ଏ.)**

ଗଞ୍ଜାମ ଜିଲା ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ କେନ୍ଦୁପାଟ ଗ୍ରାମ ନିକଟ ବିଲରେ ବାର୍‌ହା ଶିକାର ପାଇଁ ରଖାଯାଇଥିବା ବୋମା ଫୁଟିଯିବାରୁ ଏକ ଗୋରୁର ମୃତ୍ୟୁ ଘଟିଛି। ଏ ନେଇ ଗାଈ ମାଲିକ ସୁଦୁରୁ ରାଉଳ ଖଲ୍ଲିକୋଟ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଜଣକୁ ଥାନାକୁ ଆଣି ପଚରାଉଚରା କରୁଛି।

ପ୍ରକାଶ ଯେ, ଗ୍ରାମରେ କେତେଜଣ ଶିକାରୀ ବିଲରେ ଖାଦ୍ୟ ସହିତ ବୋମା ରଖି ବାରହା ଶିକାର କରନ୍ତି। ଏପରି ନ କରିବାକୁ ବାରମ୍ବାର ସେମାନଙ୍କୁ ତାଗିଦ୍ କଲେ ମଧ ଶିକାରୀମାନେ ଶୁଣି ନଥାନ୍ତି। ପ୍ରତିବାଦ କଲେ ସେମାନେ ମାରିବା ପାଇଁ ଧମକ ଦେଇଥାନ୍ତି ବୋଲି ସୁଦୁରୁ ଏତଲାରେ ଦର୍ଶାଇଛନ୍ତି।

# ଚିକିତ୍ସାଧୀନ କଏଦୀଙ୍କ ମୃତ୍ୟୁ

**କେନ୍ଦୁଝର,୪।୧(ଡି.ଏନ୍.ଏ.)**

**ନାବାଳକ ହତ୍ୟା ଘଟଣାରେ ଆଜୀବନ ସଜା କାଟୁଥିଲେ**

ଜଣେ ନାବାଳକ ହତ୍ୟା ଘଟଣାରେ କେନ୍ଦୁଝର କାରାଗାରରେ ଆଜୀବନ ସଜା କାଟୁଥିବା କଏଦୀଙ୍କର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧିନ ଅବସ୍ଥାରେ ସୋମବାର ମୃତ୍ୟୁ ଘଟିଛି। ମୃତକ ହେଲେ ରାମ ଅବତାର ରାଜ ବାହାଦୁର(୬୮)। ତାଙ୍କ ଘର ବଡ଼ବିଲ ଥାନା ଅନ୍ତର୍ଗତ ବାକଲ ହାଟିଂରେ।

ସୂଚନାନୁଯାୟୀ,୨୦୧୨ ମାର୍ଚ୍ଚ ୧୩ ତାରିଖରେ ସେ ବାକଲ ହାଟିଂର ଜଣେ ସମ୍ପର୍କୀୟ ନାବାଳକଙ୍କୁ ଠେଙ୍ଗାରେ ପିଟି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଏହି ମାମଲାରେ ୨୦୧୪ ମାର୍ଚ୍ଚ ୧୫ରେ ଚମ୍ପୁଆ ଅତିରିକ୍ତ ଜିଲା ଓ ଦୌରାଜଜ୍ ତାଙ୍କୁ ଆଜୀବନ କାରାଦଣ୍ଡାରେ ଦଣ୍ଡିତ କରିଥିଲେ। ସେବେଠାରୁ ସେ ବଡ଼ବିଲ ଜେଲରେ ଥିଲେ। ୨୦୨୦ମାର୍ଚ୍ଚ ୨୩ରେ ତାଙ୍କୁ କେନ୍ଦୁଝର ଜିଲା କାରାଗାରକୁ ସ୍ଥାନାନ୍ତର କରାଯାଇଥିଲା। କେନ୍ଦୁଝର ଜେଲରେ ଗତ ୨ ତାରିଖରେ ସେ ହଠାତ ଅସୁସ୍ଥ ହୋଇପଡ଼ିବାରୁ ଚିକିତ୍ସା ପାଇଁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଚିକିତ୍ସିତ ହୋଇ ୩ ତାରିଖରେ ସେ କେନ୍ଦୁଝର ଫେରିଥିଲେ। ତେବେ ଗତକାଲି ପୁଣି ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସୋମବାର ସକାଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ଜେଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

# ପୋଲିସ ସଂସ୍କାର ନେଇ ସୁପ୍ରିମକୋର୍ଟଙ୍କୁ ମିଛ କହିଛନ୍ତି ସରକାର: କଂଗ୍ରେସ

**ଭୁବନେଶ୍ୱର,୪।୧(ବ୍ୟୁରୋ)**

ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ରାଜ୍ୟ ଦଣ୍ଡ ହାର ଜାତୀୟ ଦଣ୍ଡ ହାରଠାରୁ ସର୍ବନିମ୍ନ। ଲକ୍‌ଡାଉନ ସମୟରେ ନାରୀ ନିର୍ଯାତନା ଶୀର୍ଷରେ। ନିଖୋଜ ଶିଶୁଙ୍କୁ ଖୋଜିବାରେ ରାଜ୍ୟ ପୋଲିସର ସଫଳତା ହାର ମାତ୍ର ୨୭ ପ୍ରତିଶତ, ଯାହା ଜାତୀୟ ସ୍ତରଠାରୁ ସର୍ବନିମ୍ନ। ଏହି ପରିପ୍ରେକ୍ଷୀରେ ପୋଲିସ ସଂସ୍କାର ସମ୍ପର୍କରେ ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କୁ ବାରମ୍ବାର ମିଥ୍ୟା ସତ୍ୟପାଠ ଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି।

ଦଳୀୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ନିଶିକାନ୍ତ କହିଛନ୍ତି, ଦେଶରେ ପୋଲିସକୁ ଚାପମୁକ୍ତ କରିବା ନେଇ ଉତ୍ତରପ୍ରଦେଶ ଏବଂ ଆସାମର ତତ୍କାଳୀନ ପୋଲିସ ଡିଜି ପ୍ରକାଶ ସିଂହ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ଏହା ମାଧ୍ୟମରେ ଦେଶର ପୋଲିସ ସଂସ୍କାର ପାଇଁ ସୁପ୍ରିମକୋର୍ଟଙ୍କୁ ପ୍ରାର୍ଥନା କରାଯାଇଥିଲା। ୨୦୦୬ ସେପ୍ଟେମ୍ବରରେ ସୁପ୍ରିମକୋର୍ଟ କେନ୍ଦ୍ର ଏବଂ ବିଭିନ୍ନ ରାଜ୍ୟ ସରକାରଙ୍କ ସମେତ ଓଡ଼ିଶାକୁ ମଧ ପୋଲିସ ସଂସ୍କାର ପାଇଁ ଏକ ମାର୍ଗଦର୍ଶିକା ଜାରି କରିବା ସହିତ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟାନ୍ୟ ନିର୍ଦ୍ଦେଶଗୁଡିକ ମଧ୍ୟରେ ପୋଲିସ ବିଭାଗର ତଦନ୍ତ ଏବଂ ଆଇନଶୃଙ୍ଖଳାକୁ ଅତ୍ୟନ୍ତ ଗୁରୁତ୍ୱର ସହ ନେଇ ପୋଲିସକୁ ଚାପମୁକ୍ତ କରିବା ଉଦ୍ଦେଶ୍ୟରେ ତଦନ୍ତ ଏବଂ ଆଇନଶୃଙ୍ଖଳାକୁ ପୃଥକ୍ କରିବା ପାଇଁ କହିଥିଲେ। ଏହାର ଜବାବରେ ରାଜ୍ୟ ସରକାରଙ୍କ ଗୃହ ବିଭାଗ ୩ ଥର ସୁପ୍ରିମକୋର୍ଟଙ୍କ ନିକଟରେ ସତ୍ୟପାଠ ଦେଇଥିବା କହିଥିଲେ। ସରକାର ରାଜ୍ୟର ପ୍ରମୁଖ ସହର ଭୁବନେଶ୍ୱର ଓ କଟକ କମିଶନରେଟ୍ ପୋଲିସରେ ଆଇନଶୃଙ୍ଖଳା ଏବଂ ତଦନ୍ତ ସଂସ୍ଥାକୁ ପୃଥକ୍ କରି ଦିଆଯାଇଛି ବୋଲି ସତ୍ୟପାଠ ଜରିଆରେ ଜଣାଇଥିଲେ। କିନ୍ତୁ ସୂଚନା ଅଧିକାର ଆଧାରରେ ଆସିଥିବା ତଥ୍ୟ ଅନୁସାରେ ରାଜ୍ୟ ସରକାର ଭୁବନେଶ୍ୱର-କଟକ କମିଶନରେଟ୍ ପୋଲିସର କୌଣସି ବି ଗୋଟିଏ ଥାନାରେ ଆଇନଶୃଙ୍ଖଳା ଏବଂ ତଦନ୍ତକୁ ପୃଥକ୍ କରି ନ ଥିବା ନିଶିକାନ୍ତ ଅଭିଯୋଗ କରିଛନ୍ତି।

# ରାଜନୈତିକ କ୍ଷେତ୍ରରେ ଓଡ଼ିଶା ସରକାରଙ୍କ ଜିରୋ ଟଲରାନ୍ସ ନୀତି: ବିଜେଡି

**ଭୁବନେଶ୍ୱର,୪।୧(ବ୍ୟୁରୋ)**

ରାଜନୈତିକ ହିଂସା କ୍ଷେତ୍ରରେ ଓଡ଼ିଶା ସରକାର ଜିରୋ ଟଲରାନ୍ସ ନୀତି ଗ୍ରହଣ କରିଛନ୍ତି। ଅନ୍ୟ ରାଜ୍ୟରେ ଶାସନ କରୁଥିବା ଦଳଗୁଡ଼ିକ ବ୍ୟାପକ ରାଜନୈତିକ ହିଂସାରେ ମାତିଥିବାରୁ ସେମାନେ ଓଡ଼ିଶା ସରକାରଙ୍କୁ ସମାଲୋଚନା କରିବା ଉଚିତ ନୁହେଁ ବୋଲି ବିଜେଡି ମୁଖପାତ୍ର ଚିନ୍ମୟ ସାହୁ କହିଛନ୍ତି। ସେ କହିଛନ୍ତି, ଏନ୍‌ସିଆରବିର କ୍ରାଇମ ଇନ ଇଣ୍ଡିଆ-୨୦୧୯ ରିପୋର୍ଟ ଅନୁଯାୟୀ, ସେହିବର୍ଷ ଓଡ଼ିଶାରେ ଗୋଟିଏ ହେଲେ ରାଜନୈତିକ ହିଂସା ଘଟିନାହିଁ। ୨୦୧୯ରେ ପଶ୍ଚିମବଙ୍ଗରେ ୧୨ଟି ହିଂସାକାଣ୍ଡ ଘଟିଥିବା ବେଳେ ବିହାରରେ ୬ ଏବଂ ଝାଡ଼ଖଣ୍ଡ, କର୍ନାଟକ ଓ ପଞ୍ଜାବରେ ୪ଟି କରି ରାଜନୈତିକ ହତ୍ୟାକାଣ୍ଡ ଘଟିଯାଇଛି। ବିଭିନ୍ନ ରାଜ୍ୟରେ ଭିନ୍ନଭିନ୍ନ ଦଳର ସରକାର ଶାସନ କରୁଛନ୍ତି।

ମାହାଙ୍ଗାରେ ୨ ଜଣଙ୍କ ହତ୍ୟା ଘଟଣାରେ କୌଣସି ବ୍ୟକ୍ତିଙ୍କୁ ଛଡ଼ାଯିବ ନାହିଁ। ଅପରାଧୀଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ପି ବି. ଯୁଗଳ କିଶୋର କହି ସାରିଛନ୍ତି। ଏହି ହତ୍ୟାକାଣ୍ଡ ପଛର ପ୍ରକୃତ ଘଟଣା ଜାଣିବା ପାଇଁ ତଦନ୍ତକୁ ଅପେକ୍ଷା କରାଯାଉଛି। ବିଜେଡି କୌଣସି ପ୍ରକାର ରାଜନୈତିକ ହିଂସାକାଣ୍ଡକୁ ପ୍ରଶ୍ରୟ ଦିଏନାହିଁ। ମାହାଙ୍ଗା ଘଟଣାରେ ମଧ ଦୋଷୀଙ୍କୁ ଛଡ଼ାଯିବ ନାହିଁ ବୋଲି ସାହୁ କହିଛନ୍ତି।



ପୁରୀ ବେଳାଭୂମିରେ ସୋମବାର ଅପରାହ୍ନରେ ଯୁବକମାନେ ଭଲିବଲ୍ ଖେଳର ମଜା ନେଉଛନ୍ତି।

# ୩୪ ଦିନରେ ୩୬ ଲକ୍ଷ ଜରିମାନା ଆଦାୟ

**ବ୍ରହ୍ମପୁର ଅଫିସ୍,୪।୧**

**ଟ୍ରାଫିକ୍ ପୋଲିସକୁ ରାଜସ୍ୱ ଚିନ୍ତା**
**୪୮୦ ଡିଏଲ୍ ବାତିଲ**

ବ୍ରହ୍ମପୁର ସହରର ଟ୍ରାଫିକ୍ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଗଠନ ହୋଇଛି ଟ୍ରାଫିକ ୟୁନିଟ୍। ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ବିଜ୍ଞପ୍ତି ଅନୁଯାୟୀ, ଗଠିତ ଟ୍ରାଫିକ୍ ୟୁନିଟର ମୂଳ ଲକ୍ଷ୍ୟ ଲୋକଙ୍କୁ ଏବଂ ଯାନବାହନ ଚାଳକଙ୍କୁ ଟ୍ରାଫିକ୍ ନିୟମ ସମ୍ପର୍କରେ ସଚେତନ କରିବା। କିନ୍ତୁ ଏହା ସତ୍ତ୍ୱେ ନିୟମ ଉଲ୍ଲଂଘନକାରୀଙ୍କ ଉପରେ ଏବେ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଉଛି ବୋଲି ଥାନାଧିକାରୀ ସୁନୀଲ ବେହେରା ସୂଚନା ଦେଇଛନ୍ତି। କରୋନା କଟକଣା କୋହଳ ପରେ ହେଲ୍‌ମେଟ୍ ଯାଞ୍ଚ ସହିତ ଅମାନିଆଙ୍କ ଉପରେ କଡ଼ା ନଜର ରଖାଯାଇଛି। ଟ୍ରାଫିକ୍ ନିୟମ ନ ମାନିଲେ ନିସ୍ତାର ନାହିଁ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଡିସେମ୍ବର ୧ରୁ ନୂଆ ନିୟମ ଲାଗୁ ହୋଇଥିଲା। ଏଣୁ ଏଣିକି ହେଲ୍‌ମେଟ୍ ନ ପିନ୍ଧିଲେ ୧ ହଜାର ଟଙ୍କା ଜରିମାନା ଆଦାୟ କରିବାକୁ ନିୟମ କରାଯାଇଛି। ଏପରିକି ବାଇକ୍ ପଛରେ ବସିଥିବା ବ୍ୟକ୍ତି ମଧ ହେଲ୍‌ମେଟ୍ ପିନ୍ଧିବାକୁ ନିୟମ କରାଯାଇଛି। ସେହିପରି ୩ ମାସ ପର୍ଯ୍ୟନ୍ତ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ପାଇଁ ମଧ ପୋଲିସ ଆରଟିଓଙ୍କୁ ସୁପାରିସ କରିପାରିବ ବୋଲି ସେ କହିଛନ୍ତି।



ଥାନାଧିକାରୀ ଗାଡ଼ି ଯାଞ୍ଚ କରୁଛନ୍ତି।

ଟ୍ରାଫିକ୍ ପୋଲିସ ପକ୍ଷରୁ ହସ୍ତଗତ ହୋଇଥିବା ରିପୋର୍ଟ ଅନୁସାରେ ଗତ ୩୪ ଦିନରେ ବ୍ରହ୍ମପୁର ଟ୍ରାଫିକ୍ ଥାନା ପକ୍ଷରୁ ୨୦୨୦ ଡିସେମ୍ବର ୧ରୁ ୨୦୨୧ ଜାନୁୟାରୀ ୩ ସୁଦ୍ଧା ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କ ନିକଟରୁ ପ୍ରାୟ ୩୬ ଲକ୍ଷ ଟଙ୍କାର ଜରିମାନା ଆଦାୟ କରାଯାଇଛି। ସେହିପରି ପ୍ରାୟ ୪୮୦ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ (ଡିଏଲ୍) ବାତିଲ (ରଦ୍ଦ) ପାଇଁ ଆରଟିଓଙ୍କୁ ସୁପାରିସ କରାଯାଇଛି। ୨୯ ଜଣ ନିଶାସକ୍ତ ଗାଡ଼ି ଚାଳକଙ୍କ ନାମରେ ମାମଲା ରୁଜୁ କରାଯାଇଛି ବୋଲି ଟ୍ରାଫିକ୍ ଥାନାଧିକାରୀ ସୁନୀଲ ବେହେରା ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### କୃଷି ଆଇନ ସହ ସମ୍ପର୍କ ନାହିଁ: ରିଲାଏନ୍ସ

**ନୂଆଦିଲ୍ଲୀ,୪ା୧:** କୃଷି ଆଇନ ସହ କୌଣସି ସମ୍ପର୍କ ନାହିଁ ଦେଶର ପ୍ରମୁଖ ବାଣିଜ୍ୟିକ ଗ୍ରୁପ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ପକ୍ଷରୁ ଏଭଳି ସ୍ପଷ୍ଟୀକରଣ ଦିଆଯାଇଛି। କମ୍ପାନୀ ପକ୍ଷରୁ ଏକ ପ୍ରେସ ଇସ୍ତାହାରରେ କୁହାଯାଇଛି ଯେ, କୃଷକଙ୍କଠାରୁ ସିଧାସଳଖ ଖାଦ୍ୟ ଶସ୍ୟ କିଣିବା କିମ୍ବା କଣ୍ଟ୍ରାକ୍ଟ ଫାର୍ମି ବାଣିଜ୍ୟ ସହ କୌଣସି ସମ୍ପର୍କ ନାହିଁ। ଦୁର୍ବୃତ୍ତ ରିଲାଏନ୍ସର ସହଯୋଗୀ କମ୍ପାନୀ ଜିଓ ଟେଲିକମ ଟାୱାରକୁ କ୍ଷତି ପହଞ୍ଚାଇଛନ୍ତି। ଫଳରେ କମ୍ପାନୀ ପକ୍ଷରୁ ପଞ୍ଜାବ ଏବଂ ହରିଆଣା କୋର୍ଟରେ ପିଟିଶନ ଫାଇଲ କରାଯାଇଛି। ଏଭଳି ବେଆଇନ କାର୍ଯ୍ୟକୁ ରୋକିବା ଉପରେ ସରକାର ହସ୍ତକ୍ଷେପ କରନ୍ତୁ ବୋଲି କମ୍ପାନୀ କୋର୍ଟଙ୍କୁ କହିଛି। ନୂଆ କରି ଆସିଥିବା ୩ କୃଷି ଆଇନକୁ ନେଇ ସାରା ଦେଶରେ ବେଶ ଚର୍ଚ୍ଚା ହୋଇଛି। କୃଷି ଆଇନକୁ ନେଇ କମ୍ପାନୀ କିଛି କରିବାର ନାହିଁ। ଏହି ଆଇନ ଦ୍ୱାରା କମ୍ପାନୀ ଲାଭବାନ ମଧ ହେଉନାହିଁ। କେତେକ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ରିଲାଏନ୍ସକୁ କୃଷି ଆଇନ ସହ ଯୋଡି ବଦନାମ କରୁଥିବା କମ୍ପାନୀ ସ୍ପଷ୍ଟୀକରଣରେ କହିଛି। ଏଭଳି କାର୍ଯ୍ୟଦ୍ୱାରା କମ୍ପାନୀକୁ ବଦନାମ କରାଯାଉଛି ବୋଲି ରିଲାଏନ୍ସ ସ୍ପଷ୍ଟ କରିଛି।

### ଯାନ ଲାଗି ନିଜସ୍ୱ ଡ୍ୟାମେଜ କଭର ଜରୁରୀ

**ନୂଆଦିଲ୍ଲୀ,୪ା୧:** ସଡ଼କ ଦୁର୍ଘଟଣା କ୍ଷେତ୍ରରେ ଭାରତ ଶୀର୍ଷ ଦେଶ ମଧ୍ୟରୁ ଅନ୍ୟତମ। ଯେହେତୁ କାର୍‌ଗୁଡିକ ସମ୍ପତ୍ତିରେ ଯଥେଷ୍ଟ କ୍ଷତି ଘଟାଇପାରେ। ଦୁର୍ଘଟଣାରେ ମାନବିକ କ୍ଷତି ହେବାର ଅଧିକ ସମ୍ଭାବନା ରହିଛି। ତୃତୀୟ ପକ୍ଷର ଦାୟିତ୍ୱ ପାଇଁ ବୀମା କରିବା ଏକାନ୍ତ ଆବଶ୍ୟକ। ମାତ୍ର ଯାନର ଯଦି କିଛି କ୍ଷତି ହୁଏ ତେବେ ତୃତୀୟ ପକ୍ଷ ବୀମାରେ ଏହାର କଭର ମିଳି ନ ଥାଏ। ଏହାକୁ ଧ୍ୟାନରେ ରଖି ଯାନ ଲାଗି 'ନିଜସ୍ୱ ଡ୍ୟାମେଜ କଭର' ନେବାର ଆବଶ୍ୟକ ହୋଇଥାଏ। ଏହା ଦ୍ୱାରା ଯାନର ହେଉଥିବା କ୍ଷତି ଭରଣା କରିବାକୁ ସହାୟକ ହୋଇଥାଏ। ଏଭଳି ପଲିସି ନେବା ବେଳେ ବୀମାଭୁକ୍ତ ଘୋଷିତ ମୂଲ୍ୟ (ଆଇଡିଭି), କଭରେଜ, ଆଡଅନ୍ସ, ଏକ୍ସକ୍ଲୁଜନକୁ ବୁଝିବା, ବୀମାକାରୀଙ୍କ ନେଟ୍‌ୱର୍କ ଭଳି ବିଭିନ୍ନ ପ୍ରସଙ୍ଗ ବେଶ୍ ଗୁରୁତ୍ୱପୂର୍ଣ୍ଣ। କାରକୁ ସୁରକ୍ଷିତ କରିବା ଲାଗି ଏକ ଭଲ ବୀମା କଭର ନେବାର ଆବଶ୍ୟକତା ରହିଥିବା ବଜାଜ ଆଲିଆଞ୍ଜ ଜେନେରାଲର ବିଜ୍‌ନେସ ହେଡ୍ ଆଦିତ୍ୟ ଶର୍ମା କହିଛନ୍ତି।

# ନୂଆ ରେକର୍ଡ ସ୍ତରରେ ପୁଞ୍ଜିବଜାର

**ନୂଆଦିଲ୍ଲୀ,୪ା୧**

ଭାରତୀୟ ପୁଞ୍ଜିବଜାର ସୋମବାର ନୂଆ ରେକର୍ଡ ସ୍ତର ଛୁଇଁଛି। କୋଭିଡ୍-୧୯ ଲାଗି ୨ ଟିକା ବ୍ୟବହାର କରିବାକୁ ଭାରତ ସରକାର ନିଷ୍ପତ୍ତି ନେଇଥିବାରୁ ଏହା ନିବେଶକଙ୍କ ମନୋଭାବକୁ ଦୃଢ଼ କରିଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ) ୩୦୮ ପଏଣ୍ଟ(୦.୬୪%) ଉର୍ଦ୍ଧ୍ୱରେ ରହି ୪୮,୧୭୭ ପଏଣ୍ଟରେ ବନ୍ଦ ହୋଇଛି। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ(ଏନ୍‌ଏସ୍‌ଇ)ର ନିଫ୍ଟି ୧୧୪ ପଏଣ୍ଟ (୦.୮୨%) ଭଲ କାରବାର ହାସଲ କରିବା ଯୋଗୁ ୧୪,୧୩୩ ପଏଣ୍ଟରେ ବନ୍ଦ ହୋଇଛି।

ଆଷ୍ଟ୍ରାଜେନିକା, ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ଏବଂ ଭାରତ ବାୟୋଟେକ ପକ୍ଷରୁ ପ୍ରସ୍ତୁତ ୨ ଟିକା ବ୍ୟବହାର ଲାଗି ଭାରତ ସରକାର ରବିବାର ମଞ୍ଜୁରୀ ଦେଇଛନ୍ତି। ବିଏସ୍‌ଇରେ ଭଲ କାରବାର କରିଥିବା କମ୍ପାନୀ ମଧ୍ୟରେ ଓଏନ୍‌ଜିସି, ଟିସିଏସ୍, ଏଚ୍‌ସିଏଲ୍ ଟେକ୍, ଟେକ୍ ମହିନ୍ଦ୍ରା, ଇନ୍‌ଫୋସିସ୍ ଏବଂ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ରହିଛନ୍ତି। ଏହି କମ୍ପାନୀଗୁଡିକର ଷ୍ଟକ୍ ପ୍ରାୟ ୪.୨% ବୃଦ୍ଧି ପାଇଛି। ଏନ୍‌ଏସ୍‌ଇ ପ୍ଲାଟ୍‌ଫର୍ମରେ ନିଫ୍ଟି ମେଟାଲ ୫.୦୯% ବୃଦ୍ଧି ପାଇଛି।




ଘରୋଇ ବଜାରରେ ଯାନ ବିକ୍ରିରେ ଉନ୍ନତି ଏବଂ ଜିଏସ୍‌ଟି ସଂଗ୍ରହ ରେକର୍ଡ ସ୍ତରରେ ରହିବା ଯୋଗୁ ଏହାର ପ୍ରଭାବ ଶେୟାର ବଜାର ଉପରେ ପଡିଛି। ଶେୟାର ବଜାରରେ ବିଦେଶୀ ପୋର୍ଟଫୋଲିଓ ନିବେଶକମାନେ ନିବେଶ ବଢାଉଥିବା ଦେଖାଯାଇଛି। ଶୁକ୍ରବାର ଏହି ନିବେଶକମାନେ ୫୦୬ କୋଟି ଟଙ୍କା ନିବେଶ କରିଛନ୍ତି। ଏହି ବର୍ଗର ନିବେଶକ ଡିସେମ୍ବରରେ ୬୨,୦୧୬ କୋଟି ଟଙ୍କା ନିବେଶ କରିଥିବା ଶେୟାର ବଜାର ଡାଟାରୁ ଏହା ସାମ୍ନାକୁ ଆସିଛି।

**୩୦୮ ପଏଣ୍ଟ ବଢ଼ିଲା ସେନ୍‌ସେକ୍ସ**

# ଜୁଲିଆନ ଆସେଞ୍ଜଙ୍କ ପ୍ରତ୍ୟର୍ପଣ ରୋକିଲେ ବ୍ରିଟେନ କୋର୍ଟ

**ନୂଆଦିଲ୍ଲୀ,୪ା୧:** ୱିକି ଲିକ୍‌ସର ପ୍ରତିଷ୍ଠାତା ଜୁଲିଆନ ଆସେଞ୍ଜ ଆମେରିକାକୁ ପ୍ରତ୍ୟର୍ପଣ ହେବେ ନାହିଁ। ଏହି ପ୍ରତ୍ୟର୍ପଣକୁ ବ୍ରିଟେନ କୋର୍ଟ ରୋକି ଦେଇଛନ୍ତି। ବ୍ରିଟେନ ଡିଷ୍ଟ୍ରିକ୍ଟ କୋର୍ଟ ଭେନେସା ବ୍ୟାରିଷ୍ଟର ଏଭଳି ନିର୍ଦ୍ଦେଶ ଦେଇଛନ୍ତି। ଏକ ଦଶନ୍ଧି ତଳେ ଆମେରିକାର ଗୁପ୍ତ ମିଲିଟାରି ଦସ୍ତାବିଜ ପ୍ରଘଟ କରିବା ପରେ ଆସେଞ୍ଜ ବିବାଦୀୟ ହୋଇ ପଡିଥିଲେ। ତାଙ୍କ ବିରୋଧରେ ଆମେରିକା ବିଭିନ୍ନ ମାମଲା ଦାଏର କରିଥିଲା। ତାଙ୍କ ବିରୋଧରେ ୧୭ ଅଭିଯୋଗ ଆସିଥିବା ବେଳେ ଏହା ମଧ୍ୟରେ କମ୍ପ୍ୟୁଟର ଅପବ୍ୟବହାର ମଧ ସାମିଲ ରହିଛି। ଏହି ଅଭିଯୋଗଗୁଡିକରେ ସର୍ବାଧିକ ୧୭୫ ବର୍ଷ ଜେଲ ଦଣ୍ଡ ହେବା ନେଇ କୁହାଯାଇଛି। ଆସେଞ୍ଜ ଜଣେ ସାମ୍ବାଦିକ ଭାବେ ମତ ପ୍ରକାଶ ଅଧିକାରରେ ପ୍ରଘଟ ହୋଇଥିବା ଦସ୍ତାବିଜକୁ ଛାପିଥିବା ତାଙ୍କ ଓକିଲ ଯୁକ୍ତିରେ କହିଛନ୍ତି। ଇରାକ ଏବଂ ଆଫଗାନିସ୍ତାନରେ ଆମେରିକାର ମିଲିଟାରି କିଭଳି ବିଭିନ୍ନ ବେଆଇନ କାର୍ଯ୍ୟ କରିଥିଲା ସେ ସଂକ୍ରାନ୍ତ ବିଭିନ୍ନ କଥା ଏହି ଲିକ୍ ଦ୍ୱାରା ସାମ୍ନାକୁ ଆସିପାରିଥିଲା। ସୂଚନାଯୋଗ୍ୟ, ୨୦୧୦ ଏପ୍ରିଲରେ ଆସେଞ୍ଜ ଏଭଳି ବିଭିନ୍ନ ତଥ୍ୟ ପ୍ରକାଶ କରିଥିଲେ।



# ହୋଣ୍ଡା ଟୁହ୍ୱିଲର୍ସର ବିକ୍ରି ୫% ବୃଦ୍ଧି

**ଭୁବନେଶ୍ୱର,୪ା୧:** ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ (ଏଚଏମଏସଆଇ) ପକ୍ଷରୁ ଡିସେମ୍ବର ମାସର ବିକ୍ରି ତଥ୍ୟ ଘୋଷଣା କରାଯାଇଛି। ପାର୍ବଣ ପରବର୍ତ୍ତୀ ସମୟରେ କମ୍ପାନୀର ଯାନ ଚାହିଦାର ଅଭିବୃଦ୍ଧି ହୋଇଛି। ସୁଧାର ଧାରାରେ ସଙ୍କେତ ଦେଇ ହୋଣ୍ଡା ଟୁହ୍ୱିଲର୍ସ ଇଣ୍ଡିଆର ବିକ୍ରି କ୍ରମାଗତ ୫ମ ମାସ ପାଇଁ ବୃଦ୍ଧି ପାଇଛି। ହୋଣ୍ଡାର ଦେଶ ଭିତରେ ବିକ୍ରି ୫% ବୃଦ୍ଧି ପାଇ ୨୪୨,୦୪୬ ୟୁନିଟ ଗାଡି ବିକ୍ରି ହୋଇଛି। ୨୦୧୯ ଏହି ମାସ ମଧ୍ୟରେ କମ୍ପାନୀର ବିକ୍ରି ୨୩୦,୧୯୭ ୟୁନିଟ ରହିଥିଲା। ସେହିପରି ୨୦,୯୮୧ ୟୁନିଟ ଗାଡି ରପ୍ତାନୀ ସହ ଡିସେମ୍ବରରେ କମ୍ପାନୀର ମୋଟ ବିକ୍ରି ୨୬୩,୦୨୭ ୟୁନିଟ ହୋଇଛି, ଯାହା ୨୦୧୯ର ଏହି ମାସ ମଧ୍ୟରେ ହୋଇଥିବା ୨୫୫,୨୮୩ ୟୁନିଟ ଗାଡି ବିକ୍ରି ତୁଳନାରେ ୩% ଅଧିକ ବୋଲି ଜଣାପଡିଛି। ଚଳିତ ଆର୍ଥିକ ବର୍ଷର ୩ୟ ତ୍ରୈମାସରେ କମ୍ପାନୀ ନୂଆ ଆଶା ଓ ସକାରାତ୍ମକ ଭାବନା ଆଣିଛି। ହୋଣ୍ଡାର ବିକ୍ରି ପାଇଁ ଅକ୍ଟୋବରରୁ ଡିସେମ୍ବର ତ୍ରୟ ମାସ ସକାରାତ୍ମକ ସାବ୍ୟସ୍ତ ହୋଇଛି। ୩ୟ ତ୍ରୈମାସରେ ହୋଣ୍ଡାର ଦେଶ ଭିତରେ ବିକ୍ରି ବର୍ଷକ ଭିତରେ ୫% ବୃଦ୍ଧି ପାଇ ୧୧,୪୯,୧୦୧ ୟୁନିଟ ହୋଇଛି, ଯାହା ପୂର୍ବ ବର୍ଷ ଏହି ସମୟ ମଧ୍ୟରେ ୧୦,୯୧,୨୯୯ ୟୁନିଟ ଥିଲା। ଏ ସମ୍ପର୍କରେ ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡର ବିକ୍ରି ଓ ମାର୍କେଟିଂ ନିର୍ଦ୍ଦେଶକ ୟଦବିନ୍ଦର ସିଂହ ଗୁଲେରିଆ କହିଛନ୍ତି, ଡିସେମ୍ବର ମାସରେ ଖୁଚୁରା ଏବଂ ପାଇକାରୀରେ ସକାରାତ୍ମକ ଧାରା ବୃଦ୍ଧି ପରେ ଆମେ ନୂଆ ଆଶା ସହ ୨୦୨୧ରେ ପ୍ରବେଶ କରିଛୁ।

HONDA

# ଜେଏସ୍‌ପିଏଲ୍‌ର ଉତ୍ପାଦନ, ବିକ୍ରି ରେକର୍ଡ

**ଭୁବନେଶ୍ୱର,୪ା୧:** ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ (ଜେଏସ୍‌ପିଏଲ୍) ଡିସେମ୍ବର-୨୦୨୦ରେ ଉତ୍ପାଦନ ଓ ବିକ୍ରିରେ ରେକର୍ଡ କରିଛି। କମ୍ପାନୀ ଏହି ମାସରେ ୭.୨୭ ଲକ୍ଷ ଟନ ଇସ୍ପାତ ଉତ୍ପାଦନ କରିଥିବା ଜଣାପଡିଛି। କମ୍ପାନୀର ଅନୁଗୁଳ ପ୍ଲାଣ୍ଟରୁ ୪.୧୬ ଲକ୍ଷ ଟନ ଏବଂ ରାଇଗଡ଼ ପ୍ଲାଣ୍ଟରୁ ୩.୧୧ ଲକ୍ଷ ଟନ ମାସିକ ଉତ୍ପାଦନ କରିଛି। ସେହିଭଳି ୨୦୨୦ ଡିସେମ୍ବରରେ କମ୍ପାନୀ ୭.୧୧ ଟନ ଇସ୍ପାତ ବିକ୍ରି କରି ରେକର୍ଡ କରିଛି ବୋଲି ସୂଚନା ମିଳିଛି। ଆର୍ଥିକ ବର୍ଷ ୨୦୨୧-୨୦ ର ତୃତୀୟ ତ୍ରୈମାସରେ କମ୍ପାନୀ ୧୯.୩ ଲକ୍ଷ ଟନ ଉତ୍ପାଦନ ହାସଲ କରିଛି। ଗତ ଆର୍ଥିକ ବର୍ଷର ଏହି ସମୟ ମଧ୍ୟରେ ୧୬.୧ ଲକ୍ଷ ଟନ ଉସ୍ପାତ ଉତ୍ପାଦନ କରିଥିଲା। ସେହିପରି ଆର୍ଥିକ ବର୍ଷ ୨୦୨୦ ତୁଳନାରେ ଆର୍ଥିକ ବର୍ଷ ୨୦୨୧ର ତୃତୀୟ ତ୍ରୈମାସରେ କମ୍ପାନୀର ଇସ୍ପାତ ବିକ୍ରୟରେ ୧୨% ବୃଦ୍ଧି ହୋଇ ୧୮.୮ ଲକ୍ଷ ଟନ ଛୁଇଁଛି। ଗତ ଆର୍ଥିକ ବର୍ଷ ତୁଳନାରେ ଆର୍ଥିକ ବର୍ଷ ୨୦୨୧ର ତୃତୀୟ ତ୍ରୈମାସରେ କମ୍ପାନୀର ରପ୍ତାନୀ ୧୮% ବୃଦ୍ଧି ପାଇ ୩.୮୭ ଲକ୍ଷ ଟନ ହୋଇଛି। ଯାହାକି ସମୁଦାୟ ବିକ୍ରୟର ୨୧%। କମ୍ପାନୀର ଏହି ସଫଳତାରେ ଜେଏସ୍‌ପିଏଲ୍‌ର ପରିଚାଳନାର ନିର୍ଦ୍ଦେଶକ ଭି.ଆର୍ ଶର୍ମା ଖୁସି ବ୍ୟକ୍ତ କରି କରିଛନ୍ତି।

# ଆଇଓସିଏଲ୍ ଏମ୍‌ଇଜି ପ୍ରକଳ୍ପ ପାଇଁ ଗୁଜରାଟରୁ ଆସିବ ଉପକରଣ

**ଭୁବନେଶ୍ୱର,୪ା୧:** ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ (ଆଇଓସିଏଲ୍)ର ବୃହତ ଏମ୍‌ଇଜି (ମୋନୋ ଏଥିଲିନ ଗ୍ଲାଇକୋଲ) ପ୍ଲାଣ୍ଟ ପାଇଁ ଗୁଜରାଟର ହାଜରାଠାରୁ ପାରାଦୀପ ପର୍ଯ୍ୟନ୍ତ ଜାହାଜ ଯୋଗେ ଗୁରୁତ୍ୱପୂର୍ଣ୍ଣ ଉପକରଣ (କ୍ରିଟିକାଲ୍ ଇକ୍ୟୁଇପମେଣ୍ଟ) ଆସିବ। ସୋମବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ କହିଛନ୍ତି, ଟେକ୍ସଟାଇଲ, ଗାର୍ମେଣ୍ଟ ଏବଂ ପ୍ୟାକେଜିଂ ଶିଳ୍ପଗୁଡ଼ିକ ଏମ୍‌ଇଜି ଚାହିଦାକୁ ଆଗକୁ ନେଇଥାଏ। ଭାରତ ହେଉଛି ଏମଇଜି ନେଟ୍ ଆମଦାନୀକାରୀ। ପାରାଦୀପରେ ଇଣ୍ଡିଆନ୍ ଅଏଲର ଆଗାମୀ ଏମ୍‌ଇଜି ପ୍ଲାଣ୍ଟରୁ ସମ୍ପୂର୍ଣ୍ଣ ଉତ୍ପାଦନ ଘରୋଇ ବଜାରରେ ଖର୍ଚ୍ଚ ହେବ ବୋଲି ଆଶା କରାଯାଉଛି। ଏହା ଫଳରେ ଭଦ୍ରକ ଏବଂ ଧାମରାଠାରେ ପ୍ରସ୍ତାବିତ ଟେକ୍ସଟାଇଲ୍ ପାର୍କ ପାଇଁ ସମ୍ପୂର୍ଣ୍ଣ ଏମ୍‌ଇଜି ଆବଶ୍ୟକତାକୁ ପାରାଦୀପ ପୂରଣ କରିବ। ସେହିପରି ପାରାଦୀପରୁ ଭଦ୍ରକ ଧାମରାଠାରେ ପ୍ରସ୍ତାବିତ ଟେକ୍ସଟାଇଲ ପାର୍କକୁ ଏମ୍‌ଇଜି ତଥା କଞ୍ଚାମାଲ ଆସି ଅନୁରୂପ ଭାବେ ଏହି ୟୁନିଟକୁ ପ୍ରୋତ୍ସାହନ ଦେବ। ଏହାବାଦ ନିର୍ଦ୍ଧାରିତ ସମୟ ମଧ୍ୟରେ ଅତିରିକ୍ତ ୨୦ ହଜାର ନିଯୁକ୍ତି ସୃଷ୍ଟି କରିବ ବୋଲି ସେ ମତ ଦେଇଛନ୍ତି। ୫ ହଜାର ୬୫୪ କୋଟି ଟଙ୍କା ପୁଞ୍ଜିନିବେଶରେ ଇଣ୍ଡିଆନ ଅଏଲର ପାରାଦୀପ ରିଫାଇନାରୀରେ ଏହି ପ୍ରକଳ୍ପ ଅକ୍ଟୋବର, ୨୦୨୧ ସୁଦ୍ଧା କାର୍ଯ୍ୟକ୍ଷମ ହେବ ବୋଲି ଆଶା କରାଯାଉଛି। ଏହି କାର୍ଯ୍ୟକ୍ରମରେ ଇଣ୍ଡିଆନ ଅଏଲର ଚେୟାରମ୍ୟାନ ଏସ ଏମ୍ ବୈଦ୍ୟ, ଲାର୍ସନ ଓ ଟୁବ୍ରୋର ସିଇଓ ଏବଂ ଏମଡ଼ି ଏସ୍‌ଏନ୍ ସୁବ୍ରମଣ୍ୟନ, ଲାର୍ସନ ଓ ଟୁବ୍ରୋର ନିର୍ଦ୍ଦେଶକ ସୁବ୍ରମଣିୟନ ଶର୍ମା ତଥା ଇଣ୍ଡିଆନ ଅଏଲ, ଲର୍ସେନ ଏବଂ ଟୁର୍ବୋର ଅନ୍ୟ ବରିଷ୍ଠ ଅଧିକାରୀମାନେ ଏଠାରେ ଉପସ୍ଥିତ ରହିଥିଲେ।



## ଖେଳ ଖବର

# ସଞ୍ଜୟ କପୁର ସଭାପତି ନିର୍ବାଚିତ



ନିର୍ବାଚନ ଜିତିବା ପରେ ଭରତ ସିଂ ଚୌହାନ ଓ ସଞ୍ଜୟ କପୁର।

**ଚେନ୍ନାଇ, ୪ା୧ (ପି.ଟି.):** ସର୍ବଭାରତୀୟ ଚେସ୍ ମହାସଂଘ (ଏଆଇସିଏଫ୍) କର୍ମକର୍ତ୍ତା ନିର୍ବାଚନ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହା ଅନ୍‌ଲାଇନ୍‌ରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସଞ୍ଜୟ କପୁର ସଭାପତି ଭାବେ ନିର୍ବାଚିତ ହୋଇଥିବାବେଳେ ଭରତ ସିଂ ଚୌହାନ ସମ୍ପାଦକ ପଦ ବଜାୟ ରଖିଛନ୍ତି। ଉତ୍ତର ପ୍ରଦେଶରୁ ପ୍ରତିନିଧିତ୍ୱ କରୁଥିବା କପୁରଙ୍କର ଏହି ପଦବୀରୁ ପୂର୍ବରୁ ଥିବା ପି.ଆର୍. ଭେଙ୍କଟରାମା ରାଜାଙ୍କ ସହ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। କପୁର ୩୩ ଭୋଟ ପାଇଥିବାବେଳେ ରାଜାଙ୍କୁ ୩୧ ଭୋଟ ମିଳିଥିଲା। ଚୌହାନ ୩୫-୨୯ ଭୋଟ୍‌ରେ ରବୀନ୍ଦ୍ର ଡୋଙ୍ଗ୍ରେଙ୍କୁ ପରାସ୍ତ କରିଥିଲେ। ଚୌହାନଙ୍କ ଗୋଷ୍ଠୀର ନରେଶ ଶର୍ମା ୩୪-୩୦ ଭୋଟ୍‌ରେ କିଶୋର ବଣ୍ଡେକରଙ୍କୁ ପରାସ୍ତ କରି କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି।

**ସର୍ବଭାରତୀୟ ଚେସ୍ ମହାସଂଘ**

# ୱିଲିୟମସନଙ୍କ ଶତକ: ଦୃଢ଼ ସ୍ଥିତିରେ ନ୍ୟୁଜିଲାଣ୍ଡ

**ଖ୍ରୀଷ୍ଟଚର୍ଚ୍ଚ, ୪ା୧(ଏପି)**

କେନ୍ ୱିଲିୟମସନ୍‌ଙ୍କ ଶତକ ସହାୟତାରେ ନ୍ୟୁଜିଲାଣ୍ଡ ଏଠାରେ ଚାଲିଥିବା ପାକିସ୍ତାନ ବିପକ୍ଷ ଟେଷ୍ଟରେ ନିଜର ସ୍ଥିତିକୁ ମଜଭୁତ କରିଛି। ୱିଲିୟମସନ ଓ ହେନରି ନିକୋଲ୍ସ ଅସମାପ୍ତ ୪ର୍ଥ ଉଇକେଟରେ ୨୧୫ ରନ ସଂଗ୍ରହ କରି ନ୍ୟୁଜିଲାଣ୍ଡକୁ ଅଗ୍ରଣୀ ପଥରେ ଅଗ୍ରସର କରାଇଛନ୍ତି। ପାକିସ୍ତାନ ପ୍ରଥମ ଇନିଂସରେ ୨୯୭ ରନ କରିଥିବାବେଳେ ନ୍ୟୁଜିଲାଣ୍ଡ ସୋମବାର ଦ୍ୱିତୀୟ ଦିବସ ଶେଷସୁଦ୍ଧା ୩ ଉଇକେଟ ହରାଇ ୨୮୬ ରନ ସଂଗ୍ରହ କରିଛି। ଫଳରେ ହାତରେ ୭ ଉଇକେଟ ସୁରକ୍ଷିତ ଥିବାବେଳେ ଘରୋଇ ଦଳ ମାତ୍ର ୧୧ ରନ ପଛରେ ରହିଛି।

### କ୍ରମାଗତ ୩ ଟେଷ୍ଟରେ ଶତକ

ଚମତ୍କାର ଚମତ୍କାର ଫର୍ମରେ ଥିବା ୱିଲିୟମସନ କ୍ରମାଗତ ୩ ଟେଷ୍ଟରେ ଶତକ ଅର୍ଜନ କରିଛନ୍ତି। ସେ ୱେଷ୍ଟଇଣ୍ଡିଜ ବିପକ୍ଷରେ ୨୫୧ ରନ କରିବାପରେ ଏହି ନିର୍ଭରଯୋଗ୍ୟ ବ୍ୟାଟ୍ସମ୍ୟାନ ପାକିସ୍ତାନ ବିପକ୍ଷ ପ୍ରଥମ ଟେଷ୍ଟରେ ୧୨୯ ରନ ସ୍କୋର କରିଥିଲେ। ନ୍ୟୁଜିଲାଣ୍ଡ ଓପନିଂ ଯୋଡ଼ିରେ ୫୨ ରନ ସଂଗ୍ରହ କରିବାପରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ୧୯ ରନ ବ୍ୟବଧାନରେ ଦଳ ୩ଟି ଉଇକେଟ ହରାଇବାରୁ ଦଳୀୟ ସ୍କୋର ଏକଦା ୭୧/୩ ହୋଇ ଯାଇଥିଲା। ଟମ୍ ବ୍ଲୁଣ୍ଡେଲ ୧୬, ଟମ୍ ଲାଥାମ ୩୩ ଓ ରସ୍ ଟେଲର ୧୨ ରନ କରି ପ୍ୟାଭିଲିୟନ ଫେରିଥିଲେ। ତେବେ ୱିଲିୟମସନ ଓ ନିକୋଲ୍ସଙ୍କ ଦ୍ୱିଶତକୀୟ ଭାଗୀଦାରି ପାକିସ୍ତାନ ଆଶାରେ ପାଣି ଭରି ଦେଇଛି। ୧୭୫ଟି ବଲ୍‌ର ସମ୍ମୁଖୀନ ହୋଇଥିବା ୱିଲିୟମସନ ୧୬ ଚୌକା ସହାୟତାରେ ୧୧୨ ଏବଂ ୧୮୬ଟି ବଲ୍ ଖେଳି ନିକୋଲ୍ସ ୮୯ ରନରେ ଅପରାଜିତ ରହିଛନ୍ତି। ପୂର୍ବରୁ ନିକୋଲ୍ସ ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ୧୭୪ ଏବଂ ପାକିସ୍ତାନ ବିପକ୍ଷ ପ୍ରଥମ ଟେଷ୍ଟରେ ୫୬ ରନ କରି ନିଜ ଫର୍ମର ସୂଚନା ଦେଇଛନ୍ତି। ପରିସ୍ଥିତିକୁ ଦୃଷ୍ଟିରେ ରଖି ୱିଲିୟମସନ ଓ ନିକୋଲ୍ସ ସତର୍କତାର ସହ ଧିମା ବ୍ୟାଟିଂ କରିଥିଲେ। ଫଳରେ ଏକଦା ରନହାର ୨.୬ରେ ପହଞ୍ଚି ଯାଇଥିଲା। ମାତ୍ର ଚା' ବିରତି ପରେ ୱିଲିୟମସନ କେତେକ ଦର୍ଶନୀୟ ବାଉଣ୍ଡାରୀ ମାରିବାରୁ ରନ ହାରରେ ଉନ୍ନତି ଘଟିଥିଲା। ସେ ୭୮ ରନ କରିଥିବାବେଳେ ନସିମ ଶାହାଙ୍କ ଓଭରରେ କ୍ରମାଗତ ୪ ଚୌକା ମାରି ୯୪ ଏବଂ ଏକ ସିଙ୍ଗଲ ନେଇ ୯୫ରେ ପହଞ୍ଚିଥିଲେ। ଏହାପରେ ଫହିମ ଅଶ୍ରଫଙ୍କ ଓଭରରେ ୨ଟି ଚୌକାମାରି ସେ ଶତକ ପୂରଣ କରିଥିଲେ। ଟେଷ୍ଟ କ୍ରିକେଟରେ ଏହାଥିଲା ତାଙ୍କର ୨୪ତମ ଶତକ। ପାକ୍ ବୋଲରଙ୍କ ମଧ୍ୟରେ ଶାହିଦ ଆଫ୍ରିଦୀ, ମହମ୍ମଦ ଆବାସ ଓ ଫହିମ ଅଶ୍ରଫ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।




ଶତକ ହାସଲକାରୀ କେନ୍ ୱିଲିୟମସନ୍।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ପ୍ରଥମ ଇନିଂସ: ୨୯୭।

ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ:୨୮୬/୩(ୱିଲିୟମସନ-୧୧୨*, ନିକୋଲ୍ସ-୮୯*, ଲାଥାମ-୩୩, ଶାହିନ-୧/୪୫, ଆବାସ-୧/୩୭, ଅଶ୍ରଫ-୧/୫୫)।

# ତିନିମୁଣ୍ଡିଆ ଟାଇଗର୍ସ ଚାମ୍ପିୟନ

**ପୁରୁଣା ଭୁବନେଶ୍ୱର, ୪ା୧(ଡି.ଏନ.ଏ.)**

ସ୍ଥାନୀୟ ଗୁଆଝର କ୍ୟାମ୍ପସ ପଡ଼ିଆରେ ଅନୁଷ୍ଠିତ ପ୍ରଥମ କପାଳି ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟରେ ତିନିମୁଣ୍ଡିଆ ଟାଇଗର୍ସ ଚାମ୍ପିୟନ ହୋଇଛି। ଭୁବନେଶ୍ୱରର ୪ଟି ଦଳ ଏଥିରେ ଭାଗ ନେଇଥିବାବେଳେ ଫାଇନାଲରେ କପାଳି ଲାୟନ୍ସକୁ ଟାଇଗର୍ସ ପରାସ୍ତ କରିଥିଲା। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଲାୟନ୍ସ ନିର୍ଦ୍ଧାରିତ ୧୨ ଓଭରରେ ୧୧୩ ରନ କରିଥିଲା। ଜବାବରେ ତିନିମୁଣ୍ଡିଆ ଟାଇଗର୍ସ ୨ ଉଇକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। କୁନାଲ ଗରାବଡୁ ମ୍ୟାନ ଅଫ ଦି ମ୍ୟାଚ ଏବଂ ନିକୁଳ ମହାପାତ୍ର ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ବିଜ୍ଞାନ ଓ କାରିଗରି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଶନିବାର ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିବାବେଳେ ଉଦ୍‌ଯାପନୀ ଉତ୍ସବରେ ଦାଶରଥି ଗରାବଡୁ, ଶିବପ୍ରସାଦ ପଣ୍ଡା, ଶ୍ରୀକାନ୍ତ ପଣ୍ଡା ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

**କପାଳି ପ୍ରିମିୟର ଲିଗ୍**



ଚାମ୍ପିୟନ ତିନିମୁଣ୍ଡିଆ ଟାଇଗର୍ସ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

# କାଇପଦର ସେମିଫାଇନାଲରେ

**ଭାପୁରା,୪ା୧(ଡି.ଏନ.ଏ.)**

ନୟାଗଡ଼ ଜିଲା ଭାପୁର ବ୍ଲକ ଫତେଗଡ ଗାଁର ଯୁବକ ସଂଘ ପକ୍ଷରୁ ନାଲିସାଗର ଖେଳପଡିଆଠାରେ ଏକାଦଶ ସଦାଶିବ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଚାଲିଛି। ସୋମବାର ଖେଳରେ ଢେଙ୍କାନାଳ ଦଳକୁ ହରାଇ କାଇପଦର ଖୋର୍ଦ୍ଧା ଦଳ ସେମିଫାଇନାଲକୁ ପ୍ରବେଶ କରିଛି। ସତ୍ୟପୀର ସ୍ପୋର୍ଟିଂ କାଇପଦର ପ୍ରଥମେ ବ୍ୟାଟିଂ ଆରମ୍ଭ କରିଥିଲା। ଦଳ ପକ୍ଷରୁ ସୁଶାନ୍ତ ସାମନ୍ତରାୟ ୧୧ ଛକା ଓ ୬ଟି ଚୌକା ସହାୟତାରେ ୧୦୧ରନ ଯୋଗୁ ଦଳ ନିର୍ଦ୍ଧାରିତ ୨୫ ଓଭରରେ ୭ ଉଇକେଟ ହରାଇ ୨୪୯ ରନ ସଂଗ୍ରହ କରିଥିଲା। ଜବାବରେ ସୁର ପ୍ରତାପ କ୍ରିକେଟ କ୍ଲବ ଢେଙ୍କାନାଳ ୨୧.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୭୫ ରନ କରି ୭୪ ରନରେ ପରାସ୍ତ ହୋଇଥିଲା। ବିଜୟୀ ଦଳର ସୁଶାନ୍ତ ସାମନ୍ତରାୟକୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ କରାଯାଇଥିଲା। ଦୁର୍ଗାପ୍ରସାଦ ପଟ୍ଟନାୟକ ଓ ଦ୍ୱିଜେନ୍ଦୁ ଘୋଷ ଖେଳ ପରିଚାଳନା କରିଥିଲାବେଳେ ସ୍କୋରର କାର୍ଯ୍ୟ ପବିତ୍ର କୁମାର ସାହୁ ତୁଲାଇଥିଲେ। ଅତିଥି ଭାବେ ସାମାଜିକ କର୍ମୀ ସନ୍ତୋଷ କୁମାର ଖଟେଇ ଯୋଗଦେଇ ବିଜୟୀ ଦଳକୁ ସମ୍ମାନିତ କରିଥିଲେ। ମଙ୍ଗଳବାର ଖେଳରେ ନୟାଗଡ କ୍ରିକେଟ କ୍ଲବ ସହ ଭୁବନେଶ୍ୱରର ଝାଁଳା କ୍ରିକେଟ କ୍ଲବ ସହ ମୁକାବିଲା ହେବ।

**ରାଜ୍ୟସ୍ତରୀୟ ସଦାଶିବ ମେମୋରିଆଲ କ୍ରିକେଟ**



ବଲିଉଡ ବିୟୁଟି ଉର୍ବଶୀ ରୌତେଲାଙ୍କ ହଟ ଓ ବୋଲ୍ଡ ଅନ୍ଦାଜ ପ୍ରଶଂସକଙ୍କୁ ବେଶ ପସନ୍ଦ ଆସିଥାଏ । ୨୦୨୦ରେ ସେ ଗୋଟିଏ ପରେ ଗୋଟିଏ ଗ୍ଲାମରସ ଫଟୋ ଶେୟାର କରି ପ୍ରଶଂସକଙ୍କୁ ଦିୱାନା କରିଥିଲେ । ଏହି ଧାରା ୨୦୨୧ରେ ଜାରି ରଖିଛନ୍ତି ଅଭିନେତ୍ରୀ । ନିକଟରେ ସେ କିଛି ଫଟୋ ଇନଷ୍ଟାଗ୍ରାମରେ ଶେୟାର କରିଛନ୍ତି ଏହା ଦୁବାଇର ଏକ ହୋଟେଲର ବୋଲି କୁହାଯାଉଛି । ଏହି ଫଟୋ ସହ ଉର୍ବଶୀ କ୍ୟାପଶନରେ ଲେଖିଛନ୍ତି ମୁଁ ଏକୁଟିଆ ରହିବାକୁ ଭଲପାଏ ।

# ସ୍ୱାସ୍ଥ୍ୟ ପସନ୍ଦ ତେଲଙ୍ଗାନା ସୋନା

ସମ୍ପ୍ରତି ସ୍ୱାସ୍ଥ୍ୟ ପ୍ରତିକୂଳ ପରିସ୍ଥିତିରେ ନିଜର ମହତ୍ତ୍ୱ ବଢ଼ାଇ ଚାଲିଛି ତେଲଙ୍ଗାନା ସୋନା। ରାଜ୍ୟ ବାହାରେ ବି ଏହାର ଚାହିଦା ଉତ୍କର୍ଷ ହେବାରେ ଲାଗିଛି । ନିମ୍ନ ଗ୍ଲାଇସେମିକ୍ ଇଣ୍ଡେକ୍ସ ଯୋଗୁ ଏହି ଚାଉଳର ଉତ୍ପାଦନ ବୃଦ୍ଧି ପାଇଁ ବିଶେଷ ଦୃଷ୍ଟି ଦିଆଯାଉଛି। ସ୍ୱାସ୍ଥ୍ୟକର ସହ ସ୍ୱାଦିଷ୍ଟ ଯୋଗୁ ଏହାର ବିଭିନ୍ନ ଭାରିଆଣ୍ଟକୁ ଚାଷ କରାଯିବାରେ ଅନେକ ରାଜ୍ୟ ଆଗ୍ରହ ଦେଖାଇଛନ୍ତି। ବିଶେଷକରି ଡାଇବେଟିସ୍ ବା ମଧୁମେହ ରୋଗୀଙ୍କ ପାଇଁ ଏହା ବେଶ ଲାଭଦାୟକ।



ହାଇଦ୍ରାବାଦ

ଡାୟାବେଟିକ୍ ଚାଉଳ ଭାବେ ଜଣାଶୁଣା ଏହି ଉତ୍ପାଦର ଅନ୍ୟ ଏକ ଭେରାଇଟି (ସରୁ ଚାଉଳ) ତେଲଙ୍ଗାନା ସମେତ ରାଜ୍ୟ ବାହାରେ ଉତ୍ସାହଜନକ ପ୍ରତିକ୍ରିୟା ହାସଲ କରିଛି। ମାତ୍ର କିଛି ବର୍ଷ ପୂର୍ବରୁ ଉତ୍ପାଦିତ ହୋଇଥିବା ଏହି ଚାଉଳର ଏକ ଅଲଗା ଭାରିଏଣ୍ଟକୁ ଚଳିତ ବର୍ଷ ତେଲଙ୍ଗାନା ରାଜ୍ୟ କୃଷି ବିଶ୍ୱବିଦ୍ୟାଳୟ ପ୍ରଫେସର ଜୟଶଙ୍କରଙ୍କ ତତ୍ତ୍ୱାବଧାନରେ ବିକଶିତ କରାଯାଇଛି। ପ୍ରାୟ ୨୫ ଲକ୍ଷ ଏକର ଜମିରେ ଏହି ଫସଲ ହୋଇଛି। ଅନେକ ଅଧ୍ୟୟନରେ ଭଲ ଫଳାଫଳ ସହ ସ୍ୱାଦ ଆଧାରରେ ପଶ୍ଚିମବଙ୍ଗ, ଓଡ଼ିଶା, ଛତିଶଗଡ, ଆନ୍ଧ୍ରପ୍ରଦେଶ, କର୍ନାଟକ, ତାମିଲନାଡୁ, ରାଜସ୍ଥାନ ଆଦି ରାଜ୍ୟ ଏହି କିସମ ଚାଉଳ ଚାଷକୁ ଗୁରୁତ୍ୱ ଦେଉଥିବା ପ୍ରଫେସର କହିଛନ୍ତି। ବଜାରରେ ଏହା କେଜି ପ୍ରତି ୧୦୦ରୁ ୧୪୫ ଟଙ୍କା ରହିଥିବାବେଳେ ଚାଷୀ ମାନେ ୪୦ରୁ ୪୫ ଟଙ୍କା ମଧ୍ୟରେ ଏହାକୁ କିଣିପାରୁଛନ୍ତି।

ଦିନକୁଦିନ ଦେଶରେ ମଧୁମେହ ରୋଗୀଙ୍କ ସଂଖ୍ୟା ବଢ଼ିଚାଲିଥିବାରୁ ଏହା ସେମାନଙ୍କ ପ୍ରଥମ ପସନ୍ଦ ପାଲଟିଛି। ସାଧାରଣତଃ ମାତ୍ରାଧିକ ଡାଇବେଟିସ୍ ପୀଡ଼ିତଙ୍କୁ ଭାତଠାରୁ ଦୂରେଇ ରହିବାକୁ ଡାକ୍ତର ପରାମର୍ଶ ଦେଇଥାନ୍ତି। ଏ ପରିସ୍ଥିତିରେ ଭାତ ଖାଇବାକୁ ଇଚ୍ଛୁକ ମଧୁମେହ ରୋଗୀଙ୍କ ପାଇଁ ଏକ ସୁସ୍ଥକର ଓ ସ୍ୱାଦିଷ୍ଟ ପସନ୍ଦ ହୋଇପାରିଥିବା ଗବେଷକମାନେ ଦାବି କରିଛନ୍ତି। ଏହାର ନିମ୍ନ ଗ୍ଲାଇସେମିକ ଇଣ୍ଡେକ୍ସ (ଏକ ମାନକ ଯାହା, କେଉଁ ଖାଦ୍ୟ ରକ୍ତରେ କେତେମାତ୍ରାରେ ଶର୍କରା ସ୍ତର ବୃଦ୍ଧି କରେ ତାହା ଦର୍ଶାଏ) ଯୋଗୁ ମଧୁମେହ ରୋଗୀଙ୍କ ସୁଗାର ସ୍ତର ବୃଦ୍ଧି ଆଶଙ୍କା କ୍ଷୀଣ ରହିଥାଏ। ଏଥିସହ ଏହାର ସ୍ୱାଦ ମଧ୍ୟ ଲୋକଙ୍କୁ ଆକୃଷ୍ଟ କରିପାରିଛି। ଏଗ୍ରିକଲଚରାଲ ଆଣ୍ଡ ପ୍ରୋସେସ୍‌ଡ ଫୁଡ୍ ପ୍ରଡକ୍ଟସ୍ ଏକ୍ସପର୍ଟ ଡେଭେଲପମେଣ୍ଟ ଅଥରିଟି (ଏପିଇଡିଏ) ଏହି କିସମର ଚାଉଳକୁ ରାଜ୍ୟ ସମେତ ଦେଶ ବାହାରକୁ ରପ୍ତାନି କରିବାକୁ ଯୋଜନା କରିଛନ୍ତି।

# ହାଉସ୍ ବୋଟ୍ ଚଳାଇଲେ ହୁମା



**ମୁମ୍ବାଇ:** ବଲିଉଡ ଅଭିନେତ୍ରୀ ହୁମା କ୍ୟୁରେଶି। ସୋସିଆଲ ମିଡିଆରେ ବହୁତ ଆକ୍ଟିଭ୍। ପ୍ରଶଂସକଙ୍କ ସହ ଯୋଡି ହେବା ଲାଗି ସେ ପ୍ରାୟ ସମୟରେ ଫଟୋ, ଭିଡ଼ିଓ ଶେୟାର କରିଥାନ୍ତି। ଏବେ ନୂଆ ବର୍ଷ ଛୁଟି କାଟୁଛନ୍ତି ହୁମା। ତାଙ୍କର ଏକ ଭିଡ଼ିଓକୁ ନେଇ ଏବେ ଚର୍ଚ୍ଚା ଜୋର। ଇନ୍‌ଷ୍ଟାଗ୍ରାମ୍‌ରେ ସେ ଯେଉଁ ଭିଡିଓଟି ଶେୟାର କରିଛନ୍ତି, ସେଥିରେ ତାଙ୍କୁ ହାଉସ ବୋଟ ଚଳାଉଥିବାର ଦେଖିବାକୁ ମିଳୁଛି। ଲାଲ ରଙ୍ଗର ଟପ୍ ପିନ୍ଧି ବୋଟ ଚଳାଉଥିବା ହୁମା କହୁଛନ୍ତି 'ପାଇରେଟ୍ସ ଅଫ କାରିବିୟନ'। ହୁମାଙ୍କ ଏହି ଭିଡ଼ିଓକୁ ପ୍ରଶଂସକମାନେ ଢେର ପସନ୍ଦ ମଧ୍ୟ କରୁଛନ୍ତି। ଜଣେ ପ୍ରଶଂସକ ଲେଖିଛନ୍ତି 'ହାଉସ୍ ବୋଟରେ ଦିନଟିଏ'। ପ୍ରଶଂସକଙ୍କଠାରୁ ପ୍ରଶଂସା ଶୁଣିବା ପରେ ପୁଣି ହୁମା ଆଉ ଏକ ଭିଡ଼ିଓ ସେହି ଇନ୍ ଷ୍ଟା ଆକାଉଣ୍ଟରେ ଶେୟାର କରିଛନ୍ତି। ସେଥିରେ ସେହି ବୋଟ୍ ଭିତରେ ଭିନ୍ନ ଭିନ୍ନ ପୋଜ ଦେଉଛନ୍ତି।

# ଶିକ୍ଷୟିତ୍ରୀଙ୍କ ୩୦ ଘଣ୍ଟିଆ ପାଠ୍ୟକ୍ରମ

**ଲକ୍ଷ୍ନୌ:** ମାତ୍ର ୩୦ ଘଣ୍ଟାରେ ହେବେ ସାକ୍ଷର। କଥାଟା ଶୁଣି ଅଜବ ତ ଲାଗୁଥିବ ନିଶ୍ଚୟ। କିନ୍ତୁ ଏପରି ଏକ କାମ କରି ଦେଖାଇଛନ୍ତି ଉତ୍ତରପ୍ରଦେଶର ଜଣେ ଶିକ୍ଷୟିତ୍ରୀ ସୁନିତା ଗାନ୍ଧୀ। ଗତ ୫ ବର୍ଷ ହେଲା ମାଗଣାରେ ଏମିତି ଏକ ଭିନ୍ନ ଶୈଳୀରେ ଗରିବ ପିଲାମାନଙ୍କୁ ପାଠ ପଢାଇ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ମାତ୍ର ୩୦ ଘଣ୍ଟା ମଧ୍ୟରେ ପିଲାଙ୍କୁ ଅକ୍ଷର ଶିଖିବା, ବହି ପଢିବା ଆଦି ଶିକ୍ଷା ଦେଇ ସାକ୍ଷର କରି ପାରୁଛନ୍ତି ସୁନିତା ଗାନ୍ଧୀ। ଉତ୍ତରପ୍ରଦେଶ ଲକ୍ଷ୍ନୌର ଏହି ଶିକ୍ଷୟିତ୍ରୀ ଏଥିପାଇଁ ଏକ ଭିନ୍ନ ଢଙ୍ଗରେ ପଢାଉଛନ୍ତି। ପିଲାଙ୍କ ମନକୁ ବୁଝି ତାଙ୍କ ହିସାବରେ ସେ ଅତି ସରଳଭାବେ ମାଗଣାରେ ପଢାଉଛନ୍ତି। ତାଙ୍କର ଏଭଳି ଢଙ୍ଗରେ ପାଠ ପଢାଇବା ଶୈଳୀ ଏବେ ଅନ୍ୟମାନଙ୍କୁ ଆକୃଷ୍ଟ କରିପାରିଛି। ତେଣୁ ଦେଶର ବିଭିନ୍ନ ଭାଗରେ ତାଙ୍କ ଶୈଳୀରେ ପାଠ ପଢାଇବା ପାଇଁ ଏବେ ଅନେକ ଯୋଜନା ବି ଆରମ୍ଭ କରିବାକୁ ଲାଗିଲେଣି। ସ୍କୁଲରୁ ବାହାରି ଆସିଥିବା କିମ୍ବା ପାଠ ପଢ଼ିବା ପାଇଁ ସୁଯୋଗ ପାଉ ନ ଥିବା ଗରିବ ପିଲାମାନଙ୍କୁ ହିଁ ସୁନିତା ପାଠ ପଢାଇଥାନ୍ତି। ସହଜ ଏବଂ ସରଳ ଭାଷାରେ ସ୍ୱତନ୍ତ୍ର ଶୈଳୀରେ ସେ ପିଲାଙ୍କୁ ପଢାଇଥାନ୍ତି। ପିଲାଙ୍କୁ ଅଧିକ ପଢାଇବା ବଦଳରେ ପିଲାମାନେ କ'ଣ ସବୁ ଜାଣିଥାନ୍ତି ସେସବୁ କହିବା ଉପରେ ଅଧିକ ଗୁରୁତ୍ୱ ଦେଇଥାନ୍ତି ସେ। ଏଭଳି ଅନେକ ଶୈଳୀରେ ପାଠ ପଢାଇବା ପାଇଁ ସେ ଏବେ ଏକ ଟିମ୍ ତିଆରି କରିଛନ୍ତି। ଏଥିରେ ପ୍ରାୟତଃ ଅଧିକାଂଶ ସ୍ୱେଚ୍ଛାରେ ଆସି ଯୋଗ ଦେଇ ପିଲାଙ୍କୁ ପାଠ ପଢାଉଛନ୍ତି ବୋଲି ସେ କହିଛନ୍ତି। ତେବେ ଥରକେ ଗୋଟିଏ ଗ୍ରୁପ ପିଲାଙ୍କୁ ସେ ମାତ୍ର ୧୫ ମିନିଟ୍ ହିଁ ପଢାଇଥାନ୍ତି। କେବଳ ସାକ୍ଷର ହେବା ନିମନ୍ତେ ସେ ତାଙ୍କର ଏକ ସିଲାବସ୍ ବି ତିଆରି କରିଛନ୍ତି। ଏଥିରେ ୩୦ଟି ବିଷୟ ଏବଂ ୬୦ଟି ଛୋଟ ଛୋଟ ଭିଡିଓ, ଅକ୍ଷର ଶିକ୍ଷା ଆଦି କିଛି ନିହାତି ଜାଣିବା ବିଷୟକୁ ସେ ସ୍ଥାନ ଦେଇଛନ୍ତି।



# ସ୍ୱପ୍ନକୁ କରିହେବ ହ୍ୟାକ୍

**ୱାଶିଂଟନ:** ସ୍ୱପ୍ନ ମଣିଷର ନିୟନ୍ତ୍ରଣ ବାହାରେ ରହିଥାଏ। ତେବେ ଏହାକୁ ନିୟନ୍ତ୍ରଣ କରିବା ଏବେ ସମ୍ଭବ ହେବ। ମଣିଷ ନିଜ ପସନ୍ଦ ଅନୁସାରେ ଏବେ ସ୍ୱପ୍ନ ଦେଖି ପାରିବ। ଏନେଇ ଏକ ଡିଭାଇସ ପ୍ରସ୍ତୁତ କରାଯାଉଛି। ଏହାର ବ୍ୟବହାର ଦ୍ୱାରା ମଣିଷର ସ୍ୱପ୍ନକୁ ହ୍ୟାକ କରାଯାଇପାରିବ। ଆମେରିକାର ମାସାଚ୍ୟୁସେଟସ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜିର ଗବେଷକ ଏନେଇ ଏକ ନିୟନ୍ତ୍ରକ ଡିଭାଇସ ପ୍ରସ୍ତୁତ କରୁଛନ୍ତି। ଇନଷ୍ଟିଚ୍ୟୁଟର ଡ୍ରିମ ଲାବ୍ରେ ଏନେଇ ପରୀକ୍ଷା ନିରୀକ୍ଷା ଜାରି ରହିଛି। ଏନେଇ ଗବେଷକ ଏଡମ ହୋରୋୱିଜ କହିଛନ୍ତି ଯେ, ମଣିଷ ଜୀବନର ବହୁ ସମୟ ଶୋଇଥିବା ସମୟରେ କେବଳ ସ୍ୱପ୍ନ ଦେଖାରେ ବିତିଥାଏ। ଭଲ ସ୍ୱପ୍ନ ଦେଖିଲେ ମନରେ ଆନନ୍ଦିତ ହୋଇଥାଏ। ତେବେ ଖରାପ ସ୍ୱପ୍ନ ଦେଖିଲେ ମନ ଭାରାକ୍ରାନ୍ତ ହୋଇପଡ଼େ। କିନ୍ତୁ ତିଆରି ହେଉଥିବା ଡୋରିମୋ ଡିଭାଇସ ଦ୍ୱାରା ଅବଚେତନ ଅବସ୍ଥାରେ ମଣିଷର ମସ୍ତିଷ୍କକୁ ନିୟନ୍ତ୍ରଣ କରାଯାଇ ମନରେ ଆନନ୍ଦ ସୃଷ୍ଟି କରୁଥିବା ସ୍ୱପ୍ନ ଦେଖାଯାଇ ପାରିବ। ଏହା ଦ୍ୱାରା ମଣିଷ ମସ୍ତିଷ୍କର କ୍ଷମତା ମଧ୍ୟ ବୃଦ୍ଧି ପାଇ ପାରିବ ବୋଲି ସେ କହିଛନ୍ତି। ଏଥିପାଇଁ ହାତ ଆଙ୍ଗୁଠିରେ ଡୋରିମୋ ଡିଭାଇସ୍କୁ ପିନ୍ଧିବାକୁ ପଡ଼ିବ ବୋଲି ସେ କହିଛନ୍ତି। ମଣିଷ ଚେତନ ଏବଂ ଅବଚେତନ ଅବସ୍ଥାରେ ପ୍ରାୟତଃ ସ୍ୱପ୍ନ ଦେଖିଥାଏ। ଏହି ଅବସ୍ଥାକୁ ଚିକିତ୍ସା ବିଜ୍ଞାନରେ ହାଇପ୍ନୋଗୋଗିଆ କୁହାଯାଇଥାଏ। ଏବେ ୫୦ରୁ ଅଧିକ ଲୋକଙ୍କ ଉପରେ ଗବେଷଣା କରାଯାଇଥିବା ସେ କହିଛନ୍ତି। ମୋଣ୍ଟ୍ରିୟଲ ବିଶ୍ୱବିଦ୍ୟାଳୟର ମନୋସ୍ତତ୍ତ୍ୱ ପ୍ରଫେସର ଟୋର ନେଲସନ କହିଛନ୍ତି ଯେ, ଏହା ଏକ ଉପଯୋଗୀ ଡିଭାଇସ। ଏହାଦ୍ୱାରା ମଣିଷ ସ୍ୱପ୍ନରେ ଉଡ଼ି ପାରିବ, ନାଚି ପାରିବ, ନିଜ ପସନ୍ଦର ଗୀତ ଗାଇ ପାରିବ, ମନ ପସନ୍ଦର ସ୍ଥାନରେ ବୁଲି ମଧ୍ୟ ପାରିବ। ଏହାଦ୍ୱାରା ସ୍ୱପ୍ନରେ ମନ ପସନ୍ଦର ସାଥୀଙ୍କ ସହିତ ଶାରିରୀକ ସମ୍ପର୍କ ମଧ୍ୟ ରଖିହେବ। ଫଳରେ ସ୍ୱପ୍ନ ଏକ ଫିଲ୍ମ ଭଳି ହୋଇପାରିବ ବୋଲି ସେ କହିଛନ୍ତି।



# ଦିନକୁ ଖାଉଥିଲେ ୧୧୫ ସିଙ୍ଗଡ଼ା



**ଲଣ୍ଡନ:** ମେଦ ବହୁଳତା ପାଇଁ ଚର୍ଚ୍ଚାରେ ଥିଲେ ବ୍ରିଟେନରେ ରହୁଥିବା ୫୨ ବର୍ଷୀୟ ବୋରି ଆଷ୍ଟିନ। ସେ ବ୍ରିଟେନର ସବୁଠାରୁ ମୋଟା ମଣିଷ ଆଖ୍ୟା ପାଇଥିଲେ। ମାତ୍ର ନିକଟରେ ତାଙ୍କର ମୃତ୍ୟୁ ଘଟିଛି। ଏ ନେଇ ବୋରିଙ୍କ ଝିଅ ସୋସିଆଲ ମିଡିଆ ମାଧ୍ୟମରେ ଏହି ସୂଚନା ଦେଇଛନ୍ତି। ବୋରି ଖାଇବାର ବହୁତ ସୌଖୀନ ଥିଲେ। ଭାରତୀୟ ଖାଦ୍ୟ ତାଙ୍କର ବହୁତ ପସନ୍ଦ ଥିଲା। ଖାଇ ଖାଇ ମରିବାକୁ ସେ ନିଷ୍ପତ୍ତି ନେଇଥିଲେ। ଓଜର ବୃଦ୍ଧି ସତ୍ତ୍ୱେ ମଧ୍ୟ ସେ ଖାଇବା କମ କରି ନ ଥିଲେ। ମୃତ୍ୟୁ ପୂର୍ବରୁ ତାଙ୍କର ଓଜନ ୪୧୨ କେଜି ଥିଲା। ବିଗତ କିଛି ଦିନ ହେବ ସେ ନିଃଶ୍ୱାସପ୍ରଶ୍ୱାସ ନେବାରେ ଅସୁବିଧା ଅନୁଭବ କରୁଥିଲେ। ସମୟ ଥିଲା ବୋରି ଦିନକୁ ୧୧୫ଟି ସିଙ୍ଗଡ଼ା ସାଙ୍ଗକୁ ୧୨ ଲିଟର କୋଲ୍ଡ ଡ୍ରିଙ୍କସ ପିଉଥିଲେ। ଗୋଟିଏ ରାତିରେ ସେ ୨୦ ବିୟର ବୋତଲ ଖାଲି କରିଦେଉଥିଲେ। ବୋରି ପେସାରେ ଜଣେ କ୍ୟାବ ଡ୍ରାଇଭର ଥିଲେ। ୨୦୧୨ରେ ବୋରି ନିଜର ପ୍ରେମିକାଙ୍କୁ ବିବାହ କରିବା ପାଇଁ ନିଜର ୧୨୭ କେଜି ଓଜନ କମ କରିଥିଲେ। ମେଦବହୁଳତା ଯୋଗୁ ତାଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି।

# 'ସୁନ୍ଦର ସଇତାନ'ଙ୍କ ଟାଟୁ ନିଶା

**ଆର୍ଜେଣ୍ଟିନା:** ପ୍ରତ୍ୟେକ ମଣିଷର ଭିନ୍ନ ଭିନ୍ନ ସଉକ ରହିଥାଏ। ହେଲେ ଆଉ କେତେଜଣଙ୍କ ଠାରେ ଦେଖିବାକୁ ମିଳିଥାଏ ଅଜବ ସଉକ। ଆଉ ଏହା ପୂରଣ ପାଇଁ ଏମାନେ କିଛି ବି କରିପାରନ୍ତି। ଏଭଳି ଜଣେ ବ୍ୟକ୍ତି ହେଲେ ଆର୍ଜେଣ୍ଟିନାର ପେରାଲ୍‌ଟା ରୋଡ୍ରିଗଜ୍। ତାଙ୍କ ସଉକ ହେଲା ଦେହରେ ଟାଟୁ କରାଇବା। ତାଙ୍କ ଶରୀରର ଏଭଳି କୌଣସି ଅଙ୍ଗ ନାହିଁ, ଯେଉଁଠାରେ ସେ ଟାଟୁ କରିନାହାନ୍ତି। ହେଲେ ପରିସ୍ଥିତି ଏପରି ହୋଇଛି ଯେ, ତାଙ୍କୁ ଘର ଲୋକେ ମଧ୍ୟ ଚିହ୍ନିପାରୁ ନାହାନ୍ତି। ଅନ୍ୟଠାରୁ ଅଲଗା ଦେଖାଯିବାର ତାଙ୍କର ନିଶା ତାଙ୍କୁ ଏଭଳି କରିଦେଇଛି। ପେରାଲ୍‌ଟା ନିଜକୁ ଜଣେ 'ସୁନ୍ଦର ସଇତାନ' କହିବାକୁ ପସନ୍ଦ କରନ୍ତି। ଏହା ମଧ୍ୟରେ ସେ ୮୦ରୁ ଊର୍ଦ୍ଧ୍ୱ କଳାକାରଙ୍କଠାରୁ ନିଜ ଦେହରେ ଟାଟୁ କରାଇ ସାରିଛନ୍ତି। ମୁଣ୍ଡଠାରୁ ଗୋଡ଼ ପର୍ଯ୍ୟନ୍ତ ସେ ଅନେକ ଭୟଙ୍କର ଟାଟୁ ଖୋଦେଇଛନ୍ତି। ତଥାପି ଶରୀରରେ ଆହୁରି ଟାଟୁ କରାଇବାର ତାଙ୍କର ନିଶା ବଢ଼ିବାରେ ଲାଗିଛି। ପେରାଲ୍‌ଟା ନିଜେ ୨୬ ବର୍ଷ ପର୍ଯ୍ୟନ୍ତ ଟାଟୁ ଆର୍ଟିଷ୍ଟ ଥିଲେ। ୨୦୦୯ରେ ସେ ପ୍ରଥମେ ନିଜ ଦେହରେ ଟାଟୁ କରାଇଥିଲେ ଏବଂ ଜିଭକୁ କାଟି ମଧ୍ୟ ଦୁଇ ଭାଗ କରିଥିଲେ। ତେବେ ଧାର୍ମିକ ବ୍ୟକ୍ତିଙ୍କଠାରେ ତାଙ୍କର କୌଣସି ଆଗ୍ରହ ନ ଥିବା ପେରାଲ୍‌ଟା କୁହନ୍ତି।



# ପଞ୍ଚମ ଦା' ନାଁ ପଛର କାହାଣୀ

**ମୁମ୍ବାଇ:** ୭୦ ଦଶକରେ ସମସ୍ତଙ୍କୁ ମତୁଆଲା କରି ରଖିଥିଲେ ବଲିଉଡ ସଙ୍ଗୀତ ନିର୍ଦ୍ଦେଶକ ଆରଡି ବର୍ମନ। ପଞ୍ଚମ ଦା' ନାମରେ ସେ ବେଶ ପ୍ରସିଦ୍ଧି ହାସଲ କରିଥିଲେ। ଏପରି ନାଁ ପଛରେ ରହିଛି ଅନେକ କାହାଣୀ। ଛୋଟ ଥିବାବେଳେ ଆରଡି ବର୍ମନ ସେ ପଞ୍ଚମ ନୋଟରେ କାନ୍ଦୁଥିଲେ, ଏହି କାରଣରୁ ତାଙ୍କ ନାମ ପଞ୍ଚମ ଦିଆଯାଇଥିଲା। ଏହା ବ୍ୟତୀତ ଅଶୋକ କୁମାରଙ୍କ ସହିତ ଆରଡିଙ୍କ ଏକ କାହାଣୀ ରହିଛି। ଅଶୋକ କୁମାର ପ୍ରଥମ ଥର ପାଇଁ ଆରଡି ବର୍ମନଙ୍କୁ ଭେଟିଥିବାବେଳେ ସେ ଦେଖିଲେ ଯେ ଆରଡି ବର୍ମନ ବାରମ୍ବାର ପା ଉଚ୍ଚାରଣ କରୁଛନ୍ତି। ସେଥିପାଇଁ ଦାଦା ମୁନି ଅଶୋକ କୁମାର ତାଙ୍କ ନାମ ପଞ୍ଚମ ଦେଇଥିଲେ। ସେ ତିସ୍ରୀ ମଞ୍ଜିଲ, ଅମର ପ୍ରେମ, ଅନ୍ଧୀ, ପରିଚୟ, ମାସୁମ, ଶୋଲେ, ଖେଲ ଖେଲ ମେଁ, ଆପ କି କସମ, କିନାରା ଏବଂ ୧୯୪୨ ଏ ଲଭ ଷ୍ଟୋରୀ ପରି ଫିଲ୍ମରେ ସଫଳ ସଙ୍ଗୀତ ପ୍ରଦାନ କରିଥିଲେ। ପଞ୍ଚମ ଦା'ଙ୍କର ୧୯୯୪ ଜାନୁଆରୀ ୪ରେ ମୃତ୍ୟୁ ହୋଇଥିଲା।

# ସିରିଏଲ କିଲର ନର୍ସ

ଜଣେ କି ଦୁଇ ଜଣ ନୁହଁନ୍ତି ଶହଶହ ରୋଗୀଙ୍କୁ ହସ୍ପିଟାଲରେ ବିଷ ଇଞ୍ଜେକ୍ସନ ଦେଇ ମାରିଛନ୍ତି ଜଣେ ନର୍ସ। ଜର୍ମାନୀର ନିଲ୍ସ ହୋଏଗ୍ଲ ନାମକ ଜଣେ ପୁରୁଷ ନର୍ସ ୧୦୦ ରୋଗୀଙ୍କୁ ମାରିଛନ୍ତି। ଏବେ ନିଲ୍ସ ଆଜୀବନ ଜେଲ୍‌ଦଣ୍ଡ ଭୋଗୁଛନ୍ତି। ୧୯୯୯ରୁ ୨୦୦୫ ମଧ୍ୟରେ ଜର୍ମାନୀର ଦୁଇ ସହରରେ ନିଲ୍ସଙ୍କ ଉପରେ ୧୦୦ ରୋଗୀଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ହସ୍ପିଟାଲ ମଧ୍ୟରେ ବିଷ ଇଞ୍ଜେକ୍ସନ ଦେଇ ସେ ରୋଗୀଙ୍କୁ ମାରିଥାନ୍ତି। ଏହା ଯେମିତି ତାଙ୍କ ନିଶାରେ ପରିଣତ ହୋଇଥିଲା। ପ୍ରତିଦିନ ରୋଗୀଙ୍କ ନିକଟକୁ ସେବା କରିବାକୁ ଆସି ସେ ବିଷ ଇଞ୍ଜେକ୍ସନ ଦେଇଥାନ୍ତି।


## ମନେ ପଡ଼ନ୍ତି

### ୧୩ତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ରତ୍ନପ୍ରଭା ଧଳ
ସ୍ୱାମୀ– ସୁଧାକର ଧଳ
ଜଗନ୍ନାଥରୋଡ୍, ଢେଙ୍କାନାଳ
ତୁମ ଅମର ଆତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
–:ଶୋକସନ୍ତପ୍ତ:–
ଭାଇ, ଭାଉଜ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ ।
ଧ-୭୦୩୦୪

### ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ବାସନ୍ତୀ ମହାପାତ୍ର
(ପୂର୍ବତନ ସହକାରୀ ଶିକ୍ଷୟିତ୍ରୀ, ପୁରୀ ଜିଲ୍ଲା ସ୍କୁଲ)
ହରଚଣ୍ଡୀ ସାହି, ଢ଼ିପଯାଗା ନିକଟ
ତିରୋଧାନ: ୨୫।୧୨।୨୦
ଆପଣଙ୍କ ପୂଣ୍ୟକର୍ମ ଓ କର୍ତ୍ତବ୍ୟପରାୟଣତା ଆମପାଇଁ ପ୍ରେରଣାର ଉତ୍ସ। ଆପଣଙ୍କ ଆତ୍ମାର ସଦ୍‌ଗତି ପାଇଁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଆପଣଙ୍କ ଅନାବିଳ ସ୍ନେହରୁ ବଞ୍ଚିତ ପରିବାରବର୍ଗ।
ଧ-୬୮୮୫୧

### ପଞ୍ଚଦଶ ଶ୍ରାଦ୍ଧବାର୍ଷିକ



ସ୍ୱର୍ଗତ ଆଶୁତୋଷ ପ୍ରଧାନ
ଅଳଗୁମ, ପୁରୀ
ଆବିର୍ଭାବ: ୨୫।୧୨।୧୯୭୨
ତିରୋଧାନ: ୦୫।୦୧।୨୦୦୬
ତୋ ଆତ୍ମା ଚିରଶାନ୍ତି ଲାଭକରୁ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା।
–:ଶୋକସନ୍ତପ୍ତ:–
ବାପା, ବୋଉ, ମାମୁ, ମାଈଁ, ଅପା, ପିଉସା, ମଉସା, ମାଉସୀ, ଭାଇ, ଭଉଣୀ, ସାଙ୍ଗ, ବନ୍ଧୁ ଓ ପରିବାରବର୍ଗ।
ଧ-୧୯୪୧୦

### ତୃତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ସୁବାସିନୀ ସ୍ୱାଇଁ
ସ୍ୱାମୀ– ଦିଲୀପ୍ କୁମାର ସ୍ୱାଇଁ
N5/287, ଆଇ.ଆର୍.ସି. ଭିଲେଜ୍, ଭୁବନେଶ୍ୱର
ଆବିର୍ଭାବ: ତା.୧୦।୦୪।୧୯୭୬
ତିରୋଧାନ: ତା.୦୯।୧୨।୨୦୧୭
ଏହା ଭିତରେ ୩ବର୍ଷ ଅତୀତ। ତୁମ ସ୍ମୃତି ଆମପାଇଁ ଜୀବନ୍ତ, ତୁମ ଦ୍ୱାରା ଲବ୍ଧ ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ, ଭଲପାଇବା ସର୍ବଦା ଆମ ପରିବାର ପାଇଁ ପ୍ରେରଣାର ଉତ୍ସହୋଇ ରହିଥାଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
–:ଶୋକସନ୍ତପ୍ତ:–
ଶାଶୁ, ଶ୍ୱଶୁର, ବାପା, ମାଆ, ସ୍ୱାମୀ, ପୁଅ, ଦିଅର, ଯାଆ, ପୁତୁରା, ଭାଇ, ଭାଉଜ, ଭଣଜା, ଭାଣିଜୀ, ନଣନ୍ଦ ଓ ନଣନ୍ଦେଇବର୍ଗ ।
ଧ-୧୯୪୫୮

### ଅଷ୍ଟମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ନୀଳିମା ଜେନା
ଆବିର୍ଭାବ: ୦୪।୦୨।୧୯୬୯
ସ୍ୱର୍ଗାରୋହଣ: ୦୪।୦୧।୨୦୧୩
(ପୌଷମାସ କୃଷ୍ଣପକ୍ଷ ସପ୍ତମୀ)
ଆମମାନଙ୍କ ପ୍ରତି ତୁମର ସ୍ନେହ ତଥା ଅବଦାନ ଚିରସ୍ମରଣୀୟ । ସବୁବେଳେ ମନେ ପଡୁଛ ଏବଂ ଜୀବନ ସାରା ମନେ ପଡୁଥିବ।
ଧ-୧୯୪୬୪



## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**FINANCE**
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894677450

**ତାନ୍ତ୍ରିକ ଶକ୍ତିର ବାଦ୍‌ଶାହା**
ବାବା ମୟୁର ସାହା
ସ୍ୱତନ୍ତ୍ର ବଶୀକରଣ, ବ୍ୟବସାୟ, ପ୍ରେମ ବିବାହ, ସ୍ୱାମୀ-ସ୍ତ୍ରୀ ସମସ୍ୟା, ଶତ୍ରୁ ସମସ୍ୟା, ସ୍ୱପ୍ନରେ ଝଲିବା ଇତ୍ୟାଦି ପାଇଁ ସମସ୍ତ ସ୍ଥାନରୁ ନିରାଶରେ ଫେରିଥିଲେ ଥରେ ମାତ୍ର ସାକ୍ଷାତ କରନ୍ତୁ । ସମସ୍ତ ପ୍ରକାର ସମସ୍ୟାରୁ ମୁକ୍ତିପାଇଁ ୧୦୦% ଫଳ ମିଳିବ ।
SAHEED NAGAR, RUPALI SQUARE, BHUBANESWAR
Ph.: 8144114249

**GALLERY TOWER COMPANY**
ଦ୍ୱାରା ନିଜର ଖାଲି ଜମି / ଛାତ / କ୍ଷେତ / ପ୍ଲଟ୍‌ରେ 4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ
ଅଗ୍ରିମ 60000 + ଭଡ଼ା 45000
9485687401
8901064681

**NEW YEAR DHAMAKA**
**DHANLAXMI FINANCE**
(Reg. No. Reg.No.U65910CT1970)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୮୨ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848538

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ସୌନ୍ଦର୍ଯ୍ୟ

# ତ୍ୱଚା ପାଇଁ ବରଦାନ ଗ୍ଲିସେରିନ୍

ସୁନ୍ଦର ଏବଂ ମୁଲାୟମ ତ୍ୱଚା ସର୍ବଦା ଆକର୍ଷଣୀୟ ଲାଗିଥାଏ। ଆଉ ନିଜ ତ୍ୱଚାକୁ ଏପରି କରିବା ଲାଗି ଅନେକେ ବିଭିନ୍ନ ପ୍ରକାର ସୌନ୍ଦର୍ଯ୍ୟ ପ୍ରସାଧନ ବି ବ୍ୟବହାର କରନ୍ତି। ହେଲେ ଆପଣ ଚାହିଁଲେ ଗ୍ଲିସେରିନ୍ ବ୍ୟବହାର କରି ଏପରି ତ୍ୱଚା ପାଇପାରିବେ...

▶ଶୀତଦିନେ ତ୍ୱଚା ରୁକ୍ଷ ହୋଇଯିବା ଅଧିକାଂଶଙ୍କ ପାଇଁ ଏକ ବଡ଼ ସମସ୍ୟା। ଏମିତିରେ ଗ୍ଲିସେରିନ୍ ବ୍ୟବହାର ସବୁଠୁ ଭଲ। ଏହାକୁ ମଶ୍ଚରାଇଜର ଭାବେ ବ୍ୟବହାର କଲେ ତ୍ୱଚା ନରମ ଏବଂ ଚିକଣ ରହିଥାଏ। ଏଥିପାଇଁ ୧୦୦ମିଲି. ଗ୍ଲିସେରିନ୍ ସହିତ ୩-୪ଟି ଲେମ୍ବୁ ରସ, ୧୦୦ ମିଲି. ଗୋଲାପ ଜଳ ମିଶାଇ ମଶ୍ଚରାଇଜର ପ୍ରସ୍ତୁତ କରନ୍ତୁ। ଗାଧୋଇ ସାରିବା ପରେ ଏବଂ ଶୋଇବା ପୂର୍ବରୁ ଏହାକୁ ଲଗାନ୍ତୁ, ତ୍ୱଚାର ରୁକ୍ଷପଣ ଦୂର ହୋଇଯିବ।

▶ପରିବର୍ତ୍ତିତ ଜୀବନଶୈଳୀ ଲାଗି ଅନେକଙ୍କଠାରେ ଆଖିତଳେ କଳା ଦାଗ ଦେଖିବାକୁ ମିଳୁଛି। ଆପଣ ବି ଯଦି ଏହି ସମସ୍ୟା ପାଇଁ ଚିନ୍ତିତ ତେବେ ତୁଳା ସାହାଯ୍ୟରେ ଗ୍ଲିସେରିନ୍ ନେଇ ଆଖି ଚାରିପଟେ ଲଗାନ୍ତୁ। କିଛିଦିନ ଏପରି କଲେ ଆପଣଙ୍କ କଳାଦାଗ ସମସ୍ୟା ଦୂର ହୋଇଯିବ।

▶ଶୀତଦିନେ ଓଠ ଫାଟିବା ସମସ୍ୟା ପ୍ରାୟ ଅନେକଙ୍କ ପାଇଁ ଚିନ୍ତାର କାରଣ ସାଜିଥାଏ। ଏମିତିରେ ଗ୍ଲିସେରିନ୍ ବ୍ୟବହାର କରିବା ବେଶ୍ ଲାଭଦାୟକ। ଏହା ଓଠକୁ ମଶ୍ଚରାଇଜ୍ କରି ରଖିବା ସହ ଗୋଲାପି ମଧ୍ୟ କରିଥାଏ। ତେବେ ରାତିରେ ଶୋଇବା ପୂର୍ବରୁ ଅଳ୍ପ କ୍ଷୀର ସରରେ ଗ୍ଲିସେରିନ୍ ମିଶାଇ ଲଗାଇଲେ ଭଲ।

▶ଡ୍ରାଏ କେଶ ହୋଇଗଲେ ଏହାକୁ ପୁନର୍ବାର ନର୍ମାଲ କରିବା ଲାଗି ଗ୍ଲିସେରିନ୍ ବ୍ୟବହାର କରିପାରିବେ। ଆଲୋଭେରା ଜେଲ୍‌ରେ ଗ୍ଲିସେରିନ୍ ମିଶାଇ କେଶ ମୂଳରୁ ଅଗ୍ର ଭାବ ପର୍ଯ୍ୟନ୍ତ ଭଲ ଭାବେ ଲଗାନ୍ତୁ। ୩୦ମିନିଟ୍ ପରେ ଅଳ୍ପ ଉଷୁମ ପାଣିରେ କେଶ ଧୋଇ ଦିଅନ୍ତୁ। ସପ୍ତାହକୁ ଥରେ ଲେଖାଏ ଏପରି କଲେ କେଶ ମଜଭୁତ୍ ହେବା ସହ ଚମକପ୍ରଦ ମଧ୍ୟ ହୋଇଥାଏ।




# ମୋଟା ହେବା ଲାଗି

ସ୍ଲିମ୍ ଫିଗର ସର୍ବଦା ଆକର୍ଷଣୀୟ ଲାଗିଥାଏ। ହେଲେ ଆବଶ୍ୟକରୁ ଅଧିକ ପତଳା ହେବା ବି ବ୍ୟକ୍ତିତ୍ୱରେ ଆଞ୍ଚ ଆଣିଥାଏ। ତେଣୁ ଏଭଳି ଫିଗର ଥିବା ମହିଳା ଅଳ୍ପ ମୋଟା ହୋଇ ନିଜ ଫିଗର ସୁନ୍ଦର କରିବା ଆଳରେ ବିଭିନ୍ନ ଔଷଧ ଖାଇବା ସହ କେହି କେହି ଏହାର ପାର୍ଶ୍ୱପ୍ରତିକ୍ରିୟାର ଶିକାର ମଧ୍ୟ ହେଉଥିବା ଦେଖିବାକୁ ମିଳୁଛି। ତେଣୁ ପ୍ରାକୃତିକ ଉପାୟରେ ଓଜନ ବୃଦ୍ଧି ଲାଗି ଜାଣି ରଖନ୍ତୁ ଟିପ୍ସ..

➔ସର୍ବପ୍ରଥମେ ସବୁପ୍ରକାର ପୌଷ୍ଟିକ ଖାଦ୍ୟ ଖାଆନ୍ତୁ। ଖାଦ୍ୟରେ କ୍ୟାଲୋରୀ ମାତ୍ରା ବଢ଼ାନ୍ତୁ। ପ୍ରୋଟିନ୍ ଯୁକ୍ତ ଖାଦ୍ୟ ଯେତେ ଅଧିକ ଗ୍ରହଣ କରିବେ ସେତେ ଶୀଘ୍ର ଲାଭ ପାଇବେ।

➔ଶସ୍ୟଜାତୀୟ ଖାଦ୍ୟ, ଫଳ, ପନିପରିବା ଆଦିରେ ପର୍ଯ୍ୟାପ୍ତ ପରିମାଣରେ କାର୍ବୋହାଇଡ୍ରେଟ୍ ରହିଛି। ତେଣୁ ଏହାକୁ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କଲେ ଓଜନ ବଢ଼ିବାରେ ସାହାଯ୍ୟ କରିବ।

➔ଫଳ ମଧ୍ୟରେ ଓଜନ ବଢ଼ାଇବା ଲାଗି କଦଳୀ ସବୁଠୁ ଭଲ। ପ୍ରତିଦିନ ଦୁଇଟି ପାଚିଲା କଦଳୀ ଖାଆନ୍ତୁ। ନ ହେଲେ ସକାଳୁ ଏହାର ସେକ୍ ପିଇପାରିବେ। କ୍ଷୀର କଦଳୀ ଚକଟି ଖାଇବା ବି ଲାଭଦାୟକ।

➔ପନୀରର ବିଭିନ୍ନ ଆଇଟମ୍ ଖାଆନ୍ତୁ। ସେହିପରି ଆମିଷ ଖାଇବା ବି ଓଜନ ବଢାଇବାରେ ସାହାଯ୍ୟ କରିଥାଏ।


➔ସକାଳ ଜଳଖିଆରେ ବ୍ରେଡ୍ ସହ ୨ଟି ସିଝା ଅଣ୍ଡା କିମ୍ବା ଅମ୍ଲେଟ୍ ଖାଆନ୍ତୁ। ଏହା ଖୁବ୍ ଶୀଘ୍ର ଆପଣଙ୍କ ସ୍ୱାସ୍ଥ୍ୟରେ ପରିବର୍ତ୍ତନ ଆଣିବାରେ ସାହାଯ୍ୟ କରିବ।

➔ଖାଦ୍ୟ ତାଲିକାରେ ବଟରକୁ ସାମିଲ କରନ୍ତୁ। ବିଶେଷ କରି ପିନଟ୍ ବଟରରେ ଥିବା ମୋନୋସାଚୁରେଟେଡ୍ ଫ୍ୟାଟ୍ ଆପଣଙ୍କ ଓଜନ ଶୀଘ୍ର ବଢାଇବ।

➔ମନେରଖନ୍ତୁ ମୋଟା ହେବା ଆଳରେ ଅଧିକ ତେଲ ମସଲାଯୁକ୍ତ ଖାଦ୍ୟ, ଫାଷ୍ଟଫୁଡ୍, ଫୁଡ୍ ସପ୍ଲିମେଣ୍ଟ, ପ୍ରୋଟିନ୍ ପାଉଡର ଆଦି ଗ୍ରହଣ କରିବା ଠିକ୍ ନୁହେଁ। କାରଣ ଏହା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିଥାଏ। ତେଣୁ ସୁଷମ ଆହାର ଗ୍ରହଣ କରନ୍ତୁ। ଓଜନ ବଢୁଛି କି ନାହିଁ ଜାଣିବା ଲାଗି ମାସକୁ ଥରେ ମାପିବାକୁ ଭୁଲନ୍ତୁ ନାହିଁ। ନଚେତ୍ ଆବଶ୍ୟକରୁ ଅଧିକ ମୋଟା ହେବା ଦ୍ୱାରା ବି ଅସୁବିଧା ହୋଇପାରେ।



# ଆମେ ବି ସକ୍ଷମ



ଦୃଢ଼ ଇଚ୍ଛାଶକ୍ତି, ମନରେ ଅଦମ୍ୟ ସାହସ ଏବଂ ସ୍ୱାବଲମ୍ବୀ ହେବାର ଆଗ୍ରହ ଥିଲେ ଜଣେ ନାରୀ ପାଇଁ କୌଣସି କାର୍ଯ୍ୟ ଅସମ୍ଭବ ନୁହେଁ, ଏକଥାକୁ ପ୍ରମାଣିତ କରି ଦେଖାଇଛନ୍ତି ଏମାନେ। କେତେକ କାର୍ଯ୍ୟ କେବଳ ପୁରୁଷଙ୍କର- ସମାଜରେ ଦୀର୍ଘ ଦିନରୁ ରହିଥିବା ଏହି ଭ୍ରାନ୍ତ ଧାରଣାକୁ ଦୂର କରିବାରେ ସକ୍ଷମ ହୋଇଥିବା କେତେଜଣ ମହିଳା ଅଟୋ ଚାଳକଙ୍କ ସମ୍ପର୍କରେ ବିଶେଷ ଉପସ୍ଥାପନା...



ରସିଦା ବେଗମ୍

**ପାଲଟିଛନ୍ତି ପ୍ରେରଣାର ଉତ୍ସ:** ଯେତେବେଳେ ସନ୍ତାନ ପାଇଁ ଜଣେ ମା' କିଛି କରିବାକୁ ଆଗେଇ ଆସେ ତାକୁ କୌଣସି ବାଧାବିଘ୍ନ ଅଟକାଇ ପାରେନି। ଆଉ ଦୃଢ଼ ଇଚ୍ଛାଶକ୍ତି, ମନରେ ଅଦମ୍ୟ ସାହସ ଏବଂ ସ୍ୱାବଲମ୍ବୀ ହେବାର ଆଗ୍ରହ ଥିଲେ ଜଣେ ନାରୀ ପାଇଁ କୌଣସି କାର୍ଯ୍ୟ ଅସମ୍ଭବ ନୁହେଁ। ଜଣେ ମହିଳା ଅଟୋ ଚାଳକ ଭାବେ ଏହାର ଜ୍ୱଳନ୍ତ ଉଦାହରଣ ପାଲଟିଛନ୍ତି। ସେ ହେଲେ କେନ୍ଦୁଝର ଜିଲା ସଦର ବ୍ଲକ୍ ଅନ୍ତର୍ଗତ ହାଣ୍ଡିଭଙ୍ଗା ପଞ୍ଚାୟତ ଆମୁଣି ଗ୍ରାମର ସନ୍ତୋଷୀ ଦେଓ। ବିବାହ ପରେ ସ୍ୱାମୀଙ୍କ ସହ ଏକ ସୁନ୍ଦର ବୈବାହିକ ଜୀବନର ସ୍ୱପ୍ନ ସେ ବି ଦେଖିଥିଲେ। ହେଲେ ଶାଶୁଘର ଲୋକଙ୍କ ନିର୍ଯାତନା ଓ ସ୍ୱାମୀଙ୍କ ବିରୋଧ ତାଙ୍କ ସମସ୍ତ ଆଶାକୁ ଧୂଳିସାତ୍ କରିଦେଲା। ଏଣେ ମାତ୍ର ୪ ବର୍ଷର ଛୋଟ ଝିଅର ଭବିଷ୍ୟତ ଗଢ଼ିବାର ଚିନ୍ତା ଘାରୁଥିଲା। ଶେଷରେ ସେ ଶାଶୁ ଘର ଛାଡ଼ି ଝିଅକୁ ନେଇ ଅଲଗା ରହିବାର ନିଷ୍ପତ୍ତି ନେଇ ପରିବାର ଚଳାଇବା ଲାଗି ବୃତ୍ତି ଭାବେ ବାଛି ନେଲେ ଅଟୋ ଚାଳନାକୁ ଆଉ ସ୍ୱାବଲମ୍ବୀ ହେବାକୁ ଉଦ୍ୟମ କରୁଥିବା ମହିଳାଙ୍କ ଲାଗି ପାଲଟିଲେ ପ୍ରେରଣାର ଉତ୍ସ। ସେ କୁହନ୍ତି, ''ହତାଶ ହୋଇ ଘର ଚାରିକାନ୍ଥ ମଧ୍ୟରେ ଭାଗ୍ୟକୁ ନିନ୍ଦିବା ଅବା ଦୁଃଖ ଜଣାଇ କାହା ଆଗରେ ହାତ ପତାଇବା ପରିବର୍ତ୍ତେ ଝିଅର ଭବିଷ୍ୟତ ଚିନ୍ତା କରି ଅଟୋଚଳାଇ ରୋଜଗାର କରିବା ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା। ତେଣୁ ଲୋକଙ୍କ ସମାଲୋଚନାକୁ ଖାତିର ନ କରି ଅଟୋଚଳାଇ ସ୍ୱାବଲମ୍ବୀ ହୋଇପାରିଛି। ଧୀରେ ଧୀରେ ମୋ ବିଷୟରେ ଜାଣିବା ପରେ ଲୋକଙ୍କ ମନରେ ସ୍ନେହ ସଦ୍‌ଭାବ ବଢ଼ିଯାଇଛି। ବର୍ତ୍ତମାନ ଝିଅର ପାଠପଢ଼ାଠୁ ଆରମ୍ଭ କରି ଭୁବନେଶ୍ୱରରେ ଘର ଭଡ଼ା ନେଇ ରହିବା ସହ ଅନ୍ୟାନ୍ୟ ସମସ୍ତ ଖର୍ଚ୍ଚ ମୋ ଅଟୋ ରୋଜଗାରରୁ ତୁଲାଇ ପାରୁଥିବାରୁ ବେଶ୍ ଆତ୍ମସନ୍ତୋଷ ମିଳୁଛି।'' ଭୁବନେଶ୍ୱର ଭଳି ଜାଗାରେ ହଜାର ହଜାର ପୁରୁଷ ଅଟୋଚାଳକଙ୍କ ମଧ୍ୟରେ ଏକାକୀ ମହିଳା ଅଟୋଚାଳକ ଭାବେ କାର୍ଯ୍ୟ କରିବା ତାଙ୍କ ପକ୍ଷେ ଚ୍ୟାଲେଞ୍ଜିଂ ହୋଇଥିଲେ ହେଁ ସେ ସାହସର ସହ ଏହି କାର୍ଯ୍ୟ କରିଚାଲିଛନ୍ତି। ଏଥିପାଇଁ ଅନେକ ଅନୁଷ୍ଠାନ ପକ୍ଷରୁ ସେ ସମ୍ମାନିତ ମଧ୍ୟ ହୋଇଛନ୍ତି। ତେବେ ଅଟୋ ଡ୍ରାଇଭର ବ୍ୟତୀତ ସେ ଜଣେ ସମାଜସେବୀ ମଧ୍ୟ। କରୋନା ଲାଗି ଲକ୍‌ଡାଉନ୍ ଚାଲିଥିବା ସମୟରେ ସେ ନିଜ ସ୍ୱଳ୍ପ ସଞ୍ଚିତ ଅର୍ଥରୁ ଅନାହାର ଭୋଗୁଥିବା ଅସହାୟ ଲୋକଙ୍କୁ ନିଜେ ରାନ୍ଧିଥିବା ଖାଦ୍ୟ ସହ ପନିପରିବା ଇତ୍ୟାଦି ବଣ୍ଟନ କରି ନିଜ ଉଦାର ମାନସିକତାର ପ୍ରମାଣ ଦେଇଛନ୍ତି।



ସନ୍ତୋଷୀ ଦେଓ

**ରୋଷେଇ କରୁଥିବା ହାତରେ ଅଟୋ ଷ୍ଟିଅରିଂ:** ରୋଷ ଘରେ ଚୁଲି ଫୁଙ୍କୁଥିବା ହାତ ଏବେ ଅଟୋ ଷ୍ଟିଅରିଙ୍ଗ ଧରିଛି। ଘରେ ଲିପାପୋଛା, କଂସାବାସନ ମାଜୁଥିବା ହାତ ଏବେ ଜଟଣୀ ସହରର ଗହଳି ରାସ୍ତାରେ ଅଟୋ ଧରି ମାଡି ଚାଲିଛି। ଦିନେ ଘରର ଚାରିକାନ୍ଥ ଡେଇଁ ପଦାକୁ ଗୋଡ଼ କାଢ଼ି ନ ଥିଲେ ହେଁ, ୪ ମାସ ହେଲା ଅଟୋ ଚଳାଇ ନିଜ ରୋଜଗାରରେ ୫ ପ୍ରାଣୀ କୁଟୁମ୍ବ ପୋଷି ଏବେ ଅନ୍ୟଙ୍କ ଲାଗି ପ୍ରେରଣାର ଉତ୍ସ ପାଲଟିଥିବା ମହିଳା ଜଣକ ହେଉଛନ୍ତି ଖୋର୍ଦ୍ଧା ଜିଲା ଜଟଣୀ ପୌରାଞ୍ଚଳ ୭ ନମ୍ବର ୱାର୍ଡର ବାସିନ୍ଦା ରସିଦା ବେଗମ। ଲୋକଙ୍କ ସମାଲୋଚନାକୁ ଖାତିର ନ କରି ସେ ଅଟୋଚଳାଇ ସ୍ୱାବଲମ୍ବୀ ହୋଇପାରିଛନ୍ତି। କରୋନା ଲାଗି କାମଧନ୍ଦା ନ ଥିବା କହି ଘରେ ବସି ରହିଥିବା ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ସକାଳ ହେଲେ ଘରର ସମସ୍ତ କାମ ସାରି ଅଟୋ ଧରି ବାହାରି ପଡ଼ନ୍ତି। ଜଟଣୀଠାରୁ ଭୁବନେଶ୍ୱର, ନିମାପଡ଼ା ପର୍ଯ୍ୟନ୍ତ ସେ ଦୈନିକ ୬୦ରୁ ୭୦କିମି ଯାତ୍ରା କରିଥାନ୍ତି। ସେ କୁହନ୍ତି, ''ତାଙ୍କ ସ୍ୱାମୀ ଏକ ଅଟୋ ଫାଇନାନ୍ସରେ କିଣିଥିଲେ। ଗତ କିଛି ମାସ ତଳେ ତାଙ୍କୁ ପକ୍ଷଘାତ ରୋଗ ଆକ୍ରାନ୍ତ କରିଥିଲା। ପରେ ଆଖିକୁ ଦେଖାଯିବା ମଧ୍ୟ କମିଗଲା। ଘରେ ଦୁଇ ଝିଅ ଏବଂ ଗୋଟିଏ ପୁଅ। ଏପଟେ ସ୍ୱାମୀର ଚିକିତ୍ସା ଚିନ୍ତା, ସେପଟେ ପରିବାର କିପରି ଚଳାଇବା ଲାଗି ସେ ଭାଙ୍ଗିପଡ଼ିଥିଲେ। ଅଟୋକୁ ଭଡ଼ାରେ ଚଲାଇବା ଲାଗି ଜଣକୁ ଦେଇଥିଲେ। ତେବେ ସେଥିରୁ ତାଙ୍କର କିଛି ଲାଭ ହେବା ପରିବର୍ତ୍ତେ ଅଟୋର ମରାମତି ଖର୍ଚ୍ଚ ବଢ଼ିଯାଇଥିଲା। ଆର୍ଥିକ ଅଭାବ ଅନଟନ ଦୂର କରିବା ଲାଗି ସେ ନିଜେ ଅଟୋ ଚଳାଇବାକୁ ସ୍ଥିର କରିଥିଲେ। ସେ କୁହନ୍ତି, ପ୍ରଥମେ ଅଟୋ ଚଳାଇ ଯିବା ବେଳେ ଆଖପାଖ ଲୋକେ ମୋତେ ସମାଲୋଚନା କରିବା ଆରମ୍ଭ କରିଥିଲେ। ଏହାକୁ ଖାତିର ନ କରି ପରିବାର ଲାଗି ସବୁ ଦୁଃଖକଷ୍ଟ, ମନର କୋହକୁ ଭିତରେ ଚାପି ରଖି ବଢ଼ିଚାଲିଲି। ପ୍ରଥମେ ପ୍ରଥମେ ମୋତେ ଭାରି ଅଡୁଆ ଲାଗୁଥିଲା। ଏବେ ଏହା ମୋ ଜୀବନ ଜୀବିକା ପାଲଟିଯାଇଛି।

**କୌଣସି କାର୍ଯ୍ୟ ଅସମ୍ଭବ ନୁହେଁ:** ପରିବାରର ଦୁର୍ବଳ ଆର୍ଥିକ ସ୍ଥିତି ତାଙ୍କୁ ଚିନ୍ତିତ କରୁଥିଲା; ଯାହାକୁ ସୁଧାରିବା ଲାଗି ସ୍ୱାମୀଙ୍କୁ ସହଯୋଗ କରିବାର ଦୃଢ଼ ନିଷ୍ପତ୍ତି ନେଇ ସେ ରୋଜଗାର କରିବାକୁ ଅଣ୍ଟା ଭିଡ଼ିଲେ। ଆଉ ଏଥିରେ ଥିଲା ସ୍ୱାମୀ ଶଙ୍କର୍ଷଣ ପ୍ରଧାନଙ୍କ ସମ୍ପୂର୍ଣ୍ଣ ସହମତି। କେବଳ ଏତିକି ନୁହେଁ, ସ୍ୱାମୀ ନିଜେ ଗୁରୁ ସାଜି ତାଙ୍କୁ ଶିଖାଇଲେ ଅଟୋ ଡ୍ରାଇଭିଂ। ବାସ୍ ସେବେଠୁ ସମାଜର ଟାହି ଟାପରାକୁ ଖାତିର ନ କରି ସେ ଆଗକୁ ବଢ଼ି ଚାଲିଲେ ଆଉ ଅନ୍ୟ ମହିଳାଙ୍କ ପାଇଁ ପାଲଟିଲେ ଉଦାହରଣ। ସେ ହେଉଛନ୍ତି କେନ୍ଦୁଝର, ଝୁମ୍ପୁରାସ୍ଥିତ ନହବେଡ଼ା ଗ୍ରାମରେ ରହୁଥିବା କବିତା ପ୍ରଧାନ। ସେ ୪ ବର୍ଷ ହେବ ଏହି କାର୍ଯ୍ୟ କରି ଆସୁଛନ୍ତି। ସେ କୁହନ୍ତି, ''ପ୍ରତିଦିନ ଘର କାମ ସାରିବା ପରେ ପ୍ରାୟ ୨୦-୨୫ କିମି ଦୂର ପର୍ଯ୍ୟନ୍ତ ଡାଲା ଓଟୋରେ ମାଲ୍ ଲୋଡ୍ କରି ନେବାକୁ ପଡ଼େ। ଅନ୍ୟ ଦିନ ଅପେକ୍ଷା ବୁଧବାର ଦିନସାରା କାମ ଥାଏ। ସ୍ୱାମୀଙ୍କ ସପୋର୍ଟ ଏବଂ ଶାଶୁ ଶ୍ୱଶୁରଙ୍କର ସମ୍ପୂର୍ଣ୍ଣ ସମର୍ଥନ ମୋତେ ଏଦିଗରେ ଆଗେଇ ଯିବାରେ ସାହାଯ୍ୟ କଲା। ବିଶେଷକରି ଦୁଇ ଝିଅଙ୍କ ପାଠ ପଢ଼ା ଖର୍ଚ୍ଚ ସହ ପରିବାରର ସମସ୍ତ ସଦସ୍ୟଙ୍କ ଖର୍ଚ୍ଚ ଏବେ ବେଶ୍ ଆରାମରେ ଚଳାଇ ପାରୁଥିବାରୁ ବେଶ୍ ଖୁସି ଲାଗୁଛି।



କବିତା ପ୍ରଧାନ

**– ପୌର୍ଣ୍ଣମାସୀ**
ସହାୟତା– **ପ୍ରଭାତ ପାଣିଗ୍ରାହୀ**

ଖାଦ୍ୟ ରୁଚି

# ଚକୋଲେଟ୍ କପ୍ କେକ୍



**ଆବଶ୍ୟକ ସାମଗ୍ରୀ:** ୧/୩ କପ୍ ବଟର, ୧/୨ କପ୍ କଣ୍ଡେନ୍ସଡ଼ ମିଲ୍କ, ଏକ ଟେବୁଲ୍ ସ୍ପୁନ୍ ଚିନି, ୧/୨ ଟି ସ୍ପୁନ୍ ଭାନିଲା ଏସେନ୍ସ, ୧ କପ୍ ମଇଦା, ୩ ଟେବୁଲ୍ ସ୍ପୁନ୍ କୋକୋ ପାଉଡ଼ର, ୧ ଟି ସ୍ପୁନ୍ ବେକିଂ ପାଉଡ଼ର, ୧/୨ ଟି ସ୍ପୁନ୍ ବେକିଂ ସୋଡ଼ା, ଚିମୁଟାଏ ଲୁଣ, ୨ ଟେବୁଲ୍ ସ୍ପୁନ୍ ଚକୋ ଚିପ୍ସ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ ପାତ୍ରରେ ବଟର ନେଇ ସେଥିରେ ଚିନି ଏବଂ କଣ୍ଡେନ୍ସଡ଼ ମିଲ୍କ ନେଇ ଭଲ ଭାବେ ଫେଣ୍ଟନ୍ତୁ। ଚିନି ସମ୍ପୂର୍ଣ୍ଣ ମିଶି ଯିବା ପରେ ସେଥିରେ ଭାନିଲା ଏସେନ୍ସ ପକାଇ ପୁଣି ଫେଣ୍ଟନ୍ତୁ। ବର୍ତ୍ତମାନ ଅନ୍ୟ ଏକ ପାତ୍ରରେ ମଇଦା, କୋକୋ ପାଉଡ଼ର, ବେକିଂ ପାଉଡ଼ର ନେଇ ଛଣା ସାହାଯ୍ୟରେ ଚଲାଇ ଦିଅନ୍ତୁ। ଏହି ମିଶ୍ରଣକୁ ପୂର୍ବ ପ୍ରସ୍ତୁତ ମିଶ୍ରଣରେ ଧୀରେ ଧୀରେ ପକାଇ ଭଲ ଭାବେ ଗୋଳାନ୍ତୁ।

ବର୍ତ୍ତମାନ କପ୍ ଆକାରର କେକ୍ ପ୍ୟାନ୍ ନେଇ ତା' ଭିତରେ ଭଲ ଭାବେ ବଟର, ଲଗାଇ ଦିଅନ୍ତୁ। ଏହା ଉପରେ ପୂର୍ବ ପ୍ରସ୍ତୁତ କେକ୍ ମିଶ୍ରଣକୁ ଢାଳନ୍ତୁ। ଏହାକୁ ମାଇକ୍ରୋୱେଭ୍‌ରେ ରଖନ୍ତୁ। କେକ୍ ପ୍ରସ୍ତୁତ ହୋଇଗଲା ପରେ ଏହାକୁ ବାହାରକୁ କାଢି ନିଜେ ଖାଇବା ସହ ପରିବାର ଲୋକଙ୍କୁ ବି ସର୍ଭ କରନ୍ତୁ।



# ବ୍ରାଣ୍ଡେଡ୍ ଆଉଟ୍‌ଫିଟ୍ ବାଛୁଥିଲେ...

ବର୍ତ୍ତମାନ ବିଭିନ୍ନ ବ୍ରାଣ୍ଡେଡ୍ ସାମଗ୍ରୀର ଏକାଧିକ ନକଲ ମାର୍କେଟ୍‌କୁ ଆସୁଛି, ଯାହାକି ସହଜରେ ଚିହ୍ନିବା କଷ୍ଟ। ତେଣୁ କିଣିବା ସମୟରେ କେଉଁଟା ଅରିଜିନାଲ ଜାଣିବା ଲାଗି କେତେକ ଦିଗ ପ୍ରତି ଦୃଷ୍ଟି ଦେବା ଆବଶ୍ୟକ...

**ଷ୍ଟିଚିଂ:** ବ୍ରାଣ୍ଡେଡ୍ ଡ୍ରେସ୍‌ରେ ଷ୍ଟିଚିଂ ସିଧା ଏବଂ ଚାରିଆଡେ ଏକା ପ୍ରକାରର ହୋଇଥାଏ। ସୂତା ମଧ୍ୟ ଏକା ପ୍ରକାରର ବ୍ୟବହାର ହୋଇଥାଏ। କେତେକ ବ୍ରାଣ୍ଡ ଷ୍ଟିଚିଂ ଉପରେ କମ୍ପାନୀର ଲୋଗୋ ଟ୍ୟାଗ୍ ମଧ୍ୟ ଷ୍ଟିଚ୍ ହୋଇଥାଏ; ଯାହାକୁ ଭଲ ଭାବେ ଦେଖିଲେ ଆପଣ ଠକାମିର ଶିକାର ହେବେ ନାହିଁ।

**ଜିପ୍:** ନାମୀ ଦାମୀ ବ୍ରାଣ୍ଡେଡ୍ ଡ୍ରେସ୍‌ରେ ଭଲ କ୍ୱାଲିଟିର ଜିପ୍ ଦେଇଥାଏ; ଯାହାକୁ ଚଲାଇବା ବେଳେ ମଧ୍ୟ ଅଟକି ନ ଥାଏ କିମ୍ବା ଭାଙ୍ଗି ପଡି ନ ଥାଏ। ଏଥିରେ ନନ୍‌ବ୍ରାଣ୍ଡ ପ୍ୟାଣ୍ଟ କିମ୍ବା ଅନ୍ୟ ଡ୍ରେସ୍ ଭଳି ଜିପ୍ ଟାଇଟ୍ ହେବା, ଭାଙ୍ଗିବା କିମ୍ବା ନ ଲାଗିବା ଭଳି ସମସ୍ୟା ସାଧାରଣତଃ ଦେଖା ଦେଇ ନ ଥାଏ। ଏମିତିକି କେତେକ ବ୍ରାଣ୍ଡ ଜିପ୍‌ରେ ଏହାର ନାମ କିମ୍ବା ସିମ୍ବଲ ମଧ୍ୟ ରଖିଥାନ୍ତି।

**ବଟନ:** ଜିପ୍ ଭଳି ବଟନ୍‌ରେ ମଧ୍ୟ ଅନେକ ବ୍ରଣ୍ଡେଡ୍ କମ୍ପାନୀ ବ୍ରାଣ୍ଡନେମ୍ ଛପାଇଥାନ୍ତି। ଯାହାକି ଚିହ୍ନିବାରେ ସହଜ ହୋଇଥାଏ।

**ଟ୍ୟାଗ୍:** ସାଧାରଣତଃ ଟ୍ୟାଗ୍‌ରେ ବ୍ରାଣ୍ଡ ନେମ୍ ଦେଖିବାମାତ୍ରେ ଏହା ଅରିଜିନାଲ୍ ହୋଇଥିବ ଭାବି କିଣିନେଉ। ହେଲେ ମାର୍କେଟ୍‌ରେ ଯେ, ଏହାର ଏକାଧିକ ନକଲ ଉପଲବ୍ଧ ସେ ଦିଗରେ କେହି ଧ୍ୟାନ ଦିଅନ୍ତି ନାହିଁ। ତେଣୁ କିଣିବା ପୂର୍ବରୁ ଟ୍ୟାଗ୍‌କୁ ଭଲ ଭାବେ ଦେଖନ୍ତୁ।

# ସିଡ୍‌ନୀରେ ପହଞ୍ଚିଲା ଟିମ୍ ଇଣ୍ଡିଆ


ଯଶପ୍ରୀତ୍ ବୁମ୍‌ରା, ରୋହିତ ଶର୍ମା, ରବୀନ୍ଦ୍ର ଜାଡେଜା ଓ ଶୁବମନ ଗିଲ୍।

ମେଲବୋର୍ନ, ୪।୧ (ପି.ଟି.)

ସିଡ୍‌ନୀଠାରେ ଖେଳାଯିବାକୁ ଥିବା ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ କ୍ରିକେଟ ଟେଷ୍ଟ ପୂର୍ବରୁ ସାନି କରାଯାଇଥିବା କୋଭିଡ୍ ଟେଷ୍ଟରେ ଭାରତୀୟ କ୍ରିକେଟ ଦଳ ଏବଂ ଏହାର ସମସ୍ତ ସପୋର୍ଟ ଷ୍ଟାଫ୍‌ଙ୍କ ଫଳାଫଳ ନେଗେଟିଭ ଆସିଛି। ମ୍ୟାଚ ଜାନୁୟାରୀ ୭ରୁ ଖେଳାଯିବାକୁ ଥିବାବେଳେ ଟିମ୍ ଇଣ୍ଡିଆ ସୋମବାର ସିଡ୍‌ନୀରେ ପହଞ୍ଚିଛି।

## ଖେଳାଳି ଓ ସପୋର୍ଟ ଷ୍ଟାଫ୍ ନେଗେଟିଭ୍

ଭାରତୀୟ କ୍ରିକେଟ ଟିମ୍‌ର ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କର ଜାନୁୟାରୀ ୩ରେ କୋଭିଡ୍ ଟେଷ୍ଟ ହୋଇଥିବା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) କହିଛି। ସୂଚନାଯୋଗ୍ୟ, ଦୁଇ ଦିନ ପୂର୍ବରୁ ଏକ ଇନ୍‌ଡୋର ରେଷ୍ଟୁରାଣ୍ଟ ଉପଅଧିନାୟକ ରୋହିତ ଶର୍ମା, ଓପନର ଶୁବମନ ଗିଲ୍, ଷ୍ଟମ୍ପର ରିଷଭ ପନ୍ତ, ପେସ୍‌ର ନବଦୀପ ସଇନି ଏବଂ ବ୍ୟାଟ୍ସମ୍ୟାନ ପୃଥ୍ୱୀ ଶ'ଙ୍କୁ ଏକତ୍ର ଦେଖିବାକୁ ମିଳିବାର ଏକ ଭିଡିଓ ଭାଇରାଲ ହେବାପରେ ଏହି ୫ ଖେଳାଳି ଆଇସୋଲେଶନରେ ଅଛନ୍ତି। ବିସିସିଆଇ ସହିତ ଘଟଣାର ଏକ ମିଳିତ ତଦନ୍ତ ଲାଗି କ୍ରିକେଟ ଅଷ୍ଟ୍ରେଲିଆ ଘୋଷଣା କରିଥିଲା। ସିରିଜ ପାଇଁ ପ୍ରସ୍ତୁତ କରାଯାଇଥିବା ବାୟୋ-ସିକ୍ୟୁରିଟି ପ୍ରୋଟୋକଲର ପ୍ରକୃତରେ ଉଲ୍ଲଂଘନ ହୋଇଛି କି ନା ତାହା ଖୋଜିବାହାର କରାଯିବ। ତେବେ ଏହି ୫ ଜଣଙ୍କୁ ଖେଳାଳିମାନଙ୍କ ସହ ଗସ୍ତ କରିବା ଏବଂ ଟ୍ରେନିଂ ପାଇଁ ଅନୁମତି ରହିଛି। ସେମାନେ ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡରେ ତୃତୀୟ ଟେଷ୍ଟ ମଧ୍ୟ ଖେଳିପାରିବେ। କୌତୂହଳର ବିଷୟ ଏହିକି ଯେ, ଉପରୋକ୍ତ ୫ ଭାରତୀୟ ଖେଳାଳି ବାୟୋ-ସିକ୍ୟୁରିଟି ପ୍ରୋଟୋକଲ ଉଲ୍ଲଂଘନ କରିଛନ୍ତି କି ନା ବିସିସିଆଇ ଓ କ୍ରିକେଟ ଅଷ୍ଟ୍ରେଲିଆ ତରଫରୁ ମିଳିତ ତଦନ୍ତ ଘୋଷଣା କରାଯାଇଥିଲେ ମଧ୍ୟ ଦୁଇ ଦିନ ଭିତରେ ଉଭୟ ବୋର୍ଡ ପକ୍ଷରୁ କିଛି କୁହାଯାଇ ନାହିଁ। କ୍ରିକେଟ ଅଷ୍ଟ୍ରେଲିଆ ତରଫରୁ ପ୍ରସ୍ତୁତ ବାୟୋ ସିକ୍ୟୁରିଟି ପ୍ରୋଟୋକଲ ଅନୁସାରେ ଖେଳାଳିମାନେ ରେଷ୍ଟୁରାଣ୍ଟ ବାହାରେ ଏକାଠି ଖାଇପାରିବେ, ଭିତରେ ନୁହେଁ। ଏଣେ ବାହାରେ ଝିପି ଝିପି ବର୍ଷା ହେଉଥିବାରୁ ସେମାନେ ରେଷ୍ଟୁରାଣ୍ଟ ଭିତରେ ଭୋଜନ କରିଥିଲେ ବୋଲି ଖେଳାଳିମାନେ ସଫେଇ ଦେଇଛନ୍ତି।

### ପ୍ରତିକ୍ରିୟା

ଟିମ୍ ଇଣ୍ଡିଆ କହିଛି, ଅଷ୍ଟ୍ରେଲିଆରେ ସେମାନଙ୍କ ପ୍ରତି ଅବିଚାର କରାଯାଇଛି। ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡ (ଏସ୍‌ସିଜି)ରେ ମ୍ୟାଚ ଦେଖିବା ଲାଗି ୨୦,୦୦୦ ଖେଳପ୍ରେମୀଙ୍କୁ ଅନୁମତି ଦିଆଯାଇଥିବା ବେଳେ ସେମାନଙ୍କୁ କେଉଁ ହିସାବରେ ଟୁର୍‌ର ଅବଶିଷ୍ଟ ଅଂଶ ବାଧ୍ୟତାମୂଳକ କ୍ୱାରାଣ୍ଟାଇନରେ ରହିବାକୁ ନିର୍ଦ୍ଦେଶ ହୋଇଛି। ଏହାଦ୍ୱାରା ସେମାନଙ୍କୁ ଚିଡ଼ିଆଖାନାରେ ରହିବା ଭଳି ମନେ ହେଉଛି। ସ୍ଥାନୀୟ ଲୋକମାନଙ୍କ ଲାଗି ଯେଉଁ କୋଭିଡ୍ ପ୍ରୋଟୋକଲ କରାଯାଇଛି ତାହାକୁ ମାନିବା ଲାଗି ସେମାନେ ପ୍ରସ୍ତୁତ। ସେମାନଙ୍କ ପାଇଁ ପୃଥକ୍ ନିୟମ କରା ନ ଯାଉ।

### ଆଶଙ୍କାରେ ଚତୁର୍ଥ ଟେଷ୍ଟ

ଅନ୍ୟପଟେ ବ୍ରିସ୍‌ବେନ୍‌ରେ କଠୋର କ୍ୱାରାଣ୍ଟାଇନ୍ ନିୟମ ଦୃଷ୍ଟିରୁ ଭାରତୀୟ ଦଳ ସେଠାକୁ ଗସ୍ତ କରିବା ଲାଗି କୁଣ୍ଠିତ। ତେଣୁ ଚତୁର୍ଥ ଟେଷ୍ଟ ଆୟୋଜନ ନେଇ ଆଶଙ୍କା ସୃଷ୍ଟି ହୋଇଥିବା ଅଷ୍ଟ୍ରେଲିଆ ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଛି। ଗାବାଠାରେ ଫାଇନାଲ ଟେଷ୍ଟ ଜାନୁୟାରୀ ୧୫ରୁ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଏହାକୁ ବର୍ତ୍ତମାନ ସ୍ଥାନାନ୍ତର କିମ୍ବା ବାତିଲ କରାଯିବା ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ସୂଚନା ନ ଥିବା ପ୍ରକାଶ। ଆଡିଲେଡ୍‌ରେ ଉଦ୍‌ଘାଟନୀ ଟେଷ୍ଟରେ ଲଜ୍ଜାଜନକ ପରାଜୟ ପରେ ଭାରତ ମେଲବୋର୍ନ ଟେଷ୍ଟରେ ୮ ଉଇକେଟରେ ବିଜୟ ସହ ୪ ମ୍ୟାଚ ବିଶିଷ୍ଟ ସିରିଜକୁ ୧-୧ ସ୍ତରକୁ ଆଣି ପାରିଛି।

## ତୃତୀୟ ଟେଷ୍ଟରୁ ପ୍ୟାଟିନସନ ଓହରିଲେ

**ସିଡ୍‌ନୀ, ୪।୧(ପି.ଟି.):** ପଞ୍ଜରାରେ ଆଘାତ ଯୋଗୁ ଅଷ୍ଟ୍ରେଲିଆ ଦ୍ରୁତ ବୋଲର ଜେମ୍ସ ପ୍ୟାଟିନସନ ଭାରତ ବିପକ୍ଷ ତୃତୀୟ କ୍ରିକେଟ ଟେଷ୍ଟରୁ ଓହରି ଯାଇଛନ୍ତି। ସୋମବାର କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ପକ୍ଷରୁ ଏହା ସ୍ପଷ୍ଟ କରାଯାଇଛି। ଭାରତ-ଅଷ୍ଟ୍ରେଲିଆ ତୃତୀୟ ଟେଷ୍ଟ ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡରେ ଚଳିତମାସ ୭ରୁ ୧୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ତାଙ୍କ ବଦଳ ଖେଳାଳିଙ୍କ ନାମ ଘୋଷଣା କରାଯାଇନାହିଁ। ବ୍ରିସ୍‌ବେନ୍ ଟେଷ୍ଟ ପୂର୍ବରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥାର ପରୀକ୍ଷା ହେବ ବୋଲି ଘରୋଇ କ୍ରିକେଟ ଆସୋସିଏଶନ ପକ୍ଷରୁ ପ୍ରକାଶ କରାଯାଇଛି। ଚଳିତ ସିରିଜର ପ୍ରଥମ ଟେଷ୍ଟ



ପୂର୍ବରୁ ୱାର୍ମଅପ୍ ମ୍ୟାଚ ଖେଳି ପ୍ୟାଟିନସନ ୩ଟି ଉଇକେଟ ନେଇଥିଲେ। ୨୧ ଟେଷ୍ଟରୁ ୮୧ ଉଇକେଟ ନେଇ ସାରିଥିବା ପ୍ୟାଟିନସନ ପ୍ରଥମ ୨ଟି ଟେଷ୍ଟ ପାଇଁ ଚୂଡ଼ାନ୍ତ ଏକାଦଶରେ ନ ଥିବାବେଳେ ତୃତୀୟ ଟେଷ୍ଟରେ ମଧ୍ୟ ଖେଳିବା ସମ୍ଭାବନା ନ ଥିଲା। ଅଷ୍ଟ୍ରେଲିଆ ୪ ବୋଲର ରଣନୀତିରେ ମିଚେଲ ଷ୍ଟାର୍କ, ଜୋଶ୍ ହାଜେଲଉଡ୍, ପ୍ୟାଟ୍ କୁମିନ୍ସ ଓ ନାଥାନ ଲିୟନଙ୍କୁ ନେଇ ପଡ଼ିଆକୁ ଓହ୍ଲାଉଛି।

# ଅଲିମ୍ପିକ୍ସ ଆଉ ୨୦୦ ଦିନ

**ଟୋକିଓ, ୪।୧ (ଏପି):** ଟୋକିଓ ଅଲିମ୍ପିକ୍ସର କାଉଣ୍ଟ ଡାଉନ୍ ଘଣ୍ଟା ହେଉଛି ଟିକ୍-ଟକ୍-ଟିକ୍। ଗେମ୍ସ ଆୟୋଜନ ପାଇଁ ସୋମବାରଠାରୁ ଆଉ ୨୦୦ଦିନ ବାକି ରହିଥିବା ଏହା ସୂଚାଇ ଦେଉଛି। ଟୋକିଓ ସହର ଓ ଏହାର ଆଖପାଖ ଅଞ୍ଚଳରେ କିଛି ଦିନ ହେଲା ନୂଆ କରୋନା ସଂକ୍ରମିତ ଦେଖିବାକୁ ମିଳୁଥିବାରୁ ଜାପାନ ପ୍ରଧାନମନ୍ତ୍ରୀ ୟୋଶିଦେ ସୁଗା ପ୍ରଦେଶରେ ଜରୁରିକାଳୀନ ପରିସ୍ଥିତି ଜାରି କରିବା ଲାଗି ବିଚାର କରୁଛନ୍ତି। କୋଭିଡ ପାଇଁ ଜାପାନରେ ଏପର୍ଯ୍ୟନ୍ତ ଥରେ ହେଲେ ଲକ୍‌ଡାଉନ୍ ହୋଇନାହିଁ। ଜାପାନକୁ ୧୫,୦୦୦ ଅଲିମ୍ପିକ ଓ ପାରାଅଲିମ୍ପିକ ଆଥଲେଟ୍ ଆସିବେ। ଆଥଲେଟ୍ସ ଭିଲେଜରେ ସେମାନଙ୍କୁ କିପରି ସୁରକ୍ଷିତ ଭାବେ ରଖାଯାଇ ପାରିବ ସେ ନେଇ ପ୍ରସ୍ତୁତ ଯୋଜନା ସମ୍ପର୍କରେ ନୂଆବର୍ଷରେ ଘୋଷଣା କରାଯିବ ବୋଲି ଅଫିସିଆଲମାନେ ପ୍ରତିଶ୍ରୁତି ଦେଇଥିଲେ। ଗେମ୍ସ ପାଇଁ ହଜାର ହଜାର ସଂଖ୍ୟାରେ ଖେଳପ୍ରେମୀ, ମିଡିଆ, ଜଜ୍, ଅଫିସିଆଲ, ବ୍ରଡକାଷ୍ଟର ଏବଂ ଭିଆଇପିଙ୍କର ମଧ୍ୟ ସମାଗମ ହେବ। ନୂଆବର୍ଷର ଆଗମନ ହୋଇଛି। ପୁନଃ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଜୁଲାଇ ୨୩ରୁ ଅଲିମ୍ପିକ୍ସ ଆୟୋଜନ ହେବ ବୋଲି ସୁଗା ପୁନର୍ବାର ଦୋହରାଇ କହିଛନ୍ତି। ଇତିମଧ୍ୟରେ ଭାକ୍ସିନ ଅନୁମୋଦନ ଲାଭ କରସାରିଥିବାରୁ ମାର୍ଚ୍ଚ ପରିବର୍ତ୍ତେ ଫେବୃୟାରୀରେ ଏହାର ବ୍ୟବହାର ଆରମ୍ଭ ହୋଇଯିବ। ଅନ୍ୟ ଦେଶ ତୁଳନାରେ ଜାପାନରେ କରୋନା ସେତେ କ୍ଷତି କରିପାରିନାହିଁ। କୋଭିଡ୍‌ରେ ଏହି ଦେଶରେ ପ୍ରାୟ ୩,୪୦୦ଜଣଙ୍କର ମୃତ୍ୟୁ ଘଟିଛି। ଗତ ମାସରେ ଜାତୀୟ ବ୍ରଡ୍‌କାଷ୍ଟର ଏନ୍‌ଏଚ୍‌କେ ପକ୍ଷରୁ ଏକ ଜନମତ ସର୍ଭେ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୬୩ ପ୍ରତିଶତ ଅଲିମ୍ପିକ୍ସକୁ ସ୍ଥଗିତ କିମ୍ବା ବାତିଲ କରିଦେବା ସପକ୍ଷରେ ମତ ଦେଇଥିଲେ।




# 'ଭାରତର ରେକର୍ଡ ପଦକ ଆଶା'

**ନୂଆଦିଲ୍ଲୀ, ୪।୧ (ପି.ଟି.):** ଆଗାମୀ ଟୋକିଓ ଅଲିମ୍ପିକ୍ସରେ ଭାରତ ଶ୍ରେଷ୍ଠ ପ୍ରଦର୍ଶନ ସହ ରେକର୍ଡ ସଂଖ୍ୟକ ପଦକ ହାସଲ କରିବ ବୋଲି ଆଶାପୋଷଣ କରିଛନ୍ତି ତାରକା ଶୁଟର ଅଭିନବ ବିନ୍ଦ୍ରା। ଦେଶର ପ୍ରତ୍ୟେକ ଆଥଲେଟ୍‌ଙ୍କୁ ଏବେ ବାସ୍ତବ ଦୃଷ୍ଟିକୋଣରୁ ପଦକ ଦାବିଦାର ବିବେଚନା କରାଯାଉଛି ବୋଲି ଭାରତର ଏକମାତ୍ର ବ୍ୟକ୍ତିଗତ ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ବିଜେତା ପ୍ରକାଶ କରିଛନ୍ତି। ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ଭାରତ ୬ଟି ପଦକ ପାଇଥିଲା। ଏହା ଏପର୍ଯ୍ୟନ୍ତ ଭାରତର ଶ୍ରେଷ୍ଠ ପ୍ରଦର୍ଶନ ରହି ଆସିଛି। କୋଭିଡ-୧୯ ମହାମାରୀ ଯୋଗୁ ସାମ୍ପ୍ରତିକ ସମୟ ଚ୍ୟାଲେଞ୍ଜିଂ ଥିଲେ ହେଁ ଟୋକିଓ ଅଲିମ୍ପିକ୍ସରେ ଭାରତ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିବା ଆଶା ରହିଛି ବୋଲି ଏଖ ୱେବିନାରରେ ଭାଗନେଇ ସେ କହିଛନ୍ତି। ୨୦୦୮ ବେଜିଂ ଅଲିମ୍ପିକ୍ସରେ ଏକମାତ୍ର ଭାରତୀୟଭାବେ ବ୍ୟକ୍ତିଗତ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଥିବା ବିନ୍ଦ୍ରା ଜାପାନ ରାଜଧାନୀରେ ମଧ୍ୟ ଭାରତୀୟ ଶୁଟରମାନେ ଚମକ ସୃଷ୍ଟି କରିବେ ବୋଲି ଆଶା ରଖିଛନ୍ତି। ''ମୋ ମତରେ ପ୍ରତି ଶୁଟର ଶ୍ରେଷ୍ଠ ପ୍ରଦର୍ଶନର ଦକ୍ଷତା ରଖିଛନ୍ତି। ସେମାନେ ଗତ ଦୁଇ ତିନିବର୍ଷଧରି ତାହା ପ୍ରମାଣିତ କରିଛନ୍ତି। କେବଳ ଶୁଟିଂ ନୁହେଁ ଅନ୍ୟ ଇଭେଣ୍ଟରେ ମଧ୍ୟ ଭାରତୀୟମାନେ ପଦକ ପାଇଁ ଦାବିଦାର ରହିବେ। ମାତ୍ର ନିର୍ଦ୍ଦିଷ୍ଟ ଦିବସ ସେମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ରହିବ'' ବୋଲି ବିନ୍ଦ୍ରା କହିଛନ୍ତି।


ଅଭିନବ ବିନ୍ଦ୍ରା

# ଫର୍ନାଣ୍ଡୋଙ୍କୁ ୫ ଉଇକେଟ

ଜୋହାନ୍ସବର୍ଗ, ୪।୧ (ଏପି)

ବିଶ୍ୱ ଫର୍ନାଣ୍ଡୋଙ୍କ ୫ ଉଇକେଟ ସଫଳତା ସତ୍ତ୍ୱେ ସ୍ଥାନୀୟ ୱାଣ୍ଡରର୍ସ ଷ୍ଟାଡିୟମରେ ଚାଲିଥିବା ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରେ ବୃହତ୍ ଅଗ୍ରଣୀ ହାସଲ କରିଛି। ସୋମବାର ଥିଲା ମ୍ୟାଚର ଦ୍ୱିତୀୟ ଦିବସ। ଫର୍ନାଣ୍ଡୋ (୫/୧୦୧)ଙ୍କ ପ୍ରଭାବୀ ବୋଲିଂ ଯୋଗୁ ଏକଦା ୨୧୮/୧ ସ୍ଥିତିରେ ଥିବା ଘରୋଇ ଦଳ ଚା'ପାନ ବିରତି ପୂର୍ବରୁ ୩୦୨ ରନରେ ଅଲଆଉଟ ହୋଇଯାଇଥିଲା। ଏହା ସତ୍ତ୍ୱେ ପ୍ରଥମ ଦିବସରେ ୧୫୭ ସ୍କୋରରେ ଅଲଆଉଟ ହୋଇଥିବା ଶ୍ରୀଲଙ୍କାଠାରୁ ଦଳ ପ୍ରଥମ ଇନିଂସରେ ୧୪୫ରନ ଅଗ୍ରଣୀ ଲାଭ କରିପାରିଥିଲା। ଭ୍ରମଣକାରୀ ଦଳର ଏହାର ଦ୍ୱିତୀୟ ଇନିଂସ ଖେଳିବାକୁ ଯାଇ ଷ୍ଟମ୍ପ ଅପସାରଣ ବେଳକୁ ୪ଉଇକେଟ ବିନିମୟରେ ୧୫୦ରନ କରିଛି। ଅଧିନାୟକ ଦିମୁଥ କରୁଣାରତ୍ନେ ୯୧ ଓ ଉଇକେଟକିପର ନିରୋଶାନ ଡିକ୍‌ୱେଲା ୧୮ରନ କରି ଅପରାଜିତ ରହିଛନ୍ତି। ଶ୍ରୀଲଙ୍କା ୫ରନ ଅଗ୍ରଣୀ ଲାଭ କରିଛି। **ସଂକ୍ଷିପ୍ତ ସ୍କୋର: ଶ୍ରୀଲଙ୍କା ପ୍ରଥମ ଇନିଂସ:** ୧୫୭। **ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ :** ୩୦୨ (ଡିନ୍ ଏଲ୍‌ଗାର-୧୨୭, ରସି ଭାନ୍‌ଡର ଡସେନ-୬୭, ବିଶ୍ୱ ଫର୍ନାଣ୍ଡୋ-୫/୧୦୧, ଦାସୁନ ସାନକା-୨/୪୨, ଆସିଥା ଫର୍ନାଣ୍ଡୋ-୨/୬୧)। **ଶ୍ରୀଲଙ୍କା ଦ୍ୱିତୀୟ ଇନିଂସ:** ୧୫୦/୪ (ଦିମୁଥ କରୁଣାରତ୍ନେ-୯୧*, ଲାହିରୁ ଥିରୁମାନେ-୩୧, ଲୁନ୍‌ଗି ଏନ୍‌ଗିଡି-୩/୨୬)।

# ଚେନ୍ନାଇନ୍‌କୁ ହରାଇଲା ହାଇଦ୍ରାବାଦ୍

## ଇଣ୍ଡିଆନ ସୁପରଲିଗ୍

**ବାମ୍ବୋଲିମ୍, ୪।୧:** ସ୍ଥାନୀୟ ଜିଏମ୍‌ସି ଷ୍ଟାଡିୟମରେ ସୋମବାର ଅନୁଷ୍ଠିତ ଇଣ୍ଡିଆନ ସୁପରଲିଗ୍ (ଆଇଏସ୍‌ଏଲ୍) ମ୍ୟାଚରେ ହାଇଦ୍ରାବାଦ୍ ଏଫ୍‌ସି ୪-୧ ଗୋଲରେ ଚେନ୍ନାଇନ୍ ଏଫ୍‌ସିକୁ ପରାସ୍ତ କରିଛି। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିବାବେଳେ ଦ୍ୱିତୀୟାର୍ଦ୍ଧରେ ୫ଟି ଯାକ ଗୋଲ ହୋଇଥିଲା। ହାଇଦ୍ରାବାଦ୍ ଦଳ ପକ୍ଷରୁ ହାଲି ଚରନ ନାର୍ଜାରି ୫୩ ଓ ୭୯ତମ ମିନିଟରେ ୨ଟି ଏବଂ ଜୋଏଲ ଚାଇନିଜ୍ ୫୦ ଓ ଜାଓ ଭିକ୍ଟର ୭୪ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଚେନ୍ନାଇନ୍ ପକ୍ଷରୁ ଅନିରୁଦ୍ଧ ଥାପ୍ପା ୬୭ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଫ୍ରାନ୍ ସାଣ୍ଡାଜା ପାସ୍ ଅଫ୍ ଦି ମ୍ୟାଚ ଏବଂ ନାର୍ଜାରି ହିରୋ ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ। ଏହି ମ୍ୟାଚପରେ ହାଇଦ୍ରାବାଦ ଏଫ୍‌ସି ୯ ମ୍ୟାଚରୁ ୩ ବିଜୟ, ପରାଜୟ ଓ ଡ୍ର ସହ ୧୨ ପଏଣ୍ଟ ପାଇ ଟେବୁଲର ୬ଷ୍ଠ ସ୍ଥାନକୁ ଉନ୍ନୀତ ହୋଇଛି। ପୂର୍ବରୁ ଦଳ ୮ମ ସ୍ଥାନରେ ରହିଥିଲା। ଅନ୍ୟପକ୍ଷରେ ଚେନ୍ନାଇନ୍ ୯ ମ୍ୟାଚରୁ ୨ ବିଜୟ, ୪ ଡ୍ର ଓ ୩ ପରାଜୟ ସହ ୧୦ ପଏଣ୍ଟରେ ସ୍ଥିର ରହି ୮ମ ସ୍ଥାନକୁ ଖସିଛି।

# ଜାଗୁଆର୍ସର ପ୍ରଥମ ବିଜୟ

## ଓଡ଼ିଶା ଟି୨୦ ଲିଗ୍

ଭୁବନେଶ୍ୱର, ୪।୧(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଏମ୍‌ଜିଏମ୍ ଟି୨୦ କ୍ରିକେଟ ଲିଗ୍‌ର ସୋମବାର ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଓଡ଼ିଶା ଜାଗୁଆର୍ସ ୪୮ ରନରେ ଚିତାସ୍‌କୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ପାନ୍ଥର୍ସ ୨୦ ଓଭରରେ ୪ ଉଇକେଟ ହରାଇ ୧୬୯ ରନ କରିଥିବାବେଳେ ଚିତାସ ଇନିଂସ ୧୨୧/୯ରେ ସୀମିତ ରହିଥିଲା। ଚଳିତ ଲିଗ୍‌ରେ ୫ ମ୍ୟାଚରୁ ଜାଗୁଆର୍ସର ଏହା ପ୍ରଥମ ବିଜୟ। ଦଳ କ୍ରମାଗତ ୪ ପରାଜୟ ଲଭିବାପରେ ପ୍ରଥମ ବିଜୟ ସ୍ୱାଦ ଚାଖିବା ସହ ପଏଣ୍ଟ ଖାତା ଖୋଲିଛି। ଅନ୍ୟପକ୍ଷରେ ଚିତାସ୍‌ର ଏହା ୬ ମ୍ୟାଚରୁ ୩ୟ ପରାଜୟ। ଦଳ ୧୨ ପଏଣ୍ଟ ସହ ଟେବୁଲର ତୃତୀୟ ସ୍ଥାନରେ ରହିଛି।

ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା ଚିତାସ। ଜାଗୁଆର୍ସ ୩୬ ରନରେ ଓପନର ବିଭୁ ମଲିକ(୯)ଙ୍କ ଉଇକେଟ ହରାଇଥିଲେ ହେଁ ସାମସୁଲ ଖାଁଙ୍କ ଅର୍ଦ୍ଧଶତକ ଏବଂ ଗିରିଜା ରାଉତ ଓ ଅଭିଜିତ ବାରିକଙ୍କ ଉପଯୋଗୀ ରନ ବଳରେ ୧୬୯ ରନର ସମ୍ମାନଜନକ ସ୍କୋର କରିଥିଲା। ୩୫ଟି ବଲ୍ ଖେଳିଥିବା ସାମସୁଲ ୧୦ ଚୌକା ଓ ୨ ଛକା ସହାୟତାରେ ବିସ୍ଫୋରକ ୬୨ ରନ କରିଥିଲେ। ଗିରିଜା ୩୩ ବଲ୍‌ରୁ ୩୭(୩ ଚୌକା) ରନରେ ଆଉଟ ହୋଇଥିବାବେଳେ ଅଭିଜିତ ୧୭ ବଲ୍‌ରୁ ଦ୍ରୁତ ୩୩(୩ ଚୌକା, ୧ ଛକା) ରନରେ ଅପରାଜିତ ରହିଥିଲେ। ଚିତାସ ବୋଲରଙ୍କ ମଧ୍ୟରେ ମନୋଜ ବାରିକ ୨ଟି ଏବଂ ମୃଣ୍ମୟ ତ୍ରିପାଠୀ ଓ ମନୀଷ ରାଉତ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।


ମ୍ୟାନ୍ ଅଫ୍ ଦି ମ୍ୟାଚ୍ ସାମସୁଲ ଖାଁ।

୧୭୦ ରନ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଚିତାସ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇ ଚିତ୍ ମାରିଥିଲା। ଅଧିନାୟକ ଅନୁରାଗ ଷଡ଼ଙ୍ଗୀ ସର୍ବାଧିକ ୩୧(୨୫ ବଲ, ୪ ଚୌକା, ୧ ଛକା) ରନ ସ୍କୋର କରିଥିଲେ। ସୁମନ ମହାପାତ୍ର ୨୦ ଓ ରାମଚନ୍ଦ୍ର ବେହେରା ୧୭ ରନ ଯୋଗଦାନ ଦେଇଥିଲେ। ବ୍ୟାଟ୍ସମ୍ୟାନଙ୍କ ବିଫଳତା ଯୋଗୁ ଦଳ ବିଜୟ ଲକ୍ଷ୍ୟଠାରୁ ବହୁ ଦୂରରେ ରହି ଯାଇଥିଲା। ଚିତାସ ପୂରା ୨୦ ଓଭର ଖେଳିଥିଲେ ହେଁ ୯ ଉଇକେଟ ହରାଇ ୧୨୧ ରନ କରିପାରିଥିଲା। ବିଜୟୀ ଦଳର ବୋଲରଙ୍କ ମଧ୍ୟରେ ନିର୍ବିଶଙ୍କର ବାରିକ ସର୍ବାଧିକ ୪ଟି, ମନୋଜ କାଶ୍ୟପ ୨ଟି ଏବଂ ରାହୁଲ ଚୌଧାରୀ, ରଶ୍ମିରଞ୍ଜନ ସାହୁ ଓ ଲଗ୍ନଜିତ ସାମଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଦ୍ରୁତ ଇନିଂସ ଖେଳି ଜାଗୁଆର୍ସକୁ ସମ୍ମାନଜନକ ସ୍କୋରରେ ପହଞ୍ଚାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ସାମସୁଲ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଓସିଏ ସଦସ୍ୟ ଜ୍ଞାନଚାନ୍ଦ ଦାସ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ପରାଜୟ ସ୍ୱାଦ ଚାଖିଲା ପାନ୍ଥର୍ସ

**ଭୁବନେଶ୍ୱର, ୪।୧ (କ୍ରୀଡ଼ା ପ୍ରତିନିଧି):** ଏମ୍‌ଜିଏମ୍ ଟି୨୦ କ୍ରିକେଟ ଲିଗ୍‌ରେ ପ୍ରଥମଥର ପରାଜୟ ସ୍ୱାଦ ଚାଖିଛି ଓଡ଼ିଶା ପାନ୍ଥର୍ସ। କ୍ରମାଗତ ୫ ମ୍ୟାଚ ଜିତି ପଏଣ୍ଟ ଟେବୁଲର ଶୀର୍ଷରେ ଆଧିପତ୍ୟ ଜାହିର କରି ଆସୁଥିବା ପାନ୍ଥର୍ସ ସୋମବାରର ଦ୍ୱିତୀୟ ମ୍ୟାଚରେ ପୁମାସ ନିକଟରୁ ୨୯ ରନରେ ପରାଜିତ ହୋଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ପୁମାସ ୨୦ ଓଭରରେ ୯ ଉଇକେଟ ହରାଇ ୧୩୭ ରନ କରିଥିଲା। ଦଳ ପକ୍ଷରୁ ଅର୍ଦ୍ଧଶତକ ହାସଲକାରୀ ସନ୍ଦୀପ ପଟ୍ଟନାୟକ ସର୍ବାଧିକ ୫୧(୪୭ ବଲ, ୬ ଚୌକା), ଗୁଲୁନା ସାହୁ ୪୦ (୩୦ ବଲ, ୭ ଚୌକା) ଓ ଅଧିନାୟକ ଅରବିନ୍ଦ ସିଂ ୨୦ ରନ କରିଥିଲେ। ବିପକ୍ଷ ଦଳର ଆଲୋକ ସାହୁ ୩ଟି, ପ୍ରଦୀପ ପ୍ରଧାନ ଓ ଅଭିଷେକ ଯାଦବ ୨ଟି ଲେଖାଏ ଏବଂ ଶୁଭମ୍ ନାୟକ ଗୋଟିଏ ଉଇକେଟ ନେଇଥିଲେ। ୧୩୮ ରନ ବିଜୟ ଲକ୍ଷ୍ୟରେ ପାନ୍ଥର୍ସ ୧୯.୩ ଓଭରରେ ୧୦୮ ରନ କରି ଅଲଆଉଟ ହୋଇ ଯାଇଥିଲା। ଅଭିଷେକ ଯାଦବ ସର୍ବାଧିକ ୩୨ ଓ ରଞ୍ଜୀତ ପାଇକରାୟ ୨୦ ରନ କରିଥିଲେ। ବିଜୟୀ ଦଳର ବୋଲରଙ୍କ ମଧ୍ୟରେ ଧୀରାଜ ସିଂ ଓ ପ୍ରୟାସ ସିଂ ୨ଟି ଲେଖାଏ ଏବଂ ପ୍ରଶାନ୍ତ ରଣା, ଜୀତେନ୍ଦ୍ର ଥାପ୍ପା ଓ ସନ୍ଦୀପ ପଟ୍ଟନାୟକ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିଥିବା ସନ୍ଦୀପ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପାଇଥିଲେ। ପାନ୍ଥର୍ସ ୨୦ ପଏଣ୍ଟରେ ସ୍ଥିର ରହିଥିବାବେଳେ ପୁମାସ ୬ ମ୍ୟାଚରୁ ୪ର୍ଥ ବିଜୟ ସହ ୧୬ ପଏଣ୍ଟରେ ପହଞ୍ଚି ଦ୍ୱିତୀୟ ସ୍ଥାନ ଅଧିକାର କରିଛି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ଚୋରି ବାଇକ୍ ଜବତ, ଜଣେ ଗିରଫ

ଯାଁଳା, (ଡି.ଏନ୍.ଏ.): ଜଟଣୀ ଥାନା ଅନ୍ତର୍ଗତ ଯାଁଳା ପଞ୍ଚାୟତର ୧୬ନଂ. ଜାତୀୟ ରାଜପଥ ନିକଟ ଏକ ଦୋକାନରୁ ବାଇକ୍ ଚୋରି ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଖୋର୍ଦ୍ଧା ଭାଟପଡ଼ାର ଆକାଶ ଭୂୟାଁ ଓରଫ ଦିଲ୍ଲୁ। ତାଙ୍କଠାରୁ ଚୋରି ବାଇକ୍ ଜବତ ହୋଇଛି। ସୂଚନାଯୋଗ୍ୟ, ଓଗାଳପଡ଼ା ଗ୍ରାମର ଅବିନାଶ ଦଳେଇଙ୍କର ମା' ଭୁଆସୁଣି ମନ୍ଦିର ନିକଟରେ ଦୋକାନ ଅଛି। ୨ଦିନ ତଳେ ଦୋକାନ ନିକଟରୁ ତାଙ୍କ ବାଇକ୍ (ନଂ.ଓଆର ୦୨ ବିଏ ୯୬୩୫)ଟି ଚୋରି ହୋଇଯାଇଥିଲା। ଏ ନେଇ ଅବିନାଶ ଯାଁଳା ଫାଣ୍ଡିରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିବାବେଳେ ଦୋକାନ ନିକଟସ୍ଥ ସିସିଟିଭି ଫୁଟେଜ ଆଧାରରେ ଅଭିଯୁକ୍ତଙ୍କୁ ଚିହ୍ନଟ କରି ଧରିଥିଲା।

**ସଂକ୍ଷେପରେ**

## ୧୮ରୁ କୁଷ୍ଠରୋଗ ଚିହ୍ନଟକରଣ ଅଭିଯାନ

**ଖୋର୍ଦ୍ଧା ଅଫିସ, ୪।୧:**ଖୋର୍ଦ୍ଧା ଜିଲାରେ କୁଷ୍ଠରୋଗ ଚିହ୍ନଟକରଣ କାର୍ଯ୍ୟକ୍ରମ ସକାଶେ ସୋମବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ମନୋଜ ପାଢୀ ଅଧକ୍ଷତା କରିଥିଲେ। ଜିଲା ଲେପ୍ରସି ଅଧିକାରୀ ଡା. ଇନ୍ଦିରା ରଥ କହିଥିଲେ, ଜିଲାରେ କୁଷ୍ଠରୋଗ ଚିହ୍ନଟକରଣ ପାଇଁ ଆସନ୍ତା ୧୮ ତାରିଖରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହେବ। ଏହା ୧୦ଦିନ ପର୍ଯ୍ୟନ୍ତ ଚାଲିବ। ଜାନୁୟାରୀ ୩୦ରୁ ସ୍ପର୍ଶ କୁଷ୍ଠ ସଚେତନତା ଅଭିଯାନ ହେବ। ପ୍ରାଥମିକ ଅବସ୍ଥାରୁ କୁଷ୍ଠ ଚିହ୍ନଟ, ଏମ୍‌ଡିଟି ସେବନ ଏବଂ ଚିକିତ୍ସା ଉପରେ ଗୁରୁତ୍ୱ ଦିଆଯାଇଛି। ଜିଲାରେ ଗତବର୍ଷ ୨୧୦ଜଣ କୁଷ୍ଠରୋଗୀଙ୍କୁ ଚିହ୍ନଟ କରାଯାଇଥିଲା। ବୈଠକରେ ସିଡିଏମ୍‌ଓ ବିଶ୍ୱରଞ୍ଜନ ପତି, ପିଡି ଡିଆର୍‌ଡିଏ ଦିଗନ୍ତ ରାଉତରାୟ, ଅତିରିକ୍ତ ସିଡିଏମଓ ଦ୍ୱାରିକାନାଥ ଶତପଥୀ, ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଜୀବନ୍ତ ଆଚାର୍ଯ୍ୟ, ଡା. ସୁନିଲ ରଥ ପ୍ରମୁଖ ଉପସ୍ଥିତ ଥିଲେ।

## ପାଳଗଦାରେ ନିଆଁ

**ଜଟଣୀ,୪।୧(ଡି.ଏନ୍.ଏ.)-** ହରିପୁର ପଞ୍ଚାୟତ ଦେଉଳବସ୍ତ ଗ୍ରାମରେ ୨ଟିରୁ ଉର୍ଦ୍ଧ୍ୱ ପାଳଗଦାରେ ସୋମବାର ସନ୍ଧ୍ୟାରେ ନିଆଁ ଲାଗିଯାଇଛି। ଖବରପାଇ ଜଟଣୀ ଦମକଳ ବହିନୀର କର୍ମଚାରୀ ପହଞ୍ଚି ନିଆଁକୁ ୩ ଘଣ୍ଟାର ପରିଶ୍ରମ ପରେ ଆୟତ୍ତ କରିଥିଲେ। ତେବେ ଅଗ୍ନିକାଣ୍ଡରେ କୌଣସି କ୍ଷତି ହୋଇ ନ ଥିବା ଜଟଣୀ ଅଗ୍ନିଶମ ବାହିନୀର ଅଧୀକାରୀ ଅଭୟ କୁମାର ଦାଶ କହିଛନ୍ତି। ସୋମବାର ସନ୍ଧ୍ୟା ପ୍ରାୟ ୬ଟାରେ ଦେଉଳବସ୍ତ ଗ୍ରାମର ଚୌଧୂରୀ ଗୁରୁ, ପଙ୍କଜ ଗୁରୁଙ୍କ ପାଳଗଦା ଏବଂ ଧାନଗଦାରେ ହଠାତ୍ ନିଆଁ ଲାଗିଯାଇଥିଲା। ପରେ ନିଆଁ ବ୍ୟାପୀ ରଙ୍କନିଧି ଗୁରୁଙ୍କର ଖଳାରେ ଥିବା ଧାନବସ୍ତାରେ ନିଆଁ ଲଗି ସବୁ ଜଳିଯାଇଥିଲା।

## ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ

**ଖୋର୍ଦ୍ଧା ଅଫିସ,୪।୧:** ଚୋରା ପଥର ଚାଲାଣକୁ ବିରୋଧ କରି ଖଣି ମାଫିଆଙ୍କ ଆକ୍ରୋଶର ଶିକାର ହୋଇଥିବା ଏକ ପରିବାର ନ୍ୟାୟ ପାଇଁ ସୋମବାର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଏସ୍‌ପିଙ୍କୁ ଏକ ଅଭିଯୋଗପତ୍ର ଦେଇଛନ୍ତି। ଭୁଷଣ୍ଡପୁର ଫାଣ୍ଡି ଅଧୀନ ଉଛାଳା ଗୋପୀନାଥପୁର ରସଲପୁର ଗ୍ରାମରେ ପଥର, ମୋରମ ଚୋରା ଚାଲାଣ ହେଉଛି। ଗ୍ରାମର ବିଷ୍ଣୁ ପ୍ରସାଦ ସାମନ୍ତରାୟଙ୍କ ପରିବାର ଏହାକୁ ବିରୋଧ କରିବାରୁ ୧ତାରିଖରେ ସେମାନଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରାଯାଇଛି। ବିଷ୍ଣୁ, ତାଙ୍କ ଭିଣୋଇ ବାସୁଦେବ ପରିଡା ଓ ଭଣଜା ଜଗତ ରଞ୍ଜନ ପରିଡା ଗୁରୁତର ଆହତ ହୋଇଛନ୍ତି। ଏ ନେଇ ବିଷ୍ଣୁ ପ୍ରଥମେ ଟାଙ୍ଗୀ ଥାନାକୁ ଅଭିଯୋଗ କରିବାକୁ ଯାଇଥିଲେ। ତେବେ ପୋଲିସ ଭୁଷଣ୍ଡପୁର ଫାଣ୍ଡିକୁ ପଠାଇ ଦେଇଥିଲା। ପୁଣି ଟାଙ୍ଗୀ ଥାନାକୁ ଯିବାରୁ ପୋଲିସଠାରୁ ଦୁର୍ବ୍ୟବହାର ମିଳିଥିଲା। ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ କହିଛନ୍ତି, ଘଟଣାର ତଦନ୍ତ କରାଯିବ।

## କ୍ରିକେଟ୍ : ସେମିରେ ପାନବରଜ, ଗୁରୁଜଙ୍ଗ

**ଖୋର୍ଦ୍ଧା ଅଫିସ, ୪।୧:**ଖୋର୍ଦ୍ଧା ଉପକଣ୍ଠ ଗୁରୁଜଙ୍ଗ କ୍ରିକେଟ୍ ପଡ଼ିଆରେ ଚାଲିଥିବା ଗୁରୁଜଙ୍ଗ କପ୍ କ୍ରିକେଟ୍ ଟୁର୍ନାମେଣ୍ଟରେ ସୋମବାର ଦୁଇଟି କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚରେ ପାନବରଜ ଏବଂ ୨ୟରେ ଗୁରୁଜଙ୍ଗ ଦଳ ସେମିଫାଇନାଲରେ ପ୍ରବେଶ କରିଛି। ଅତିଥି ଭାବେ ପୂର୍ବତନ ଜିଲାପାଳ ଦେବରାଜ ସେନାପତି, ଯୁବ ବିଜେଡ଼ି ରାଜ୍ୟ ସାଧାରଣ ସମ୍ପାଦକ ଅବ୍ୟକ୍ତ ହରିହର ଖାଡ଼ଙ୍ଗା ଓ ସାମାଜିକ କର୍ମୀ ପ୍ରଦୀପ ଦାସ, ଖବରଦାତା ପ୍ରଭାତ ବଳିୟାରସିଂ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।ଅରିଶଲ ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୬ଓଭରରେ ୧୭୬ରନ କରିଥିଲେ। ଜବାବରେ ପାନବରଜ ଟିମ୍ ୧୫.୩ ଓଭରରେ ୫ଉଇକେଟ୍ ହରାଇ ୧୭୭ରନ କରି ଜିତିଥିଲା। ଜୟଦୀପଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ୨ୟ ମ୍ୟାଚରେ ମେଣ୍ଢାଶାଳ ଦଳ ୧୭ଓଭରରେ ସମସ୍ତ ଉଇକେଟ ହରାଇ ୧୨୨ରନ କରିଥିଲା। ଜବାବରେ ଗୁରୁଜଙ୍ଗ ୧୨.୨ ଓଭରରେ ୨ଉଇକେଟ ହରାଇ ୧୨୩ରନ କରି ମ୍ୟାଚ ଜିତିଥିଲା। ଅସିତ ପରିଡାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ଦିଆଯାଇଥିଲା। ମ୍ୟାଚକୁ ରବିନାରାୟଣ ପରିଡ଼ା, ମନୋଜ ମିଶ୍ର, ବିଭୁଧେନ୍ଦ୍ର ମହାନ୍ତି ଓ ସନ୍ଦୀପ ପରିଡ଼ା ପରିଚାଳନା କରିଥିଲେ।

# ପ୍ରତିବର୍ଷ ତମାଖୁ ନେଉଛି ୧୦ଲକ୍ଷ ଜୀବନ

**ଖୋର୍ଦ୍ଧା ଅଫିସ,୪।୧**

ଖୋର୍ଦ୍ଧା ଜିଲାରେ ତମାଖୁ ନିୟନ୍ତ୍ରଣ ଲାଗି ସୋମବାର ଜିଲାସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ମନୋଜ ପାଢୀ ଅଧକ୍ଷତା କରିଥିଲେ। ଖାଦ୍ୟ ନିରାପତ୍ତା ଅଧିକାରୀ ସନାତନ ପଟେଲ କହିଥିଲେ, ପ୍ରତିବର୍ଷ ଦେଶରେ ତମାଖୁ ସେବନ ଯୋଗୁ ପ୍ରାୟ ୧୦ଲକ୍ଷ ଲୋକ ମୃତ୍ୟୁବରଣ କରୁଛନ୍ତି। ତମାଖୁ ସେବନ ଦ୍ୱାରା ଶତକଡା ୫୦ ପ୍ରତିଶତ ଲୋକ କର୍କଟ ରୋଗରେ ଆକ୍ରାନ୍ତ ହେଉଛନ୍ତି। ତେଣୁ ସରକାର ତମାଖୁ ବିକ୍ରି ଉପରେ କଟକଣା ଜାରି କରିଛନ୍ତି। ଜିଲା ସ୍ତରରେ ତମାଖୁ ବ୍ୟବହାର ଓ ବିକ୍ରି ନିୟନ୍ତ୍ରଣ ଲାଗି ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇଛି। ଏଥିରେ ପୋଲିସ ଅଧିକାରୀ, ଡ୍ରଗ୍ସ ଇନିପେକ୍ଟର, ଫୁଡ ସେଫ୍ଟି ଅଫିସର, ଅବକାରୀ ଇନ୍ସପେକ୍ଟର ପ୍ରମୁଖ ସଦସ୍ୟ ଅଛନ୍ତି। ଖୋର୍ଦ୍ଧା ଜିଲାରେ ତମାଖୁ ନିୟନ୍ତ୍ରଣ ଆଇନ(କୋଟ୍‌ପା) ଉଲ୍ଲଘଂନ ଅଭିଯୋଗରେ ୫୪ଜଣ ବ୍ୟକ୍ତିଙ୍କଠାରୁ ୯୬୨୦ଟଙ୍କା ଜରିମାନା ଆଦାୟ କରାଯାଇଛି। ଜିଲାର ୪୪ଟି ହାଇସ୍କୁଲ, ୨ଟି କଲେଜକୁ ତମାଖୁମୁକ୍ତ ଶିକ୍ଷାନୁଷ୍ଠାନ ଭାବେ ଚୟନ କରାଯାଇଛି। ତମାଖୁମୁକ୍ତ ଅଞ୍ଚଳ ଭାବେ ୩୪୫ଟି ଅନୁଷ୍ଠାନରେ ସଚେତନତାଫଳକ ପ୍ରଦର୍ଶନ କରାଯାଇଛି। ବୈଠକରେ ପିଡି ଡିଆର୍‌ଡିଏ ଦିଗନ୍ତ ରାଉତରାୟ, ସିଡିଏମ୍‌ଓ ବିଶ୍ୱରଞ୍ଜନ ପତି, ଅତିରିକ୍ତ ସିଡିମ୍‌ଓ ଦ୍ୱାରିକାନାଥ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।



- ୫୦ % ଲୋକ କର୍କଟ ରୋଗର ଶିକାର
- ୪୪ ହାଇସ୍କୁଲ, ୨ କଲେଜ ତମାଖୁମୁକ୍ତ ଅଞ୍ଚଳ ଚୟନ
- ୫୪ଜଣଙ୍କଠାରୁ ଜରିମାନା ଆଦାୟ

# ଥାନାଛକ-ତିରୁମଲ୍ଲ ରାସ୍ତା ଶୋଚନୀୟ

**ଜଟଣୀ,୪।୧(ଡି.ଏନ୍.ଏ.)-**

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ୧୨, ୧୩ ଏବଂ ୧୪ ନଂ ୱାର୍ଡ ଦେଇ ଯାଇଥିବା ଥାନା ଛକଠାରୁ ତିରୁମଲ୍ଲ ପର୍ଯ୍ୟନ୍ତ ମୁଖ୍ୟରାସ୍ତା ଖାଲଖମା ଯୋଗୁ ଶୋଚନୀୟ ହୋଇପଡ଼ିଛି। ଫଳରେ ସାଧାରଣ ଲୋକେ ଯିବାଆସିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଏଥିପ୍ରତି ପ୍ରଶାସନର ଦୃଷ୍ଟି ଦେବାକୁ ଦାବି ହେଉଛି। ଜଟଣୀର ଅନେକ ରାସ୍ତା ଖୋର୍ଦ୍ଧା ଆର୍‌ଆଣ୍ଡବି ଡିଭିଜନ ଅଧୀନରେ ରହିଛି। ତେବେ ରକ୍ଷଣାବେକ୍ଷଣ ଓ ମରାମତି ଅଭାବରୁ ଅଧିକାଂଶ ରାସ୍ତା ସବୁ ଖାଲଖମାରେ ପରିପୂର୍ଣ୍ଣ। ସେହିଭଳି ଥାନାଛକଠାରୁ ତିରୁମଲ୍ଲ ପର୍ଯ୍ୟନ୍ତ ରାସ୍ତାଟି ପିରୁଗୋଡ଼ି ଉଠି ଖାଲଖମା ହୋଇଯାଇଥିବାରୁ ମରଣଯନ୍ତା ପାଲଟିଛି। ଏହି ରାସ୍ତା ଉପରେ ଜଟଣୀ ବ୍ଲକର ତିରୁମଲ୍ଲ,ବେଣାପଞ୍ଜରୀ,ଅରଗୁଳ ସହିତ ଜଟଣୀ ସହରର ଶହଶହ ଲୋକ ନିର୍ଭର କରିଥାନ୍ତି। ଏଥିସହ ଏହି ରାସ୍ତା ଦେଇ ପ୍ରତିଦିନ ଶତାଧିକ ଗାଡି, ଜନସାଧାରଣ ଯାତାୟତ କରୁଥିବାବେଳେ ଖାଲ ଯୋଗୁ ସାନ ବଡ଼ ଦୁର୍ଘଟଣାମାନ ହେଉଛି। ବିଭାଗୀୟ କର୍ମଚାରୀଙ୍କ ଅବହେଳା ଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଥାନାଛକଠାରୁ ରାସ୍ତାର ଉଭୟ ପାର୍ଶ୍ୱରେ ନାଳ ଏବଂ ବର୍ଷା ପାଣି ନିଷ୍କାସିତ ହେବା ପାଇଁ ସୁବ୍ୟବସ୍ଥା ନ ଥିବାରୁ ଅପରିଷ୍କାର ପାଣି ରାସ୍ତା ଉପରକୁ ଆସୁଥିବାରୁ ରାସ୍ତାଟି ଦୁର୍ଗନ୍ଧରେ ଫାଟି ପଡୁଛି। ଏହି ରାସ୍ତାଦେଇ ପଥର ଖଣିରୁ ରାତିଦିନ ଶହଶହ ପଥର ଓ ମୋରମ ଟ୍ରକ ଏବଂ ଟ୍ରାକ୍ଟର ଯାତାୟାତ କରୁଥିବାରୁ ରାସ୍ତାରୁ ପିଚୁଉଠି ଯାଇଛି। ଜିଲା ପ୍ରଶାସନ ଏବଂ ସ୍ଥାନୀୟ ନେତୃବୃନ୍ଦ ଏଥିପ୍ରତି ଗୁରୁତ୍ୱ ଦେବା ନିମନ୍ତେ ସାଧାରଣରେ ଦାବି ହେଉଛି। ତେବେ ଏ ନେଇ ବିଭାଗୀୟ ଅଧୀକାରୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରି ନାହିଁ।



ଥାନାଛକ-ତିରୁମଲ୍ଲ ରାସ୍ତାରେ ଖାଲଖମା ସୃଷ୍ଟି ହୋଇଛି ।

## ଖାଦ୍ୟ ନିରାପତ୍ତା, ଅନ୍ଧତ୍ୱ ଦୂରୀକରଣ ଉପରେ ଗୁରୁତ୍ୱ


**ଖୋର୍ଦ୍ଧା ଅଫିସ,୪।୧**

ଖାଦ୍ୟ ନିରାପତ୍ତା ସଂକ୍ରାନ୍ତ ଖୋର୍ଦ୍ଧା ଜିଲାସ୍ତରୀୟ ପରାମର୍ଶ କମିଟି ବୈଠକ ସୋମବାର ଅତିରିକ୍ତ ଜିଲାପାଳ ମନୋଜ ପାଢୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସୁଷମ ଖାଦ୍ୟ ଯୋଗାଣ, ଖାଦ୍ୟର ମାନ ଯାଞ୍ଚ ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ଖାଦ୍ୟ ଯୋଗାଣକାରୀ ସଂସ୍ଥା ଓ ହୋଟେଲ କର୍ତ୍ତୃପକ୍ଷଙ୍କୁ ଲାଇସେନ୍ସ ନେବାକୁ ପଡ଼ିବ। ୧୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର କାରବାର କରୁଥିବା ସଂସ୍ଥା ଓ ହୋଟେଲ ପଞ୍ଜିକରଣ କରିବେ। ସେହିପରି ଅନ୍ଧତ୍ୱ ଦୂରୀକରଣ ସଂକ୍ରାନ୍ତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ମନୋଜ ପାଢୀ ଅଧକ୍ଷତା କରିଥିଲେ। ବେସରକାରୀ ଚିକିତ୍ସାଳୟ ଏବଂ ଅନୁଷ୍ଠାନ ପକ୍ଷରୁ ଆୟୋଜନ ହେଉଥିବା ଚକ୍ଷୁ ଚିକିତ୍ସା ଶିବିର, ମୋତିଆବିନ୍ଦୁ ଅସ୍ତ୍ରୋପଚାର, ସୁନେତ୍ର କାର୍ଯ୍ୟକ୍ରମ ବିଷୟରେ ଆଲୋଚନା ହୋଇଥିଲା। ସରକାରୀ ନିୟମ ପାଳନ କରୁଥିବା ବେସରକାରୀ ସଂସ୍ଥାକୁ ଲାଇସେନ୍ସ ଓ ନବୀକରଣ ସକାଶେ ଅନୁମତି ଦିଆଯିବ। ବୈଠକରେ ସିଡିଏମଓ ବିଶ୍ୱରଞ୍ଜନ ପତି, ପିଡି ଡିଆର୍‌ଡିଏ ଦିଗନ୍ତ ରାଉତରାୟ, ଅତିରିକ୍ତ ସିଡିଏମଓ ଦ୍ୱାରିକାନାଥ ଶତପଥୀ, ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଜୀବନ୍ତ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ରେଲି ଉପହାର ଦୃଷ୍ଟିହୀନଙ୍କ ଲାଗି ଅମୂଲ୍ୟ ବରଦାନ

**ଖୋର୍ଦ୍ଧା ଅଫିସ,୪।୧:**

ମିଲ୍‌ଟନ୍ ଦୃଷ୍ଟିହୀନ ସେବା ପ୍ରତିଷ୍ଠାନ ପକ୍ଷରୁ ବ୍ରେଲି ଲିପିର ଜନକ ଲୁଇ ବ୍ରେଲ୍‌ଙ୍କ ଜୟନ୍ତୀ ଉତ୍ସବ ଖୋର୍ଦ୍ଧାସ୍ଥିତ ଏକ ଘରୋଇ ହୋଟେଲରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ରଞ୍ଜନ ବିଶ୍ୱାଳ ଅଧକ୍ଷତା କରିଥିଲେ। ଅତିଥି ଭାବେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରସନ୍ନ ମଲ୍ଲିକ, ସ୍ୱାମୀ ବିବେକାନନ୍ଦ ଭିନ୍ନକ୍ଷମ ତାଲିମ ଓ ଗବେଷଣା ଅନୁଷ୍ଠାନର ପ୍ରୋଗାମ ସଂଯୋଜକ ଏ. ଏନ୍. ନନ୍ଦ, ରାଧିକା ଚାରିଟେବୁଲ ଟ୍ରଷ୍ଟର ଅର୍ଜୁନ ଦାସ ପ୍ରମୁଖ ଯୋଗଦେଇଥିଲେ। ଲୁଇ ବ୍ରେଲଙ୍କ ବ୍ରେଲି ଉପହାର ଦୃଷ୍ଟିହୀନଙ୍କ ଲାଗି ଅମୂଲ୍ୟ ବରଦାନ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ୯୦ ଜଣ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ସ୍ମାର୍ଟଫୋନ, ୨୫ଜଣ ବିଦ୍ୟାର୍ଥୀଙ୍କୁ ବୃତ୍ତିରାଶି ଏବଂ ୧୬ ଜଣଙ୍କୁ କମ୍ପ୍ୟୁଟର ସାର୍ଟିଫିକେଟ ପ୍ରଦାନ କରାଯାଇଛି। ଅନୁଷ୍ଠାନର ସମ୍ପାଦକ ମାଧବ ବିଶୋଇ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ସଭାପତି ବିଶ୍ୱାଳ ବାର୍ଷିକ ବିବରଣୀ ପାଠ କରିଥିଲେ । ଉପସଭାପତି ସିଦ୍ଧାର୍ଥ ଶଙ୍କର ରାଉତ ଧନ୍ୟବାଦ ଦେଇଥିଲେ।



ଏସ୍‌ଟିଏଲ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ସହ ଚାମ୍ପିୟନ ଟିମ୍ ରୁଲ୍‌ସ ମେକରର ଖେଳାଳିମାନେ ।

# ଆର୍‌ସିବିକୁ ହରାଇ ରୁଲସ୍ ମେକର ଚାମ୍ପିୟନ

**ଜଟଣୀ,୪।୧(ଡି.ଏନ୍.ଏ.)**

**ଏସ୍‌ଟିଏଲ୍ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ**

ଜଟଣୀ ଅଧୀନ ଷଣ୍ଡପୁରର ଗୋପୀନାଥପୁର ଖେଳପଡିଆ ପରିସରରେ୧୫ଦିନ ଧରି ଚାଲିଥିବା ଏସ୍‌ଟିଏଲ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ''ମାଁ କାଳିକା ଯୁବକ ସଂଘ''କ୍ରିକେଟ ଆସୋସିଏଶନ ଦ୍ୱାରା ଆୟୋଜିତ ପ୍ରତିଯୋଗିତାରେ ଆୟୋଜକ ଟିମ୍ ଆରସିବିକୁ ହରାଇ ଭୁବନେଶ୍ୱରର ରୁଲସ୍ ମେକର ଚାମ୍ପିୟନ ହୋଇଥିଲା। ପ୍ରତିଯୋଗିତାରେ ୧୬ଟି ଦଳ ଅଂଶଗ୍ରହଣ କରିଥିବାବେଳେ ଫାଇନାଲ ମ୍ୟାଚ ରୁଲସ୍ ମେକର ଏବଂ ଆର୍‌ସିବି ମଧ୍ୟରେ ହୋଇଥିଲା। ୧୯ ଓଭରରେ ଆରସିବି ସମୁଦାୟ ୧୩୫ ରନ୍ କରିଥିବାବେଳେ ରୁଲସ୍ ମେକର ଆବଶ୍ୟକ ରନ୍ କରି ବିଜୟୀ ହୋଇଥିଲା। ସମୁଦାୟ ମ୍ୟାଚ୍‌ରେ ମ୍ୟାନ ଅଫ ଦି ମ୍ୟାଚ ଏବଂ ମ୍ୟାନ ଅଫ୍ ଦି ସିରିଜ ରୁଲସ ମେକର ଦଳକୁ ଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ବିଜେଡି ନେତା ସନ୍ତୋଷ କୁମାର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳ ଓ ରନର୍ସ ଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଖୋର୍ଦ୍ଧାର ବିଜେଡି ଉପ-ସଭାପତି ରାଜକିଶୋର ସ୍ୱାଇଁ, ଅନନ୍ତ ଶତପଥୀ, ଶିକ୍ଷାବିତ ସୁଶାନ୍ତ ରାଉତ, ସୁଶାନ୍ତ ଦାସ ପ୍ରମୁଖ ସାମିଲ ଥିଲେ।

# ୨୨.୭୭ ଲକ୍ଷ ଲୋକଙ୍କୁ ବଣ୍ଟାଯିବ ଫାଇଲେରିଆ ବଟିକା

**ଖୋର୍ଦ୍ଧା ଅଫିସ, ୪।୧**

ଲିମ୍ଫାଟିକକ୍ ଫାଇଲେରିଆ ନିରାକରଣ ପାଇଁ ସୋମବାର ଖୋର୍ଦ୍ଧା ଜିଲାସ୍ତରୀୟ ସମନ୍ୱୟ କମିଟି ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ମନୋଜ ପାଢୀ ଅଧକ୍ଷତା କରିଥିଲେ। ସିଡିପିଓ ବିଶ୍ୱରଞ୍ଜନ ପତି, ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଜୀବନ୍ତ ଆଚାର୍ଯ୍ୟ ଫାଇଲେରିଆ ନିରାକରଣ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲାରେ ଆସନ୍ତା ଫେବୃୟାରୀ ୧୦ତାରିଖରେ ବଟିକା ବଣ୍ଟାଯିବ। ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ, ସ୍ୱାସ୍ଥ୍ୟକର୍ମୀମାନେ ଘର ଘର ବୁଲି ଏହି ବଟିକା ବାଣ୍ଟିବେ। ଯେଉଁମାନେ ଏଥିରୁ ବଞ୍ଚିତ ରହିବେ, ସେମାନଙ୍କୁ ପୁନଃ ବଟିକା ବଣ୍ଟନର ବ୍ୟବସ୍ଥା କରାଯିବ। ୨ବର୍ଷରୁ କମ୍ ଶିଶୁ, ଗର୍ଭବତୀ ମହିଳା ଓ ଗୁରୁତର ରୋଗୀଙ୍କ ବ୍ୟତୀତ ଅନ୍ୟମାନେ ଏହି ବଟିକା ଖାଇପାରିବେ। ଏହି ବଟିକା ଖାଇଲେ ମାଇକ୍ରୋ ଫାଇଲେରିଆ ଜୀବାଣୁମୁକ୍ତ ହେବ। ଚଳିତ ବର୍ଷ ଜିଲାରେ ୨୨ଲକ୍ଷ ୭୭ହଜାର ଲୋକଙ୍କୁ ଫାଇଲେରିଆ ବଟିକା ଦିଆଯିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଗତବର୍ଷ ୮୫ ପ୍ରତିଶତ ଲୋକେ ଏହି ବଟିକା ଖାଇଥିଲେ। ଚଳିତ ବର୍ଷ ଏହାକୁ ଶତ ପ୍ରତିଶତ କରିବାକୁ ଚେଷ୍ଟା କରାଯିବ। ଫାଇଲେରିଆ ନିରାକରଣ କାର୍ଯ୍ୟକ୍ରମ ସକାଶେ ସ୍ୱାସ୍ଥ୍ୟକର୍ମୀଙ୍କୁ ଆବଶ୍ୟକ ତାଲିମ ଦିଆଯିବ। ଗ୍ରାମାଞ୍ଚଳ ସ୍ତରରେ ଗାଁ କଲ୍ୟାଣ ସମିତିକୁ ସାମିଲ କରାଯିବ। ଏହି ବୈଠକରେ ପିଡି ଡିଆର୍‌ଡିଏ ଦିଗନ୍ତ ରାଉତରାୟ, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଦ୍ୱାରିକାନାଥ ଶତପଥୀ, ସହକାରୀ ଜନସ୍ୱାସ୍ଥ୍ୟ ସଞ୍ଚାର ଅଧିକାରୀ ପ୍ରସନ୍ନ ମିଶ୍ରଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ଜିଲାସ୍ତରୀୟ ସମନ୍ୱୟ କମିଟି ବୈଠକରେ ଉପସ୍ଥିତ ଅଧିକାରୀମାନେ ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବିଶ୍ୱଜିତା



@ ଦୀପକ



@ ଲିପକ



@ ସମ୍ଭାବନା



@ ସ୍ମୃତିରେଖା



@ ଶ୍ୱେତସୁଧା



@ ଅଂଶୁମାନ୍



@ ପ୍ରତିଭା

## ଦୋକାନୀଙ୍କୁ ଆକ୍ରମଣ: ଜଣେ ଗିରଫ

ପୁରୀ ଅଫିସ, ୪।୧-ଜିନିଷ ନେଇ ଟଙ୍କା ନ ଦେବା ଓ ଦୋକାନୀଙ୍କୁ ଆକ୍ରମଣ କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ବୁଲୁ ବେହେରା (୩୮)। ତାଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି। ତାଙ୍କଠାରୁ ୫ଶହ ଟଙ୍କା ଓ ନମ୍ବର ବିହୀନ ଏକ ବାଇକ୍ ଜବତ ହୋଇଛି। ଅଭିଯୋଗ ଅନୁଯାୟୀ, ବୁଲୁ ଓ ତାଙ୍କ ବନ୍ଧୁ ଧୁନା ଶୁଭ ପ୍ୟାଲେସ ଛକସ୍ଥିତ ଆରତି ମଣ୍ଡଳଙ୍କ ଦୋକାନରେ ପହଞ୍ଚି ସିଝା ଅଣ୍ଡା ଖାଇଥିଲେ। ଆରତି ଟଙ୍କା ମାଗିବାରୁ ଦୁହେଁ ନ ଦେଇ ଓଲଟା ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏପରିକି ତାଙ୍କଠାରୁ ୧୮ଶହ ଟଙ୍କା ଓ ଏକ ମୋବାଇଲ ଫୋନ୍ ଛଡ଼ାଇ ନେଇଥିଲେ। ଏ ନେଇ ଆରତି ବଳିଆପଣ୍ଡା ଥାନାରେ ଅଭିଯୋଗ କରିଥିଲେ।



# ଗହଳି କମାଇଛି କୋଭିଡ୍ ରିପୋର୍ଟ

ପୁରୀ ଅଫିସ,୪।୧



ଶ୍ରୀମନ୍ଦିରରେ ଦର୍ଶନ ପାଇଁ ରବିବାର ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ପ୍ରାୟ ୪ ହଜାର ଭକ୍ତ ଦାରୁଦିଅଙ୍କ ଦର୍ଶନ କରିଥିଲେ। ତେଣୁ ଆଗାମୀ ଦିନଗୁଡ଼ିକରେ ଭକ୍ତଙ୍କ ସଂଖ୍ୟା ବଢ଼ିବ ବୋଲି ଅନୁମାନ କରାଯାଉଥିଲା। ମାତ୍ର ସୋମବାର ଶ୍ରଦ୍ଧାଳୁଙ୍କ ସଂଖ୍ୟା କମ୍ ଥିଲା। ସନ୍ଧ୍ୟା ବେଳେ କିଛି ସମୟ ଲାଗି ଗହଳି ହୋଇଥିଲେ ମଧ୍ୟ ଦିନତମାମ୍ ବ୍ୟାରିକେଡ୍‌ଗୁଡ଼ିକ ଫାଙ୍କା ପଡ଼ିଥିଲା। ମୋଟ ୨୧ ଶହ ଭକ୍ତ ଦର୍ଶନ କରିଥିବା ସୂଚନା ମିଳିଛି। ଏହାର କାରଣ କୋଭିଡ୍ ରିପୋର୍ଟ ବୋଲି ଜଣାପଡ଼ିଛି। ମହାପ୍ରଭୁଙ୍କ ଦର୍ଶନ ଲାଗି ଲୋକଙ୍କର ଉତ୍ସାହ ରହିଥିଲେ ମଧ୍ୟ କୋଭିଡ୍ ନେଗେଟିଭ୍ ରିପୋର୍ଟ ଆଣିବା ବାଧ୍ୟତାମୂଳକ ହୋଇଥିବାରୁ ଏହା ସମସ୍ୟା ସୃଷ୍ଟି କରୁଛି। ଭକ୍ତ-ଭଗବାନଙ୍କ ମିଳନରେ ଏହା ଏକପ୍ରକାର ବାଧକ ସାଜିଛି। ସେହିଭଳି ମନ୍ଦିର ପ୍ରବେଶ ପାଇଁ କୋଭିଡ୍ ନେଗେଟିଭ୍ ରିପୋର୍ଟ ଜରୁରୀ ହୋଇଥିବାରୁ ପୁରୀ ସହରବାସୀ ମଧ୍ୟ କୋଭିଡ୍ ଟେଷ୍ଟ କରାଇବା ନେଇ ଆଗ୍ରହ ପ୍ରକାଶ କରୁନାହାନ୍ତି। ଅନ୍ୟପକ୍ଷରେ ସୋମବାର ଶ୍ରୀମନ୍ଦିର ଦ୍ୱାରଫିଟା ନୀତି ୪ଟା ୩୦ ମିନିଟରେ ହୋଇଥିବାବେଳେ ସକାଳ ୭ଟା ୩୦ରୁ ଦର୍ଶନ ଆରମ୍ଭ ହୋଇଥିଲା। ପ୍ରଥମେ ଗହଳି ହୋଇଥିଲେ ମଧ୍ୟ ପରେ ଚିତ୍ର ଭିନ୍ନ ରହିଥିଲା। ଶ୍ରୀମନ୍ଦିର ହୁଣ୍ଡିରୁ ସୋମବାର ୮୬,୬୬୩ ଟଙ୍କା ଓ ୧୪ ଗ୍ରାମ ୫ଶହ ମିଲିଗ୍ରାମର ରୁପା ମିଳିଛି। ଦର୍ଶନ ବ୍ୟବସ୍ଥା ଶୃଙ୍ଖଳିତ ରହିଥିବା ବେଳେ ପୋଲିସ ପ୍ରଶାସନ ପକ୍ଷରୁ ଟ୍ରାଫିକ୍ ବ୍ୟବସ୍ଥାର ସୁପରିଚାଳନା କରାଯାଇଛି।

## ଜୋତା ଦୋକାନରେ ଅଗ୍ନିକାଣ୍ଡ

କାକଟପୁର,୪।୧(ଡି.ଏନ୍.ଏ.)

କାକଟପୁର ମଙ୍ଗଳା ବଜାରରେ ଥିବା ଏକ ଚପଲ ଦୋକାନରେ ରବିବାର ବିଳମ୍ବିତ ରାତ୍ରିରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ଚପଲ ପୋଡି ନଷ୍ଟ ହୋଇଯାଇଛି। ଖବରପାଇ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡି ନାହିଁ। କାକଟପୁର ଥାନା ପୋଲିସ ଉକ୍ତ ଘଟଣାର ତଦନ୍ତ ଆରମ୍ଭ କରିଛି। ରବିବାର ରାତିରେ ଉକ୍ତ ଦୋକାନରେ ନିଆଁ ଲାଗିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସ ଓ ଦମକଳକୁ ଜଣାଇଥିଲେ।

## ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟକ୍ଷମ ପାଇଁ ଦାବି



ସିଡିଏମ୍‌ଓଙ୍କୁ ଦାବିପତ୍ର ଦେବାକୁ ଆସିଥିବା ବାସୁଦେବପୁର ବାସିନ୍ଦା।

ପୁରୀ ଅଫିସ,୪।୧:

ଚମାରକେରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ତୁରନ୍ତ କାର୍ଯ୍ୟକ୍ଷମ ଦାବିରେ ବାସୁଦେବପୁର ପଞ୍ଚାୟତବାସୀ ସୋମବାର ପୁରୀ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ)ଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ, ଚମାରକେରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଗୃହ ନିର୍ମାଣ କାର୍ଯ୍ୟ ସରିଥିଲେ ମଧ୍ୟ ଦୀର୍ଘ ୪ବର୍ଷ ହେବ କାର୍ଯ୍ୟକ୍ଷମ ହୋଇପାରି ନାହିଁ। ବାସୁଦେବପୁର ପଞ୍ଚାୟତରେ ୬ହଜାର ଲୋକ ରହୁଥିବାବେଳେ ଏମାନେ ସ୍ୱାସ୍ଥ୍ୟସେବା ଲାଗି ହଇରାଣ ହେଉଛନ୍ତି। ତେଣୁ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ତୁରନ୍ତ ଡାକ୍ତର ଏବଂ ଅନ୍ୟ କର୍ମଚାରୀ ନିଯୁକ୍ତି ଦିଆଗଲେ ଲୋକେ ସେବା ପାଇପାରିବେ।

## କୁମ୍ଭକାରଙ୍କ ବାର୍ଷିକ ମୃତ୍ତିକା ଅନୁକୂଳ ଯୋଗ ନିର୍ଘଣ୍ଟ

ପୁରୀ ଅଫିସ,୪।୧

ମାର୍ଗଶିର ମାସ ଶୁକ୍ଳପକ୍ଷ ପଞ୍ଚମୀଠାରୁ କୁମ୍ଭକାରଙ୍କ କୁରାଳ ପଞ୍ଚମୀ ପର୍ବ ପାଳନ ହୋଇଛି। ଏହାପରେ ମୃତ୍ତିକା ଅନୁକୂଳ ହେବ। ଏ ନେଇ ସୋମବାର ଯୋଗ ନିର୍ଘଣ୍ଟ କରାଯାଇଛି। କୁମ୍ଭକାର ନିଯୋଗର ସାଧାରଣ ସଭାରେ ଜ୍ୟୋତିଷମାନଙ୍କ ଦ୍ୱାରା ଶୁଭ ଅନୁକୂଳ ଯୋଗ ନିର୍ଘଣ୍ଟ ହୋଇଛି। ଆସନ୍ତା ୧୦ ତାରିଖକୁ ଯୋଗ ନିର୍ଘଣ୍ଟ ଭାବେ ଧାର୍ଯ୍ୟ କରାଯାଇଥିବାବେଳେ ଏହି ଦିନ ମାଟି ଅନୁକୂଳ କରିବା ପାଇଁ କୁମ୍ଭକାର ନିଯୋଗ ପକ୍ଷରୁ ସ୍ଥିର ହୋଇଛି। କୁମ୍ଭକାର ନିଯୋଗ ପକ୍ଷରୁ ପ୍ରତିବର୍ଷ ଏଭଳି କାର୍ଯ୍ୟକ୍ରମ କରାଯାଇଥାଏ। ମାଟି ଅନୁକୂଳ ପୂର୍ବରୁ କୁମ୍ଭକାର ନିଯୋଗ ଏକ ଶୁଭ ବେଳା ନିର୍ଦ୍ଧାରଣ କରିଥାଏ ଓ ସେହି ଦିନଠାରୁ ହିଁ କାର୍ଯ୍ୟ ଆରମ୍ଭ ହୋଇଥାଏ।

## ଶିକ୍ଷାବିତ୍ ଦିବାକର ତ୍ରିପାଠୀଙ୍କ ପରଲୋକ

ପୁରୀ ଅଫିସ,୪।୧



ବିଶ୍ୱମ୍ଭର ବିଦ୍ୟାପୀଠର ପୂର୍ବତନ ଶିକ୍ଷକ ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷାବିତ୍ ଦିବାକର ତ୍ରିପାଠୀ (୮୫)ଙ୍କର ରବିବାର ରାତିରେ ପରଲୋକ ଘଟିଛି। ଦୀର୍ଘଦିନ ଧରି ସେ ଛାତି ଯନ୍ତ୍ରଣାଜନିତ ସମସ୍ୟାରେ ପୀଡ଼ିତ ଥିଲେ। ସେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସାଧୀନ ଥିବାବେଳେ ତାଙ୍କର ମୃତ୍ୟୁ ଘଟିଛି। ସୋମବାର ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଜିଲାର ଅନେକ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ। ସାହିତ୍ୟ, କଳା ଓ ସଂସ୍କୃତି କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ରହିଛି।

## ଖେଳ ଦେଖିବାକୁ ନେଇ ମାରପିଟ, ୨ ଗିରଫ

ଡେଲାଙ୍ଗ,୪।୧(ଡି.ଏନ୍.ଏ.)- ଡେଲାଙ୍ଗ ଥାନା ଅଧୀନ କଲ୍ୟାଣପୁର ଗ୍ରାମରେ ଖେଳ ଦେଖିବାକୁ ନେଇ ମାରପିଟ ଅଭିଯୋଗରେ ପୋଲିସ ସୋମବାର ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଗ୍ରାମର ପ୍ରଭାତ ପ୍ରଧାନ ଓ ଆଶିଷ ଭଞ୍ଜ। ତେବେ ଏହି ଘଟଣାରେ ଅନ୍ୟ କେତେଜଣ ଫେରାର ଥିବା ଥାନାଧିକାରୀ ରଶ୍ମିରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ରବିବାର କଲ୍ୟାଣପୁର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଖେଳ ଦେଖି ଫେରୁଥିବା ବେଳେ ଆଶିଷ ଓ ତିପୁରୀ ଗ୍ରାମର ମିଳନ ମହାପାତ୍ର(୧୨)ଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବଚସା ହୋଇଥିଲା। ଏହି ସମୟରେ ମିଳନଙ୍କ ମୁଣ୍ଡକୁ ଆଶିଷ୍ ଆକ୍ରମଣ କରିଥିଲା। ଏହାଦେଖି ମିଳନଙ୍କ ସାଙ୍ଗ ସାର୍ଥକ ମହାପାତ୍ର ଓ ସୌମ୍ୟସନ୍ଦିପ ନାୟକ ପ୍ରତିବାଦ କରିବାରୁ ଆଶିଷର ସହଯୋଗୀମାନେ କାଠ ଫାଳିଆରେ ୩ଜଣଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଏ ନେଇ ମିଳନର ବାପା ମନୋରଞ୍ଜନ ମହାପାତ୍ର ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୋଲିସ ମାମଲା(ନଂ.୨/୨୧) ରୁଜୁ କରିବା ସହ ତଦନ୍ତ କରିବା ପରେ ୨ ଅଭିଯୁକ୍ତଙ୍କୁ ଧରିଥିଲା।

## ଅସ୍ତରଙ୍ଗ ବିଜେଡିରେ ଅସନ୍ତୋଷ

ଅସ୍ତରଙ୍ଗ, ୪।୧(ଡି.ଏନ୍.ଏ.)- ଅସ୍ତରଙ୍ଗସ୍ଥିତ ସବୁଜ ଶାଖା ପରିସରରେ ରବିବାର ବିଜେଡି କର୍ମୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ସଭାପତି ସାଇରଞ୍ଜନ ପ୍ରଧାନ ସଭାପତିତ୍ୱ କରିଥିଲେ। ଜିଲାପରିଷଦ ସଭ୍ୟ ଗଦାଧର ବିଶ୍ୱାଳ, ସମିତି ସଭ୍ୟ ଦିବାକର ଛାଟୋଇ, ବିଜୟ କାଣ୍ଡି, ପାଟଳଦା ସରପଞ୍ଚ ପ୍ରଫୁଲ୍ଲ ବେହେରା, ଆଳସାହି ସରପଞ୍ଚ ଅଧିକାରୀ ବେହେରା, ନୂଆଗଡ଼ ସମିତି ସଭ୍ୟ ନିରୁପମା କାଣ୍ଡିଙ୍କ ସମେତ ୧୫ଟି ପଞ୍ଚାୟତର କର୍ମୀ ଯୋଗଦେଇଥିଲେ। ଅସ୍ତରଙ୍ଗ ବିଜେଡିରେ ପୁରୁଣା କର୍ମୀଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ ଉଠିଥିଲା। ଏ ନେଇ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଗଦାଧର ବିଶ୍ୱାଳ ଓ ଦିବାକର ଛାଟୋଇ କହିଛନ୍ତି ଯେ, ଦଳରେ ପୁରୁଖା କର୍ମୀଙ୍କୁ ଅଣଦେଖା ନେଇ ବୈଠକରେ ଆଲୋଚନା ବେଳେ ଅସନ୍ତୋଷ ପ୍ରକାଶ ପାଇଥିଲା।


**OFFICE OF THE ENGINEER-IN-CHIEF (CIVIL), ODISHA, BHUBANESWAR**
**GOVERNMENT OF ODISHA "e"-PROCUREMENT NOTICE**
**WORKS DEPARTMENT**
E-mail: ceworldbankprojects@gmail.com

**1st Corrigendum to Bid Identification No. CE-W.B.P. (O)-17/2020-21**

**No. B-588:-** The last date of receipt of tender invited for the works Construction of H.L. Bridge over Atharanalla on (Jajpur Bypass road) in the District of Jajpur for the year 2020-21 vide Bid Identification No. CE-WBP (O)-17/2020-21 is hereby extended upto 5.00 P.M. of 08.01.2021 and will be openend on 11.30 A.M. of 11.01.2021.
All other terms and conditions remain unchanged.

Sd./- Chief Engineer
World Bank Project, Odisha

OIPR-34003/11/0026/2021



**ବୟନଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର**

**ତୋଷାଳୀ ଜାତୀୟ ହସ୍ତଶିଳ୍ପ ମେଳା-୨୦୨୧ରେ ଭାଗନେବା ସମ୍ବନ୍ଧରେ ସୂଚନା**

No. PP-22:- ବିଗତ ବର୍ଷ ଭଳି ଚଳିତ ବର୍ଷ ଭୁବନେଶ୍ୱର ଜନତା ମଇଦାନରେ **ତା୨୧.୦୧.୨୦୨୧ଠାରୁ ତା୦୪.୦୨.୨୦୨୧** ପର୍ଯ୍ୟନ୍ତ ତୋଷାଳୀ ଜାତୀୟ ହସ୍ତଶିଳ୍ପ ମେଳା ଆୟୋଜନ କରାଯାଉଛି । ଏହି ମେଳାରେ ହସ୍ତତନ୍ତ ଉତ୍ପାଦିତ ବସ୍ତ୍ରର ବିକ୍ରୟ ନିମନ୍ତେ ରାଜ୍ୟର ବୁଣାକାର ଉଦ୍ୟୋଗୀ/ଜାତୀୟ ଅଥବା ରାଜ୍ୟ ପୁରସ୍କାର ପ୍ରାପ୍ତ ବୁଣାକାର/ଡିଜାଇନରମାନଙ୍କ ପାଇଁ ହସ୍ତତନ୍ତ ଉତ୍ପାଦର ବିକ୍ରୟ ନିମନ୍ତେ ଷ୍ଟଲର ବ୍ୟବସ୍ଥା କରାଯାଇଛି । ଏହି ବର୍ଗର ଇଚ୍ଛୁକ ପ୍ରାର୍ଥୀମାନେ ତା୧୩.୦୧.୨୦୨୧ ସୁଦ୍ଧା ନିମ୍ନଲିଖିତ ଫର୍ମରେ ତାଙ୍କ ଅଞ୍ଚଳରେ ଥିବା ବିଭାଗୀୟ ମଣ୍ଡଳ ସହକାରୀ ନିର୍ଦ୍ଦେଶକଙ୍କୁ ଆବେଦନ କରିବାକୁ ଅନୁରୋଧ । ଦିବ୍ୟାଙ୍ଗ ବ୍ୟକ୍ତିବିଶେଷ ତଥା ସଂସ୍ଥାମାନଙ୍କ ନିମନ୍ତେ ଷ୍ଟଲ ସଂରକ୍ଷଣର ବ୍ୟବସ୍ଥା ରହିଛି । ଏ ସମ୍ବନ୍ଧରେ ନଭେମ୍ବର ୨୦୨୦ରେ ଦାଖଲ କରିଥିବା ଦରଖାସ୍ତକାରୀଙ୍କୁ ପୁନର୍ବାର ଦରଖାସ୍ତ କରିବା ଆବଶ୍ୟକତା ନାହିଁ।

ସ୍ୱା./- ନିର୍ଦ୍ଦେଶକ, ବୟନଶିଳ୍ପ ନିର୍ଦ୍ଦେଶାଳୟ
ଓଡ଼ିଶା, ଭୁବନେଶ୍ୱର

**ତୋଷାଳୀ ଜାତୀୟ ହସ୍ତଶିଳ୍ପ ମେଳା-୨୦୨୧ରେ ଭାଗ ନେବାପାଇଁ ଆବେଦନ ଫର୍ମ**

୧) ପ୍ରାର୍ଥୀ/ସଂସ୍ଥା/ଏସ୍‌ଏଚ୍‌ଜିର ନାମ:
୨) ଏସ୍‌ଏଚ୍‌ଜି/ସଂସ୍ଥା ରେଜିଷ୍ଟ୍ରେସନ ନମ୍ବର/ତାରିଖ:
୩) ପ୍ରାର୍ଥୀଙ୍କ କ୍ଷେତ୍ରରେ-
କ) ବୁଣାକାର ପରିଚୟ ପତ୍ର ନମ୍ବର (ଆବଶ୍ୟକ ସ୍ଥଳେ):
ଖ) ବୟସ ଓ ଯୋଗ୍ୟତା:
ଗ) ହସ୍ତତନ୍ତ ବୟନ/ବିକ୍ରୟ/ଡିଜାଇନିଂ କ୍ଷେତ୍ରରେ ଅଭିଜ୍ଞତା (ବର୍ଷରେ):
ଘ) ପାଇଥିବା ଜାତୀୟ/ରାଜ୍ୟ ପୁରସ୍କାରର ବିବରଣୀ:
୪) ବାର୍ଷିକ କରୁଥିବା ବ୍ୟବସାୟର ମୂଲ୍ୟ:
(କ୍ରମିକ ସଂଖ୍ୟା- ୨, ୩ରେ ଦିଆଯାଇଥିବା ତଥ୍ୟ ସହିତ ପ୍ରମାଣପତ୍ର ଓ କ୍ରମିକ ସଂଖ୍ୟା-୮ ନିମନ୍ତେ ନିଜସ୍ୱ ଶପଥ ପାଠ ଦାଖଲ କରିବାକୁ ଅନୁରୋଧ ।)

OIPR-31003/11/0008/2021



**OFFICE OF THE**
**MUNICIPAL COUNCIL, RAYAGADA**
No. 6 Dtd. 01.01.2021

**"e" TENDER NOTICE**

**Bid Identification No. RGDA-MUN-08/2020-21**

Bid documents consisting of **22 (Twenty two) Nos. of Civil Work (Roads and Building)** with their Estimated Cost (Work Value), Cost of Tender Paper, E.M.D., Time of Completion, Class of Contractors, Additional Performance Security Deposit and the set of terms and conditions applicable for the contract and other required necessary documents can be seen in the Government website **(i.e. http://tendersodishag.gov.in)**.

1. Name of the Work : Civil Works (Roads and Building) as mentioned in the website
2. No. of Works : 22 (Twenty two) Nos.
3. Estimated Costs : (As mentioned in the DTCN)
4. Period of Completion : As mentioned against the work in the NIT/DTCN.
5. Date & time of availability of Bid document on the portal : From dated 06.01.2021, 11.30 A.M. hrs. to dated 28.01.2021 05.30 P.M. hrs.
6. Last date & time for Original documents submission on or before : Dated 01.02.2021, 05.30 P.M. hrs.
7. Bids received online to be opened on : Dated 02.02.2021, 11.30 A.M. hrs.
8. Name and address of the Officer Inviting the Bid : Executive Officer, Rayagada Municipality, Rayagada

Further details can be seen from the procurement portal **http://tendersorissa.gov.in**.

Sd./- Executive Officer
Rayagada Municipality



**PANCHAYAT SAMITI OFFICE**
**LAHUNIPARA, DIST.- SUNDARGARH**
No. 05 Date: 04.01.2021

**TENDER NOTICE**

The Block Development Officer, LAHUNIPARA, Dist.- Sundargarh invites sealed tender on behalf of Govt. of Odisha from registered and eligible contractor of the State P.W.D. (R&B)/ Water Resources/Rural Works/M.I./C.P.W.D. for the following works eventually to be drawn up in the PWD-F2 forms in conformity with the Detailed Tender Call Notice. The bidders may submit bid for the following works.

| Sl. No. | Name of the Work | Estimated Cost (Rs. in Lakh) | Tender Value (Rs. in Lakh) | Cost of Tender Document (in Rs.) | EMD (in Rs.) | Time of Completion | Class of Contractor |
|---|---|---|---|---|---|---|---|
| 1 | Construction of AWC Building at Tasada of Mahulpada GP | 17.00 | 17.00 | 6000.00 | 17000/- | 6 (Six) Calendar Months | C & D |
| 2 | Construction of AWC Building at Kunu of Mahulpada GP | 17.00 | 17.00 | 6000.00 | 17000/- | 6 (Six) Calendar Months | C & D |

**Terms and Conditions:**

1) **Cost of Tender Paper:** The tender specification can be obtained from the Block Development Officer, LAHUNIPARA on payment towards the cost of tender papers as mentioned above (Non-refundable) in shape of Bank Draft drawn in favour of Block Development Officer, LAHUNIPARA, Dist. Sundargarh payable at SBI, Lahunipara on any working day from **06.01.2021 to 27.01.2021** for the above work.
2) **Sale of Tender Papers:** The tender documents will be sold from **06.01.2021 to 27.01.2021** at Block Office, LAHUNIPARA between **10 A.M. to 5 P.M.** on working days only.
3) **Date of receipt and mode of submission of Tender Papers:** The tenderers have to submit the sealed papers in complete shape through Registered Post/Speed Post only addressed to the Block Development Officer, LAHUNIPARA, Dist.- Sundargarh, PIN: 770040 superscribing **TENDER DOCUMENTS FOR "(mention the Project name here)"** on the top of the sealed envelope. The last date of receipt of tender papers is **27.01.2021 (5.00 P.M.)**. The undersigned will not be responsible for postal delay, if any or non-receipt of the papers in time.
4) **Date of Opening of Tender Paper:** The tender papers shall be opened on **28.01.2021 at 11 A.M.** in the presence of the tenderers or their authorized representatives having written authorization for the purpose and tender committee.
5) **Earnest Money Deposit:** The E.M.D. is to be deposited in shape of Term Deposit/N.S.C./ KVP in any Post Office or Term Deposit in any Nationalized Bank duly pledged in favour of Block Development Officer, LAHUNIPARA. The tender papers without required amount of EMD will not be considered and transfer or adjustment of EMD is also not admissible.
6) **Document to be attached:** The following documents should be furnished with the tender papers, failing which tender will be liable for rejection: a) E.M.D. pledged in favour of the Block Development Officer, LAHUNIPARA, b) Attested copy of contractor Registration Certificate, c) Attested copy of PAN Card, valid GST Registration, d) Attested copy of Caste Certificate issued by competent authorities in case of S.C./S.T. contractors desirous of availing preference, e) Affidavit as regards the fact of availing award of work without submission of E.M.D. during the current financial year in case of Engineer contractors desirous of availing exemption of E.M.D.
7) If any of the bidder quotes less than 15% of the tendered amount, then such a bid shall be rejected and the tender shall be finalized basing on merit of the rest bids and the provision laiddown in clause No. 36 of Memorandum No. 12366 dated 08.11.2013 of Works Department, Govt. of Odisha will be followed.
8) **Additional Performance Security Deposit:** The successful bidder those who have quoted less bid price/rate than the estimated cost put to tender shall have to furnish exact amount of differential cost i.e. estimated cost put to tender minus quoted amount as Additional Performance Security in shape of Term Deposit/N.S.C./K.V.P./Deposit receipt of any Nationalized Bank duly pledged in favour of the Block Development Officer, LAHUNIPARA within 7 days of issue of letter or accepatnace (LoA) and before execution of agreement, failing which the bid of successful bidder(s) shall be cancelled and the E.M.D. shall be forfeited followed with initiation of proceeding for black listing the bidder(s).
9) The E.M.D. amount will be forfeited, if tenderer backs out from the offer of acceptance of tender by the competent authority.
10) Submission of more than one tender paper by a bidder for single work will be liable for rejection of all such tender papers.
11) On review of last performance of the work executed through Block Development Officer, LAHUNIPARA the lowest-I tender may or may not be considered for the works through he/ she becomes lowest-I tenderer.
12) The contractors who have failed to execute projects of this agency/backed out from execution process/abandoned the project work nidway or who have been declared by this agency to be defaulters otherwise will not be allowed to participate in the present tender process. If any or such contractors participates then his/her papers will not be considered at all.
13) The undersigned reserves the right either to reject any or all tenders or cancel the entire process without assigning the reason thereof.

Sd./- Block Development Officer, LAHUNIPARA


See Career Appointment on every Wednesday & Saturday


**ଓଡ଼ିଶା ସରକାର**
**ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ**
**ଘୋଷଣା**

File No. 14 dated: 26.02.2020

No. II-16:- ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ **ମୌଜା କୋରିଆଁ, ଥାନା ଢେଙ୍କାନାଳ ଟାଉନ, ତହସିଲ ଢେଙ୍କାନାଳ, ଜିଲ୍ଲା ଢେଙ୍କାନାଳ**ରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଶାଳଗାଁ ବୁଢାପଙ୍କ ତାଳଚେରଠାରୁ ଜରପଡ଼ା ତୃତୀୟ ଓ ଚତୁର୍ଥ ରେଳ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।
ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୦୦ ତା୨୭.୦୨.୨୦୧୯ରିଖରେ ପ୍ରକାଶିତ ହୋଇଅଛି ।
ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ **ମୌଜା କୋରିଆଁ, ଥାନା ଢେଙ୍କାନାଳ ଟାଉନ, ଜିଲ୍ଲା ଢେଙ୍କାନାଳ**ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ ।

**ତଫସିଲ 'କ'**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

ଜିଲ୍ଲା: ଢେଙ୍କାନାଳ ତହସିଲ: ଢେଙ୍କାନାଳ

| ଖାତା ନଂ. | ପ୍ଲଟ ନଂ. | କିସମ | ମୋଟ ରକବା | ଅଧିଗ୍ରହଣ ରକବା | ରୟତଙ୍କ ନାମ |
|---|---|---|---|---|---|
| ୨୬ | ୩୫ | ଘରବାରି | ୦.୦୬୦ | ୦.୦୧୦ | ଉତ୍କଳ ଆଜ୍‌ବେଷ୍ଟସ୍ ଲିମିଟେଡ୍, କୋରିଆଣ |
| | ୩୯ | | ୦.୫୫୦ | ୦.୦୧୦ | |
| | ୪୦ | | ୦.୨୬୦ | ୦.୦୧୦ | |
| | ୪୩ | | ୦.୧୮୦ | ୦.୦୧୦ | |
| | ୪୪ | | ୦.୩୧୦ | ୦.୦୧୦ | |
| | ୪୭ | | ୦.୨୮୦ | ୦.୦୨୦ | |
| | ୪୮ | | ୦.୬୭୦ | ୦.୦୯୦ | |
| | ୫୨ | | ୦.୫୦୦ | ୦.୦୮୦ | |
| | ୫୩ | | ୦.୮୨୦ | ୦.୧୭୦ | |
| | ୫୪ | | ୦.୧୦୦ | ୦.୧୦୦ | |
| | ୫୫ | | ୦.୩୭୦ | ୦.୦୮୦ | |
| ୩୧୦ | ୫୮ | ରାସ୍ତା | ୦.୪୫୦ | ୦.୧୧୦ | ଉଦୟନାଥ ସାହୁ, ଗିରିଶ ଚନ୍ଦ୍ର ସାହୁ, ସୁରେଶ କୁମାର ସାହୁ, ସନ୍ତୋଷ କୁମାର ସାହୁ, ପି: ଗଣେଶ୍ୱର ସାହୁ, ଶୈଳବାଳା ସାହୁ, ସ୍ୱା: ଗଣେଶ୍ୱର ସାହୁ, ଜାତି: ଖଣ୍ଡାୟତ, ବା: ନିଜଗାଁ |
| | ୫୯ | ଘରବାରୀ | ୦.୩୯୦ | ୦.୨୯୦ | |
| ୯୧ | ୪୭୩ | ଶାରଦ-୩ | ୦.୨୮୦ | ୦.୦୨୦ | ଜୟକୃଷ୍ଣ ବେହେରା, ପି: ମଦନ ବେହେରା, ଜାତି: ଖଣ୍ଡାୟତ, ବା: ନିଜଗାଁ |
| | ୪୭୨ | ଶାରଦ-୩ | ୦.୨୧୪ | ୦.୦୪୦ | |
| | ୪୬୯ | ଶାରଦ-୨ | ୦.୦୪୦ | ୦.୦୪୦ | |
| | ୪୬୮ | | ୦.୭୫୬ | ୦.୪୪୦ | |
| | ୪୫୧ | | ୦.୪୫୦ | ୦.୦୬୦ | |
| | ୪୬୩ | | ୦.୮୧୦ | ୦.୨୬୦ | |
| ୧୨ | ୪୭୦ | ଶାରଦ-୩ | ୦.୧୪୦ | ୦.୦୬୦ | ଅପର୍ତ୍ତୀ ସ୍ୱାଇଁ, ପି: ଯୋଗୀ ସ୍ୱାଇଁ, ଦୂତୀ ସ୍ୱାଇଁ, ସ୍ୱା: ବାଞ୍ଛା ସ୍ୱାଇଁ, ଚମ୍ପା ସ୍ୱାଇଁ, ସ୍ୱା: ଅଧିକାରୀ ସ୍ୱାଇଁ, ଭାସ୍କର ସ୍ୱାଇଁ, ସର ସ୍ୱାଇଁ, ଛାୟା ସ୍ୱାଇଁ, କାକୀ ସ୍ୱାଇଁ, ପି: ଅଧିକାରୀ ସ୍ୱାଇଁ, ଜାତି: ଚଷା, ବା: ନିଜଗାଁ |
| | ୪୪୯ | ଶାରଦ-୨ | ୦.୦୩୦ | ୦.୦୩୦ | |
| ୫୮ | ୪୬୭ | ଶାରଦ-୨ | ୦.୦୪୦ | ୦.୦୪୦ | କୃଷ୍ଣ ଚନ୍ଦ୍ର ଦାସ, ନାରାୟଣ ଦାସ, ଶ୍ୟାମ ସୁନ୍ଦର ଦାସ, ପି: ପାଣ୍ଡୁ ସାହୁ, ଜାତି: ବ୍ରାହ୍ମଣ, ବା: ବଳଭଦ୍ରପୁର |
| ୨୨୪ | ୪୬୬ | ଶାରଦ-୨ | ୦.୧୮୦ | ୦.୦୨୦ | ଭାନୁମତୀ ପ୍ରଧାନ, ସ୍ୱା: ସୁଧାକର ପ୍ରଧାନ, ଜାତି: କରଣ, ବା: ନିଜଗାଁ |
| ୨୯୫ | ୪୫୨ | ଶାରଦ-୨ | ୦.୧୪୦ | ୦.୦୬୦ | ସନାତନ ମଳିକ, ପି: ଡାଳିର ମଳିକ, ଜାତି-ପାଣ, ବା: ନିଜଗାଁ |
| ୧୯୮ | ୪୫୦ | ଶାରଦ-୨ | ୦.୪୯୦ | ୦.୦୪୦ | ବିଜୟକୃଷ୍ଣ ରଥ, ପି: କୃପାସିନ୍ଧୁ ରଥ, ଜାତି- ବ୍ରାହ୍ମଣ, ବା: ବଳଭଦ୍ରପୁର ଶାସନ |
| ୧୫୫ | ୪୪୮ | ଶାରଦ-୨ | ୦.୧୪୦ | ୦.୦୧୦ | ପ୍ରଭାକର ନାୟକ, ସୁକାନ୍ତି ନାୟକ, ପ୍ରେମଲତା ନାୟକ, ପି: କାଳନ୍ଦି ନାୟକ, ଶଶୀ ନାୟକ, ସ୍ୱା: କାଳନ୍ଦୀ ନାୟକ, ଜାତି: ମାଳୀ, ବା: ନିଜଗାଁ |
| ୨୪୩ | ୪୪୬ | ଶାରଦ-୨ | ୦.୨୫୦ | ୦.୦୩୦ | ଶ୍ରୀ ରାଧାକୃଷ୍ଣ ଜିଉ ବିଜେ ନିଜଗଡ଼ ମାର୍ଫତ୍- ମଦନ ମୋହନ ଦାସ, ପି: ନୀଳକଣ୍ଠ ସାମନ୍ତସିଂହାର, ଜଗମୋହନ ଦାସ, ପି- ରାମଚନ୍ଦ୍ର ଦାସ, ବ୍ରାହ ମୋହନ ଦାସ, ରାଜ ମୋହନ ଦାସ, ସଦାନନ୍ଦ ଦାସ, ପି: କୃଷ୍ଣ ଚରଣ ଦାସ, ଜାତି: ଗୋପାଳ, ବା: ନିଜଗଡ଼ ଟାଉନ |
| ୨୯୬ | ୪୪୫ | ଶାରଦ-୨ | ୦.୦୧୦ | ୦.୦୧୦ | ସନାତନ ମଳିକ, ପି: ଡାଳିଓ ମଳିକ, କୁଳମଣି ମଳିକ, ପି: ହରି ମଳିକ, ଜାତି: ପାଣ, ବା: ନିଜଗାଁ |
| ୨୬୩ | ୪୪୪ | ଶାରଦ-୨ | ୦.୩୩୦ | ୦.୦୩୦ | ରବୀନ୍ଦ୍ର ବରାଳ, ଚନ୍ଦ୍ରଶେଖର ବରାଳ, ପି: ବାକି ବରାଳ, ଜାତି: ଚଷା, ବା: ବାରଦା |
| ୧୨୪ | ୬୧ | ତଇଳା-୧ | ୦.୩୨୦ | ୦.୧୯୦ | ଦୁଆରି ଦେହୁରୀ, ସନାତନ ଦେହୁରୀ, ପି: ପାଣ ଦେହୁରୀ, ଜାତି: ସହର, ବା: ନିଜଗାଁ |
| | ୬୨ | ରାସ୍ତା | ୦.୧୨୦ | ୦.୦୬୦ | |
| ୩୪୧/ ୮୮୯ | ୬୪ | ତଇଳା-୧ | ୦.୧୧୦ | ୦.୦୪୦ | ଶିବ ପ୍ରସାଦ ମିଶ୍ର, ପି: ବିନାୟକ ମିଶ୍ର, ଜାତି: ବ୍ରାହ୍ମଣ, ବା: ନିଜଗାଁ |
| ୩୪୧/ ୩୫୦ | ୬୫ | ଘରବାରି | ୦.୦୩୦ | ୦.୦୩୦ | ପ୍ରଭାତ ସାହୁ, ପି: ଜୟକୃଷ୍ଣ ସାହୁ, ଜାତି: ଚଷା, ବା: ନିଜଗାଁ |
| ୩୩୦ | ୬୭ | ଶାରଦ-୩ | ୦.୦୩୦ | ୦.୦୨୦ | ସୁଲୋଚନା ରଣା, ପି: ଗୁରୁ ରଣା, ବାଙ୍କ ରଣା, ସ୍ୱା: ଗୁରୁ ରଣା, ଜାତି: ମାଳୀ, ବା: ନିଜଗାଁ |
| ୩୧୦ | ୭୪ | ଶାରଦ-୩ | ୦.୨୨୦ | ୦.୨୨୦ | ଉଦୟନାଥ ସାହୁ, ଗିରିଶ ଚନ୍ଦ୍ର ସାହୁ, ସୁରେଶ କୁମାର ସାହୁ, ସନ୍ତୋଷ କୁମାର ସାହୁ, ପି: ଗଣେଶ୍ୱର ସାହୁ, ଶୈଳବାଳା ସାହୁ, ସ୍ୱା: ଗଣେଶ୍ୱର ସାହୁ, ଜାତି: ଖଣ୍ଡାୟତ, ବା: ନିଜଗାଁ |
| ୨୪୫ | ୭୫ | ଶାରଦ-୩ | ୦.୧୪୦ | ୦.୧୪୦ | ମଧୁସୂଦନ ମହାନ୍ତି, ହୃଷିକେଶ ମହାନ୍ତି, ପି: ଗୋପିନାଥ ମହାନ୍ତି, ଜାତି: କରଣ, ବା: ନିଜଗାଁ |
| ୧୫୫ | ୭୬ | ଶାରଦ-୩ | ୦.୦୬୦ | ୦.୦୬୦ | ପ୍ରଭାକର ନାୟକ, ସୁକାନ୍ତି ନାୟକ, ପ୍ରେମଲତା ନାୟକ, ପି: କାଳନ୍ଦି ନାୟକ, ଶଶୀ ନାୟକ, ସ୍ୱା: କାଳନ୍ଦି ନାୟକ, ଜାତି: ମାଳୀ, ବା: ନିଜଗାଁ |
| | ୧୦୨ | ଶାରଦ-୩ | ୦.୨୪୦ | ୦.୦୧୦ | |
| | ୧୦୩ | ଶାରଦ-୩ | ୦.୪୯୦ | ୦.୨୬୦ | |
| ୨୯୮ | ୭୭ | ଶାରଦ-୩ | ୦.୨୦୦ | ୦.୧୮୦ | ସନାତନ ରଣା, ଘନଶ୍ୟାମ ରଣା, ପି: ନଟବର ରଣା, ଜାତି: ମାଳୀ, ବା: ନିଜଗାଁ |
| ୨୫୦ | ୭୮ | ଶାରଦ-୩ | ୦.୨୬୦ | ୦.୦୨୦ | ମାଗୁଣି ସ୍ୱାଇଁ, ପି: ଅଇଣ୍ଠୁ ସ୍ୱାଇଁ, ଜାତି: ଚଷା, ବା: ନିଜଗାଁ |
| ୨୦୮ | ୧୦୪ | ଶାରଦ-୩ | ୦.୧୩୦ | ୦.୧୩୦ | ବୁଦ୍ଧିବନ୍ତ ସାହୁ, ପି: କିଣି ସାହୁ, ଘନଶ୍ୟାମ ସାହୁ, ପଟୁ ସାହୁ, ଭାଗବତ ସାହୁ, ପି: ହାଡିବନ୍ଧୁ ସାହୁ, ଜାତି: ଚଷା, ବା: ନିଜଗାଁ |
| | ୧୦୫ | ଶାରଦ-୨ | ୦.୧୭୦ | ୦.୧୭୦ | |
| | ୧୦୬ | ଶାରଦ-୩ | ୦.୧୨୦ | ୦.୦୬୦ | |
| | ୧୦୮ | ଶାରଦ-୩ | ୦.୦୮୦ | ୦.୦୮୦ | |
| | ୧୦୯ | ଶାରଦ-୨ | ୦.୧୫୦ | ୦.୧୩୦ | |
| | ୧୧୦ | ଶାରଦ-୨ | ୦.୦୪୦ | ୦.୦୧୦ | |
| | ୧୨୭ | ଶାରଦ-୨ | ୦.୨୯୦ | ୦.୦୧୦ | |
| | ୨୩୪ | ଶାରଦ-୨ | ୦.୪୪୦ | ୦.୦୫୦ | |
| | ୮୦ | ଶାରଦ-୩ | ୦.୨୬୦ | ୦.୦୧୦ | |
| | ୭୩ | ଶାରଦ-୩ | ୦.୩୬୦ | ୦.୨୪୦ | |
| ୨୦୮ | ୨୩୭ | ଶାରଦ-୨ | ୦.୭୪୦ | ୦.୦୨୦ | |
| ୩୫୨ | ୧୦୭ | ଶାରଦ-୨ | ୦.୦୭୦ | ୦.୦୭୦ | ମାଳତୀ ଦାସ, ପି: ଅଇଣ୍ଠୁ ଦାସ, ଚୈତନ୍ୟ ଦାସ, ବଂଶୀଧର ଦାସ, ପି: ଆର୍ତ୍ତ ଦାସ, ଜାତି: ବ୍ରାହ୍ମଣ, ବା: ନିଜଗାଁ, ବେଆଇନ୍ ଦଖଲ ବା: ବୁଦ୍ଧିମନ୍ତ ସାହୁ, କିଣା ସାହୁ, ଘନଶ୍ୟାମ ସାହୁ, ପି: ହାଡିବନ୍ଧୁ ସାହୁ, ଜାତି: ଖଣ୍ଡାୟତ, ବା: ନିଜଗାଁ |
| ୩୨୦ | ୧୨୬ | ଶାରଦ-୨ | ୦.୦୮୦ | ୦.୦୫୦ | ସୁଦର୍ଶନ ନାୟକ, ପି: ହାଡିବନ୍ଧୁ ନାୟକ, ଜାତି: ଖଣ୍ଡାୟତ, ବା: ନିଜଗାଁ |
| ୨୪୭ | ୧୮୮ | ଶାରଦ-୨ | ୦.୦୯୦ | ୦.୦୯୦ | ମହନ ରଣା, ପି: ଶମ୍ଭୁ ରଣା, ଜାତି: ମାଳୀ, ବା: ନିଜଗାଁ |
| | ୧୮୫ | ଶାରଦ ଦୁଇ | ୦.୧୧୦ | ୦.୦୨୦ | |
| ୨୧୦ | ୧୮୬ | ଶାରଦ-୩ | ୦.୨୮୦ | ୦.୨୨୦ | ବୁରୁନ୍ଧୁ ଦେହୁରୀ, ପି: ସିଧିଆ ଦେଉରୀ, ଜାତି: ସଅର, ବା: ନିଜଗାଁ |
| ୧୯୮ | ୧୮୭ | ପତିତ | ୦.୦୩୦ | ୦.୦୩୦ | ବିଜୟକୃଷ୍ଣ ରଥ, ପି: କୃପାସିନ୍ଧୁ ରଥ, ଜାତି: ବ୍ରାହ୍ମଣ, ବା: ବଳଭଦ୍ରପୁର ଶାସନ |
| ୯୦ | ୧୯୦ | ଶାରଦ-୧ | ୦.୬୯୦ | ୦.୨୪୦ | ଜୟ ସାମଲ, ରାଜ ସାମଲ, ପ୍ରେମାନନ୍ଦ ସାମଲ, ରାମ ସାମଲ, କୁଆଁରୀ ସାମଲ, ପି: ଭ୍ରମର ସାମଲ, ଜାତି: ଚଷା, ବା: ବାରଦା |
| ୩୩୦ | ୧୯୨ | ଶାରଦ-୧ | ୦.୧୦୦ | ୦.୦୯୦ | ସୁଲୋଚନା ରଣା, ପି: ଗୁରୁ ରଣା, ବେଙ୍ଗ ରଣା, ସ୍ୱା: ଗୁରୁ ରଣା, ଜାତି: ଖଣ୍ଡାୟତ, ବା: ନିଜଗାଁ |
| ୩୨୦ | ୧୯୩ | ଶାରଦ-୧ | ୦.୩୮୦ | ୦.୦୮୦ | ସୁଦର୍ଶନ ନାୟକ, ପି: ହାଡିବନ୍ଧୁ ନାୟକ, ଜାତି: ଖଣ୍ଡାୟତ, ବା: ନିଜଗାଁ |
| ୨୨୦ | ୧୯୬ | ଶାରଦ-୨ | ୦.୩୨୦ | ୦.୧୭୦ | ଭ୍ରମରବର ପରିଡ଼ା, ଉତ୍ସବ ପରିଡ଼ା, ଦ୍ୱାରିକାନାଥ ପରିଡ଼ା, ପି: ଜଗବନ୍ଧୁ ପରିଡ଼ା, ଜାତି: ଖଣ୍ଡାୟତ, ବା: ନିଜଗାଁ |
| ୩୪୯ | ୨୩୦ | ଶାରଦ-୨ | ୦.୩୪୦ | ୦.୦୮୦ | ସୁଃଖବନ୍ଧୁ ସେଠୀ, ସତ୍ୟବାଦୀ ସେଠୀ, ପଦିଆ ସେଠୀ, ଦିନବନ୍ଧୁ ସେଠୀ, ରକ୍ଷାକର ସେଠୀ, ପି: ବନମାଳି ସେଠୀ, ଜାତି: ଧୋବା, ବା: ନିଜଗାଁ |
| ୧୬୬ | ୨୩୧ | ଶାରଦ-୨ | ୦.୦୩୦ | ୦.୦୩୦ | ପିତେଇ ସାହୁ, ପି: କୃପାସିନ୍ଧୁ ସାହୁ, ଜାତି: ଖଣ୍ଡାୟତ, ବା: ଗେଙ୍ଗୁଟିଆ |
| ୨୦୭ | ୨୩୨ | ଶାରଦ-୨ | ୦.୫୦୦ | ୦.୧୧୦ | ବୁଦ୍ଧିମନ୍ତ ସାହୁ, ପି: କିଣା ସାହୁ, ଜାତି: ଚଷା, ବା: ନିଜଗାଁ |
| | ୨୩୩ | ଶାରଦ-୨ | ୦.୦୨୦ | ୦.୦୨୦ | |
| | ୧୮୯ | ଶାରଦ-୧ | ୦.୧୦୦ | ୦.୧୦୦ | |
| | ୨୩୮ | ଶାରଦ-୨ | ୦.୩୧୦ | ୦.୦୪୦ | |
| | ୬୬ | ଶାରଦ-୩ | ୦.୩୯୦ | ୦.୩୩୦ | |
| | ୭୯ | ଶାରଦ-୩ | ୦.୨୦୦ | ୦.୧୭୦ | |
| | | | ମୋଟ | ୬.୨୬୦ | |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ .................. ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।

**ତଫସିଲ- ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

ଜିଲ୍ଲା: ଢେଙ୍କାନାଳ ତହସିଲ: ଢେଙ୍କାନାଳ

| ଗ୍ରାମର ନାମ | ଗ୍ରାମୀଣ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ମୋଟ ରକବା | ପୁନର୍ବାସ ନିମନ୍ତେ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ ...................... ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ଜିଲ୍ଲାପାଳ, ଢେଙ୍କାନାଳ

OIPR-24034/14/0015/2021